# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମେ' ୨୩/୨୦୨୩ (୧୬ ପୃଷ୍ଠା) Bhubaneswar, Tuesday, May 23/2023 Page 16 ₹ 7.00

୪୯ଶ ଭାଗ ୧୭୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 177 ମୂଲ୍ୟ ₹୭/-






KP GROUP
Quality Since 1965
KAMLA PASAND®
PAN MASALA
NEW PACK
KP
कमला पसन्द®
अनोखा स्वाद
KP GROUP
Quality Since 1965
पान मसाला
Anokha Swad
Watch at: f YouTube
NOT FOR MINOR * 0% TOBACCO AND NO ADDED NICOTINE * CHEWING OF PAN MASALA INJURIOUS TO HEALTH




**ଡେଲିଗେଟ୍‌ଙ୍କୁ 'ନାଟୁ ନାଟୁ' ଷ୍ଟେପ୍ ଶିଖାଇଲେ ରାମଚରଣ**

ଶ୍ରୀନଗରରେ ସୋମବାରଠାରୁ ଆରମ୍ଭ ହୋଇଥିବା ଜି-୨୦ ସୁମିଟ୍‌ର ୩ୟ ୱାର୍କିଂ ଗ୍ରୁପ୍ ମିଟିଂରେ ପ୍ରଥମ କଳାକାର ଭାବେ ସାଉଥ୍ ଅଭିନେତା ରାମଚରଣ ଯୋଗଦେଇଛନ୍ତି। ୦୯

୧୪ **ସମୀର ବର୍ମା ଚାମ୍ପିୟନ**

ସ୍ଲୋଭେନିଆ ଓପନ୍ ପୁରୁଷ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତର ସମୀର ବର୍ମା ଚାମ୍ପିୟନ ହୋଇଛନ୍ତି।






ସମୁଦ୍ରରେ ୬୧ ଦିନିଆ ମାଛଧରା କଟକଣା ଯୋଗୁ ଚେନ୍ନାଇ କାସିମେଡୁ ପୋତାଶ୍ରୟ ନିକଟରେ ଲାଗିଥିବା ମାଛଧରା ବୋଟ୍।

# ମଣିପୁରରେ ହିଂସା, ଫେରିଲା କର୍ଫ୍ୟୁ

## ପୂର୍ବତନ ବିଧାୟକଙ୍କ ସମେତ ୩ ଗିରଫ

**ଇମ୍ଫାଲ, ୨୨।୫**

ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ କିଛିଦିନର ନୀରବତା ପରେ ସୋମବାର ଅପରାହ୍ନରେ ରାଜଧାନୀ ଇମ୍ଫାଲର କେତେକ ଅଞ୍ଚଳରେ ସାନି ହିଂସାକାଣ୍ଡ ଘଟିଛି। ରାଜଧାନୀର ନ୍ୟୁ ଚେକୋନ ଅଞ୍ଚଳରେ ମେଇତି ସମ୍ପ୍ରଦାୟର ଗୋଟିଏ ଗୋଷ୍ଠୀ ଏବଂ କୁକି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଘଟିଥିବା ପୋଲିସ କହିଛି। ସ୍ଥାନୀୟ ମାର୍କେଟରେ ସ୍ଥାନ ଆବଣ୍ଟନକୁ ନେଇ ସଂଘର୍ଷର ସୂତ୍ରପାତ ହୋଇଥିଲା। ଇମ୍ଫାଲ ଇଷ୍ଟ ଜିଲାରେ ଦୁଇଟି ଘରକୁ ଉତ୍ତ୍ୟକ୍ତ ଲୋକେ ପୋଡ଼ିଦେବା ସହ ଦୋକାନ ବନ୍ଦ କରିବାକୁ ଲୋକମାନଙ୍କୁ ବାଧ୍ୟ କରିଥିଲେ। ଗୃହଦାହ ବେଳେ କେହି ମୃତାହତ ହୋଇନାହାନ୍ତି। ଏହି ଘଟଣାରେ ମଣିପୁରର ଜଣେ ପୂର୍ବତନ ବିଧାୟକ ଏବଂ ଅନ୍ୟ ଦୁଇଜଣଙ୍କୁ ବନ୍ଧୁକ ସହ ଗିରଫ କରାଯାଇଛି। ସେମାନେ ବନ୍ଧୁକ ଧରି ଦୋକାନ ବନ୍ଦ କରିବାକୁ ଲୋକଙ୍କୁ ଧମକ ଦେଉଥିଲେ ବୋଲି ମୁଖ୍ୟମନ୍ତ୍ରୀ ଏନ୍ ବୀରେନ୍ ସିଂ କହିଛନ୍ତି। ଉତ୍ତେଜନା ଜାରି ରହିଥିବାରୁ ଇମ୍ଫାଲରେ ଅପରାହ୍ନ ୧ଟା ପରେ ପୁଣିଥରେ କର୍ଫ୍ୟୁ ଲାଗୁ କରାଯାଇଛି। ପୂର୍ବରୁ କର୍ଫ୍ୟୁକୁ ସକାଳ ୬ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ କୋହଳ କରାଯାଇଥିଲା। ଏଥିସହିତ ୫ ଦିନ ପାଇଁ ଇଣ୍ଟରନେଟ ସେବା ବନ୍ଦ ରହିଛି। ଅସାମାଜିକ ତତ୍ତ୍ୱମାନେ ସୋସିଆଲ ମିଡିଆ ଜରିଆରେ ଘୃଣା ବକ୍ତବ୍ୟ, ହିଂସାତ୍ମକ ଫଟୋ ଶେୟାର କରିବା ଆଶଙ୍କା ଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି।

ମଣିପୁରରେ ଏକାଧିକ ପ୍ରସଙ୍ଗକୁ କେନ୍ଦ୍ର କରି ମେଇତି ଓ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ପ୍ରାୟ ମାସେ ହେଲା ଉତ୍ତେଜନା ଲାଗି ରହିଛି। ମେ' ୩ରେ କୁକି ଆଦିବାସୀମାନେ ମେଇତିଙ୍କ ଅନୁସୂଚିତ ଜନଜାତି ମାନ୍ୟତା ଦାବି ବିରୋଧରେ ଏକତା ଶୋଭାଯାତ୍ରା ବାହାର କରିଥିବାବେଳେ ସଂଘର୍ଷ ଘଟି ୭୧ ଜଣଙ୍କ ଜୀବନ ଯାଇଥିବାବେଳେ ୨୩୦ ଜଣ ଆହତ ହୋଇଥିଲେ। ପାଖାପାଖି ୧,୭୦୦ ଘର ପୋଡ଼ିଦିଆଯାଇଥିଲା। ହିଂସାକାଣ୍ଡ ଓ ପୋଡ଼ାଜଳାରେ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ହଜାର ହଜାର ଲୋକ ସୁରକ୍ଷା ଦୃଷ୍ଟିରୁ ଘରଦ୍ୱାର ଛାଡ଼ି ସରକାରୀ କ୍ୟାମ୍ପରେ ଆଶ୍ରୟ ନେଇଥିଲେ। ମୁଖ୍ୟତଃ କୁକି ଗ୍ରାମବାସୀଙ୍କୁ ସଂରକ୍ଷିତ ଜଙ୍ଗଲ ଜମିରୁ ଉଚ୍ଛେଦକୁ କେନ୍ଦ୍ରକରି ସୃଷ୍ଟି ହୋଇଥିବା ଉତ୍ତେଜନା ସଂଘର୍ଷର ରୂପ ନେଇଥିଲା। ମେଇତି ସମ୍ପ୍ରଦାୟ ରାଜ୍ୟ ଜନସଂଖ୍ୟାର ୬୪ ପ୍ରତିଶତ ହୋଇଥିବାବେଳେ ସେମାନେ ମାତ୍ର ୧୦ ପ୍ରତିଶତ ଅଞ୍ଚଳରେ ରହୁଛନ୍ତି। ଅଣଆଦିବାସୀମାନଙ୍କୁ ☞ପୃଷ୍ଠା-୨

# ୨୦୦୦ ଟଙ୍କିଆକୁ ଦୋକାନୀ ମନା କରିପାରିବେ ନାହିଁ: ଆର୍‌ବିଆଇ

## ଟଙ୍କା ବଦଳାଇବାକୁ ଯଥେଷ୍ଟ ସମୟ ଅଛି: ଶକ୍ତିକାନ୍ତ

**ନୂଆଦିଲ୍ଲୀ,୨୨।୫**



ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ୨ ହଜାର ଟଙ୍କିଆ ନୋଟ୍ ପ୍ରତ୍ୟାହାର କରିନେବା ପାଇଁ ଗତ ଶୁକ୍ରବାର ଘୋଷଣା କରିବା ପରେ ବଜାରରେ ଏହି ବଡ଼ ନୋଟ୍ ଏକ ପ୍ରକାର ଅଚଳ ହୋଇଯାଇଛି। ଯଦିଓ ୨ହଜାର ଟଙ୍କିଆ ନୋଟ୍‌ର ଆଇନଗତ ବୈଧତା ବଳବତ୍ତର ରହିଛି ଏବଂ ଏଗୁଡ଼ିକୁ ମଙ୍ଗଳବାରଠାରୁ ଆସନ୍ତା ସେପ୍ଟେମ୍ବର ୩୦ ଯାଏ ବ୍ୟାଙ୍କରେ ବଦଳାଇ ହେବ। କିନ୍ତୁ ଏବେଠୁ ଦୋକାନୀମାନେ ଏହାକୁ ଗ୍ରାହକଙ୍କଠାରୁ ଗ୍ରହଣ କରୁ ନ ଥିବା ଦେଖିବାକୁ ମିଳୁଛି। ଏନେଇ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ସୋମବାର କହିଛନ୍ତି ଯେ, ଦୋକାନୀମାନେ ୨୦୦୦ ଟଙ୍କିଆ ନୋଟ୍ ନେବାକୁ ମନା କରିପାରିବେ ନାହିଁ। ଏହି ନୋଟ୍‌କୁ ପ୍ରତ୍ୟାହାର କରାଯିବାର ଅର୍ଥ ନୁହେଁ ଯେ, ଏହାର ବୈଧତା ନାହିଁ। ୨୦୦୦ ଟଙ୍କିଆ ନୋଟ୍‌ରେ କାରବାର କରିହେବ। କେହି ଏହାକୁ ଅଗ୍ରାହ୍ୟ କରିପାରିବେ ନାହିଁ ବୋଲି ଦାସ କହିଛନ୍ତି। ସେହିପରି ଟଙ୍କା ବଳଦାଇବାକୁ ଅଯଥାରେ ଭୟଭୀତ ହେବା ଏବଂ ବ୍ୟାଙ୍କରେ ଭିଡ଼ ଲଗାଇବା ଦରକାର ନାହିଁ। ଏହି ନୋଟ୍‌କୁ ବଦଳାଇବା ପାଇଁ ଯଥେଷ୍ଟ ସମୟ ଅର୍ଥାତ୍ ୪ ମାସ ସମୟ ରହିଛି। ଏନେଇ ବ୍ୟାଙ୍କଗୁଡ଼ିକରେ ଉତ୍ତମ ବ୍ୟବସ୍ଥା କରାଯାଇଥିବା ଆର୍‌ବିଆଇ ଗଭର୍ନର ଦାସ କହିଛନ୍ତି।

# ନିରଞ୍ଜନଙ୍କ ହାତରୁ ଗଲା ଅର୍ଥ ବିଭାଗ

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩ ପୂର୍ବତନ ମନ୍ତ୍ରୀଙ୍କୁ ପୁଣିଥରେ ନିଜ କ୍ୟାବିନେଟ୍‌ରେ ସାମିଲ କରିଛନ୍ତି। ସେମାନେ ହେଲେ ବିକ୍ରମ କେଶରୀ ଆରୁଖ, ସାରଦା ପ୍ରସାଦ ନାୟକ ଓ ସୁଦାମ ମାରାଣ୍ଡି। ଏହି ୩ ଜଣ ସୋମବାର କ୍ୟାବିନେଟ୍ ମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ରାଜ୍ୟପାଳ ଗଣେଶୀ ଲାଲ୍ ଲୋକସେବା କନ୍‌ଭେନ୍‌ଶନ ହଲ୍‌ରେ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି।

୩ ମନ୍ତ୍ରୀଙ୍କ ଶପଥ ଗ୍ରହଣ ପରେ ମୁଖ୍ୟମନ୍ତ୍ରୀ ବିଭାଗ ଦାୟିତ୍ୱ ବଣ୍ଟନ କରିଛନ୍ତି। ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ହାତରେ ପୂର୍ବରୁ ଅର୍ଥ ଓ ସଂସଦୀୟ ବ୍ୟାପାର ବିଭାଗ ଥିଲା। ନବ ଦାସଙ୍କ ମୃତ୍ୟୁ ପରେ ଅର୍ଥ ସହିତ ନିରଞ୍ଜନଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦାୟିତ୍ୱ ଦିଆଯାଇଥିଲା। ଏବେ ନିରଞ୍ଜନଙ୍କ ନିକଟରୁ ଅର୍ଥ ବିଭାଗ କାଢ଼ି ନିଆଯାଇ ତାଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଏବଂ ସଂସଦୀୟ ବ୍ୟାପାର ବିଭାଗ ଦାୟିତ୍ୱ ଦିଆଯାଇଛି। ବାଚସ୍ପତି ପଦରୁ ଇସ୍ତଫା ଦେଇ ମନ୍ତ୍ରୀ ହୋଇଥିବା ବିକ୍ରମ କେଶରୀ ଆରୁଖଙ୍କୁ ଅର୍ଥ ବିଭାଗ ଦାୟିତ୍ୱ ଦିଆଯାଇଥିବାବେଳେ ସାରଦା ପ୍ରସାଦ ନାୟକଙ୍କୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ଏବଂ ସୁଦାମ ମାରାଣ୍ଡିଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ କରାଯାଇଛି। ପୂର୍ବରୁ ଶ୍ରୀକାନ୍ତ ସାହୁ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଥିବା ବେଳେ ସମୀର ରଞ୍ଜନ ଦାଶ ସ୍କୁଲ ଓ ଗଣଶିକ୍ଷା ବିଭାଗ ଦାୟିତ୍ୱରେ ଥିଲେ। ଗତ ୧୨ ତାରିଖରେ ଉଭୟ ନିଜ ପଦରୁ ଇସ୍ତଫା ଦେଇଥିଲେ। ଉଭୟ ରାଷ୍ଟ୍ରପାହ୍ୟା(ସ୍ୱାଧୀନ) ମନ୍ତ୍ରୀ ଥିବା ବେଳେ ଉକ୍ତ ଦୁଇ ବିଭାଗର ମନ୍ତ୍ରୀଙ୍କୁ କ୍ୟାବିନେଟ୍ ପାହ୍ୟା ମିଳିଛି।

ନବୀନଙ୍କ ପୂର୍ବ ମନ୍ତ୍ରିମଣ୍ଡଳରେ ଗଞ୍ଜାମ ଜିଲାରୁ ଉଷା ଦେବୀ ଓ ଶ୍ରୀକାନ୍ତ ସାହୁଙ୍କୁ ମନ୍ତ୍ରୀ କରାଯାଇଥିବାବେଳେ ବିକ୍ରମ ଆରୁଖଙ୍କୁ ବାଚସ୍ପତି ପଦବୀରେ ବସାଯାଇଥିଲା। ସେହିପରି ପଶ୍ଚିମ ଓଡ଼ିଶାର ୫ ଜିଲାକୁ ମନ୍ତ୍ରୀ ପଦ ମିଳିଥିଲା। ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ନବ କିଶୋର ଦାସଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ପଦ ମିଳିଥିବାବେଳେ ରୋହିତ ପୂଜାରୀ ଓ ରୀତା ସାହୁଙ୍କୁ ରାଷ୍ଟ୍ରପାହ୍ୟା ମନ୍ତ୍ରୀ କରାଯାଇଥିଲା। ନବ ଦାସଙ୍କ ମୃତ୍ୟୁ ପରେ ପଶ୍ଚିମ ଓଡ଼ିଶାରୁ ଗୋଟିଏ ମନ୍ତ୍ରୀ ପଦବୀ ଖାଲି ପଡ଼ିଥିଲା। ଅନ୍ୟପକ୍ଷରେ ମୟୂରଭଞ୍ଜ ଓ ସୁନ୍ଦରଗଡ଼ ଜିଲାରୁ କୌଣସି ମନ୍ତ୍ରୀ ନ ଥିଲେ। ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ନବୀନ ଏହି ଦୁଇ ଜିଲାକୁ ଗୁରୁତ୍ୱ ☞ପୃଷ୍ଠା-୨







ସୋମବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ୩ ନୂଆ ମନ୍ତ୍ରୀଙ୍କୁ ଶପଥପାଠ କରାଉଛନ୍ତି।

## ୩ ମନ୍ତ୍ରୀଙ୍କ ଶପଥ ଗ୍ରହଣ

### ବିକ୍ରମ ଅର୍ଥ, ସୁଦାମ ସ୍କୁଲ ଓ ଗଣଶିକ୍ଷା, ସାରଦା ଶ୍ରମ ମନ୍ତ୍ରୀ

# ଅନ୍‌ଲାଇନରେ ହେବ ଯୁକ୍ତ ୨ ସ୍ପଟ୍ ଆଡ୍‌ମିଶନ

**ଭୁବନେଶ୍ୱର,୨୨।୫(ବ୍ୟୁରୋ):** ଚଳିତ ବର୍ଷଠାରୁ ଅନ୍‌ଲାଇନରେ ଯୁକ୍ତ ୨ ସ୍ପଟ୍ ଆଡ୍‌ମିଶନ ହେବ। ମେରିଟ୍ ଲିଷ୍ଟ ଆଧାରରେ ଛାତ୍ରୀଛାତ୍ରମାନେ ସିଟ୍ ପାଇବେ। ସ୍ପଟ୍ ଆଡ୍‌ମିଶନ ପାଇଁ ସିଲେକ୍ସନ ହୋଇଥିବା ଛାତ୍ରୀଛାତ୍ରଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବରକୁ ହ୍ୱାଟ୍ସଆପ୍ କିମ୍ବା ଏସ୍‌ଏମ୍‌ଏସ୍‌ରେ ମେସେଜ୍ ପଠାଯିବ। କାଗଜପତ୍ରରେ ଅନିୟମିତତା ରୋକିବାକୁ ସାମ୍ସ ପକ୍ଷରୁ ଚଳିତ ଶିକ୍ଷାବର୍ଷଠାରୁ ଏହି ବ୍ୟବସ୍ଥା କରାଯାଇଛି। ଏନେଇ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ଚଳିତ ମାସ ୧୭ ତାରିଖରେ ନିର୍ଦ୍ଦେଶନାମା ଜାରି ହୋଇଛି। ସେହିପରି ଦଶମ ପାସ୍ କରିଥିବା ଛାତ୍ରୀଛାତ୍ର ଯେଉଁମାନେ ଅନ୍‌ଲାଇନ ଦ୍ୱାରା ଆଡ୍‌ମିଶନ କରିବାକୁ ଆବେଦନ କରି ନ ଥିବେ, ସେମାନଙ୍କ ମୋବାଇଲ ଫୋନ୍‌କୁ ଏସ୍‌ଏମ୍‌ଏସ୍ ଜରିଆରେ ମେସେଜ୍ ପଠାଯାଇ ଇ-ଆଡ୍‌ମିଶନ ଜରିଆରେ ନାମ ଲେଖାଇବାକୁ ସଚେତନ କରାଯିବ। ଯୁକ୍ତ ୨ ନାମଲେଖା ପାଇଁ ଛାତ୍ରୀଛାତ୍ରମାନେ ଅପେକ୍ଷା କରିରହିଥିବାବେଳେ ବର୍ତ୍ତମାନ ସୁଦ୍ଧା ନାମଲେଖା ପ୍ରକ୍ରିୟା କେବେ ଆରମ୍ଭ ହେବ ସେ ନେଇ ବିଭାଗ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

# ପିଲାଙ୍କୁ ସିଟ ଯୋଗାଇବା ନେଇ ଚିନ୍ତା

## ଧନ୍ଦାମୂଳକ ଶିକ୍ଷା ପ୍ରତି ଆକର୍ଷିତ କରିବାକୁ ଶିକ୍ଷା ବିଭାଗର ପ୍ରୟାସ

**ଭୁବନେଶ୍ୱର,୨୨।୫(ବ୍ୟୁରୋ)**

ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ରେକର୍ଡ ସଂଖ୍ୟକ ପିଲା ପାସ୍ କରିବା ପରେ ଯୁକ୍ତ ୨ରେ ସମସ୍ତଙ୍କୁ ସିଟ ଯୋଗାଇଦେବା ନେଇ ଉଚ୍ଚଶିକ୍ଷା ବିଭାଗର ଚିନ୍ତା ବଢ଼ିଛି। ଚଳିତ ବର୍ଷ ରାଜ୍ୟର ୫ଲକ୍ଷ ୧୨ ହଜାର ପିଲା ମାଟ୍ରିକ ପାସ କରିଛନ୍ତି। ମାତ୍ର ରାଜ୍ୟର କଲେଜଗୁଡ଼ିକରେ +୨ ପ୍ରଥମ ବର୍ଷ ପାଇଁ ମୋଟ ୫ଲକ୍ଷ ୯ହଜାର ସିଟ ରହିଛି। ତେଣୁ ପିଲାଙ୍କୁ ଯୁକ୍ତ ୨ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗରେ ନାମ ଲେଖାଇବା ବଦଳରେ ଧନ୍ଦାମୂଳକ ଶିକ୍ଷା ପ୍ରତି ଆକର୍ଷିତ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପ୍ରୟାସ ଆରମ୍ଭ କରିଛି। ପିଲାଙ୍କୁ ଧନ୍ଦାମୂଳକ ଶିକ୍ଷା ପ୍ରତି ଆକର୍ଷିତ କରିବା ପାଇଁ ରାଜ୍ୟ ସରକାର ଯୋଜନା କରୁଛନ୍ତି। ସ୍କୁଲ ସ୍ତରରେ ପିଲାଙ୍କୁ ଏନେଇ ପ୍ରୋତ୍ସାହିତ କରିବାକୁ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ସବୁ ଜିଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖାଯାଇଛି।

ରାଜ୍ୟରେ ଏବେ ୨୩୧ ସରକାରୀ ଧନ୍ଦାମୂଳକ ସେକେଣ୍ଡାରୀ ସ୍କୁଲ ରହିଥିବା ଚିଠିରେ ଉଲ୍ଲେଖ କରାଯାଇଛି। ସାଧାରଣ ପାଠପଢ଼ା ଅପେକ୍ଷା ପିଲାମାନେ ଧନ୍ଦାମୂଳକ ପାଠ୍ୟକ୍ରମରେ ନାମ ଲେଖାଇଲେ ରୋଜଗାରକ୍ଷମ ହେବା ସହ ନିଜସ୍ୱ ଅନୁଷ୍ଠାନ ଆରମ୍ଭ କରିପାରିବେ ବୋଲି ବିଭାଗ ପକ୍ଷରୁ ଦର୍ଶାଯାଇଛି। ବ୍ୟକ୍ତିତ୍ୱ ବିକାଶ ସାଙ୍ଗକୁ କୁଶଳୀ କାରିଗର ଚାହିଦା ଏହାଦ୍ୱାରା ପୂରଣ କରାଯାଇପାରିବ। ଏନେଇ ବିଦ୍ୟାଳୟ ସ୍ତରରେ ସଚେତନତା ସୃଷ୍ଟି କରାଯିବ। ବିଇଓ ଅଫିସ, ସିଆର୍‌ସିସି ଅଫିସ ଏବଂ ହାଇସ୍କୁଲର ନୋଟିସ ବୋର୍ଡରେ ଏ ସମ୍ପର୍କରେ ସୂଚିତ କରି ଛାତ୍ରୀଛାତ୍ରଙ୍କୁ ଜଣାଇବାକୁ କୁହାଯାଇଛି। ଏହାଛଡ଼ା ପଦକ୍ଷେପ ସମ୍ପର୍କରେ ସ୍କୁଲ ପରିଚାଳନା କମିଟି ପକ୍ଷରୁ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କୁ ସଚେତନ କରିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଏଗ୍ରିକଲଚର, ହେଲଥ୍ ଆଣ୍ଡ ପାରାମେଡିକାଲ, ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି, ହୋମସାଇନ୍ସ ଏବଂ ହ୍ୟୁମାନିଟିଜ୍ ଆଦି ୬ଟି କ୍ଷେତ୍ରରେ ଧନ୍ଦାମୂଳକ ଶିକ୍ଷା ପାଇଁ ପିଲାଙ୍କୁ ପ୍ରବର୍ତ୍ତାଯିବ। ଜଣେ ଛାତ୍ରୀ ବା ଛାତ୍ର କେବଳ ଗୋଟିଏ ଧନ୍ଦାମୂଳକ ବିଷୟରେ ନାମ ଲେଖାଇପାରିବେ।

ସୂଚନାଥାଉ କି, ମୟୂରଭଞ୍ଜ ଜିଲାରେ ସର୍ବାଧିକ ୧୭ଟି ବିଦ୍ୟାଳୟରେ ଧନ୍ଦାମୂଳକ ପାଠ୍ୟକ୍ରମ ବ୍ୟବସ୍ଥା ରହିଛି। ସେହିପରି କଟକ ଜିଲାରେ ୧୪, ଗଞ୍ଜାମରେ ୧୩, ସୁନ୍ଦରଗଡ଼, ଯାଜପୁର, କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧା ଜିଲାରେ ୧୨ଟି ଲେଖାଏ, ବାଲେଶ୍ୱର ଭଦ୍ରକ ଓ ଜଗତ୍‌ସିଂହପୁର ଜିଲାରେ ୧୧ଟି ଲେଖାଏ, ଢେଙ୍କାନାଳ ଓ ପୁରୀ ଜିଲାରେ ୧୦ଟି ☞ପୃଷ୍ଠା-୨

# ୩ ବର୍ଷ ପାଇଁ ଚାଷୀଙ୍କ ଶସ୍ୟବୀମା ମାଗଣା

**ଭୁବନେଶ୍ୱର, ୨୨।୫(ବ୍ୟୁରୋ)**

ଚାଷୀଙ୍କ ଶସ୍ୟବୀମା ଆସନ୍ତା ୩ ବର୍ଷ ପାଇଁ ସମ୍ପୂର୍ଣ୍ଣ ମାଗଣା ହେବ ବୋଲି ସୋମବାର ସମବାୟ ବିଭାଗ କାର୍ଯ୍ୟକ୍ରମ ସମୀକ୍ଷା ବୈଠକରେ ବିଭାଗୀୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ସୂଚନା ଦେଇଛନ୍ତି। ବିଭାଗୀୟ ସଫଳତା ନେଇ ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ୨୦୨୩ ଖରିଫ୍‌ରୁ ୨୦୨୫-୨୬ ରବି ପର୍ଯ୍ୟନ୍ତ ଚାଷୀଙ୍କ ପ୍ରିମିୟମ ବାବଦ ଖର୍ଚ୍ଚ ବହନ କରିବେ। ରାଜ୍ୟରେ ତ୍ରିସ୍ତରୀୟ ସ୍ୱଳ୍ପମିଆଦୀ ସମବାୟ ଋଣ ବ୍ୟବସ୍ଥା ଅନ୍ତର୍ଗତ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, ୧୭ ଗୋଟି କେନ୍ଦ୍ର ସମବାୟ ବ୍ୟାଙ୍କ ଓ ୨୭୧୦ ଗୋଟି ପ୍ରାଥମିକ କୃଷି ଋଣ ସମବାୟ ସମିତି(ପାକ୍‌ସ)ମାନେ ଚାଷୀଙ୍କୁ ସେମାନଙ୍କ ଆବଶ୍ୟକତା ମୁତାବକ ଋଣ ଯୋଗାଇ ଦେଉଛନ୍ତି। ନିର୍ବାଚନୀ ପ୍ରତିଶ୍ରୁତି ଅନୁଯାୟୀ ବିନା ସୁଧରେ ଉପଲବ୍ଧ ଋଣର ପରିମାଣ ୫୦ ହଜାର ଟଙ୍କାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାର ବୃଦ୍ଧି କରିଛନ୍ତି, ଯାହାଦ୍ୱାରା ୨୦୨୨-୨୩ ବର୍ଷରେ ରାଜ୍ୟରେ ୭ ଲକ୍ଷରୁ ଊର୍ଦ୍ଧ୍ୱ ଅତିରିକ୍ତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ପରିବାରଗୁଡ଼ିକୁ ମୋଟ ୧୬୬୮୩.୫୭ କୋଟି ଟଙ୍କାର କୃଷି ଋଣ ପ୍ରଦାନ କରାଯାଇଛି। ୨୦୦୦-୦୧ ବର୍ଷରେ ୬.୪୦ ଲକ୍ଷ ଚାଷୀଙ୍କୁ ଦିଆଯାଇଥିବା ୪୩୮.୩୬ କୋଟି ଟଙ୍କା ଋଣ ତୁଳନାରେ ଏହି ଅଭିବୃଦ୍ଧି ବିଭାଗର ସଫଳତାକୁ ସୂଚିତ କରୁଛି।

ମନ୍ତ୍ରୀ ନାୟକ ଆହୁରି କହିଛନ୍ତି, ଏହା ବ୍ୟତୀତ ରାଜ୍ୟରେ ପାକ୍‌ସଗୁଡ଼ିକ ଚାଷୀଙ୍କୁ ପ୍ରାମାଣିକ ବିହନ ଓ ସାର ଯୋଗାଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛନ୍ତି। ପାକ୍‌ସଗୁଡ଼ିକର ସେବା ପ୍ରଦାନକୁ ଆହୁରି ଦକ୍ଷ ଓ ସ୍ୱଚ୍ଛ କରିବା ପାଇଁ ୨୨୯୫ ଗୋଟି ପାକ୍‌ସର କୋର୍ ବ୍ୟାଙ୍କିଙ୍ଗ ସଲ୍ୟୁଶନ ବ୍ୟବସ୍ଥାରେ କମ୍ପ୍ୟୁଟରୀକରଣ କରାଯାଇଛି। ତୃଣମୂଳ ସ୍ତରରେ ସ୍ୱଳ୍ପମିଆଦୀ ଋଣ ସେବା ବ୍ୟବସ୍ଥାର ସମ୍ପ୍ରସାରଣ ପାଇଁ ୧୪୫୧ ଗୋଟି ନୂତନ ପାକ୍‌ସ ସଙ୍ଗଠିତ କରାଯାଇଛି। କୃଷିଜାତ ଦ୍ରବ୍ୟର କ୍ରୟ ବିକ୍ରୟର ଅନଲାଇନ ବ୍ୟବସ୍ଥାକୁ ସୁଗମ କରିବା ପାଇଁ ୬୬ ଗୋଟି ନିୟନ୍ତ୍ରିତ ବଜାର କମିଟିକୁ ଇ-ନାମ ପ୍ଲାଟଫର୍ମରେ ସ୍ଥାନିତ କରାଯାଇଛି। ଇ-ନାମ ପ୍ଲାଟଫର୍ମରେ ଏଫପିଓମାନଙ୍କୁ ପଞ୍ଜୀକରଣ କରାଯାଇଛି, ଏ କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଗ୍ରହଣ କରିଛି। ଆନ୍ତଃ-ମଣ୍ଡି ବାଣିଜ୍ୟ କାରବାରର ପରିମାଣରେ ପ୍ରଭୂତ ବୃଦ୍ଧି ଘଟି ଓଡ଼ିଶା ଦେଶରେ ୪ର୍ଥ ସ୍ଥାନ ହାସଲ କରିଛି। ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମର ମୋଟ ୫୧ଟି ଗୋଦାମରୁ ୪୪ଟି ଗୋଦାମରେ ଓୟେରହାଉସିଂ ଡେଭଲପମେଣ୍ଟ ଆଣ୍ଡ ସଲ୍ୟୁଶନ ଆକ୍ଟର ବ୍ୟବସ୍ଥା ଲାଗୁ କରାଯାଇଛି। ଚାଷୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟଜନିତ ଫସଲ ହାନିରୁ ସୁରକ୍ଷା ଦେବା ପାଇଁ ସରକାର ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ୨୦୨୧-୨୨ ବର୍ଷ ପାଇଁ ୩୧.୯୩ ଲକ୍ଷ ଚାଷୀଙ୍କୁ ୧୧୬୬.୦୨ କୋଟି ☞ପୃଷ୍ଠା-୨

# ଯାତ୍ରୀଙ୍କୁ ନେବାକୁ ୧ କି.ମି. ପଛକୁ ଫେରିଲା ଟ୍ରେନ୍

**କୋଚି, ୨୨।୫**

କେରଳରେ ୧୯୯୫ର ବ୍ଲକ୍‌ବଷ୍ଟର ଫିଲ୍ମ 'ଦିଲ୍‌ୱାଲେ ଦୁଲ୍‌ହନିଆ ଲେ ଜାୟେଙ୍ଗେ' ସିନ୍‌ର ପୁନରାବୃତ୍ତି ହୋଇଛି। ଏକ ବିରଳ ଘଟଣାକ୍ରମରେ ଶୋରାନୁର ଯାଉଥିବା ଯାତ୍ରୀବାହୀ ଟ୍ରେନ୍ ଏକ ଛୋଟ ଷ୍ଟେଶନକୁ ଅତିକ୍ରମ କରିଯିବା ପରେ ଡ୍ରାଇଭର ଜାଣିପାରିଥିଲେ। ସେ ଉକ୍ତ ଷ୍ଟେଶନରୁ ଯାତ୍ରୀମାନଙ୍କୁ ନେବା ଲାଗି ଟ୍ରେନ୍‌କୁ ପାଖାପାଖି ଗୋଟିଏ କିଲୋମିଟର ପଛକୁ ଫେରାଇଥିଲେ। ଅବଶ୍ୟ ଆଲପୁଝାର ଚେରିୟାନଡ ଷ୍ଟେଶନରେ ୧୯୯୫ ଚଳଚ୍ଚିତ୍ରର ରାଜ ଏବଂ ସିମ୍ରନଙ୍କ ଭଳି ପ୍ରେମୀଯୁଗଳ ଥିଲେ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ତେବେ ଟ୍ରେନ୍‌ଟି ଗ୍ରାମାଞ୍ଚଳର ଏକ ଷ୍ଟେଶନକୁ ଅତିକ୍ରମ କରିଯିବା ଓ ଯାତ୍ରୀଙ୍କୁ ଉଠାଇବା ପାଇଁ ପୁଣିଥରେ ପଛକୁ ଫେରିବା 'ଦିଲ୍‌ୱାଲେ ଦୁଲ୍‌ହନିଆ ଲେ ଜାୟେଙ୍ଗେ' ନାଟକୀୟ ଦୃଶ୍ୟଠାରୁ କମ୍ ନ ଥିଲା। ଥିରୁଭାନନ୍ତପୁରମ୍‌ରୁ ଯାଉଥିବା ୧୬୩୦୨ ଭେନାଦ ଏକ୍ସପ୍ରେସ୍ ସକାଳ ୭ଟା ୪୫ରେ ଚେରିୟାନଡ୍ ଷ୍ଟେଶନ ନିକଟରେ ପହଞ୍ଚିଥିବାବେଳେ ଏହା ଏକ ହଲ୍ଟ ଷ୍ଟେଶନ ହୋଇଥିବାରୁ କୌଣସି ସିଗ୍ନାଲ ନ ଥିଲା। ହୁଏତ ଡ୍ରାଇଭରଙ୍କ ଭୁଲ୍ କାରଣରୁ ଟ୍ରେନ୍ କିଛି ବାଟ ଅତିକ୍ରମ କରିଯିବା ପରେ ସେ ଏକ ଷ୍ଟେଶନକୁ ଛାଡ଼ିଆସିଥିବା ଜାଣିବାକୁ ପାଇଥିଲେ। ଫଳରେ ଯାତ୍ରୀଙ୍କୁ ନେବା ଲାଗି ସେ ଟ୍ରେନ୍‌କୁ ପଛକୁ ଫେରାଇଥିଲେ।




## ଆଜିର ସମ୍ପାଦକୀୟ

### ଚାଇନା ଭୟ

## ଆଜିର ମନ୍ତବ୍ୟ

❝ ଆସାମରେ କ୍ରମାଗତ ଆଇନ ଶୃଙ୍ଖଳା ସ୍ଥିତିରେ ଅଗ୍ରଗତି ଦେଖାଦେଉଥିବାରୁ ଚଳିତବର୍ଷ ଶେଷ ଆଡ଼କୁ ସଶସ୍ତ୍ର ସେନା ସ୍ୱତନ୍ତ୍ର କ୍ଷମତା ଆଇନ (ଆଫ୍‌ସା) ଉଠାଇ ଦିଆଯିବ।

– ହିମନ୍ତ ବିଶ୍ୱଶର୍ମା, ଆସାମ ମୁଖ୍ୟମନ୍ତ୍ରୀ

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଛ ଥାଉ;**
**ଫଳ ପଛକେ ଯାଉ ।**

ଗଛ ରହିଲେ ପୁଣି ଫଳିବ। ତେଣୁ ଫଳ ପାଇଁ ଚିନ୍ତା ବା ବ୍ୟସ୍ତତା କରିବା ଅମୂଳକ। ପରୋକ୍ଷରେ ପ୍ରସୂତି ଓ ସନ୍ତାନ ଉଭୟେ ସଙ୍କଟାପନ୍ନ ଅବସ୍ଥାରେ ଥିଲାବେଳେ ମା’ ରକ୍ଷା ପାଇଯାଉ ବୋଲି କୁହାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗୁଆ ମୂଳେ ଗୋବର,**
**ପଣସ ମୂଳେ ମାଟି**
**ନଡ଼ିଆ ଯଦି ନ ଫଳିବ,**
**ଚେର ଦେବ କାଟି।**

ସାଧାରଣତଃ ଗୁଆ ଗଛ ମୂଳରେ ଗୋବର ଓ ପଣସ ଗଛ ମୂଳରେ ମାଟି ଦେଲେ ଭଲ ଫଳ ଫଳେ ବୋଲି ଜଣାଯାଇଥାଏ। ସେହିପରି ନଡ଼ିଆ ଗଛର ଉପର ଚେରକୁ କାଟି ଦେଲେ ନଡ଼ିଆ ଭଲ ଫଳେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ତୃତୀୟ ଦିନରେ ମହାନଦୀ ଟ୍ରିବ୍ୟୁନାଲର ୨ ଜିଲା ଗସ୍ତ

## ଓପିଜିସିର ଇନ୍‌ଟେକ ପଏଣ୍ଟ, ଇବ୍ ଥର୍ମାଲ ପରିଦର୍ଶନ

ସମ୍ବଲପୁର/ସୁନ୍ଦରଗଡ଼,୨୨।୫(ବ୍ୟୁରୋ/ଡି.ଏନ.ଏ.)

ମହାନଦୀ ଜଳ ବିବାଦକୁ ନେଇ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ଟିମ୍ ସୋମବାର ତୃତୀୟ ଦିନରେ ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲା ଗସ୍ତ କରିଛନ୍ତି। ସକାଳେ ଟିମ୍ ସଦସ୍ୟ ବୁର୍ଲା ଆଶୋକ ନିବାସରୁ ବହାରି ପ୍ରଥମେ ଝାରସୁଗୁଡ଼ା ଓପିଜିସିର ଇନ୍‌ଟେକ ପଏଣ୍ଟ ବୁଲି ଦେଖିଥିଲେ। କମ୍ପାନୀ ଜଳଭଣ୍ଡାରରୁ କେତେ ପରିମାଣ ପାଣି ପାଇଁ ଅନୁମତି ନେଇଛି ଓ କେତେ ପାଣି ନେଉଛି ତାହା ଯାଞ୍ଚ କରିଥିଲେ। ଏହା ପରେ ବନହରପାଲିସ୍ଥିତ ଇବ୍ ଥର୍ମାଲ ପ୍ରକଳ୍ପ ବୁଲି ଦେଖିଥିଲେ। ସେଠାରେ ବିଭିନ୍ନ ସମସ୍ୟା ନେଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପରେ ସୁନ୍ଦରଗଡ ଜିଲା ଆଇବି ଡ୍ୟାମ୍ ପ୍ରକଳ୍ପ ପରିଦର୍ଶନ କରି ଡ୍ୟାମ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ସବୁଠାରେ ପାଣିର ପ୍ରବାହ ଓ ଅଣ ମୌସୁମୀ ସମୟରେ ସ୍ଥିତି କ’ଣ ରହୁଛି ସେ ସମ୍ପର୍କରେ ଅଧିକାରୀମାନଙ୍କଠାରୁ ପଚାରି ବୁଝିଥିଲେ। ଗସ୍ତ ସମୟରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମଙ୍ଗଳବାର ଏହି ଟିମ୍ ନୂଆପଡା ଜିଲା ସାଇପଲା ଡ୍ୟାମ୍ ଓ ଅପର ଜୋଙ୍କ ଜଳସେଚନ ପ୍ରକଳ୍ପ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ମହାନଦୀ ଜଳକୁ ନେଇ ଓଡିଶା ଓ ଛତିଶଗଡ ରାଜ୍ୟ ମଧ୍ୟରେ ବିବାଦ ଲାଗିରହିଛି। ଏହି ବିବାଦର ସମାଧାନ ପାଇଁ ଗଠିତ ହୋଇଥିବା ଟ୍ରିବ୍ୟୁନାଲ ପ୍ରଥମେ ଛତିଶଗଡ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଏହି ଟିମ୍‌ଗତ ରବିବାର ପ୍ରଥମେ ସମ୍ବଲପୁରରେ ପହଞ୍ଚି ହୀରାକୁଦ ଡ୍ୟାମ ଓ ଅନ୍ୟ ଅଞ୍ଚଳର ବୁଲି ଦେଖିଥିଲେ। ଏହି ୩ଜଣିଆ ଟିମ୍‌ରେ ଅଧ୍ୟକ୍ଷ ଏ.ଏମ୍. ଖନୱାଲିକର, ସଦସ୍ୟ ଜଷ୍ଟିସ୍ ରବି ରଞ୍ଜନ ଓ ସଦସ୍ୟ ଜଷ୍ଟିସ ଇନ୍ଦ୍ରଜିତ କୌର କୋଚିହାର ରହିଛନ୍ତି।

# ଶିକାରୀଙ୍କ ଗୁଳିରେ ଫରେଷ୍ଟଗାର୍ଡ ମୃତ

ବାରିପଦା ଅଫିସ, ୨୨।୫

ମୟୂରଭଞ୍ଜ ଜିଲା ବାରିପଦା ଶିମିଳିପାଳରେ ସୋମବାର ରାତିରେ ଜଣେ ଶିକାରୀଙ୍କ ଗୁଳିରେ ନଅଣା ସାଉଥ୍ ରେଞ୍ଜର ଫରେଷ୍ଟଗାର୍ଡ ବିମଳ କୁମାର ଜେନାଙ୍କ ମୃତ୍ୟୁ ଘଟିଛି। ସେ ବାରିପଦା ଭଞ୍ଜପୁର ଅଞ୍ଚଳର। ଫରେଷ୍ଟଗାର୍ଡ ଜଙ୍ଗଲରେ ଏକଲା ମୋବାଇଲରେ କଥା ହେଉଥିବା ବେଳେ ଶିକାରୀ ଜଣକ ଏହାର ସୁଯୋଗ ନେଇ ଗୁଳି କରିଥିବା ଜଣାପଡିଛି। ପୂର୍ବରୁ ପାଟ୍ରୋଲିଂ ବେଳେ ବନ କର୍ମଚାରୀ ଉକ୍ତ ଶିକାରୀଙ୍କଠାରୁ ବନ୍ଧୁକ ଜବତ କରିଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଶିକାରୀ ଗୁଳିମାଡ଼ କରିଥିବା ସନ୍ଦେହ କରାଯାଉଛି। ବାଙ୍ଗିରିପୋଷି ପୋଲିସ ଓ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

# ୧୦୬ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଖୋଲିବ

## ୧୩,୪୬୮ ଛାତ୍ରୀଛାତ୍ର ନାମ ଲେଖାଇବେ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

୨୦୨୩-୨୪ ଶିକ୍ଷାବର୍ଷରେ ରାଜ୍ୟରେ ୧୦୬ଟି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକାଦଶ ଶ୍ରେଣୀ ଖୋଲାଯିବା ପାଇଁ ପଦକ୍ଷେପ ନିଆଯାଇଛି। ଏଥିମଧ୍ୟରୁ ୧୦୦ଟି ବିଦ୍ୟାଳୟରେ କଳା ଓ ୬ଟି ବିଦ୍ୟାଳୟରେ ବିଜ୍ଞାନ ବିଷୟରେ ଶିକ୍ଷାଦାନ କରାଯିବ । ଏହି ବିଦ୍ୟାଳୟଗୁଡ଼ିକରେ ୨ଟି ଲେଖାଏ ସେକ୍ସନ ଖୋଲିବା ପାଇଁ ସ୍ଥିର ହୋଇଛି। ପ୍ରତ୍ୟେକ ସେକ୍ସନରେ ୬୪ ଜଣ ଲେଖାଏ ମୋଟ ୧୨୮ ଛାତ୍ରୀଛାତ୍ର ନାମ ଲେଖାଇବେ। ଏହାଦ୍ୱାରା ରାଜ୍ୟରେ ୧୦୬ଟି ସରକାରୀ ବିଦ୍ୟାଳୟରେ ମୋଟ ୧୩୪୬୮ ସିଟ୍ ନାମଲେଖା ପାଇଁ ବୃଦ୍ଧି ପାଇବ। ଅନ୍ୟପଟେ ପ୍ରଧାନଶିକ୍ଷକମାନେ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ପାଇଁ ସେମାନଙ୍କୁ ରାଜ୍ୟସ୍ତରରେ ତାଲିମ ଦିଆଯାଇଛି। ଏହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପାଇଁ ଅତିଥି ଶିକ୍ଷକ ନିଯୋଜନ ପ୍ରକ୍ରିୟା ବିଦ୍ୟାଳୟସ୍ତରରେ ଚାଲୁ ରହିଛି।

# ଅଗ୍ନିଶମ ଡିଜି ଭାବେ ଦାୟିତ୍ୱ ନେଲେ ସୁଧାଂଶୁ ଷଡ଼ଙ୍ଗୀ

କଟକ ଅଫିସ,୨୨।୫

**ରାଜ୍ୟବାସୀଙ୍କ ଆସ୍ଥାଭାଜନ ହେବାକୁ ଚେଷ୍ଟା କରିବୁ**




**୬ ମାସରେ ଅଗ୍ନିଶମ ବିଭାଗରେ ନିଯୁକ୍ତ ହେବେ ୧୧୦୦ କର୍ମଚାରୀ**

ରାଜ୍ୟ ଅଗ୍ନିଶମ ବିଭାଗର ଡିଜି ଭାବେ ଆଇପିଏସ୍ ଅଫିସର ଡ. ସୁଧାଂଶୁ ଷଡ଼ଙ୍ଗୀ ସୋମବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। କଟକସ୍ଥିତ ଅଗ୍ନିଶମ ବିଭାଗର ମୁଖ୍ୟ କାର୍ଯ୍ୟାଳୟରେ ସେ ଭାରପ୍ରାପ୍ତ ଅଗ୍ନିଶମ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୯୦ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସରଙ୍କୁ ରାଜ୍ୟ ସରକାର କିଛିଦିନ ତଳେ ଅଗ୍ନିଶମ ଡିଜି ଭାବେ ନିଯୁକ୍ତି ଦେଇଥିଲେ। ପୂର୍ବରୁ ସେ ସ୍ପେଶାଲ ଡିଜି ପୋଲିସ ରେଲୱେ ଆଣ୍ଡ୍ କୋଷ୍ଟାଲ ସିକ୍ୟୁରିଟି ଭାବେ କାର୍ଯ୍ୟ ତୁଲାଉଥିଲେ। ଏହା ପୂର୍ବରୁ ସେ ଟୁଇନ୍‌ସିଟିର ପୋଲିସ କମିଶନର ଭାବେ କାର୍ଯ୍ୟ କରିଥିଲେ। ଦାୟିତ୍ୱ ଗ୍ରହଣ ଅବସରରେ ଷଡ଼ଙ୍ଗୀ କହିଛନ୍ତି, ଓଡ଼ିଶା ଅଗ୍ନିଶମ ବିଭାଗର କାର୍ଯ୍ୟ ଦକ୍ଷତା ଦେଶରେ ସୁନାମ ଅର୍ଜନ କରିଛି ଏବଂ ଆଗାମୀ ଦିନରେ ଏହାକୁ ବଜାୟ ରଖାଯିବ। ରାଜ୍ୟବାସୀଙ୍କୁ ଉନ୍ନତ ସେବା ପ୍ରଦାନ କରି ଆସ୍ଥାଭାଜନ ହେବା ପାଇଁ ସମସ୍ତେ ଚେଷ୍ଟା କରିବୁ ବୋଲି କହିବା ସହ ବିଭାଗର ଆଗାମୀ କାର୍ଯ୍ୟପନ୍ଥା ବାବଦରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି।

ସେ ଆହୁରି କହିଛନ୍ତି, ୨୦୦୦ରେ ରାଜ୍ୟରେ ୧୧୨ ଦମକଳ କେନ୍ଦ୍ର ଥିଲା। ଏବେ ଏହା ୩ ଗୁଣ ବୃଦ୍ଧି ପାଇ ୩୪୫ରେ ପହଞ୍ଚିଲାଣି। ଏହି କେନ୍ଦ୍ରଗୁଡ଼ିକ କେବଳ ଆଗ୍ନେୟ ଦୁର୍ଘଟଣା ବା ଅଗ୍ନି ନିର୍ବାପନ କାର୍ଯ୍ୟ କରୁନାହିଁ ବରଂ ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଥମ ରେସ୍‌ପଣ୍ଡର ଭାବେ କାମ କରୁଛି। ଓଡ଼ିଶାର ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଦେଶ ଓ ବିଦେଶରେ ସୁନାମ ଆଣିଛି। ଏବେ ରାଜ୍ୟରେ ଆଗଭଳି ଚାଳ ଛପର ଘର ନାହିଁ କି ଆଗ ଭଳି ଘରପୋଡ଼ି ଆଉ ହେଉ ନାହିଁ। କିନ୍ତୁ ଉଚ୍ଚ ଏବଂ ଅତି ଉଚ୍ଚ ଅଟ୍ଟାଳିକା ଗଢ଼ି ଉଠିବାରେ ଲାଗିଛି। ସ୍ୱାସ୍ଥ୍ୟ, ଶିକ୍ଷା, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ରହିଥିବା ଉଚ୍ଚ ଅଟ୍ଟାଳିକାଗୁଡ଼ିକରେ ଆଗ୍ନେୟ ଦୁର୍ଘଟଣାର ଆଶଙ୍କା ରହୁଛି। ସେଥିପାଇଁ ଅଗ୍ନିଶମ ବିଭାଗ ପ୍ରସ୍ତୁତ ରହୁଛି। ଚଳିତବର୍ଷ ଅଗ୍ନିଶମ ବିଭାଗର ଆଧୁନିକୀକରଣ ଓ ସାମର୍ଥ୍ୟ ବୃଦ୍ଧି ପାଇଁ ୨୪୦ କୋଟି ଟଙ୍କା ଅଧିକ ଅନୁଦାନ ଦେବା ପାଇଁ ଆଲୋଚନା ଚାଲିଛି। ଏହାଛଡ଼ା ଆଗାମୀ ୬ ମାସ ମଧ୍ୟରେ ଅଗ୍ନିଶମ ସଂସ୍ଥାରେ ୧,୧୦୦ ନୂଆ କର୍ମଚାରୀଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାରଙ୍କ ଅନୁମତି ମିଳିସାରିଛି। ଏଥିପାଇଁ ନିଯୁକ୍ତି ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଅପରପକ୍ଷରେ ରାଜ୍ୟରେ ବର୍ତ୍ତମାନ ୧୫,୯୧୮ ଗୃହରକ୍ଷୀ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ସମସ୍ୟା ସମାଧାନ ଦିଗରେ ଦୃଷ୍ଟି ଦିଆଯିବ। ଆଶା କରିବି ସେମାନେ ଦକ୍ଷତା ଓ ନିଷ୍ଠାର ସହ ସେବା ପ୍ରଦାନ କରି ଲୋକଙ୍କ ଆସ୍ଥାଭାଜନ ହେବେ। ଆଗାମୀ ଦିନରେ ରାଜ୍ୟ ଅଗ୍ନିଶମ ଓ ଗୃହରକ୍ଷୀ ସଂସ୍ଥା ନିଜର ସମ୍ମାନ ଓ ପରିଚୟ ଦେଶବିଦେଶରେ ବଜାୟ ରଖିବାକୁ ଯତ୍ନବାନ୍ ହେବ ବୋଲି ସେ କହିଛନ୍ତି।

# ଆଜି ନିକଟତର ହେବେ ଶୁକ୍ର ଓ ଚନ୍ଦ୍ର

## ଖାଲି ଆଖିରେ ଦେଖିହେବ

ଭୁବନେଶ୍ୱର,୨୨।୫(ବ୍ୟୁରୋ)

ମଙ୍ଗଳବାର ସନ୍ଧ୍ୟାରେ ଉଜ୍ଜ୍ୱଳ ଶୁକ୍ରର ଖୁବ୍ ନିକଟରେ ଚନ୍ଦ୍ର ଦେଖାଯିବ। ସେମାନଙ୍କ ଭିତରେ କୌଣିକ ଦୂରତା ପ୍ରାୟ ୨ ଡିଗ୍ରୀ ରହିବ। ଏହା ପରଦିନ ଅର୍ଥାତ୍ ୨୪ ତାରିଖରେ ସେମାନଙ୍କ ଭିତରେ କୌଣିକ ଦୂରତା ବଢ଼ିଯାଇ ପ୍ରାୟ ୧୫ଡିଗ୍ରୀ ହେବ। ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ସବୁଦିନ ସନ୍ଧ୍ୟାରେ ପ୍ରାୟ ୨ଘଣ୍ଟା ଧରି ଆମେ ଉଜ୍ଜ୍ୱଳ ଶୁକ୍ର ଗ୍ରହକୁ ପଶ୍ଚିମ ଆକାଶରେ ଖାଲି ଆଖିରେ ଦେଖିପାରିବା। ଓଡ଼ିଶା ତଥା ଭାରତର ସବୁ ଅଞ୍ଚଳର ଆକାଶ ମେଘମୁକ୍ତ ଥିଲେ ଏହି ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟକୁ ଖାଲି ଆଖିରେ ଦେଖିହେବ। ମେ’ ୨୩ ଅର୍ଥାତ ମଙ୍ଗଳବାର ସନ୍ଧ୍ୟା ସାଢ଼େ ୬ଟାରୁ ରାତି ୯ଟା ୧୫ ପର୍ଯ୍ୟନ୍ତ ଏହା ଦେଖିହେବ। ଏହି ଦୃଶ୍ୟ ଦୂରବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ଦେଖିବା ପାଇଁ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ ପକ୍ଷରୁ ବନ୍ଦୋବସ୍ତ କରାଯାଇଛି। ସନ୍ଧ୍ୟା ସାଢ଼େ ୬ଟାରୁ ୮ଟା ପର୍ଯ୍ୟନ୍ତ ଦର୍ଶକମାନେ ପ୍ଲାନେଟାରିୟମରେ ଏହି ଦୃଶ୍ୟ ଦେଖିପାରିବେ। ତେବେ ଆକାଶ ମେଘୁଆ ରହିଲେ ଏହି କାର୍ଯ୍ୟକ୍ରମକୁ ବାତିଲ କରାଯିବ ବୋଲି ପ୍ଲାନେଟାରିୟମର ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି।



ବିକ୍ରମ କେଶରୀ ଆରୁଖ, ସୁଦାମ ମାର୍ଣ୍ଡି ଓ ସାରଦା ପ୍ରସାଦ ନାୟକ ସୋମବାର ନୂଆ ମନ୍ତ୍ରୀ ଭାବେ ଶପଥ ନେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ୍ କରିବା ଅବସରରେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜା ନକ୍ଷତ୍ର ସକାଶେ କର୍ମକ୍ଷେତ୍ର ଓ ପାରିବାରିକ କ୍ଷେତ୍ର ଶୃଙ୍ଖଳିତ ରହିବ। ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କ କଥାଗୁଡ଼ିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ଆବଶ୍ୟ ଅପରାହ୍ନେ ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭଖବର ଶୁଣି ଖୁସି ହେବେ। ସଭାସମିତି ଓ ସଙ୍ଗଠନ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ବୃଷ**
ମୃଗଶିରା ନକ୍ଷତ୍ର ହାତକୁ ନେଇଥିବା କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ଘର ସକାଶେ, ଜମିଜମା ପାଇଁ କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ ଅର୍ଥ ବ୍ୟୟ କରିବେ। ପିଲାମାନେ ଆପଣଙ୍କୁ ଏହି ଦିଗରେ ସାହାଯ୍ୟ କରିପାରନ୍ତି। ମୋଟା ଅଙ୍କର ଅର୍ଥ ଆବଶ୍ୟକତା ସହକର୍ମୀଙ୍କ ସହଯୋଗରେ ଦୂରହୋଇପାରେ।

**ମିଥୁନ**
ଆଜି ଯାହା ନିଷ୍ପତ୍ତି ନେବେ ତାହା ଶେଷ ସମୟରେ ଓଲଟପାଲଟ ହୋଇଯିବ। ମିତ୍ରମାନେ ମଧ୍ୟ ପୂର୍ବ ଶତ୍ରୁତା କଥା ସ୍ମରଣକରି ନିଜର ମତ ହଠାତ୍ ବଦଳାଇ ଅସହଯୋଗ କରିବେ। ଆରଦ୍ରା ନକ୍ଷତ୍ରର ବିବାଦୀୟ ପରିସ୍ଥିତି ତଥା ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ଘରେ ବନ୍ଧୁମିଳନ ସହ ଆମୋଦ ପ୍ରମୋଦର ସୁଅ ଛୁଟିବ।

**କର୍କଟ**
ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଶ୍ଳେଷା ନକ୍ଷତ୍ର କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିବେ, ଯାହାକି ଅଶାନ୍ତି ସୃଷ୍ଟି କରିବ। କୌଣସି ନୂତନ ସ୍ଥାନକୁ ଯିବା ପାଇଁ ସଜବାଜ ହୋଇପାରନ୍ତି। ସଭାସମିତିରେ କିମ୍ବା ବନ୍ଧୁ ମେଳରେ ଅପ୍ରିୟ ସତ କଥା କହି ବିରୋଧୀ ହେବେ।

**ସିଂହ**
ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିପାରେ, କିନ୍ତୁ ପରିଣାମ ବିଶେଷ ଖରାପ ହେବ ନାହିଁ। ଆଜି ଯାହା ପାଇବେ ତାହା ବହୁତ ପୂର୍ବରୁ ପାଇବାର ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। ମଘା ନକ୍ଷତ୍ର ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। କର୍ମକ୍ଷେତ୍ରରେ କାରଣ ନ ଥାଇ ଦୋଷୀ ସାବ୍ୟସ୍ତ ହୋଇପାରନ୍ତି।

**କନ୍ୟା**
ଆଜି ପାରିବାରିକ କ୍ଷେତ୍ର ସମସ୍ୟାବହୁଳ ରହିପାରେ, କାରଣ ଭୁଲ୍ ବୁଝାମଣା ହିଁ ଏହାର ପ୍ରଧାନ କାରଣ ହେବ। ଯାନବାହନରେ ସତର୍କ ରହିବା ଭଲ, ନଚେତ୍ ହଇରାଣ ହେବେ। ଚିତ୍ରା ନକ୍ଷତ୍ର ପିଲାମାନଙ୍କ କୃତିତ୍ୱ ସକାଶେ ଗର୍ବ ଅନୁଭବ କରିପାରନ୍ତି। ବନ୍ଧୁଙ୍କ ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

**ତୁଳା**
କର୍ମକ୍ଷେତ୍ରରେ ଗୁଜବ ମନକୁ ଆତଙ୍କିତ କରିପାରେ। ସ୍ୱାତୀ ନକ୍ଷତ୍ର ସକାଶେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବାକୁ ପଡ଼ିବ। ହଠାତ୍ ବନ୍ଧୁଙ୍କ ଅନୁରୋଧକ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇ ପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ବିଛା**
ଅଶ୍ୱସ୍ତିକର ପରିସ୍ଥିତି ସୁଧୁରିଯିବାର ଝଲକ ଆଜି ହିଁ ପାଇଯିବେ। ଅନୁରାଧା ନକ୍ଷତ୍ର ଯେଉଁ କାମରେ ହାତ ଦେବେ କୃତକାର୍ଯ୍ୟ ହେବେ। କଳା, ସାହିତ୍ୟ, ସଙ୍ଗୀତ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। ଅଫିସିଆଲି କାମରେ ଯେଉଁ ବିବାଦୀୟ ଘଟଣା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ**
ସାଧାରଣ କଥାକୁ ନେଇ ଅନ୍ୟମାନଙ୍କ ଉପରେ ଅଯଥା ବିରକ୍ତି ପ୍ରକାଶ କରନ୍ତୁ ନାହିଁ। କେତେକ ନୂତନ କାମର ପରିକଳ୍ପନା କରିବା ସାଙ୍ଗକୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। ପୂର୍ବାଷାଢ଼ା ନକ୍ଷତ୍ର ସାମାଜିକ ସ୍ତରରେ ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଜମିଜମା, ବ୍ୟବସାୟ, ପରିବହନ କ୍ଷେତ୍ର ଭଲ ରହିବ।

**ମକର**
ଆଜି ଦିନଟିରେ ଯାହା କରିବେ,ପ୍ରତ୍ୟେକ କ୍ଷେତ୍ର ପ୍ରାୟତଃ ଅନୁକୂଳ ରହିବ। ଆତ୍ମୀୟ ସ୍ୱଜନ କିମ୍ବା ନିକଟ ସମ୍ପର୍କୀୟମାନେ ପାଖେଇ ଆସିବେ। ଶ୍ରବଣା ନକ୍ଷତ୍ରର ଅତି ପ୍ରିୟ ବନ୍ଧୁଟି ସହ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। ପାରିବାରିକ କ୍ଷେତ୍ରରେ ଟେନ୍‌ସନ କିଛି ମାତ୍ରାରେ କମିଯିବ।

**କୁମ୍ଭ**
ପରିବାରର ବାରଣକୁ ନ ମାନି କାମରେ ଆଗଭର ହେବା ଠିକ୍ ହେବନାହିଁ। ପୂର୍ବଭାଦ୍ରପଦ ନକ୍ଷତ୍ର ସକାଶେ ଅଫିସ୍‌ରେ ମଧ୍ୟ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। କାମ ହାସଲ ନ ହେବା କାରଣକୁ ନେଇ ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରନ୍ତୁ ନାହିଁ। ବାଣିଜ୍ୟ, ବ୍ୟବସାୟ, ମାଲିମକଦ୍ଦମା କିମ୍ବା ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବ।

**ମୀନ**
ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ ଯାହା ଆଗାମୀ ସମୟ ପାଇଁ ଲାଭଦାୟକ ରହିବ। ଅପ୍ରିୟ ସତ୍ୟ ପ୍ରକାଶକରି ବିବାଦୀୟ ହୋଇପାରନ୍ତି। ପରିବହନରେ, ପ୍ରଶାସନିକ ସ୍ତରରେ, ଆଲୋଚନା କ୍ଷେତ୍ରରେ ପ୍ରତିବନ୍ଧକ ଦୂରେଇବାର ପ୍ରଯତ୍ନ କରିପାରନ୍ତି। ଗୃହ କାମରେ ବ୍ୟସ୍ତ ରହି କୌଣସି କାମକୁ ପାସୋରିଦେଇ ସମାଲୋଚିତ ହୋଇପାରନ୍ତି।

ଆଜି ଜ୍ୟେଷ୍ଠ ଶୁକ୍ଳ ଚତୁର୍ଥୀ ମଙ୍ଗଳବାର, ଶିବବିବାହ ତାଟ ନିମନ୍ତ୍ରଣ, ମେ ୨୩ ତାରିଖ। ଶ୍ରୀମନ୍ଦିରରେ ଶିବ ବିବାହ ପର୍ବ। ରାଶି ନକ୍ଷତ୍ର- ଦିବା ଘ.୧୨।୨୯ ମି. ଗତେ ପୁନର୍ବସୁ/ମିଥୁନ, ଚତୁର୍ଥୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୧୨ ଗତେ, ଘ.୦୬।୫୦ ମଧ୍ୟେ, ଘ.୦୯।୩୩ ଗତେ, ଘ.୧୨।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୨।୫୯ ଗତେ, ଘ.୦୪।୩୬ ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...




### ୩ ବର୍ଷ ପାଇଁ...

ଟଙ୍କାର ବୀମାଅର୍ଥ ପ୍ରଦାନ କରାଯାଇଛି। ୨୦୨୩-୨୪ ବର୍ଷରୁ ଏହି ଯୋଜନାରେ ଉନ୍ନତୀକରଣ ପୂର୍ବକ ଅଧିକ ଚାଷୀଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଛି। ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ଅନେକ ସମ୍ମାନ ଓ ପୁରସ୍କାର ହାସଲ କରିପାରିଛି ବୋଲି ମନ୍ତ୍ରୀ ନାୟକ କହିଛନ୍ତି।

### ମଣିପୁରରେ ହିଂସା...



ସେଠାର ବିଜ୍ଞପିତ ପାର୍ବତ୍ୟାଞ୍ଚଳରେ ଜମି କିଣିବାକୁ ଅନୁମତି ଦିଆଯାଉ ନାହିଁ। ମେଇତିଙ୍କୁ ଅନୁସୂଚିତ ଜନଜାତି ବର୍ଗରେ ସାମିଲ କରାଗଲେ, ସେମାନେ ପାର୍ବତ୍ୟାଞ୍ଚଳରେ ଜମି କିଣିବାକୁ ହକ୍‌ଦାର ହେବେ। ଏହା ଆଦିବାସୀମାନଙ୍କୁ ଉତ୍ତେଜିତ କରିଛି। ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କ ନେତୃତ୍ୱାଧୀନ ରାଜ୍ୟର ଭାଜପା ସରକାର ବ୍ୟବସ୍ଥିତ ଢଙ୍ଗରେ ଟାର୍ଗେଟ କରି ଜଙ୍ଗଲ ଓ ପାର୍ବତ୍ୟାଞ୍ଚଳରୁ ସେମାନଙ୍କୁ ବାହାର କରିଦେବାର ଲକ୍ଷ୍ୟ ରଖିଛନ୍ତି ବୋଲି କୁକି ସମ୍ପ୍ରଦାୟ ଅଭିଯୋଗ କରିଛି। ଉତ୍ତେଜନା ଲାଗି ରହିଥିବାରୁ ସେନା ଓ ଅର୍ଦ୍ଧସାମରିକ ଯବାନ ରାଜ୍ୟରେ ମୁତୟନ ରହିବା ସହ ସାଧାରଣ ଲୋକଙ୍କୁ ସହାୟତା ଲାଗି ନିୟମିତ ପାଟ୍ରୋଲିଂ କରୁଛନ୍ତି। ରାଜ୍ୟରେ ସ୍ୱାଭାବିକ ସ୍ଥିତି ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ନିବେଦନ କରିଆସୁଛନ୍ତି। ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ନାହିଁ ଓ ଆଉ ସଂଘର୍ଷ ହେବା ଉଚିତ ନୁହେଁ ବୋଲି ସେ ରବିବାର କହିଥିଲେ। ସଂଘର୍ଷ ମୁଖ୍ୟତଃ ସରକାରଙ୍କ ସହ ହେଉଛି। ଯେତେବେଳେ ସରକାର କିଛି କରିବାକୁ ଉଦ୍ୟମ କରୁଛନ୍ତି, ସେତେବେଳେ ବିରୋଧର ସମ୍ମୁଖୀନ ହେଉଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

### ନିରଞ୍ଜନଙ୍କ ହାତରୁ...

ଦେଇଥିବା କୁହାଯାଉଛି। ଫଳରେ ପୂର୍ବତନ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ନାୟକ ଓ ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡିଙ୍କୁ କ୍ୟାବିନେଟ ମନ୍ତ୍ରୀ କରାଯାଇଛି। ତେବେ ପଶ୍ଚିମ ଓଡ଼ିଶାରୁ ଗୋଟିଏ ମନ୍ତ୍ରୀ ପଦବୀ କମ୍ ହୋଇଯାଇଥିଲେ ମଧ୍ୟ କାହାକୁ ମନ୍ତ୍ରିମଣ୍ଡଳରେ ସାମିଲ କରା ନ ଯିବା ନେଇ ଅସନ୍ତୋଷ ଦେଖାଦେଇଛି। ପୂର୍ବତନ ମନ୍ତ୍ରୀ ତଥା ଭଟ୍‌ଲି ବିଧାୟକ ସୁଶାନ୍ତ ସିଂଙ୍କୁ ମନ୍ତ୍ରୀ କରା ନ ଯିବା ନେଇ ସମର୍ଥକମାନେ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏପରି କି ସମୂହ ଇସ୍ତଫା ଦେବା କଥା ଉଠାଇଛନ୍ତି। ତେବେ ସୁଶାନ୍ତ ସିଂ ପୂର୍ବତନ ମନ୍ତ୍ରୀ ନବ ଦାସ ହତ୍ୟା ଘଟଣାରେ ବିବାଦୀୟ ହୋଇଥିବାରୁ ତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇ ନ ଥିବା କୁହାଯାଉଛି। ଅନ୍ୟପକ୍ଷରେ ପୁରୀ ଜିଲାରେ ୨ ଜଣ ମନ୍ତ୍ରୀ ଥିବାବେଳେ ଏବେ କେବଳ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ରାଜ୍ୟପାହ୍ୟା ମନ୍ତ୍ରୀ ଅଛନ୍ତି।

ଅନ୍ୟପକ୍ଷରେ ବାଚସ୍ପତି ପଦବୀ ପୂରଣ ନେଇ କୌଣସି ନିଷ୍ପତ୍ତି ହୋଇନାହିଁ। ବାଚସ୍ପତି ପଦରେ ସରକାର କାହାକୁ ବସାଇବେ ସେନେଇ କଳ୍ପନାଜଳ୍ପନା ଜାରି ରହିଛି। ଏହି ପଦ ପାଇଁ ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ, ଅମର ପ୍ରସାଦ ଶତପଥୀ, ଦେବୀ ପ୍ରସାଦ ମିଶ୍ର ଏବଂ ଉଷା ଦେବୀଙ୍କ ନାଁ ଚର୍ଚ୍ଚାରେ ରହିଛି। ତେବେ ନବୀନ କାହାକୁ ଏହି ଗୁରୁଦାୟିତ୍ୱ ଦେବେ ତାହା ଉପରେ ଏବେ ସଭିଙ୍କ ନଜର। ଆଉ ଦିନେ ଦୁଇଦିନ ମଧ୍ୟରେ ଏ ନେଇ ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି କୁହାଯାଉଛି।

ଶପଥ ଗ୍ରହଣ କାର୍ଯ୍ୟକ୍ରମ ୯ଟା ୫୦ ମିନିଟ୍‌ରେ ଆରମ୍ଭ ହୋଇ ୯ଟା ୫୯ ମିନିଟ୍‌ରେ ଶେଷ ହୋଇଥିଲା। ନୂଆ ମନ୍ତ୍ରୀମାନେ ଶପଥ ଗ୍ରହଣର ପ୍ରାୟ ୧ ଘଣ୍ଟା ପୂର୍ବରୁ ଆସି ନିଜ ନିଜ ଆସନରେ ବସିଥିଲେ। ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ପହଞ୍ଚିବା ପରେ ଶପଥ ଗ୍ରହଣ ଉତ୍ସବ ଆରମ୍ଭ ହୋଇଥିଲା। ଶପଥ ଗ୍ରହଣ ବେଳେ ମନ୍ତ୍ରୀ ଅଶୋକ ପଣ୍ଡା, ରୋହିତ ପୂଜାରୀ, ଏମ୍‌ପି ପ୍ରମିଳା ବିଶୋଇଙ୍କ ସମେତ କଟକ ଓ ଭୁବନେଶ୍ୱର ମହାନଗର ନିଗମର ମେୟର, ଦଳୀୟ ନେତା ଏବଂ ସମର୍ଥକମାନେ ଯୋଗଦେଇଥିଲେ।

### ପିଲାଙ୍କୁ ସିଟ...

ଲେଖାଏ ବିଦ୍ୟାଳୟରେ ଧନ୍ଦାମୂଳକ ପାଠ୍ୟକ୍ରମ ବ୍ୟବସ୍ଥା ଅଛି। କେନ୍ଦୁଝରରେ ୯ଟି, କଳାହାଣ୍ଡି ଓ କୋରାପୁଟରେ ୭ଟି ଲେଖାଏ, ଅନୁଗୋଳ, ବରଗଡ଼, ବଲାଙ୍ଗୀର ଓ ଝାରସୁଗୁଡ଼ାରେ ୬ଟି ଲେଖାଏ, କନ୍ଧମାଳରେ ୫ଟି, ଗଜପତି, ରାୟଗଡ଼ା ଓ ସମ୍ବଲପୁର ଜିଲାରେ ୪ଟି ଲେଖାଏ, ନୂଆପଡ଼ା, ଦେବଗଡ଼ ଓ ସୁବର୍ଣ୍ଣପୁର ଜିଲାରେ ୩ଟି ଲେଖାଏ, ବୌଦ୍ଧ, ମାଲକାନଗିରି ଓ ନବରଙ୍ଗପୁର ଜିଲାର ୨ଟି ଲେଖାଏ ବିଦ୍ୟାଳୟରେ ବିଭିନ୍ନ ଧନ୍ଦାମୂଳକ ପାଠ୍ୟକ୍ରମ ରହିଛି।

> ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି- ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର - କାରଣ ସତ୍ୟ ହିଁ ପଥପ୍ରଦର୍ଶକ। **-ଶ୍ରୀମା**



# ଚାଇନା ଭୟ

ମେ ୧୯ରୁ ୨୧ ଯାଏ ଜାପାନର ହିରୋଶିମାରେ ଜି୭ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଜି୭ ସଦସ୍ୟ ଦେଶଗୁଡ଼ିକ ଯଥା ଆମେରିକା, ଇଂଲଣ୍ଡ, ଜର୍ମାନୀ, ଜାପାନ, କାନାଡା, ଫ୍ରାନ୍ସ ଓ ଇଟାଲୀ ଉକ୍ତ ସମ୍ମିଳନୀରେ ଜଳବାୟୁ ପରିବର୍ତ୍ତନଠାରୁ ଆରମ୍ଭ କରି ଦାରିଦ୍ର୍ୟ, ଆଣବିକ ଅସ୍ତ୍ର ପ୍ରସାର, କୃତ୍ରିମ ବୁଦ୍ଧିମତ୍ତା ଓ ୟୁକ୍ରେନ ଯୁଦ୍ଧ ସମ୍ପର୍କରେ ଆଲୋଚନା କରିଥିଲେ। ସେଠାରେ ୟୁକ୍ରେନ୍‌ର ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କି ମଧ୍ୟ ଉପସ୍ଥିତ ଥିଲେ। କାରଣ ସମ୍ମିଳନୀରେ ୟୁକ୍ରେନ୍‌କୁ ଏଫ୍-୧୬ ଲଢୁଆ ଯୁଦ୍ଧ ବିମାନ ଯୋଗାଇ ଦେବା ପ୍ରସଙ୍ଗ ସ୍ଥାନ ପାଇଥିଲା। ଏହାସହ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଥିଲେ ଯେ, ୟୁକ୍ରେନ୍ ପାଇଲଟଙ୍କୁ ଏହି ଯୁଦ୍ଧବିମାନ ଉପରେ ଆମେରିକା ପ୍ରଶିକ୍ଷଣ ଦେବ। ସମ୍ମିଳନୀରେ ଉପରୋକ୍ତ ବିଷୟଗୁଡ଼ିକ ସମ୍ପର୍କରେ ଆଲୋଚନା କରାଯାଇଥିଲେ ମଧ୍ୟ ଅଧିକାଂଶ ପ୍ରସଙ୍ଗ ଥିଲା ଚାଇନା କେନ୍ଦ୍ରିକ। ବିଶ୍ୱର ଦ୍ୱିତୀୟ ବୃହତ୍ ଅର୍ଥ ବ୍ୟବସ୍ଥା ଭାବେ ଚାଇନାର ବିସ୍ତାରବାଦ ଅର୍ଥନୀତିର ପ୍ରଭାବ ଓ ଏହା ସହ କାର୍ଯ୍ୟ କରିବା କ୍ଷେତ୍ରରେ ଆବଶ୍ୟକ ରଣନୀତିକୁ ନେଇ ଆଲୋଚନା କରାଯାଇଥିଲା। ଏହାବ୍ୟତୀତ ଉକ୍ତ ସମ୍ମିଳନୀରେ ଚାଇନାର ଦ୍ରୁତ ଆଣବିକ ଅସ୍ତ୍ର ସମ୍ପ୍ରସାରଣକୁ ନେଇ ଜି୭ ରାଷ୍ଟ୍ରଗୁଡ଼ିକ ଚିନ୍ତା ପ୍ରକଟ କରିଥିଲେ। ଚାଇନାର ଦ୍ରୁତ ଆଣବିକ ଅସ୍ତ୍ରଶସ୍ତ୍ର ବିକାଶ ଆଞ୍ଚଳିକ ଏବଂ ବିଶ୍ୱରେ ଅସ୍ଥିରତା ଆଣିବ ବୋଲି ଜି୭ ନେତୃବୃନ୍ଦ ମିଳିତ ବିବୃତି ଦେଇଥିଲେ। ବ୍ରିଟେନ ପ୍ରଧାନମନ୍ତ୍ରୀ ଋଷି ସୁନକ କହିଥିଲେ, ଚାଇନା ସାମ୍ପ୍ରତିକ ସମୟରେ ବଡ଼ ଆହ୍ୱାନ ସୃଷ୍ଟି କରିଛି ଏବଂ ଏହା ନିଜ ଦେଶରେ ତଥା ବାହାରେ ଏକଚ୍ଛତ୍ରବାଦ ବଢ଼ାଇବାରେ ଲାଗିଛି। ଉକ୍ତ ବିବୃତିଗୁଡ଼ିକରୁ ସ୍ପଷ୍ଟ ଯେ, ଅର୍ଥନୈତିକ କ୍ଷେତ୍ରରେ ଚାଇନାର ଏକଚାଟିଆ ଓ ପ୍ରଭାବ ବିସ୍ତାର ମନୋଭାବ ବିରୋଧରେ ଜି୭ ରାଷ୍ଟ୍ର ସମୂହ ଏକାଠି ହେବାକୁ ଚେଷ୍ଟା କରିଛନ୍ତି। କିନ୍ତୁ ଚାଇନା ଯେଉଁ ବୈଷୟିକ(ଟେକ୍‌ନୋଲୋଜି) ସ୍ତରରେ ପହଞ୍ଚିଲାଣି ସେଠାରେ ତାକୁ ମୁକାବିଲା କରିବା ପାଇଁ ଜି୭ ଦେଶଗୁଡ଼ିକର ଶକ୍ତି ନାହିଁ ବୋଲି କ୍ରମଶଃ ବୁଝାପଡୁଛି। ଏଥିପାଇଁ ସେମାନେ ବିକାଶଶୀଳ ଅର୍ଥବ୍ୟବସ୍ଥାଗୁଡ଼ିକର ସହଯୋଗରେ ଚାଇନାକୁ ରୋକିବା ଲାଗି ଏକ ସମନ୍ୱୟ ଭିତ୍ତିକ ପ୍ଲାଟ୍‌ଫର୍ମ ଆରମ୍ଭ କରିଛନ୍ତି।

> **ନିକଟରେ ଅନୁଷ୍ଠିତ ୧୮ତମ ମିଲିଟାରି ବୈଠକରେ ଭାରତ ଭିତରକୁ ୨୦କି.ମି. ପ୍ରବେଶ କରିବା ପାଇଁ ଚାଇନା ଦାବି କଲାଣି। ଏଠାରେ ମନେ ରଖିବାକୁ ହେବ ଯେ, ପ୍ରଥମେ ଦାବି ଏବଂ ପରବର୍ତ୍ତୀ ସମୟରେ ଜୋରଜବରଦସ୍ତ କରି ଚାଇନା ଏହିଭଳି ଭାରତୀୟ ଅଞ୍ଚଳ ଲଗାତର ଦଖଲ କରିଚାଲିଛି।**

ବିଶ୍ୱ ଦୃଶ୍ୟପଟର ବାସ୍ତବତାକୁ ଲକ୍ଷ୍ୟ କଲେ ଚାଇନା ଆର୍ଥିକ , ଆଣବିକ ତଥା ମହାକାଶ କ୍ଷେତ୍ରରେ ଯେଭଳି ବିକାଶ କରୁଛି ତାହା ବିଶ୍ୱରେ ପୂର୍ବରୁ ଏକଚାଟିଆ ଭାବେ ନିଜର ଆଧିପତ୍ୟ ବିସ୍ତାର କରିଆସିଥିବା ଜି୭ ଦେଶଗୁଡ଼ିକ ପାଇଁ ଅସହ୍ୟ ମନେହେଉଛି। ବର୍ତ୍ତମାନ ତାଇୱାନ୍‌କୁ ନେଇ ଚାଇନା ଓ ଆମେରିକା ମଧ୍ୟରେ ଉପୁଜିଥିବା ବିବାଦ, ୟୁକ୍ରେନ ଯୁଦ୍ଧରେ ରୁଷିଆକୁ ଚାଇନାର ସମର୍ଥନ ଏବଂ ୟୁକ୍ରେନ୍‌କୁ ନାଟୋର ଦୃଢ଼ ସହଯୋଗ ବିଶ୍ୱରେ ଉତ୍ତେଜନା ସୃଷ୍ଟି କରିଛି। ଏହି ସମୟରେ ଚାଇନାର ଅର୍ଥନୈତିକ ପ୍ରଭୁତ୍ୱ ଓ ଆଣବିକ ଅସ୍ତ୍ରଶସ୍ତ୍ର ବିସ୍ତାର ଏହି ଧନୀ ରଷ୍ଟ୍ରଗୁଡ଼ିକ ଭିତରେ ଏକ ପ୍ରକାର ଭୟ ସୃଷ୍ଟି କରିବା ସ୍ୱାଭାବିକ। ଚାଇନା ମଧ୍ୟ ତା' ବିରୋଧରେ ଜି୭ର ମନୋଭାବକୁ କଠୋର ଭାବେ ନିନ୍ଦା କରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ହିରୋଶିମାରେ ଜି୭ ବୈଠକ ଆରମ୍ଭ ହେବା ସମୟରେ ଚାଇନା ସମାନ୍ତରାଳ ଭାବେ କେନ୍ଦ୍ର ଏସିଆ ଦେଶଗୁଡ଼ିକୁ ନେଇ ଏକ ବୈଠକ ଆୟୋଜିତ କରିଥିଲା। ଏହି ଦେଶଗୁଡ଼ିକୁ ଚାଇନା ନିଜ ଆୟତ୍ତରେ ରଖିବା ଲାଗି ବିଭିନ୍ନ ଅର୍ଥନୈତିକ ପ୍ରକଳ୍ପ ଜାରି ରଖିବା ସହ ବିପୁଳ ଅର୍ଥ ନିବେଶ କରିବାରେ ଲାଗିଛି। ଏସବୁ ଦୃଷ୍ଟିରୁ ବିଚାର କଲେ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକରୁ ଉଭୟ ସାମରିକ ଏବଂ ଅର୍ଥନୈତିକ କ୍ଷେତ୍ରରୁ ଲାଭ ପାଇଆସୁଥିବା ଧନୀ ଦେଶଗୁଡ଼ିକ ସେମାନଙ୍କ ପ୍ରଭାବ କ୍ଷୀଣ ହେବାର ଆଶଙ୍କା କଲେଣି। ଏହି ପରିସ୍ଥିତିରେ ଭାରତର ଭବିଷ୍ୟତ କେଉଁ ପ୍ରକାର ଗଢ଼ାଯିବ ତାହା ଏବକାର ନେତୃତ୍ୱ ନିଷ୍ପତ୍ତି ନେବେ। ଗୋଟିଏ ପଟେ ଭାରତ ଜି୭ ଦେଶଗୁଡ଼ିକ ସହିତ ବନ୍ଧୁତ୍ୱକୁ ସାଧାରଣରେ ପ୍ରକାଶ କରୁଥିବାବେଳେ ଅନ୍ୟପଟେ ଚାଇନା ତାହାର ଭାରତୀୟ ଅଞ୍ଚଳ ମାଡ଼ିବସିବାର ଚାପ ବଜାୟ ରଖିଛି। ନିକଟରେ ଅନୁଷ୍ଠିତ ୧୮ତମ ମିଲିଟାରି ବୈଠକରେ ଭାରତ ଭିତରକୁ ୨୦କି.ମି. ପ୍ରବେଶ କରିବା ପାଇଁ ଚାଇନା ଦାବି କଲାଣି। ଏଠାରେ ମନେ ରଖିବାକୁ ହେବ ଯେ, ପ୍ରଥମେ ଦାବି ଏବଂ ପରବର୍ତ୍ତୀ ସମୟରେ ଜୋରଜବରଦସ୍ତ କରି ଚାଇନା ଏହିଭଳି ଭାରତୀୟ ଅଞ୍ଚଳ ଲଗାତର ଦଖଲ କରିଚାଲିଛି। ଆଜି ଯଦି ୟୁକ୍ରେନ୍‌କୁ ଉଦାହରଣ ଭାବେ ଦେଖାଯାଏ ତେବେ ଚାଇନା ସହିତ ଭାରତର ଯୁଦ୍ଧ ହେଲେ ଜି୭ ରାଷ୍ଟ୍ରଗୁଡ଼ିକର ସିଧାସଳଖ ସାହାଯ୍ୟ ମିଳିବା ସମ୍ଭବପର ମନେ ହେଉନାହିଁ। ସେଭଳି ପରିସ୍ଥିତି ସୃଷ୍ଟି ହେଲେ ଭାରତକୁ କିଛି ମିଲିଟାରି ସାମଗ୍ରୀ କିଣିବାର ସୁବିଧା ମିଳିପାରେ। କିନ୍ତୁ ମୂଳମନ୍ତ୍ର ହେଉଛି ଯେ, ନିଜର ମିଲିଟାରି ଶକ୍ତି ବଢ଼ାଇ ସ୍ୱାବଲମ୍ବୀ ହେବା ଅତ୍ୟନ୍ତ ଆବଶ୍ୟକ ହୋଇପଡ଼ିଲାଣି। ୟୁକ୍ରେନ୍ ଭଳି ଯଦି ଭାରତ ନିଜ ଶକ୍ତିରେ ଲଢ଼ିପାରେ ତେବେ ହୁଏତ ବାହ୍ୟ ସାହାଯ୍ୟ ଆସିବା ପାଇଁ ସମୟ ମିଳିବ। ନଚେତ ପରିସ୍ଥିତି ଅସମ୍ଭାଳ ହୋଇପାରେ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | 2 | | | |
| | | 1 | | 8 | | | | |
| | | | | | | | 5 | 8 |
| | 2 | | | 9 | | 1 | 3 | |
| 3 | | | | | | 7 | | |
| | | | 7 | 6 | | 4 | 9 | |
| | 7 | | 6 | | | | | |
| 5 | 3 | | | | 7 | | 4 | |
| 6 | | 4 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 9 | 2 | 1 | 3 | 6 | 8 | 7 | 4 |
| 1 | 7 | 3 | 8 | 2 | 4 | 6 | 9 | 5 |
| 4 | 6 | 8 | 9 | 5 | 7 | 1 | 3 | 2 |
| 7 | 4 | 5 | 6 | 1 | 8 | 3 | 2 | 9 |
| 9 | 2 | 6 | 5 | 7 | 3 | 4 | 1 | 8 |
| 8 | 3 | 1 | 4 | 9 | 2 | 5 | 6 | 7 |
| 6 | 1 | 4 | 7 | 8 | 9 | 2 | 5 | 3 |
| 2 | 5 | 7 | 3 | 4 | 1 | 9 | 8 | 6 |
| 3 | 8 | 9 | 2 | 6 | 5 | 7 | 4 | 1 |

ଗତକାଲିର ଉତ୍ତର

# ଭତ୍ତା ଯୋଜନା-କିଛି ଉପେକ୍ଷିତ ଦିଗ



ରାଜୀବ କର୍ମ

ଗରିବ ବ୍ୟକ୍ତି ଏବଂ ପରିବାରକୁ ସର୍ବନିମ୍ନ ଜାତୀୟସ୍ତରର ସାମାଜିକ ସୁରକ୍ଷା ଯୋଗାଇ ଦେବା ସରକାରଙ୍କ ଦାୟିତ୍ୱ। ଏକ ଜନମଙ୍ଗଳ ରାଷ୍ଟ୍ର ଭାବରେ ସମ୍ବିଧାନର DIRECTIVE PRINCIPLES OF STATE POLICY ନିର୍ଦ୍ଦେଶନାମା ଅନୁଚ୍ଛେଦ ୪୧ ଅନୁସାରେ ନିଜର ଉତ୍ତରଦାୟିତ୍ୱକୁ ପୂରଣ କରିବା ପାଇଁ ଭାରତ ସରକାର ସାମାଜିକ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ମାଧ୍ୟମରେ ବେରୋଜଗାର, ବାର୍ଦ୍ଧକ୍ୟ, ଦୁର୍ବଳ ଏବଂ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ଭତ୍ତା ଆକାରରେ ଅର୍ଥ ରାଶି ଯୋଗାଇ ଦେବାର ବ୍ୟବସ୍ଥା ୧୯୯୫ ଅଗଷ୍ଟ ୧୫ରୁ ଆରମ୍ଭ କରାଯାଇଛି। ଏଥିରେ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା, ଜାତୀୟ ବିଧବା ଭତ୍ତା, ଜାତୀୟ ଭିନ୍ନକ୍ଷମ ଭତ୍ତା, ଜାତୀୟ ପରିବାର ମଙ୍ଗଳ ଯୋଜନା ଏବଂ ଅନ୍ନପୂର୍ଣ୍ଣା ଭଳି ଯୋଜନା ଅନ୍ତର୍ଭୁକ୍ତ। ସର୍ବୋଚ୍ଚ ସ୍ତରରେ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ମାଧ୍ୟମରେ ଏହି ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଗ୍ରାମୀଣ ସ୍ତରରେ ଗ୍ରାମପଞ୍ଚାୟତ ଦ୍ୱାରା ଏହା ରୂପାୟନ ହୋଇଥାଏ।

ଯେତେବେଳେ ନିଜର କୌଣସି ଆୟ ପନ୍ଥା ନ ଥାଏ କିମ୍ବା ନିଜର ସନ୍ତାନସନ୍ତତି ଯତ୍ନ ନିଅନ୍ତି ନାହିଁ, ନିଜର ଜ୍ଞାତି ପରିଜନ, ବନ୍ଧୁବାନ୍ଧବ, ଭାଇ ସହୋଦର ହାତ ଛାଡ଼ି ଦିଅନ୍ତି, ସେତେବେଳେ ସାହାରା ଭାବରେ ଏହି ଯୋଜନା ସେହି ଦୁଃସ୍ଥ ବ୍ୟକ୍ତିମାନଙ୍କୁ ସର୍ବନିମ୍ନ ସାମାଜିକ ସୁରକ୍ଷା ସହିତ ଭରସା ଯୋଗାଇଥାଏ। ବୟସାନୁସାରେ ୫୦୦ରୁ ୯୦୦ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ସରକାରଙ୍କ ତରଫରୁ ଦିଆଯାଏ। ଅନେକ ସମୟରେ ଏହା ହିଁ ସେମାନଙ୍କର ଶେଷ ଆଶା। ସେହି ଦିନକୁ ଆତୁର ଭାବରେ ସେମାନେ ଅପେକ୍ଷା କରିଥାଆନ୍ତି, ଯେଉଁଦିନ ସେମାନେ ତାଙ୍କର ଭତ୍ତା ଗଣ୍ଡାକ ପାଇବେ। ସେହିପରି କମ୍ ବୟସରେ ସ୍ୱାମୀ ଛାଡ଼ିଗଲା ପରେ ସ୍ତ୍ରୀଟି ପ୍ରାୟତଃ ବେସାହାରା ହୋଇଯାଇଥାଏ। ଅନେକ ସମୟରେ ଛୋଟ ଛୋଟ ପିଲା ଛୁଆଙ୍କୁ ଧରି ବିଧବା ଜଣକ ଅନେକ ହଇରାଣ ହୋଇଥାଏ। ବେଳେବେଳେ ଶାଶୁଘର ଲୋକ ପଚାରନ୍ତି ନାହିଁ। ସେତିକିବେଳେ ସେମାନଙ୍କୁ ସାମାଜିକ ଭାବରେ ସୁରକ୍ଷା ପାଇଁ ସରକାର ବିଧବା ଭତ୍ତା ସାହାଯ୍ୟ କରିଥାଏ। ଭତ୍ତା ସ୍ୱଳ୍ପ ହେଲେ ମଧ୍ୟ ଅଭାବ ସମୟରେ ଏହା ବଡ଼ ମହୌଷଧି।

ଏତଦ୍ ଭିନ୍ନ ଦିବ୍ୟାଙ୍ଗମାନଙ୍କୁ ଜାତୀୟ ଭିନ୍ନକ୍ଷମ ଭତ୍ତା ଯୋଜନାରେ ସରକାର ସାମାଜିକ ସୁରକ୍ଷା ଏବଂ ସହାୟତା ଯୋଗାଇ ଆସୁଛନ୍ତି। ଭତ୍ତା ବ୍ୟତିରେକେ ସାମାଜିକ ସୁରକ୍ଷା ଯୋଜନାରେ ପରିବାର ମଙ୍ଗଳ ଯୋଜନା ମାଧ୍ୟମରେ ପରିବାରର ମୁଖ୍ୟ ଆୟକାରୀଙ୍କ ମୃତ୍ୟୁ ହେଲେ ଏକକାଳୀନ ସହାୟତା ରାଶି ଏବଂ ଅତିଶୟ ଗରିବ ପରିବାରକୁ ଅନ୍ନପୂର୍ଣ୍ଣା ଯୋଜନାରେ ବିନା ମୂଲ୍ୟରେ ୧୦ କେଜି ଚାଉଳ ଇତ୍ୟାଦି ଯୋଗାଇ ଦିଆଯାଉଛି।



ଉପରୋକ୍ତ ଭତ୍ତା ବ୍ୟବସ୍ଥା କେନ୍ଦ୍ର ସରକାରଙ୍କ ତରଫରୁ ଦିଆଯାଉଥିବା ବେଳେ ରାଜ୍ୟ ସରକାର ମଧ୍ୟ ନିଜସ୍ୱ ଭତ୍ତା ବ୍ୟବସ୍ଥା କରିଛନ୍ତି। କେନ୍ଦ୍ର ସରକାରଙ୍କ ଯୋଜନାରୁ ବଞ୍ଚିତ ବ୍ୟକ୍ତିମାନଙ୍କ ପାଇଁ ରାଜ୍ୟ ସରକାର ନିଜସ୍ୱ ଯୋଜନା କରିଛନ୍ତି।

ଉପରୋକ୍ତ ଯୋଜନା ଭଲ, ଆଭିମୁଖ୍ୟ ମଧ୍ୟ ଭଲ; କିନ୍ତୁ ଉପଯୁକ୍ତ କାର୍ଯ୍ୟକାରିତାର ଅଭାବ ରହିଛି। ପୂର୍ବରୁ ଭତ୍ତା ଯୋଜନାରେ ଅର୍ଥରାଶି ହାତକୁ ହାତ ଦେବାର ବ୍ୟବସ୍ଥା ଥିଲା। କିନ୍ତୁ ଦେଖାଗଲା ଯେ, ଅନେକ ହିତାଧିକାରୀଙ୍କ ପାଖକୁ ପଇସା ପହଞ୍ଚି ପାରିଲା ନାହିଁ। ଅନେକ ଲୋକ ମାସ ମାସ ଧରି ତାଙ୍କ ଭତ୍ତା ପାଇପାରିଲେ ନାହିଁ। ପଇସା ବାଟମାରଣାର ଅନେକ ଘଟଣା ସାମ୍ନାକୁ ଆସିଲା। ଏହାକୁ ରୋକିବା ପାଇଁ ସରକାର ସମସ୍ତଙ୍କୁ ତାଙ୍କର ନିଜସ୍ୱ ବ୍ୟାଙ୍କ ଖାତାକୁ ଭତ୍ତାଟଙ୍କା ପଠାଇବାର ବ୍ୟବସ୍ଥା କଲେ। ମାତ୍ର ଏଥିରେ ବି କେତେକ କ୍ଷେତ୍ରରେ ଅସୁବିଧା ଦେଖାଗଲା, ଯାହା ଫଳରେ ଅନେକ ହିତାଧିକାରୀ ହଇରାଣ ହେଲେ। ଅନେକ ସମୟରେ ହିତାଧିକାରୀଙ୍କ ଏକାଧିକ ବ୍ୟାଙ୍କ ଆକାଉଣ୍ଟ ଦିଆଯାଇ ଥିବାରୁ କେଉଁଥିରେ ପଇସା ଜମାହେଉଛି ଜଣାପଡୁ ନାହିଁ। ବ୍ୟାଙ୍କ ତରଫରୁ ସଠିକ୍ ତଥ୍ୟ ହିତାଧିକାରୀଙ୍କୁ ଦିଆଯାଉ ନାହିଁ। ବ୍ୟାଙ୍କ ପାସ୍ ବହି ପ୍ରିଣ୍ଟକରି ହିତାଧିକାରୀଙ୍କ ସନ୍ଦେହ ଦୂର କରିବା ପାଇଁ ବ୍ୟାଙ୍କଗୁଡ଼ିକର ଇଚ୍ଛା ନାହିଁ। ଅନେକ ଲୋକଙ୍କର ନିଜ ବାସସ୍ଥାନରୁ ଦୂରରେ ଥିବା ବ୍ୟାଙ୍କରେ ଜମାଖାତା ଥିବାରୁ ସେମାନେ ସେଠାକୁ ଯାଇ ଭତ୍ତା ଟଙ୍କା ଆଣି ପାରୁ ନାହାନ୍ତି। ଅନେକ ଲୋକଙ୍କୁ ଜମାଖାତା ବଦଳରେ ବ୍ୟାଙ୍କ ଛୋଟ ଛୋଟ କାର୍ଡ ଦେଇଛନ୍ତି, ଯା' ଫଳରେ ତାଙ୍କ ଜମାଖାତାରେ କେତେ ଟଙ୍କା ଜମା ହେଲା କେତେ ଉଠାଣ ହେଲା ସେମାନଙ୍କ ପାଖରେ ପ୍ରମାଣ ରହୁନାହିଁ। ଅନେକ ସମୟରେ ହିତାଧିକାରୀଙ୍କ ଫିଙ୍ଗର ପ୍ରିଣ୍ଟ ଠିକ୍ ଭାବରେ ନେଉ ନ ଥିବାରୁ ଅନେକ ମାସ ଧରି ଭତ୍ତା ପାଇ ପାରୁ ନାହାନ୍ତି।

ଅନେକ ସମୟରେ ଜନସେବା କେନ୍ଦ୍ରଗୁଡ଼ିକରେ ହିତାଧିକାରୀମାନଙ୍କୁ ଠିକ୍ ତଥ୍ୟ ପ୍ରଦାନ କରାଯାଉ ନାହିଁ। ଜନସେବା କେନ୍ଦ୍ରର କର୍ମଚାରୀମାନେ ହିତାଧିକାରୀମାନଙ୍କର ଫିଙ୍ଗର ପ୍ରିଣ୍ଟ ଛଳନା ପୂର୍ବକ ନେଇ ଭତ୍ତା ହଡ଼ପ କରି ନେଉଥିବାର ହିତାଧିକାରୀମାନେ ଅଭିଯୋଗ କରୁଛନ୍ତି। ବହୁ ସମୟରେ ପଞ୍ଚାୟତ ଅଧିକାରୀମାନଙ୍କର ହିତାଧିକାରୀମାନଙ୍କ ପ୍ରତି ବ୍ୟବହାର ରୁକ୍ଷ ହେଉଥିବା ଦେଖାଯାଇଥାଏ। ପ୍ରତ୍ୟେକ ମାସର ୧୫ ତାରିଖ ଦିନ ସାର୍ବଜନୀନ ଭତ୍ତା ଦିବସ ଭାବରେ ସରକାର ଘୋଷଣା କରିଥିବା ସତ୍ତ୍ୱେ ବିଗତ ଅନେକ ମାସ ହେଲା ୧୫ ତାରିଖ ସୁଦ୍ଧା ହିତାଧିକରୀମାନଙ୍କୁ ଭତ୍ତା ଦିଆଯାଇପାରିଲା ନାହିଁ। ଅନେକ ସମୟରେ ଠିକ୍ ସମୟରେ ଟଙ୍କା ପଞ୍ଚାୟତରେ ପହଞ୍ଚି ପାରୁ ନାହିଁ। ଫଳରେ ହିତାଧିକାରୀମାନଙ୍କୁ ଖାଲି ହାତରେ ଫେରିବାକୁ ପଡ଼େ। ଅନେକ ବୁଢ଼ାବୁଢ଼ୀ, ଭିନ୍ନକ୍ଷମ ପଞ୍ଚାୟତ ଅଫିସକୁ ଆସିବାକୁ ଅକ୍ଷମ। କିଛି ଲୋକ ରୋଗଶଯ୍ୟାରେ ପଡ଼ିଥିବାରୁ ଭତ୍ତା ନେବାକୁ ଆସି ପାରନ୍ତି ନାହିଁ। ତେଣୁ ସେମାନଙ୍କୁ ତାଙ୍କ ଦୁଆରମୁହଁରେ ଭତ୍ତା ପହଞ୍ଚାଇବାର ବ୍ୟବସ୍ଥା କରିପାରିଲେ ନାହିଁ। ଆଜିବି ୭୦-୮୦ ବର୍ଷର ଅନେକ ଲୋକ ଭତ୍ତା ପାଇଁ ଅନେଇ ରହିଛନ୍ତି। ସେପଟେ ଲୋକଙ୍କ ବୟସ ହେଲେ ସାମାଜିକ ସୁରକ୍ଷା ଯୋଗାଇ ଦେବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ, କିନ୍ତୁ ଏପଟେ କହୁଛନ୍ତି ଟାର୍ଗେଟ୍ ନାହିଁ। କେତେକ କର୍ମଚାରୀଙ୍କ ଅପାରଗତା ହେତୁ କେତେ ହିତାଧିକାରୀ ପ୍ରକୃତରେ ଭତ୍ତା ପାଇବା ପାଇଁ ଯୋଗ୍ୟ, ତା'ର ତଥ୍ୟ ସରକାରଙ୍କ ପାଖରେ ନାହିଁ।

କେତେକ ଛୋଟଛୋଟ ପଦକ୍ଷେପ ଦ୍ୱାରା ଏଭଳି ଅସୁବିଧାକୁ କେତେକାଂଶରେ କମ୍ କରାଯାଇପାରିବ। ଯେପରିକି ସମସ୍ତ ହିତାଧିକାରୀଙ୍କୁ ବାଧ୍ୟତାମୂଳକ ବ୍ୟାଙ୍କ ଜମାଖାତା ଦେବାର ବ୍ୟବସ୍ଥା। ନିର୍ଦ୍ଦିଷ୍ଟ ଦୂରତାରେ କିୟୋସ୍କ ବ୍ୟାଙ୍କ ସ୍ଥାପନ। କିୟୋସ୍କ ବ୍ୟାଙ୍କଗୁଡ଼ିକରେ ଜମା ବହି ଅପଡେଟ୍ ଏବଂ ମୁଦ୍ରଣର ବ୍ୟବସ୍ଥା। ନିର୍ଦ୍ଦିଷ୍ଟ ଦିନରେ ଭତ୍ତା ଦେବାର ବ୍ୟବସ୍ଥା ଏବଂ ଅନୁପସ୍ଥିତ ହିତାଧିକାରୀମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା। ଅତିଶୟ ବୟସ୍କ ଏବଂ ଶଯ୍ୟାଶାୟୀ ହିତାଧିକାରୀଙ୍କୁ ଦୁଆର ମୁହଁରେ ପଞ୍ଚାୟତ ଏବଂ ବ୍ୟାଙ୍କ ତରଫରୁ ଭତ୍ତା ଦେବାର ବ୍ୟବସ୍ଥା। ଅତ୍ୟାବଶ୍ୟକ ସ୍ଥଳେ କିଛି ହିତାଧିକାରୀଙ୍କୁ ନଗଦ ଭତ୍ତା ଦେବାର ବ୍ୟବସ୍ଥା। ନିୟମିତ ବ୍ୟବଧାନରେ )ହିତାଧିକାରୀମାନେ ଭତ୍ତା ପାଉଛନ୍ତି କି ନାହିଁ ତାହାର ଯାଞ୍ଚ କଲେ ଉପରୋକ୍ତ ସମସ୍ୟାକୁ କେତେକାଂଶରେ ଦୂର କରାଯାଇପାରିବ।

**ଶଗଡ଼ା, ବୌଦ୍ଧ**
**ମୋ: ୮୩୨୮୮୪୮୧୪୫**

# ବନାଗ୍ନିର କରୁଣ ଚିତ୍ର



ସୁବାସ କୁମାର ତାରଣିଆଁ

ମାନବ ସମାଜ ଓ ଜୀବଜଗତ ମଧ୍ୟରେ ସମନ୍ୱୟ ରହିଲେ ତାହା ପରିବେଶ ଉପରେ ଅନୁକୂଳ ପ୍ରଭାବ ପକାଇଥାଏ। ପ୍ରକୃତିକୁ ସୁରକ୍ଷିତ ରଖିଲେ ପ୍ରକୃତି ଆମକୁ ସୁରକ୍ଷା ଦେବ। କଥାରେ ଅଛି ଜଙ୍ଗଲରେ ମଙ୍ଗଳ ଥାଏ। କିନ୍ତୁ ଏବେ ଏହି ସଂଜ୍ଞାରେ ପରିବର୍ତ୍ତନ ଘଟିଛି। ଜଙ୍ଗଲରୁ ମଙ୍ଗଳ ମିଳିବା ବଦଳରେ ଆମେ ଜଙ୍ଗଲର କ୍ଷତି ଘଟାଇ ଚାଲିଛେ। ଯାହାର ପ୍ରଭାବରେ ଏବେ ସାରା ଜଙ୍ଗଲ ବନାଗ୍ନିରେ ପରିଣତ ହୋଇଛି। ଫଳରେ ବହୁ ବିରଳ ଜୀବଜନ୍ତୁ ଓ ବୃକ୍ଷ ନିଜର ଅସ୍ତିତ୍ୱ ହରାଉଛନ୍ତି। ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ପୃଥିବୀର ତାପମାତ୍ରା ବୃଦ୍ଧି ପାଉଛି। ଗ୍ଲୋବାଲ ୱାର୍ମିଂର ପ୍ରଭାବରୁ ଜୈବବିବିଧତା ବି ଧ୍ୱଂସାଭିମୁଖୀ। ଜଙ୍ଗଲ ଧ୍ୱଂସ ଫଳରେ ପୃଥିବୀରେ ଦେଖାଦେଇଛି ଅନେକ ସମସ୍ୟା। ଦେଖାଦେଇଛି ଭୂତଳ ଜଳସ୍ତର ହ୍ରାସ। ପ୍ରତିଦିନ ଶହ ଶହ ବୃକ୍ଷ ପୋଡ଼ି ଛାରଖାର ହୋଇଯାଉଛି। ବନାଗ୍ନି ଭୟଙ୍କର ରୂପ ଧାରଣ କରିଛି, ଯାହାକୁ ରୋକିବା ଲାଗି ଏକ ଆହ୍ୱାନ ସୃଷ୍ଟି ହୋଇଛି। ଜଙ୍ଗଲରେ ନିଆଁ ଲାଗିବା ଫଳରେ ବହୁ ପଶୁପକ୍ଷୀ, କୀଟପତଙ୍ଗ ଲୋପ ପାଉଥିବାବେଳେ ଅନେକ ହିଂସ୍ରଜନ୍ତୁ ବନାଗ୍ନିରୁ ରକ୍ଷା ପାଇବା ପାଇଁ ସହରମୁହାଁ ହେଉଛନ୍ତି। ଫଳରେ ମଣିଷ ଓ ପଶୁଙ୍କ ମଧ୍ୟରେ ଲଢ଼େଇ ହେଉଛି। ଏଥିପାଇଁ ମନୁଷ୍ୟକୃତ ବନାଗ୍ନି ହିଁ ଦାୟୀ।

ବନାଗ୍ନି କେବଳ ଓଡ଼ିଶାରେ ହେଉନାହିଁ ବରଂ ଦେଶ ତଥା ଦେଶ ବାହାରେ ମଧ୍ୟ ଭୟଙ୍କର ବନାଗ୍ନି ଘଟିଚାଲିଛି। ୨୦୧୯ ମସିହା ଶେଷଭାଗରେ ଅଷ୍ଟ୍ରେଲିଆର ୩.୩୮ ଲକ୍ଷ ବର୍ଗ କି.ମି. ଜଙ୍ଗଲରେ ଭୟଙ୍କର ବନାଗ୍ନି ଘଟିଥିଲା, ଯେଉଁଥିରେ ସମୁଦାୟ ଜଙ୍ଗଲର ୨୦ ପ୍ରତିଶତ ନଷ୍ଟ ହୋଇଥିଲା ଓ ୪୩ ଜଣଙ୍କ ମୃତ୍ୟୁ ଘଟିବା ସହ ତିନିଶହରୁ ଊର୍ଦ୍ଧ୍ୱ ଘର ପୋଡ଼ିଥିଲା। ଏଥିରେ ହଜାର ହଜାର ଲୋକ ବାସଚ୍ୟୁତ ହୋଇଥିଲେ ଏବଂ କୋଟି କୋଟି ଜୀବଜନ୍ତୁ ଅସ୍ତିତ୍ୱ ହରାଇଥିଲେ। ସେହିପରି ଓଡ଼ିଶାରେ ଗତ ପାଞ୍ଚ ବର୍ଷ ମଧ୍ୟରେ ନିଆଁ ଲାଗି ପ୍ରାୟ ୬୦ ହଜାର ହେକ୍ଟର ଜଙ୍ଗଲ ନଷ୍ଟ ହୋଇଛି। ଏହା ବନ ବିଭାଗ ପାଇଁ ଏକ ଚିନ୍ତାର କାରଣ ହୋଇଥିବା ବେଳେ ଏଥିରୁ ଅଧିକାଂଶ ବନାଗ୍ନି ମନୁଷ୍ୟକୃତ ବୋଲି ଜଣାପଡ଼ିଛି। ୨୦୨୧ରେ ସର୍ବାଧିକ ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ୨୮,୬୫୩ ହେକ୍ଟର ଜଙ୍ଗଲ କ୍ଷତିଗ୍ରସ୍ତ ହୋଇଥିଲା। ୨୦୨୩ ପ୍ରାରମ୍ଭରେ ମଧ୍ୟ ବନାଗ୍ନି ଉଗ୍ରରୂପ ଧାରଣ କରିଥିଲା। ଏହି ବନାଗ୍ନି କବଳରୁ ଓଡ଼ିଶା ମୁକୁଳି ପାରି ନ ଥିଲା। ୨୨ଟି ଜିଲାର ୮୪ଟି ରେଞ୍ଜରରେ ୧୪୭ଟି ବଡ଼ଧରଣର ଜଙ୍ଗଲ ଜଳୁଥିଲା ବେଳେ ରାଜ୍ୟର ଅଧାରୁ ଅଧିକ ଜିଲାକୁ ବନାଗ୍ନି ଗ୍ରାସ କରିଥିଲା। ଗଞ୍ଜାମ ଜିଲାର ୯ଟି ରେଞ୍ଜରରେ ନିଆଁ ଅଣାୟତ୍ତ ହୋଇଥିଲା ବେଳେ ସମ୍ବଲପୁର, ରାୟଗଡ଼ାରେ ବି ସ୍ଥିତି ସମାନ ଥିଲା। ନୟାଗଡ଼, ଗଜପତି, ସୁନ୍ଦରଗଡ଼ ଓ କନ୍ଧମାଳ ଜିଲାରେ ଅଧିକାଂଶ ଜଙ୍ଗଲ ଜଳୁଥିଲା। ସେହିପରି ଶିମିଳିପାଳ, ଚନ୍ଦକା-ଡମପଡ଼ା, ସୁନାବେଡ଼ା ଓ ଦଶପଲ୍ଲା ଆଦି ସବୁଠି ସମାନ ଚିତ୍ର। ଦିନକୁ ଦିନ ଗୋଟିଏ ଗୋଟିଏ ବନଖଣ୍ଡରେ ନିଆଁ ଲାଗୁଥିଲେ ମଧ୍ୟ ବନ ବିଭାଗର ସମସ୍ତ ଉଦ୍ୟମ ବିଫଳ ହୋଇଛି। ବନାଗ୍ନିକୁ ରୋକିବା ପାଇଁ କେବଳ ବର୍ଷାକୁ ହିଁ ଭରସା କରିଛନ୍ତି ବନ କର୍ମଚାରୀ। ଯଦିଓ ମାର୍ଚ୍ଚ ମାସର ମଧ୍ୟଭାଗରେ ଦୁଇ ଦିନ ବର୍ଷା ହେବା ଫଳରେ ବନାଗ୍ନିରୁ ସାମାନ୍ୟ ଆଶ୍ୱସ୍ତି ମିଳିଥିଲା ଓ ବନ



କର୍ମଚାରୀମାନେ ଖୁସିରେ ନାଚି ଉଠିଥିଲେ, ହେଲେ ଏସବୁ ସତ୍ତ୍ୱେ ବନ ବିଭାଗର କର୍ମଚାରୀମାନଙ୍କୁ ଏବେଠୁ ଆହୁରି ସତର୍କ ରହିବା ଦରକାର।

ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ମଧ୍ୟପ୍ରଦେଶ ପରି ରାଜ୍ୟ ବନାଗ୍ନିକୁ ଆୟତ୍ତ କରିବାରେ ସବୁଠାରୁ ଆଗରେ ଅଛନ୍ତି। କାରଣ ବନାଗ୍ନିକୁ ଆୟତ୍ତ କରିବା ପାଇଁ ଏହିସବୁ ରାଜ୍ୟ ଆଧୁନିକ ଜ୍ଞାନକୌଶଳକୁ ଆପଣାଇଥାନ୍ତି। ଓଡ଼ିଶା ମଧ୍ୟ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କଲେ ସହଜରେ ବନାଗ୍ନିକୁ ଆୟତ୍ତ କରିହେବ। ଏଥିପାଇଁ ବନ କର୍ମଚାରୀମାନେ ତାଲିମ ନେବା ଆବଶ୍ୟକ। ୨୦୨୧ରେ ଯେତେବେଳେ ରାଜ୍ୟରେ ବନାଗ୍ନି ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଥିଲା, ସେତେବେଳେ ରାଜ୍ୟ ସରକାର ତାହାକୁ ରୋକିବା ପାଇଁ ଏକ ଟାସ୍କଫୋର୍ସ ଗଠନ କରିଥିଲେ। କିନ୍ତୁ ଟାସ୍କଫୋର୍ସ ଦେଇଥିବା ରିପୋର୍ଟ ଉପରେ କିଛି ପଦକ୍ଷେପ ନିଆଯାଇ ନାହିଁ। ଏଥିରେ ସଦସ୍ୟ ଥିବା କିଛି କେତେଜଣ ଅଣ ସରକାରୀ କର୍ମଚାରୀଙ୍କ ରିପୋର୍ଟରେ କପି ମଧ୍ୟ ମିଳିପାରି ନାହିଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ସୁନ୍ଦରଗଡ଼ ବନଖଣ୍ଡ ସଦର ବନାଞ୍ଚଳରେ ନିଆଁ ଲାଗିଥିବା ଖବର ପାଇବା ପରେ ବନ ବିଭାଗର ଏକ ଟିମ୍ ସେଠାକୁ ନିଆଁ ଲିଭାଇବା ପାଇଁ ଯାଇଥିଲେ। ଜଙ୍ଗଲ ଭିତରେ ଗାଡ଼ି ରଖି ନିଆଁକୁ ଆୟତ୍ତ କରିବାକୁ ଯାଇଥିବା ବେଳେ ଜଙ୍ଗଲ ନିଆଁର ତୀବ୍ରତା ଏତେ ପ୍ରଖର ଥିଲା ଯେ, ସେମାନଙ୍କ ଗାଡ଼ିରେ ନିଆଁ ଲାଗିଯାଇଥିଲା। ବନ କର୍ମଚାରୀ ଫେରିଲା ବେଳକୁ ଗାଡ଼ି ପୋଡ଼ି ପାଉଁଶ ହୋଇଯାଇଥିଲା। ହୁଏତ ଜଣେ ବନ କର୍ମଚାରୀ ଯଦି ଗାଡ଼ି ପାଖରେ ରହିଥାନ୍ତେ, ତେବେ ଗାଡ଼ିଟି ସୁରକ୍ଷିତ ରହିଥାନ୍ତା। ବନ କର୍ମଚାରୀଙ୍କ ଅଭିଜ୍ଞତାର ଅଭାବରୁ ଏପରି ଅଘଟଣ ଘଟିଥିଲା।

ଜଙ୍ଗଲରେ ନିଆଁ ଲାଗିବାର ବିଭିନ୍ନ କାରଣ ଅଛି। ସାଧାରଣତଃ ବିଡ଼ି ବା ସିଗାରେଟ ଟାଣିସାରି ଫିଙ୍ଗିଦେବା ପରେ ସିଗାରେଟ ନିଆଁ ହିଁ ବନାଗ୍ନିର କାରଣ ହୋଇଥାଏ। ଓଡ଼ିଶାର ପାହାଡ଼ ଜଙ୍ଗଲ ପାଦଦେଶରେ ଥିବା ମୂଲ୍ୟବାନ ଖଣିଜ ସମ୍ପଦ ଉପରେ ଲୋଲୁପ ଦୃଷ୍ଟି ପକାଉଥିବା ଶିଳ୍ପପତି, ପୁଞ୍ଜିପତି ଓ ମାଫିଆମାନେ ବନାଗ୍ନି ସୃଷ୍ଟି କରିଥାନ୍ତି। ଫଳରେ ଜଙ୍ଗଲକୁ ନିଜର ଜୀବନ ଜୀବିକାର ମାଧ୍ୟମ କରିଥିବା ଆଦିବାସୀମାନେ ତାହା ହରାଇ ବସିଛନ୍ତି। ସାଧାରଣତଃ ଗ୍ରୀଷ୍ମପ୍ରବାହ ଆରମ୍ଭରୁ ରାଜ୍ୟର ଅଧିକାଂଶ ଜଙ୍ଗଲରେ ଛୋଟମୋଟ ନିଆଁ ଲାଗିଥାଏ ଓ ସେସବୁ ନିଆଁକୁ ବନ କର୍ମଚାରୀମାନେ ଆୟତ୍ତ କରିଥାନ୍ତି। ଫେବୃୟାରୀ ପ୍ରଥମ ସପ୍ତାହରେ ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ୩ଟି ସ୍ଥାନରେ ନିଆଁ ଲାଗିଥିଲା ଏବଂ ସଜାଗ ଥିବା ବନ କର୍ମଚାରୀମାନେ ନିଆଁକୁ ଲିଭାଇବାରେ ସଫଳ ହୋଇଥିଲେ। ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରିବା ପାଇଁ ଅଭୟାରଣ୍ୟ, ଚନ୍ଦକା, ଡମପଡ଼ା, ହଳଦିଆ ଓ ଭୁବନେଶ୍ୱର ଆଦି ୪ ରେଞ୍ଜରରେ ବନ ବିଭାଗ, ଆଣ୍ଟିପୋଚିଂ, ଇକୋ ଟୁରିଜମ୍‌ର ସମୁଦାୟ ୩୦୦ ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ଏଥିସହ ୮ଟି ଫାୟାର ପ୍ରୋଟେକ୍ସନ ସ୍କ୍ୱାଡ୍ ନିୟୋଜିତ କରାଯାଇଛି। ୮ଟି ସ୍କ୍ୱାଡ୍‌ରେ ୬୦ ଜଣ ବନ କର୍ମଚାରୀଙ୍କ ସମେତ ଜଙ୍ଗଲରେ ଥିବା ଗ୍ରାମବାସୀଙ୍କୁ ନିୟୋଜିତ କରାଯାଇଛି। ତଥାପି ବନ କର୍ମଚାରୀମାନଙ୍କୁ ଆହୁରି ସଜାଗ ଓ ସଚେତନ ରହିବାକୁ ପଡ଼ିବ। କାରଣ ଫେବୃୟାରୀ ଆରମ୍ଭରୁ ଜୁନ୍ ଶେଷ ପର୍ଯ୍ୟନ୍ତ ୫ ମାସ ଜଙ୍ଗଲକୁ ନିଆଁର ଭୟ ଥାଏ।

**କଣ୍ଟି, ବାହାରଣା, ବାଲିକୁଦା,**
**ଜଗତ୍‌ସିଂହପୁର, ମୋ :୮୩୨୮୮୪୦୨୧୪**

## ଏଇ ଭାରତରେ

କେରଳର ବିଜୁ ନାରାୟଣନଙ୍କ ଅନେକ ଆବିଷ୍କାର ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ। ସେ ଏବେ ଏକ ସୋଲାର ମିକ୍ସି ନିର୍ମାଣ କରିଛନ୍ତି, ଯାହା ଗ୍ରାଇଣ୍ଡିଂ କରିବା ସହ ପାଖାପାଖି ୧୫ଟି କାର୍ଯ୍ୟ କରିପାରୁଛି। ଏହି ମେଶିନ ସୌରଶକ୍ତିରେ ଓ ରିମୋଟ୍ ଦ୍ୱାରା ଚାଲୁଛି। ଏହା ପରିବା କାଟିବା ସହ ନଡ଼ିଆ କୋରି ଦେଉଛି। ଘରେ କୌଣସି ସ୍ଥାନରେ ଧୂଆଁ ଉଠିଲେ ଏହା ଜଣାଇଦେଉଛି । ଏଥିରେ ଏକ ରେଡିଓ ମଧ୍ୟ ଅଛି ଓ ମୋବାଇଲ ଚାର୍ଜ ବ୍ୟବସ୍ଥା ରହିଛି। ଉକ୍ତ ମିକ୍ସିକୁ ଭାକ୍ୟୁମ୍ କ୍ଲିନର ଭାବେ ବି ବ୍ୟବହାର କରାଯାଉଛି। ଏଥିରେ ୩ ୱାଟ୍‌ର ଏମର୍ଜେନ୍ସି ଲାଇଟ୍ ଥିବାବେଳେ ଛୋଟ ଫ୍ୟାନ୍ ମଧ୍ୟ ରହିଛି। ଏହାକୁ ନିର୍ମାଣ କରିବା ଲାଗି ତାଙ୍କୁ ୧ ଦଶନ୍ଧିରୁ ଅଧିକ ସମୟ ଲାଗିଛି। ବିଜୁ ମାତ୍ର ୧୨ ବର୍ଷ ବୟସରେ ଏକ ରେଡିଓ ତିଆରି କରିବା ଆରମ୍ଭ କରିଥିଲେ। ଏହାପରେ ସେ ଆଉ ପଛକୁ ଫେରିନାହାନ୍ତି। ୫୩ ବର୍ଷ ବୟସ୍କ ବିଜୁଙ୍କୁ ବିଭିନ୍ନ ଆବିଷ୍କାର ଲାଗି କେରଳର ରୁରାଲ ଇନୋଭେଶନ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ମେ ୧୯୯୮**

- କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଆର୍.କେ. କୁମାରଙ୍କ ଇସ୍ତଫା ପ୍ରଦାନ।
- ଆସାମ ଗଣପରିଷଦ ମନ୍ତ୍ରିମଣ୍ଡଳରୁ ରାଜ୍ୟର ପରିବହନ ମନ୍ତ୍ରୀ ପ୍ରଦୀପ ହଜାରିକାଙ୍କ ଇସ୍ତଫା ପ୍ରଦାନ।
- ନାଲ୍‌କୋ କର୍ତ୍ତୃପକ୍ଷଙ୍କର ଚରମ ଉଦାସୀନତା, ପ୍ରଶାସନିକ ବିଶୃଙ୍ଖଳା ଓ ବ୍ୟାପକ ଦୁର୍ନୀତି ଯୋଗୁ ସ୍ମେଲଟର ପ୍ଲାଣ୍ଟର ୧୦୦ ପଟ୍ ଆକାମୀ।

## ଚିରନ୍ତନୀ

ସାଧନାର ଶ୍ରେଷ୍ଠ ସିଦ୍ଧି ଦୁନିଆର
ଉଚ୍ଚତମ ଆଶା
ମାନବର ଅଗ୍ରଚିନ୍ତା, ଶେଷ ଶିକ୍ଷା
ଶ୍ରେଷ୍ଠତମ ଭାଷା !
-(ସୁନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗହମ ଯୋଗାଇ ଦିଆଯାଉ

ମହାଶୟ,

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରାଜ୍ୟର ହିତାଧିକାରୀମାନଙ୍କୁ କେନ୍ଦ୍ର ସରକାର ରିହାତି ଦରରେ ଯୋଗାଇ ଦେଉଥିବା ଖାଦ୍ୟଶସ୍ୟ ମଧ୍ୟରୁ ଗତ ୧୦ ମାସ ହେଲା ଗହମ ଯୋଗାଣକୁ ବନ୍ଦ ରଖିଛନ୍ତି। ଚଳିତ ମାସରୁ ଗହମ ଯୋଗାଣ ଆରମ୍ଭ ହେବାକୁ ଥିବାବେଳେ ଏବେ ଆଉ ୨ମାସ ଗହମ ଯୋଗାଣକୁ ବନ୍ଦ ରଖାଯାଇଛି। ଅବଶ୍ୟ ରାଜ୍ୟ ସରକାରଙ୍କ ଅନୁରୋଧକ୍ରମେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଗହମ ବଦଳରେ ହିତାଧିକାରୀଙ୍କୁ ଚାଉଳ ଦିଆଯିବ। ଗହମ ଅଭାବ ଯୋଗୁ ଦେଶରେ ଗହମଜାତ ସାମଗ୍ରୀ ତଥା ଅଟା, ମଇଦା, ସୁଜି ଆଦିର ମୂଲ୍ୟ ଆକାଶଛୁଆଁ ହୋଇଛି। ଗତ ବର୍ଷ ମାର୍ଚ୍ଚରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁ ଚାଷୀର ମୁଣ୍ଡରେ ଚଡ଼କ ପଡ଼ିଥିବାବେଳେ ଚଳିତ ବର୍ଷ ମାର୍ଚ୍ଚ ମଧ୍ୟଭାଗରେ ଅଦିନିଆ ବର୍ଷା ଗହମ ଉତ୍ପାଦନରେ ବାଧକ ସାଜିଛି। ଅନ୍ୟପକ୍ଷରେ ଦେଶରେ ଚାଉଳ ଉତ୍ପାଦନ ଧାର୍ଯ୍ୟ ଲକ୍ଷ୍ୟ ଅତିକ୍ରମ କରିଛି। କହିବା ବାହୁଲ୍ୟ ଯେ, ଗହମ ତୁଳନାରେ ଚାଉଳ ଉତ୍ପାଦନ ଦେଶରେ ୨ଗୁଣରୁ ଅଧିକ ହୋଇଛି ; ଯାହାକି କୃଷି, କୃଷକ ଓ ସରକାରଙ୍କ ପାଇଁ ଚିନ୍ତାର କାରଣ। ଦେଶରେ ଏବେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ହେବାରେ ଲାଗିଛି। ଚାଉଳ, ଗହମ, ଅଟା, ଡାଲି, ସମେତ ବିଭିନ୍ନ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇଛି। ଦେଶରେ ଡାଲି ଦର କେବଳ ୧୫.୩ ବୃଦ୍ଧି ପାଇଛି। ମୌସୁମୀ ବର୍ଷା ଯଦି ସ୍ୱାଭାବିକ ନ ହୁଏ, ତେବେ ନିର୍ବାଚନୀ ବର୍ଷାରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବା ନିଶ୍ଚିତ। ଏହା କେବଳ ସରକାରଙ୍କ ପାଇଁ ନୁହେଁ, ଭାରତୀୟ ରିଜର୍ଭ ବ୍ୟାଙ୍କ ପାଇଁ ଚିନ୍ତାର କାରଣ ହେବ। ଏବେ ଗହମ ଉତ୍ପାଦନ ସନ୍ତୋଷଜନକ ଥିବାରୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଉଟିଙ୍କୁ ଗହମ ଯୋଗାଇ ଦିଆଯାଉ।

**-ସୌଭାଗ୍ୟ ରଞ୍ଜନ ମହାନ୍ତି**
**ଶିଶୁପାଳଗଡ଼, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଘରୁ ସୁନାଗହଣା, ଟଙ୍କା ଚୋରି

ବାଲିକୁଦା,୨୨।୫(ସ୍ୱ.ପ୍ର.): ବାଲିକୁଦା ଥାନା ମାଛଗାଁ ପଞ୍ଚାୟତର ମଙ୍ଗପୁର ଗ୍ରାମର ବୈକୁଣ୍ଠ ସ୍ୱାଇଁଙ୍କ ଘରୁ ଶନିବାର ସୁନାଗହଣା ଓ ନଗଦ ଟଙ୍କା ଚୋରି ହୋଇଥିଲା। ଏନେଇ ରବିବାର ପୋଲିସରେ ଅଭିଯୋଗ ହେବାପରେ ସୋମବାର ମାମଲା (ନଂ.୨୩୨/୨୩) ରୁଜୁ କରାଯାଇଛି। ଚୋରି ହୋଇଥିବା ସୁନାଗହଣାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୨୪ ହଜାର ଟଙ୍କା ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏଥିସହ ଏକ ବାକ୍ସରୁ ନଗଦ ୫ ହଜାର ଟଙ୍କା ଚୋରି ହୋଇଛି ବୋଲି ସେଥିରେ ଉଲ୍ଲେଖ ରହିଛି। ଅଭିଯୋଗ ଅନୁଯାୟୀ, ବୈକୁଣ୍ଠ ଓ ତାଙ୍କ ସ୍ତ୍ରୀ ନଳିନୀ ଶନିବାର ରାତି ପ୍ରାୟ ୮ଟାରେ ଘରେ ତାଲା ପକାଇ ମାଛଗାଁରେ ହେଉଥିବା ପ୍ରବଚନ ଶୁଣିବାକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ପଛ କବାଟ ଭାଙ୍ଗି ଭିତରେ ପଶି ଗୋଟିଏ ଲେଖାଏ ସୁନାଚେନ୍ ଓ ହାର ସମେତ ୨ଟି ସୁନାମୁଦି ଓ ନଗଦ ଟଙ୍କା ଚୋରିକରି ନେଇଛନ୍ତି। ପ୍ରବଚନ ଶୁଣି ବୈକୁଣ୍ଠ ଘରକୁ ଫେରିବା ପରେ ଏ ସମ୍ପର୍କରେ ଜାଣି ଥାନାରେ ଅଭିଯୋଗ କରିଥିଲେ।

### ସରପଞ୍ଚଙ୍କ ବିରୋଧରେ ଅଭିଯୋଗ ଘଟଣା: ଥାନାରେ ମାମଲା

ନାଉଗାଁ ,୨୨।୫(ସ୍ୱ.ପ୍ର.): ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡ଼ାଂଶ ପଞ୍ଚାୟତ ସରପଞ୍ଚ ନୀହାର ରଞ୍ଜନ ବସ୍ତିଆଙ୍କ ବିରୋଧରେ ଗତ ୧୭ ତାରିଖରେ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଅରୁଣ ପ୍ରଧାନ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ପରେ ଥାନା ପକ୍ଷରୁ ୨୧ ତାରିଖରେ ମାମଲା(ନଂ.୧୩୬/୨୩) ରୁଜୁ କରାଯାଇଛି। ପ୍ରଧାନଙ୍କ ଅଭିଯୋଗ ମୁତାବକ, ସେ ଉକ୍ତ ଦିନ କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ମୁଗେଇ ଛକ ନିକଟରେ ସରପଞ୍ଚ ବସ୍ତିଆ ଏକ ବାଇକ୍ ଯୋଗେ ଆସି ତାଙ୍କୁ ଅଟକାଇଥିଲେ। ସେଠାରେ ବସ୍ତିଆ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ପ୍ରଧାନଙ୍କ କଲର ଧରି ବସ୍ତିଆ ଘୋଷାଡ଼ିବା ସହ ଏକ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ପ୍ରଧାନଙ୍କୁ ଉଦ୍ଧାର କରିଥିଲେ। ଅପରପକ୍ଷେ ଗତ ୧୫ରେ ସରପଞ୍ଚ ବସ୍ତିଆ ପଞ୍ଚାୟତରେ ଜାଲିଆତି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଗୋଚରରେ ପଞ୍ଚାୟତର ଡିଏସ୍‌ସିକୁ ଅପବ୍ୟବହାର କରାଯାଇ ୨,୮୬,୬୨୦ ଟଙ୍କା ଉଠାଯାଇଛି ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଏଥିରେ ପୂର୍ବତନ ପିଇଓ ପ୍ରଧାନଙ୍କ ସମେତ ଜିପିଓ ଦୀନେଶ ରାୟ, ବିଡିଓ ରଶ୍ମିରେଖା ମଲିକଙ୍କ ସମ୍ପୃକ୍ତି ରହିଛି ବୋଲି ସେଥିରେ ଉଲ୍ଲେଖ କରିଥିଲେ। ଏହାକୁ ଭିତ୍ତିକରି ଥାନାରେ ଏକ ମାମଲା (ନଂ.୧୨୩/୨୩) ରୁଜୁ କରାଯାଇଛି।

### ଯୁଗ୍ମ ଜନଶୁଣାଣିରେ ୨୨୭ ଅଭିଯୋଗ: ୨୪ ସମାଧାନ

ବାଲିକୁଦା,୨୨।୫(ସ୍ୱ.ପ୍ର.): ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ପାରୁଲ ପଟୱାରିଙ୍କ ସମେତ ଉପଜିଲାପାଳ ପ୍ରଦୀପ ସାହୁ, ପିଡି ରୁଦ୍ରନାରାୟଣ ଦାଶ, ଏସ୍‌ପି ରାକେଶ ପି.ଆର, ବିଡିଓ ଜିତେନ୍ଦ୍ର ନାୟକ, ତହସିଲଦାର ଅଂଶୁମାନ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୨୨୭ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ୨୪ଟିର ସମାଧାନ ହୋଇଥିଲା। ପଞ୍ଜୀକୃତ ଅଭିଯୋଗଗୁଡ଼ିକ ମଧ୍ୟରେ ଗୋଷ୍ଠିଗତ ୯ ଓ ୧୧୮ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ଗ୍ରିଭାନ୍ସ ଅଧିକାରୀ ଭାବେ ଭରତ ପରିଡ଼ା ଅଭିଯୋଗଗୁଡ଼ିକୁ ପଞ୍ଜୀକରଣ କରିଥିବା ବେଳେ ଯୁଧିଷ୍ଠିର ମହାରଣା ସହାୟତା କରିଥିଲେ ।

### ଝୁଲନ୍ତା ମୃତଦେହ ଜବତ

ମୋରଡ଼ା,୨୨।୫(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ହଳଦୀପାଳ ପଞ୍ଚାୟତର ଡାଙ୍ଗରବିଲା ଗ୍ରାମରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି। ମୃତକ ଗ୍ରାମର ରାଜକିଶୋର ଚୌଧୁରୀ। ସେ ରବିବାର ରାତିରେ ରୁମରେ ଶୋଇଥିଲେ। ସୋମବାର ୧୧ ଟା ବେଳକୁ ରୁମ୍‌ରୁ ନ ବାହାରିବାରୁ ପରିବାର ଲୋକେ ରୁମ୍ ଖୋଲିବାରୁ ବେଗରେ ରଶି ବାନ୍ଧି ଝୁଲିପଡ଼ିଥିବା ଦେଖିଥିଲେ। ଖବର ପାଇ ଚିତ୍ରଡ଼ା ଫାଣ୍ଡି ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପିଆରଏମ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲକୁ ପଠାଇ ତଦନ୍ତ କରୁଛି।

# ଟମକା-ମଙ୍ଗଳପୁର ମୁଖ୍ୟ ରାସ୍ତା ଜାମ

**ଫସିରହିଲା ଆମ୍ବୁଲାନ୍ସ, ଛୋଟଗାଡ଼ି**

କାଳିଆପାଣି,୨୨।୫(ଡି.ଏନ.ଏ.): ଯାଜପୁର ଜିଲାର କାଳିଆପାଣି ଖଣି ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ଜଟିଳ ହେବାରେ ଲାଗିଛି। ସ୍ଥାନୀୟ ପୋଲିସର ଅପାରଗତା ଓ ଟ୍ରକ୍ ମାଲିକଙ୍କ ବେପରୁଆ ଗାଡି ପାର୍କିଂ ନେଇ ସ୍ଥାନୀୟ ଅଧିବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଟିସ୍କୋ ପାର୍କିଂୟାର୍ଡରେ ଟ୍ରକ ପୁରେଇବାକୁ ନେଇ ଦୁଇରୁ ତିନି ଘଣ୍ଟା ରାସ୍ତା ଜାମ ହେଉଥିବାବେଳେ ସୋମବାର ଏହା ଚରମ ସୀମାରେ ପଞ୍ଚିଛି।

ଅପରାହ୍ନ ଦୁଇଟାଠାରୁ ରାତି ୮ଟା ପର୍ଯ୍ୟନ୍ତ ଖଣି ଅଞ୍ଚଳର ଲାଇଫ ଲାଇନ କୁହାଯାଉଥିବା ଟମକା-ମଙ୍ଗଳପୁର ମୁଖ୍ୟ ରାସ୍ତା ଜାମ ରହିଥିଲା। କାଳିଆପାଣି ଓଏମ୍‌ସି ଗେଟଠାରୁ କଲରଙ୍ଗୀ ଛକ ୮ କିଲୋମିଟର ରାସ୍ତାରେ ୪ ଧାଡ଼ିରେ ଟ୍ରକ୍ ରହିଥିବାରୁ ଆମ୍ବୁଲାନ୍ସ ସହ ଛୋଟ ଗାଡି ଘଣ୍ଟାଘଣ୍ଟା ଧରି ଫସି ରହିଥିଲେ। ଖରାରେ ଯାତ୍ରୀ ସିଝୁଥିବାବେଳେ ପୋଲିସ ଟ୍ରାଫିକ ସୁଧାରିବା ପାଇଁ ନକେଦମ ହେଉଥିବା ଦେଖିବାକୁ ମିଳିଥିଲା। ସୁକିନ୍ଦା ତହସିଲଦାର ସନ୍ଧ୍ୟାରେ କାଳିଆପାଣି ଗସ୍ତ କରୁଥିବାବେଳେ ଜାମରେ ଫସିରହି କଲରଙ୍ଗୀଠାରୁ ଫେରିଥିବା ଜଣାପଡିଛି। ପ୍ରଶାସନ ଏଠି ନିଦାବିଷ୍ଟ ସାଜିଥିବାବେଳେ କମ୍ପାନୀ ଓ ଟ୍ରକ୍ ମାଲିକଙ୍କ ସ୍ୱାର୍ଥ ଆଗରେ ସାଧାରଣ ଜୀବନ ଏଠି ତୁଚ୍ଛ ହୋଇଛି। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହୋଇଛି।



ଟମକା-ମଙ୍ଗଳପୁର ମୁଖ୍ୟ ରାସ୍ତାରେ ଗାଡ଼ି ଅଟକିଛି ।

# ଟ୍ରକ୍ ଧକ୍କାରେ ୨ ସ୍କୁଟର ଆରୋହୀ ମୃତ

- ଜାରକା ବାଇପାସ୍ ନିକଟରେ ଅନ୍ୟ ୩ ଜଣଙ୍କୁ ଧକ୍କା ଦେଲା
- ଫେରାରବେଳେ ଟ୍ରକ୍‌କୁ ଜବତ କଲା ଧର୍ମଶାଳା ପୋଲିସ

ଧର୍ମଶାଳା,୨୨।୫(ଡି.ଏନ୍.ଏ.): ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଶଙ୍ଖାରୀଡ଼ିହ ନିକଟରେ ସୋମବାର ଅପରାହ୍ନରେ ଟ୍ରକ୍ ଧକ୍କାରେ ୨ ସ୍କୁଟର ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ଏହି ଥାନା ଅଧୀନ ଚହଟା ଗ୍ରାମର ଦୁଃଶାସନ ମହାନ୍ତିଙ୍କ ପୁଅ ସଞ୍ଜୟ ମହାନ୍ତି(୩୯) ଓ ବିଶ୍ୱନାଥ ମଲିକଙ୍କ ପୁଅ ରମେଶ ମଲିକ(୨୮) ବୋଲି ଜଣାପଡ଼ିଛି। ଚଣ୍ଡିଖୋଲ ଅଞ୍ଚଳରୁ ରାଜମିସ୍ତ୍ରି କାମ ସାରି ଉଭୟେ ଓଡି-୦୪-କେ-୯୨୩୬ ନମ୍ବର ସ୍କୁଟରରେ ଘରକୁ ଫେରୁଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଓଆର୍-୦୯-ପି-୭୭୩୯ ନମ୍ବରର ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଘଟଣାସ୍ଥଳରୁ ଚମ୍ପଟ ମାରିବାବେଳେ ରାଜପଥର ଜାରକା ବାଇପାସ ନିକଟରେ ୩ଜଣ ଲୋକଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ମଧ୍ୟ ଆହତ ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଆହତମାନଙ୍କୁ ଛାଡ଼ିଦିଆଯାଇଛି। ପରେ ପୋଲିସ ଟ୍ରକ୍‌କୁ ପିଛାକରି କୁଆଖିଆ ନିକଟରୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ମୃତଦେହ ୨ଟିକୁ ଜବତ କରି ବ୍ୟବଚ୍ଛେଦ ଲାଗି ଧର୍ମଶାଳା ଡାକ୍ତରଖାନା ପଠାଇ ଘଟଣାର ତଦନ୍ତ ଚଳାଇଛି। ଏନେଇ ଥାନାରେ ନଂ.୩୨୪/୨୩ରେ ଏକ ମାମଲା ରୁଜୁ ହୋଇଛି। ଡ୍ରାଇଭର ମଦ୍ୟପାନ କରି ଗାଡ଼ି ଚଳାଇବା ଫଳରେ ଏଭଳି ସିରିଜ୍ ଦୁର୍ଘଟଣା ଘଟିଥିବା ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି।

# ଅମଲା ସଂଘର କଳା ବ୍ୟାଜ୍ ପରିଧାନ


କଳାବ୍ୟାଜ୍ ପିନ୍ଧି କର୍ମଚାରୀମାନେ ପ୍ରତିବାଦ କରୁଛନ୍ତି ।

ଯାଜପୁରଟାଉନ, ୨୨।୫ (ଡି.ଏନ.ଏ.): ନିଜର ହକ୍ ପାଇବା ପାଇଁ ଅନେକ ସଂଘର୍ଷ ପରେ ବି ସରକାର ନୀରବ ରହିଥିବାରୁ ଅମଲା ସଂଘ କର୍ମଚାରୀମାନେ ସୋମବାରଠାରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ଜିଲାର ଅମଲାମାନେ ସରକାରୀ କାର୍ଯ୍ୟରେ ସହଯୋଗ କରୁଥିଲେ ମଧ୍ୟ କଳା ବ୍ୟାଜ୍ ପିନ୍ଧି ନିଜର ହକ୍ ପାଇଁ ଦାବି ଉଠାଇଛନ୍ତି। ସରକାର ସେମାନଙ୍କ ନ୍ୟାଯ୍ୟ ଦାବିପୂରଣ ନ କଲେ ଆସନ୍ତା ୧ ତାରିଖରୁ ସଂଘର ସଦସ୍ୟମାନେ ସମୂହ ଛୁଟିରେ ଯିବାକୁ ଚେତାବନୀ ଦେଇଛନ୍ତି।

ନିଜ ହକ୍ ଓ ଦାବିର ସ୍ୱରକୁ ଆହୁରି ଶାଣିତ କରିବା ପାଇଁ ଜିଲାର ସବୁ ଅମଲାମାନେ ଏକ୍‌ଜୁଟ୍ ହୋଇ ପୂର୍ବରୁ ଅନେକ ବାର ସ୍ୱର ଉଠାଇଛନ୍ତି। ଯାହାକି କନିଷ୍ଠ ସହାୟକଙ୍କ ଦରମା ୬ଷ୍ଠ ବେତନର ଲେଭଲ ୯ ଅନୁସାରେ ମିଶନ -ଗ୍ରେଡ୍ ପେ' ୪୨୦୦ରୁ ସର୍ବାଗ୍ରେ ରଖାଯାଇଛି। ସରକାର ସମାନ କାମକୁ ସମାନ ଦରମା କଥା କହୁଥିବାବେଳେ ବାସ୍ତବରେ ସବୁ କ୍ଷେତ୍ରରେ ତାହା କାର୍ଯ୍ୟକାରୀ ହେଉନାହିଁ। ଶିକ୍ଷାଗତ ଯୋଗ୍ୟତା ଅନୁସାରେ ଗ୍ରେଡ୍ ପେ ଦରମା ପ୍ରଦାନ କରିବାକୁ ଦାବି କରାଯାଇଛି। ପୂର୍ବରୁ ମାଟ୍ରିକ୍ ଅନୁସାରେ ୧୯୦୦ ଗ୍ରେଡ୍ ପେ ପାଉଥିଲେ। ୨୦୧୭ରୁ ଯୋଗ୍ୟତା ସ୍ନାତକ ସହ କମ୍ପ୍ୟୁଟର ଚୂଡାନ୍ତ ହୋଇଥିବାବେଳେ ସେହି ଅନୁସାରେ ଦରମା ପ୍ରଦାନ କରାଯାଇନାହିଁ। ଏହି ଦାବିକୁ ସରକାର ପୂରଣ କରିବାକୁ ଗୁରୁତ୍ୱ ଦେଉନାହାନ୍ତି ବୋଲି ଅମଲାମାନେ କହିଛନ୍ତି। ଜିଲାର ଅମଲା ସଂଘ, ସବ୍‌ରେଜେଷ୍ଟ୍ରି ଅମଲା ସଂଘକୁ ନେଇ ମିଳିତ ଭାବେ ଏକ ମଞ୍ଚ ଗଠନ କରାଯାଇଥିବାବେଳେ ସବୁ କାର୍ଯ୍ୟାଳୟରେ ଅମଲାମାନେ କଳା ବ୍ୟାଜ୍ ପିନ୍ଧି କାର୍ଯ୍ୟ କରିଛନ୍ତି।

### ବଡ଼ଚଣା ଗ୍ରାମ୍ୟ ତୋରଣ ଉଦ୍‌ଘାଟିତ

ଚଣ୍ଡିଖୋଲ,୨୨।୫(ଡି.ଏନ.ଏ.): ବଡ଼ଚଣା ପଞ୍ଚାୟତ ପକ୍ଷରୁ ବଡ଼ଚଣାଠାରେ ନିର୍ମାଣ ହୋଇଥିବା ଗ୍ରାମ୍ୟ ତୋରଣ ଉଦ୍‌ଘାଟିତ ହୋଇଛି। ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସୋମବାର ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଏକ ସାଧାରଣ ସଭା ବଡ଼ଚଣା ପଞ୍ଚାୟତ ସମିତିସଭ୍ୟ ମଧୁସୂଦନ ବଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ନାୟକ, ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି ଓ ପବନେଶ୍ୱର ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରକାଶ କୁମାର ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ପୂର୍ବତନ ସମିତି ସଭ୍ୟ କିଶୋର ସାମଲ ଧନ୍ୟବାଦ ଦେଇଥିଲେ।

### ସାପ କାମୁଡ଼ାରେ ଛାତ୍ରୀଙ୍କ ଜୀବନ ଗଲା

ରୂପସା, ୨୨।୫(ଡି.ଏନ.ଏ.) ବାଲେଶ୍ୱର ସଦର ବ୍ଲକର ରୂପସା ଥାନା ଅଧୀନ ଆଙ୍କୋ ଗ୍ରାମର ଜଣେ ଛାତ୍ରୀ ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ମୃତ ଛାତ୍ରୀ ହେଲେ ବରେନ୍ଦ୍ର ଜେନାଙ୍କ ଝିଅ ବର୍ଷା ଜେନା (୧୫)।

ରବିବାର ସନ୍ଧ୍ୟାରେ ଘର ନିକଟରେ ସେ ପରିସ୍ରା କରିବାକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ବିଷଧର ସାପ କାମୁଡିଥିଲା। ଗୁରୁତର ଅବସ୍ଥାରେ ବର୍ଷାଙ୍କୁ ପ୍ରଥମେ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ହେଲେ ରାତିରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ସେ ମହାପାତ୍ର ହାଇସ୍କୁଲର ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳ ସମେତ ଛାତ୍ର ଓ ଶିକ୍ଷକ ମହଲରେ ଶୋକର ବାତାବରଣ ଖେଳିଯାଇଛି। ଏ ନେଇ ରୂପସା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୭/୨୩) ରୁଜୁ ହୋଇ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

### ମଣିଷ ଖପୁରି, ଅସ୍ଥି କଙ୍କାଳ ଠାବ

କୁଜଙ୍ଗ,୨୨।୫(ଡି.ଏନ୍.ଏ.) ପାରାଦୀପ ଅଭୟଚାନ୍ଦପୁର ଥାନା ଅର୍ନ୍ତଗତ ନୂଆଗାଁ ବାଲିସାହିସ୍ଥିତ ରାସ୍ତା କଡ଼ ବୁଦା ପାଖରୁ ସୋମବାର ରାତିରେ ମଣିଷ ଖପୁରୀ, ହାଡ଼ ଓ ଅନ୍ୟାନ୍ୟ ଅସ୍ଥିକଙ୍କାଳ ଠାବ କରାଯାଇଛି। ଏହାଦେଖି ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେଠାରେ ଜଗିରହିଛି। ମଙ୍ଗଳବାର ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ରାଜକିଶୋର ବେହେରା କହିଛନ୍ତି।

# ୩ ବିଷାକ୍ତ ସାପ, ୨୫ରୁ ଊର୍ଦ୍ଧ୍ୱ ଅଣ୍ଡା ଉଦ୍ଧାର

ପାଣିକୋଇଲି,୨୨।୫(ଡି.ଏନ.ଏ.): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତ ମହମ୍ମଦ ଜମାଲପୁର (ଅଢ଼େଇବାଟିଆ) ଗ୍ରାମର ଏକ ସ୍ଥାନରୁ ୩ଟି ବିଷାକ୍ତ ସାପ ସହ ୨୫ରୁ ଊର୍ଦ୍ଧ୍ୱ ଅଣ୍ଡା ଉଦ୍ଧାର କରାଯାଇଛି। ସୋମବାର ଅଢ଼େଇବାଟିଆ ଗ୍ରାମର ଗୋକୁଳାନନ୍ଦ ସାହୁ ତାଙ୍କ ବାଡ଼ି ପଛପଟ ପାଚେରି ନିର୍ମାଣ କରିବାକୁ ଶ୍ରମିକଙ୍କୁ ଡାକିଥିଲେ। ଶ୍ରମିକମାନେ ସେଠାକୁ ଯିବାରୁ ସେଠାରେ ଗଚ୍ଛିତ ଇଟା ମଧ୍ୟରୁ ସାପ ଗର୍ଜନ କରିଥିଲେ। ଫଳରେ ଶ୍ରମିକମାନେ ଭୟଭୀତ ହୋଇ ଗୋକୁଳାନନ୍ଦଙ୍କୁ ଖବର ଦେଇଥିଲେ। ସେ ପହଞ୍ଚି ଇଟା ମଧ୍ୟରେ ସାପ ଥିବା ଜାଣି କାମ ବନ୍ଦ କରି ପାଣିକୋଇଲି ଥାନାକୁ ଖବର ଦେଇଥିଲେ। କନଷ୍ଟେବଲ ମନମୋହନ ବାରିକ ପହଞ୍ଚି ସେଠାରେ ୨୫ରୁ ଊର୍ଦ୍ଧ୍ୱ ସାପ ଅଣ୍ଡା ଥିବା ଦେଖିବାକୁ ପାଇଥିଲେ। ଫଳରେ ସେ ଏକାଧିକ ସାପ ଥିବା ଆଶଙ୍କା କରିଥିଲେ। ଅଣ୍ଡାଗୁଡ଼ିକୁ ସୁରକ୍ଷିତଭାବେ ଉଦ୍ଧାର କରାଯିବା ପରେ ସାପ କରାଯାଇଥିଲା। ସେଠାରୁ ଏକକାଳୀନ ୩ଟି ବଡ଼ ୫ ଫୁଟରୁ ଊର୍ଦ୍ଧ୍ୱ ସାପ ଧରାଯାଇଥିଲା। ସେମାନଙ୍କ ମଧ୍ୟରେ ଗୋଟିଏ ନାଗ ଥିବାବେଳେ ଅନ୍ୟ ୨ଟି ତମ୍ପ ସାପ ଥିଲେ। ସାପ ଧରା ହେବାବେଳେ ଏହାକୁ ଦେଖିବା ପାଇଁ ଶତାଧିକ ଲୋକ ରୁଣ୍ଡ ହୋଇଥିଲେ। ସାପଗୁଡିକୁ ଉଦ୍ଧାର କରାଯାଇ ଏକ ନିକାଞ୍ଚନ ସ୍ଥାନରେ ଛଡ଼ାଯାଇଛି।


ବିଷାକ୍ତ ସାପକୁ ଉଦ୍ଧାର କରାଯାଉଛି ।

### ଜଳିଗଲା ଲକ୍ଷାଧିକ ଟଙ୍କାର ପାଇପ୍

ନୀଳଗିରି, ୨୨।୫(ସ୍ୱ.ପ୍ର.) ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ତେଲିପାଳ ପଞ୍ଚାୟତ ଗୋହିରା ଗ୍ରାମରେ ଅଳିଆଗଦାରୁ ନିଆଁ ଲାଗି ଜଣେ ଠିକାଦାରଙ୍କ ଲକ୍ଷାଧିକ ଟଙ୍କାର ପାଇପ୍ ନଷ୍ଟ ହୋଇଛି। ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ରେ ଠିକାଦାର କାମ କରୁଥିବା ଉକ୍ତ ଗ୍ରାମର ନୀନା ରାଉତ ନିଜ ଘରେ ଲକ୍ଷାଧିକ ଟଙ୍କାର ପାଇପ୍ ଜମା ରଖିଥିଲେ। ସୋମବାର କୌଣସି କାରଣରୁ ପାଖ ଅଳିଆଗଦାରେ ନିଆଁ ଲାଗିଯିବା ଫଳରେ ନିକଟରେ ଜମା ହୋଇଥିବା ପ୍ଲାଷ୍ଟିକ ପାଇପ୍‌ରେ ଲାଗିଯିବା ଫଳରେ ସମ୍ପୂର୍ଣ୍ଣ ପାଇପ ଜଳିପୋଡ଼ି ପାଉଁଶ ହୋଇଯାଇଛି। ପାଇପ୍ ଜଳିବା ଫଳରେ ଆଖପାଖ ଧୂଆଁମୟ ହୋଇଯିବା ଯୋଗୁ ଲୋକେ ଭୟଭୀତ ହୋଇଯାଇଥିଲେ। ଖବରପାଇ କପ୍ତିପଦା ଦମକଳବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ।

# ସିଂହପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ଡାକ୍ତର


ସିଂହପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ।

ପ୍ରୀତିପୁର,୨୨।୫(ଡି.ଏନ.ଏ.): ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ବିକାଶ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବିପୁଳ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେତେକ କ୍ଷେତ୍ରରେ ସରକାରୀ ଉଦାସୀନତା ଓ ବିଭାଗୀୟ ଅଧିକାରୀଙ୍କ ଅପାରଗତା ଯୋଗୁ ଆବଶ୍ୟକୀୟ ଭିତ୍ତିଭୂମି ଥାଇ ମଧ୍ୟ ଲୋକଙ୍କୁ ସେବା ମିଳି ପାରୁନାହିଁ। ଯାହାର ଏକ ଉଦାହରଣ ଦେଖିବାକୁ ମିଳିଛି ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନ ସିଂହପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ। ଏଠାରେ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ ଉତ୍ତମ ରୋଗୀସେବା ଯୋଗାଇବାକୁ ବ୍ୟବସ୍ଥା କରାଯାଇଛି। କିନ୍ତୁ ଡାକ୍ତର ପଦବୀ ପୂରଣ କରାଯାଇ ନାହିଁ। କେବଳ ସିକ୍ୟୁରିଟି ନିଯୁକ୍ତ କରି ସେମାନଙ୍କ ଭରସାରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଛାଡ଼ିଦିଆଯାଇଛି। ୨୦୨୧ରେ ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପଣ ହେବା ପରଠାରୁ ଏଠାରେ ଡାକ୍ତର ନାହାନ୍ତି। ସରକାର ଏଠି ନୂତନ ଗୃହ ନିର୍ମାଣ କରି ଆସବାବପତ୍ର ଓ ଔଷଧ ଯୋଗାଇ ଦେଇଥିଲେ ମଧ୍ୟ ସେ ସବୁ କାମରେ ଆସୁନାହିଁ। ଏ ସମ୍ପର୍କରେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ. କ୍ଷୀତିଶ କୁମାର ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଡାକ୍ତର ନିଯୁକ୍ତିରେ ସମସ୍ୟା ଯୋଗୁ ସିଂହପୁରଠାରେ ନୂତନ ଡାକ୍ତର ନିଯୁକ୍ତି କରାଯାଇ ପାରୁନାହିଁ। ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ।

# ଯାଜପୁର ରୋଡ୍-ଧାମରା ରେଳପଥକୁ ମଞ୍ଜୁରୀ ଦାବି

ପାଣିକୋଇଲି,୨୨।୫(ଡି.ଏନ.ଏ.): ରେଲୱେ ପକ୍ଷରୁ ଓଡ଼ିଶାରେ ବରଗଡ଼ରୋଡ-ନୂଆପଡ଼ା ଭାୟା-ପଦ୍ମପୁର ଓ ଅନୁଗୋଳ-ତାଳଚେର ରେଳପଥ ନିର୍ମାଣ ପାଇଁ ମଞ୍ଜୁରୀ ପ୍ରଦାନ କରାଯାଇଥିବାରୁ ଯାଜପୁରରୋଡ-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ସ୍ୱାଗତ କରାଯାଇଛି। ମାତ୍ର ୯୫.୯୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଯାଜପୁରରୋଡ-ଧାମରା ଭାୟା ଯାଜପୁର ଓ ଆରଡି ରେଳପଥକୁ ମଞ୍ଜୁରୀ ପ୍ରଦାନ କରିବାକୁ ରେଳ ମନ୍ତ୍ରଣାଳୟ ଅସ୍ୱୀକାର କରିଛି। ତେଣୁ ଯାଜପୁରରୋଡ-ଧାମରା ରେଳପଥକୁ ତୁରନ୍ତ ମଞ୍ଜୁରୀ ପ୍ରଦାନ କରିବାକୁ ଦାବି କରାଯାଇଛି।

ଏହି ରେଳପଥ ନିର୍ମାଣ କରାଗଲେ ୨୭.୪୩ ଶତାଂଶ ଲାଭ ଉପାର୍ଜନର ସମ୍ଭାବନା ଅଛି ବୋଲି ଆକଳନ କରାଯାଇଥିଲେ ମଧ୍ୟ ରେଳ ମନ୍ତ୍ରଣାଳୟ ସମସ୍ତ ଅର୍ଥନୈତିକ, ସାମାଜିକ ଓ ସାଂସ୍କୃତିକ ଯୁକ୍ତିଯୁକ୍ତତା ପ୍ରତି ଆଖିବୁଜି ଦେବାକୁ କିପରି ଉଚିତ ମନେ କରୁଛି, ତାହା ହିଁ ବିସ୍ମୟର ବିଷୟ ପାଲଟିଛି। ଏହି ରେଳପଥ କରାଗଲେ ଯାଜପୁର ଜିଲାର ସଦର ମହକୁମା ସହ ରେଳ ସଂଯୋଗ ପ୍ରତିଷ୍ଠା ହୋଇପାରିବ। ଯାଜପୁରର ବିରଜା କ୍ଷେତ୍ର, ଶୈବପୀଠ ଆରଡି, ଧାମରାର ଧାମରାଇ ମନ୍ଦିର, ବ୍ୟାସସରୋବର ପରି ଧର୍ମପୀଠ ଏବଂ ଭିତର କନିକାର କୁମ୍ଭୀର ଅଭୟାରଣ୍ୟ ପର୍ଯ୍ୟଟନ ଶିଳ୍ପର ବିକାଶ ଘଟିବ। ସୁକିନ୍ଦା, କେନ୍ଦୁଝର ଓ ତାଳଚେରର ଖଣିଜ ସମ୍ପଦ ଏବଂ କଳିଙ୍ଗନଗର ଓ ନାଲକୋର ଶିଳ୍ପଜାତ ଦ୍ରବ୍ୟର ପରିବହନ ସୁଗମ ହୋଇପାରିବ। କୃଷିଜାତ ଦ୍ରବ୍ୟ ଓ ମତ୍ସ୍ୟ ସମ୍ପଦର ପରିବହନ ଯୋଗୁ ବୈତରଣୀ, ସାଳନ୍ଦୀ ଓ ଖରସ୍ରୋତା ଅବବାହିକାର ଚାଷୀ ଓ ମତ୍ସ୍ୟଜୀବୀ ଉପକୃତ ହେବେ। ଶିଳ୍ପ ଓ ବନ୍ଦରକୁ କେନ୍ଦ୍ର କରି ଅର୍ଥନୈତିକ କାର୍ଯ୍ୟକଳାପ ସଂପ୍ରସାରିତ ହେବା ସହ ଡିଆରଡିଓର ପ୍ରତିରକ୍ଷା ଗବେଷଣା କାର୍ଯ୍ୟକ୍ରମ ଅଗ୍ରାଧିକାର ଭିତ୍ତିରେ ହୋଇପାରିବ। ୬୫ କିଲୋମିଟରରୁ ଊର୍ଦ୍ଧ୍ୱ ରେଳପଥ ଉପରେ ରେଳବାଇ ହରାଉଥିବା ରାଜସ୍ୱ ସଞ୍ଚୟ ହୋଇପାରିବ। ଏହାପ୍ରତ୍ୟକ୍ଷ ଓ ପରୋକ୍ଷଭାବେ କର୍ମନିଯୁକ୍ତିର ସୁଯୋଗକୁ ସଂପ୍ରସାରିତ କରିବ। ପୂର୍ବତଟ ରେଳପଥ ସମେତ ଦକ୍ଷିଣ-ପୂର୍ବ ରେଳପଥରେ ଥିବା କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାରୁ ବାର୍ଷିକ ଏକ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଜସ୍ୱ ସଂଗ୍ରହ କରୁଥିବା ରେଳବାଇ ଓଡ଼ିଶାରେ ରେଳପଥର ବିକାଶ ପାଇଁ କାହିଁକି କୁଣ୍ଠା ପ୍ରକାଶ କରୁଛି, ତାହା ଏକ ପ୍ରଶ୍ନ ହୋଇ ଠିଆ ହୋଇଛି। ଦେଶରେ ପ୍ରତି ଏକ ହଜାର ବର୍ଗ କିଲୋମିଟର ଅଞ୍ଚଳରେ ୨୧କିଲୋମିଟର ରେଳପଥ ଥିଲାବେଳେ ଓଡ଼ିଶାରେ ରହିଛି ୧୮ କିଲୋମିଟର। ଭାରତ ରେଳ ମାନଚିତ୍ରରେ ଓଡ଼ିଶାର ଏହି ଅନଗ୍ରସରତାର ପ୍ରତିକାର କରିବା କ'ଣ ରେଳମନ୍ତ୍ରୀଙ୍କ କର୍ତ୍ତବ୍ୟ ନୁହେଁ କି ବୋଲି ଯାଜପୁର ରୋଡ-ଧାମରା ରେଳପଥ ସଂଗ୍ରାମ ସମିତିର ଆବାହକ ସନ୍ତୋଷ ଦାସ ପ୍ରଶ୍ନ କରିଛନ୍ତି। ଏଥିସହିତ ମାତ୍ର ୧୦୪୨ କୋଟି ୬୨ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଯାଜପୁରରୋଡ-ଧାମରା ରେଳପଥକୁ ତୁରନ୍ତ ମଞ୍ଜୁରୀ ପ୍ରଦାନ କରିବାକୁ ଦାସ ଦାବି କରିଛନ୍ତି।



## ସଂକ୍ଷେପରେ

### ମଣିଷ ଖପୁରି, ଅସ୍ଥି କଙ୍କାଳ ଠାବ

କୁଜଙ୍ଗ,୨୨।୫(ଡି.ଏନ୍.ଏ.): ପାରାଦୀପ ଅଭୟଚାନ୍ଦପୁର ଥାନା ଅର୍ନ୍ତଗତ ନୂଆଗାଁ ବାଲିସାହିସ୍ଥିତ ରାସ୍ତା କଡ଼ ବୁଦା ପାଖରୁ ସୋମବାର ରାତିରେ ମଣିଷ ଖପୁରି, ହାଡ଼ ଓ ଅନ୍ୟାନ୍ୟ ଅସ୍ଥିକଙ୍କାଳ ଠାବ କରାଯାଇଛି। ଏହାଦେଖି ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସେଠାରେ ଜଗିରହିଛି। ମଙ୍ଗଳବାର ସାଇଣ୍ଟିଫିକ୍ ଟିମ୍ ଆସିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ରାଜକିଶୋର ବେହେରା କହିଛନ୍ତି।

### ଟ୍ରକ୍ ଧକ୍କାରେ ୨ ସ୍କୁଟର ଆରୋହୀ ମୃତ

ଧର୍ମଶାଳା,୨୨।୫(ଡି.ଏନ୍.ଏ.): ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଶଙ୍ଖାରିଢ଼ିହ ନିକଟରେ ସୋମବାର ଅପରାହ୍ନରେ ଟ୍ରକ୍ ଧକ୍କାରେ ୨ ସ୍କୁଟର ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ଏହି ଥାନା ଅଧୀନ ଚହଟା ଗ୍ରାମର ଦୁଃଶାସନ ମହାନ୍ତିଙ୍କ ପୁଅ ସଞ୍ଜୟ ମହାନ୍ତି(୩୯) ଓ ବିଶ୍ୱନାଥ ମଲିକଙ୍କ ପୁଅ ରମେଶ ମଲିକ(୨୮) ବୋଲି ଜଣାପଡ଼ିଛି। ଚଣ୍ଡିଖୋଲ ଅଞ୍ଚଳରୁ ରାଜମିସ୍ତ୍ରି କାମ ସାରି ଉଭୟେ ଓଡି-୦୪-କେ-୯୨୩୬ ନମ୍ବର ସ୍କୁଟରରେ ଘରକୁ ଫେରୁଥିଲେ। ଏହି ସମୟରେ ପଛପଟୁ ଆସୁଥିବା ଓଆର୍-୦୯-ପି-୭୭୩୯ ନମ୍ବରର ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍ଟି ଘଟଣାସ୍ଥଳରୁ ଚମ୍ପଟ ମାରିବାବେଳେ ରାଜପଥର ଜାରକା ବାଇପାସ ନିକଟରେ ୩ଜଣ ଲୋକଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ମଧ ଆହତ ହୋଇଥିଲେ। ପ୍ରାଥମିକ ଚିକିତ୍ସା ପରେ ଆହତମାନଙ୍କୁ ଛାଡ଼ିଦିଆଯାଇଛି। ପରେ ପୋଲିସ ଟ୍ରକ୍କୁ ପିଛାକରି କୁଆଖିଆ ନିକଟରୁ ଜବତ କରିବା ସହ ଡ୍ରାଇଭରଙ୍କୁ ଗିରଫ କରିଛି। ମୃତଦେହ ୨ଟିକୁ ଜବତ କରି ବ୍ୟବଚ୍ଛେଦ ଲାଗି ଧର୍ମଶାଳା ଡାକ୍ତରଖାନା ପଠାଇ ଘଟଣାର ତଦନ୍ତ ଚଳାଇଛି। ଏନେଇ ଥାନାରେ ନଂ.୩୨୪/୨୩ରେ ଏକ ମାମଲା ରୁଜୁ ହୋଇଛି। ଡ୍ରାଇଭର ମଦ୍ୟପାନ କରି ଗାଡ଼ି ଚଳାଇବା ଫଳରେ ଏଭଳି ସିରିଜ୍ ଦୁର୍ଘଟଣା ଘଟିଥିବା ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି।

### ଗୁଳିକାଣ୍ଡ ଘଟଣା: ଲୋକଙ୍କ ମାଡ଼ରେ ଗୁରୁତର ଯୁବକଙ୍କ ମୃତ୍ୟୁ

ରାଇରଙ୍ଗପୁର, ୨୨।୫(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ବାଇପାସ୍ ଛକଠାରେ ୮ ଦିନ ତଳେ ଗୁଳିକାଣ୍ଡ ଘଟିଥିଲା। ଲୋକଙ୍କ ମାଡ଼ରେ ଗୁରୁତର ହୋଇଥିବା ଯୁବକଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର କଟକ ବଡ଼ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ମୃତ ଯୁବକ ଝାଡ଼ଖଣ୍ଡର ଶ୍ୟାମ ବିରୁଆ। ପୋଲିସ ଏକ ହତ୍ୟା ମାମଲା (ନଂ. ୬୩/୨୩) ରୁଜୁ କରିଛି। ବହଳଦା ବାଇପାସ୍ ଛକ ପାର୍ଶ୍ୱ ବ୍ୟାଙ୍କ କର୍ମଚାରୀ ଗୌରବ ଦାସଙ୍କ ବାସଗୃହକୁ ଯାଇ ୩ ଜଣ ଦୁର୍ବୃତ୍ତ ପାଟିତୁଣ୍ଡ କରିଥିଲେ। ସେଠାରେ ଥିବା ଗୌରବଙ୍କ ସମ୍ପର୍କୀୟ କାର୍ତ୍ତିକ ସ୍ୱାଇଁଙ୍କ ସହ ଗଣ୍ଡଗୋଳ କରିଥିଲେ। ଘଟଣାସ୍ଥଳରେ ଶ୍ୟାମ ଗୌରବଙ୍କୁ ଗୁଳିମାଡ଼ କରିଥିଲେ। ଏଥିରେ ଗୌରବ ଗୁରୁତର ହୋଇଥିଲେ। ଶ୍ୟାମଙ୍କୁ କାବୁ କରି ଲୋକେ ନିସ୍ତୁକ ମାଡ଼ ମାରିବାରୁ ସେ ଗୁରୁତର ଆହତ ହୋଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଗୁଳିକାଣ୍ଡ ନେଇ ପୋଲିସ ମାମଲା (ନଂ.୬୦/୨୩) ରୁଜୁ କରିଥିଲା।

# ନାଗରିକ ପରିଷଦର ଶୋଭାଯାତ୍ରା, ଦାବିପତ୍ର


ବିଜୟଚନ୍ଦ୍ରପୁର ନାଗରିକ ପରିଷଦ ପକ୍ଷରୁ ପ୍ରତିବାଦରେ ଶୋଭାଯାତ୍ରାରେ ସାମିଲ ହୋଇଥିବା ଲୋକେ।

**ଅଠରବାଙ୍କି-ଦୋଛକି ରାଜପଥରେ ଟ୍ରାଫିକ୍, ଦୁର୍ଘଟଣା ସମସ୍ୟା**

■ ସମାଧାନ ନ ହେଲେ ପରିଣତି ଅଶାନ୍ତ ହେବ ବୋଲି ଚେତାବନୀ

ପାରାଦୀପ,୨୨।୫(ସ୍ୱ.ପ୍ର.)

ପାରାଦୀପର ଅଠରବାଙ୍କି ଦୋଛକି ରାସ୍ତାରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଏନେଇ ବିଜୟଚନ୍ଦ୍ରପୁର ନାଗରିକ ପରିଷଦ ପକ୍ଷରୁ ପୁଣି ଥରେ ଆନ୍ଦୋଳନ ପାଇଁ ଚେତାବନୀ ଦିଆଯାଇଛି। ତୁରନ୍ତ ଏହାର ସମାଧାନ ପାଇଁ ପରିଷଦ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା କରାଯାଇ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି।

ଏନେଇ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀର, ଅତିରିକ୍ତ ଏସ୍‌ପି ନିମାଇଁ ସେଠୀ, ପାରାଦୀପ ଆଦର୍ଶଥାନା ଅଧିକାରୀ ସବ୍ୟସାଚୀ ରାଉତଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ଉକ୍ତ ରାସ୍ତା ପାଖରେ ବିଜୟଚନ୍ଦ୍ରପୁର କଲୋନୀ ରହିଛି। ଏଠାରେ ପ୍ରାୟ ୧୦ ହଜାରରୁ ଅଧିକ ପରିବାର ରହୁଛନ୍ତି। ସେମାନଙ୍କ ଯାତାୟାତ ସବୁବେଳେ ବିପଦପୂର୍ଣ୍ଣ ରହୁଛି। ଏଥିସହ ପାରାଦୀପର ସମସ୍ତ ଅଧିବାସୀ ଏହି ରାସ୍ତା ଉପରେ ନିର୍ଭରଶୀଳ। ଗତ ୫ ବର୍ଷରେ ଏହି ରାସ୍ତାରେ ଅନେକ ଦୁର୍ଘଟଣା ଘଟିଲାଣି। ଏଥିଯୋଗୁ ୬୫ ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି। ରାସ୍ତାରେ ଭାରୀଯାନ ଚଳାଚଳ ଓ ପାର୍କିଂ ପାଇଁ ବାରମ୍ବାର ଏଭଳି ଦୁର୍ଘଟଣା ହେଉଛି। ଏଥିସହ ଉକ୍ତ ରାସ୍ତାରେ ପରିବହନ ଜନିତ ଧୂଳି ଆସ୍ତରଣ ପରିବେଶକୁ ପ୍ରଦୂଷିତ କରୁଛି। ଏହା ପୂର୍ବରୁ ଏହି ପରିଷଦ ଏକାଧିକବାର ଦାବିପତ୍ର ଦେଇଛି। ରାସ୍ତା ଅବରୋଧ କରି ଧାରଣା ମଧ ଦିଆଯାଇଛି। ଏପରିକି ବିଜେଡି କର୍ମୀଙ୍କ ପକ୍ଷରୁ ମଧ ୨୦୧୮ରେ ଧାରଣା ଦିଆଯାଇଛି। ଏହାବାଦ କାର୍ଯ୍ୟରତ ଖବରଦାତା, ବିଭିନ୍ନ ସଂଗଠନ ପକ୍ଷରୁ ଦାବିପତ୍ର ଦିଆଗଲାଣି। ସବୁଥର ପ୍ରଶାସନ ସମୀକ୍ଷା ବୈଠକ କରି କାମସାରି ଦେଉଛନ୍ତି। କିନ୍ତୁ ଏଥର ବଡ ଧରଣର ଆନ୍ଦୋଳନ କରାଯିବା ପାଇଁ ଖସଡ଼ା କରାଯାଇଛି। ଆନ୍ଦୋଳନରେ ବିଜୟଚନ୍ଦ୍ରପୁର ପରିଷଦ ସମେତ ପାରାଦୀପର ସବୁ ବର୍ଗର ଲୋକେ ସାମିଲ ହେବେ ବୋଲି ପରିଷଦ ସଭାପତି ପ୍ରଭାତ ନନ୍ଦୀ କହିଛନ୍ତି। କିନ୍ତୁ ଏଥର ସମାଧାନ ନ ହେଲେ ଯେଉଁ ଆନ୍ଦୋଳନ ମୁଣ୍ଡ ଟେକିବ ତାକୁ କେହି ରୋକି ପାରିବେ ନାହିଁ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ଏହି ଦାବିପତ୍ର ସମ୍ପର୍କରେ ଅତିରିକ୍ତ ଜିଲାପାଳ ଧୀର କହିଥିଲେ, ଆମେ ସବୁ ବିଷୟରେ ଅବଗତ ଅଛୁ। ଜାତୀୟ ରାଜପଥ କର୍ତ୍ତୃପକ୍ଷ ସହଯୋଗ କରୁ ନ ଥିବାରୁ ଏପରି ଅସୁବିଧା ହେଉଛି। ଏହି ଦାବିପତ୍ରକୁ ସରକାରୀ ଭାବେ ତର୍ଜମା କରିବା ପାଇଁ ପ୍ରସ୍ତାବ ଦିଆଯିବ ବୋଲି ସେ କହିଥିଲେ। ପାରାଦୀପ ପୌର ପରିଷଦ ପକ୍ଷରୁ ମଧ ଏ ସମ୍ପର୍କରେ କାଉନ୍‌ସିଲର ବୈଠକରେ ଆଲୋଚନା କରାଯାଇ ଏକ ପ୍ରସ୍ତାବ ରାଜ୍ୟ ସରକାରଙ୍କ ପାଖକୁ ପଠାଯାଇଛି ବୋଲି ପୌରାଧକ୍ଷ ବସନ୍ତ ବିଶ୍ୱାଳ କହିଛନ୍ତି। ମାତ୍ର କେବେ ଏନେଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ତାହା ଦେଖିବାକୁ ବାକି ରହିଲା।

# ‘ପାରଦୀପର ସୁନାମ ଅର୍ଜନ କର’

ପାରାଦୀପ,୨୨।୫(ସ୍ୱ.ପ୍ର.)

ପାରାଦୀପ ଏରସମା ଶିଳ୍ପାଞ୍ଚଳ ଶ୍ରମିକସଂଘ ଓ ଆମ ପାରାଦୀପ ଆମ ପ୍ରଗତି ସଙ୍ଗଠନ ପକ୍ଷରୁ ସୋମବାର ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ରଖିଥିବା ୧୦ ଜଣ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏସବୁ ଛାତ୍ରୀଛାତ୍ର ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପିପିଏଲ୍ ଡିଏଭି ଓଡ଼ିଆ ମିଡିୟମ ଏବଂ ଗଣପତି ଶିଶୁ ବିଦ୍ୟାମନ୍ଦିର ହୋଇଥିବା ଉପରୋକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଦୀପ କୁମାର ଦାସ, ତାପସ କୁମାର ବାରିକ, ଗୀତାଞ୍ଜଳି ତରାଇଙ୍କୁ ମଧ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ନୂଆବଜାର ସଂଘ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ବାପି ସର୍ଖେଲ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌର ଉପାଧ୍ୟକ୍ଷା ଛବିଲତା ରାଉତ ଏବଂ ୮ ଜଣ କାଉନ୍‌ସିଲର ଉପସ୍ଥିତ ଥିଲେ। ପାରାଦୀପରେ ପ୍ରଥମକରି ଘରୋଇ ସଙ୍ଗଠନ ପକ୍ଷରୁ ଏପରି କରାଯାଇଛି ବୋଲି ଶିକ୍ଷକମାନେ କହିଥିଲେ। ଶିକ୍ଷା କ୍ଷେତ୍ରରେ ଯେମିତି ସଫଳତା ହାସଲ କରିଛ ସେମିତି ଭବିଷ୍ୟତରେ ଅନେକ ସଫଳତା ହାସଲ କରି ପାରାଦୀପର ସୁନାମ ଅର୍ଜନ କରିବା ପାଇଁ ସର୍ଖେଲ ପରାମର୍ଶ ଦେଇଥିଲେ। ସେହିପରି ପାରାଦୀପ ବାଲିଝରା ବସ୍ତିସ୍ଥିତ ଗଣପତି ଶିଶୁ ବିଦ୍ୟାମନ୍ଦିର ଦଶମ ପରୀକ୍ଷାର୍ଥୀଙ୍କୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ବିଦ୍ୟାଳୟର ୧୯ ଜଣ ଶିକ୍ଷାର୍ଥୀ ଚଳିତବର୍ଷ ଦଶମ ପରୀକ୍ଷା ଦେଇଥିଲେ। ସମସ୍ତେ ପାସ୍ କରିଛନ୍ତି। ସେଥିମଧ୍ୟରେ ଜଣେ ଛାତ୍ରୀ ଶୁଭଲକ୍ଷ୍ମୀ ସାହୁ ଏ-୧ ପାଇ ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି ବୋଲି କମିଟି ମୁଖ୍ୟ ତଥା ସ୍ଥାନୀୟ କାଉନସିଲର ସ୍ୱପ୍ନାରାଣୀ ଜେନା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇ, ଶେଷଦେବ ସେନାପତି, ଅନନ୍ତ କୁମାର ଜେନା ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।



ବାପି ସର୍ଖେଲ ଓ ଅନ୍ୟମାନେ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଜିଲାସ୍ତରୀୟ ଯୋଗ ଅଲିମ୍ପିଆଡ୍


ପ୍ରତିଯୋଗୀମାନେ ଯୋଗ ପ୍ରଦର୍ଶନ କରୁଛନ୍ତି।

**ରାଜ୍ୟସ୍ତରର ପ୍ରତିଯୋଗିତାରେ ଭାଗନେବେ ୮ ପ୍ରତିଯୋଗୀ**

ଜଗତ୍‌ସିଂହପୁର ଅଫିସ, ୨୨।୫

ଜଗତ୍‌ସିଂହପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ଯୋଗ ଅଲିମ୍ପିଆଡ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ ବ୍ଲକରୁ ମୋଟ ୭୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିସହ ୨୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ମଧ ସାମିଲ ହୋଇଥିଲେ। ପ୍ରତିଯୋଗିତାକୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ୮ ଜଣ ପ୍ରତିଯୋଗୀ କୃତିତ୍ୱ ଅର୍ଜନ କରିଛନ୍ତି। ସେମାନେ ଆସନ୍ତା ୨୪ ତାରିଖରେ ଭୁବନେଶ୍ୱରରେ ହେବାକୁଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି ଜିଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଙ୍ଗଠନ ସମ୍ପାଦକ ଅବଗତ କରିଥିଲେ। ଏହି ଜିଲାସ୍ତରୀୟ ପ୍ରତିଯୋଗିତାରେ ବିଚାରକ ଭାବେ ସନ୍ଧ୍ୟାରାଣୀ ମହାନ୍ତି, ସୁଚିସ୍ମିତା ସ୍ୱାଇଁ, ସୁନାକର ରାଉତ, ଭୁବନ ମୋହନ ଦାସ, ରମେଶ କୁମାର ଗୋଛାୟତ ଓ ଧର୍ମେନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ସମ୍ମାନିତ ଅତିଥିଭାବେ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପଣ୍ଡା, ଭାଗ୍ୟଲକ୍ଷ୍ମୀ ପାଲ, ଅନନ୍ତ ଚରଣ ବିଶ୍ୱାଳ, ସୌଦାମିନୀ ରାୟ ଓ ଭୁବନ ମୋହନ ଦାସ ପ୍ରମୁଖ ଯୋଗଦେଇଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ବିଦ୍ୟାଧର ପ୍ରଧାନ ସ୍ୱାଗତ ଭାଷଣ ତଥା ସଭାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିବା ବେଳେ ଚନ୍ଦନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଘରୁ ସୁନା ଗହଣା, ଟଙ୍କା ଚୋରି

ବାଲିକୁଦା,୨୨।୫(ସ୍ୱପ୍ର)

ବାଲିକୁଦା ଥାନା ମାଛଗାଁ ପଞ୍ଚାୟତର ମଙ୍ଗପୁର ଗ୍ରାମର ବୈକୁଣ୍ଠ ସ୍ୱାଇଁଙ୍କ ଘରୁ ଶନିବାର ସୁନାଗହଣା ଓ ନଗଦ ଟଙ୍କା ଚୋରି ହୋଇଥିଲା। ଏନେଇ ରବିବାର ପୋଲିସରେ ଅଭିଯୋଗ ହେବାପରେ ସୋମବାର ମାମଲା (ନଂ.୨୩୨/୨୩) ରୁଜୁ କରାଯାଇଛି। ଚୋରି ହୋଇଥିବା ସୁନାଗହଣାର ଆନୁମାନିକ ମୂଲ୍ୟ ୨ ଲକ୍ଷ ୨୪ ହଜାର ଟଙ୍କା ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏଥିସହ ଏକ ବାକ୍ସରୁ ନଗଦ ୫ ହଜାର ଟଙ୍କା ଚୋରି ହୋଇଛି ବୋଲି ସେଥିରେ ଉଲ୍ଲେଖ ରହିଛି। ଅଭିଯୋଗ ଅନୁଯାୟୀ, ବୈକୁଣ୍ଠ ଓ ତାଙ୍କ ସ୍ତ୍ରୀ ନଳିନୀ ଶନିବାର ରାତି ପ୍ରାୟ ୮ଟାରେ ଘରେ ତାଲା ପକାଇ ମାଛଗାଁରେ ହେଉଥିବା ପ୍ରବଚନ ଶୁଣିବାକୁ ଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଘରର ପଛ କବାଟ ଭାଙ୍ଗି ଭିତରେ ପଶି ଗୋଟିଏ ଲେଖାଏ ସୁନାଚେନ୍ ଓ ହାର ସମେତ ୨ଟି ସୁନାମୁଦି ଓ ନଗଦ ଟଙ୍କା ଚୋରିକରି ନେଇଛନ୍ତି। ପ୍ରବଚନ ଶୁଣି ବୈକୁଣ୍ଠ ଘରକୁ ଫେରିବା ପରେ ଏ ସମ୍ପର୍କରେ ଜାଣି ଥାନାରେ ଅଭିଯୋଗ କରିଥିଲେ।

# ଯୁଗ୍ମ ଜନଶୁଣାଣିରେ ୨୨୭ ଅଭିଯୋଗ: ୨୪ ସମାଧାନ

ବାଲିକୁଦା,୨୨।୫(ସ୍ୱ.ପ୍ର.)

ବାଲିକୁଦା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ପାରୁଲ ପଟୱାରିଙ୍କ ସମେତ ଉପଜିଲାପାଳ ପ୍ରଦୀପ ସାହୁ, ପିଡି ରୁଦ୍ରନାରାୟଣ ଦାଶ, ଏସ୍‌ପି ରାକେଶ ପି.ଆର, ବିଡିଓ ଜିତେନ୍ଦ୍ର ନାୟକ, ତହସିଲଦାର ଅଂଶୁମାନ ଶତପଥୀ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କ ବିଭିନ୍ନ ଅଭିଯୋଗ ଶୁଣିଥିଲେ। ଏହାର ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୨୨୭ ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ୨୪ଟିର ସମାଧାନ ହୋଇଥିଲା। ପଞ୍ଜୀକୃତ ଅଭିଯୋଗଗୁଡ଼ିକ ମଧ୍ୟରେ ଗୋଷ୍ଠିଗତ ୯ ଓ ୧୧୮ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିଲା। ଗ୍ରିଭାନ୍ସ ଅଧିକାରୀ ଭାବେ ଭରତ ପରିଡ଼ା ଅଭିଯୋଗଗୁଡ଼ିକୁ ପଞ୍ଜୀକରଣ କରିଥିବା ବେଳେ ଯୁଧିଷ୍ଠିର ମହାରଣା ସହାୟତା କରିଥିଲେ।

# ଜିଲା ସ୍କାଉଟ୍ସ, ଗାଇଡ୍ସ ପକ୍ଷରୁ ଜଳଛତ୍ର ସେବା



ଜଗତ୍‌ସିଂହପୁର ଅଫିସ, ୨୨।୫

ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଜିଲା ସ୍କାଉଟ୍ସ ଓ ଗାଇଡ୍ ସଙ୍ଗଠନ ପକ୍ଷରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ବ୍ଲକ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ ୩୨ଜଣ ସ୍କାଉଟ୍ସ ଓ ଗାଇଡ୍ ଅଂଶଗ୍ରହଣ କରିଥିଲେ। ଜିଲା ସ୍କାଉଟ୍ସ ଓ ଗାଇଡ୍ ସମ୍ପାଦକ ବିଦ୍ୟାଧର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସହ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ସାହୁ, ଜିଲା ସ୍କାଉଟ୍ସ କମିଶନର ସୁଭାଷ ଚନ୍ଦ୍ର ରାଉତ, ପୂର୍ବତନ ସ୍କାଉଟ୍ସ କମିଶନର ଶରତ ଚନ୍ଦ୍ର ବାରିକ, ପୂର୍ବତନ ଡିଓସି (ସ୍କାଉଟ୍ସ) ବିଜୟ ରଥ ଓ ଜିଲା ଗାଇଡ୍ କମିଶନର ଅନ୍ନପୂର୍ଣ୍ଣା ପଣ୍ଡା ପ୍ରମୁଖ ସାମିଲ ଥିଲେ। ଡିଓସି (ସ୍କାଉଟ୍ସ) ପ୍ରତାପ ଚନ୍ଦ୍ର ରାଉତରାୟ, ଡିଓସି (ଗାଇଡ୍) ଲତା ଦେଈ, ଟ୍ରେନିଂ କମିଶନର ସସ୍ମିତା ଶତପଥୀ, ହରେକୃଷ୍ଣ ଲେଙ୍କା, ସ୍କାଉଟ୍ସ ମାଷ୍ଟର ଅଞ୍ଜନ କୁମାର ସାହୁ, ଅମୂଲ୍ୟ ମିଶ୍ର, ଗାଇଡ୍ ବବିତା ପରିଡ଼ା ଓ ଚମ୍ପା ଦେଈ, ତ୍ରିଲୋଚନ ସାହୁ ଓ ଚନ୍ଦନ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସରପଞ୍ଚଙ୍କ ବିରୋଧରେ ଅଭିଯୋଗ ଘଟଣା: ଥାନାରେ ମାମଲା

ନାଉଗାଁ,୨୨।୫(ସ୍ୱ.ପ୍ର.)

ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡ଼ାଂଶ ପଞ୍ଚାୟତ ସରପଞ୍ଚ ନୀହାର ରଞ୍ଜନ ବସ୍ତିଆଙ୍କ ବିରୋଧରେ ଗତ ୧୭ ତାରିଖରେ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ(ପିଇଓ) ଅରୁଣ ପ୍ରଧାନ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ପରେ ଥାନା ପକ୍ଷରୁ ୨୧ ତାରିଖରେ ମାମଲା(ନଂ.୧୩୬/୨୩) ରୁଜୁ କରାଯାଇଛି। ପ୍ରଧାନଙ୍କ ଅଭିଯୋଗ ମୁତାବକ, ସେ ଉକ୍ତ ଦିନ କାର୍ଯ୍ୟ ସାରି ଘରକୁ ଫେରୁଥିବା ସମୟରେ ମୁଗେଇ ଛକ ନିକଟରେ ସରପଞ୍ଚ ବସ୍ତିଆ ଏକ ବାଇକ୍ ଯୋଗେ ଆସି ତାଙ୍କୁ ଅଟକାଇଥିଲେ। ସେଠାରେ ବସ୍ତିଆ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ପ୍ରଧାନଙ୍କ କଲର ଧରି ବସ୍ତିଆ ଘୋଷାଡ଼ିବା ସହ ଏକ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ପ୍ରଧାନଙ୍କୁ ଉଦ୍ଧାର କରିଥିଲେ। ଅପରପକ୍ଷେ ଗତ ୧୫ରେ ସରପଞ୍ଚ ବସ୍ତିଆ ପଞ୍ଚାୟତରେ ଜାଲିଆତି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଗୋଚରରେ ପଞ୍ଚାୟତର ଡିଏସ୍‌ସିକୁ ଅପବ୍ୟବହାର କରାଯାଇ ୨,୮୬,୬୨୦ ଟଙ୍କା ଉଠାଯାଇଛି ବୋଲି ଅଭିଯୋଗରେ ଦର୍ଶାଇଥିଲେ। ଏଥିରେ ପୂର୍ବତନ ପିଇଓ ପ୍ରଧାନଙ୍କ ସମେତ ଜିପିଓ ଦୀନେଶ ରାୟ, ବିଡିଓ ରଶ୍ମିରେଖା ମଲିକଙ୍କ ସମ୍ପୃକ୍ତି ରହିଛି ବୋଲି ସେଥିରେ ଉଲ୍ଲେଖ କରିଥିଲେ। ଏହାକୁ ଭିତ୍ତିକରି ଥାନାରେ ଏକ ମାମଲା (ନଂ.୧୨୩/୨୩) ରୁଜୁ କରାଯାଇଛି।

# କଳାବ୍ୟାଜ ପିନ୍ଧି କାର୍ଯ୍ୟରତ ଅମଲାଙ୍କ ପ୍ରତିବାଦ

**କନିଷ୍ଠ ସହାୟକଙ୍କ ବେତନ ଲେଭଲ ୪ରୁ ୯କୁ ବୃଦ୍ଧି ଦାବି**

ରଘୁନାଥପୁର,୨୨।୫(ଡି.ଏନ୍.ଏ.)

ଜିଲାସ୍ତରୀୟ କନିଷ୍ଠ ସହାୟକଙ୍କ ବେତନ ଲେଭ୍‌ଲ ୪ରୁ ୯କୁ ବୃଦ୍ଧି ଦାବିରେ ରଘୁନାଥପୁର ବ୍ଲକ ଅଞ୍ଚଳର ବିଭିନ୍ନ କାର୍ଯ୍ୟାଳୟରେ କାର୍ଯ୍ୟରତ ଅମଲାମାନେ ସୋମବାରରୁ କଳାବ୍ୟାଜ ପିନ୍ଧି କାର୍ଯ୍ୟ କରୁଛନ୍ତି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏଭଳି ପ୍ରତିବାଦ ଜାରି ରହିବ ଏହା ମଧ୍ୟରେ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କଲେ ମିଳିତ ମଞ୍ଚର ନିଷ୍ପତ୍ତି କ୍ରମେ ଜୁନ୍ ୧ରୁ ଅମଲାମାନେ ସାମୂହିକ ଛୁଟିରେ ଯିବେ ବୋଲି ଆଇସିଡିଏସ୍ କାର୍ଯ୍ୟାଳୟର ମୁଖ୍ୟ କିରାଣି ପ୍ରଣୟ କୁମାର ସ୍ୱାଇଁ ଚେତାବନୀ ଦେଇଛନ୍ତି। ଓଡ଼ିଶା ରାଜସ୍ୱ ଅମଲା ସଂଘ, ଓଡିଶା ଅମଲା ସଂଘ, ଟ୍ରେଜେରୀ ଅମଲା ସଂଘ ଓ ଉପନିବନ୍ଧକ ଅମଲା ସଂଘକୁ ନେଇ ଗଠିତ ହୋଇଥିବା ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ଏଭଳି ପ୍ରତିବାଦରେ ବ୍ଲକ, ତହସିଲ, ସବ୍‌ରେଜିଷ୍ଟ୍ରାର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ମଣ୍ଡଳ ଶିକ୍ଷା ଅଧିକାରୀ ଓ ଆଇସିଡିଏସ୍ କାର୍ଯ୍ୟାଳୟର ବହୁ ଅମଲା ସାମିଲ ହୋଇଛନ୍ତି। ଗତ ଏପ୍ରିଲ ୨୧ରେ ଜିଲାସ୍ତରୀୟ ଅମଲାଙ୍କ ବେତନରେ ଥିବା ଅସଙ୍ଗତିକୁ ଦୂର କରିବା ପାଇଁ ମିଳିତ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ପ୍ରକାଶ ନ ପାଇବାରୁ ଆନ୍ଦୋଳନକୁ ନେଇ ମିଳିତ ମଞ୍ଚ ପକ୍ଷରୁ ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ମୁଖ୍ୟଶାସନ ସଚିବଙ୍କୁ ପତ୍ର ଦ୍ୱାରା ଅବଗତ କାରାଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଅବ୍ୟାହତ ରହିବ ଓ ସରକାର ଦାୟୀ ରହିବେ ବୋଲି ଅମଲାମାନେ ପ୍ରକାଶ କରିଛନ୍ତି।


ଅମଲାମାନେ କଳାବ୍ୟାଜ ପିନ୍ଧିଛନ୍ତି।

# ପାନୀୟ ଜଳ ଅଭାବରୁ ଲୋକେ ହନ୍ତସନ୍ତ

**କମ୍ କ୍ଷମତାସମ୍ପନ୍ନ ପାଣି ପମ୍ପ ମୋଟର ଯୋଗୁ ଅସୁବିଧା ହେଉଛି**

କୁଜଙ୍ଗ,୨୨।୫(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ବାସୀଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବା ନିମନ୍ତେ ସନ୍ତରାଠାରେ ପାନୀୟ ଜଳ ଓ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଏକ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କରୁଛି। ସେଠାରୁ ପମ୍ପ୍ ଯୋଗେ ଭୂତଳ ଜଳ ଉତ୍ତୋଳନ କରାଯାଇ ସିଧାସଳଖ ପାଇପ୍ ମାଧମରେ ଯୋଗାଇ ଦିଆଯାଉଛି। ଉକ୍ତ ପ୍ରକଳ୍ପ ଜରିଆରେ ମଙ୍ଗରାଜପୁର ପଞ୍ଚାୟତର ସନ୍ତରା, ମଙ୍ଗରାଜପୁର, ହସିଣା ସମେତ ଗୋପିଆକୁଦ ପଞ୍ଚାୟତର ବାଲିସାହି ଗ୍ରାମକୁ ପାନୀୟଜଳ ଯୋଗାଇ ଦିଆଯାଉଛି। ଏ ସବୁ ଗ୍ରାମରେ ୨୦୦୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବାବେଳେ ସଭିଏଁ ଏହି ପ୍ରକଳ୍ପ ଉପରେ ନିର୍ଭରଶୀଳ। କିନ୍ତୁ ଦୁଃଖ ଓ ପରିତାପର ବିଷୟ, ସେଠାରେ ମାତ୍ର ୭.୫ ଅଶ୍ୱ କ୍ଷମତା ବିଶିଷ୍ଟ ମୋଟର ଲାଗିଥିବାରୁ ପାଣି ଉଠାଇବାକୁ ସକ୍ଷମ ହୋଇପାରୁନାହିଁ। ଫଳରେ ମାତ୍ର ୧ ବାଲ୍‌ଟି ପାଣି ସଂଗ୍ରହ ପାଇଁ ଜଣଙ୍କୁ ପ୍ରାୟ ୧ ଘଣ୍ଟା ଅପେକ୍ଷା କରିବାକୁ ପଡୁଛି ବୋଲି ସନ୍ତରା ଗ୍ରାମର ସର୍ବେଶ୍ୱର ଖଟୁଆ ଓ ମଙ୍ଗରାଜପୁର ଗ୍ରାମର ସୁରେନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ କହିଛନ୍ତି। ଏବେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଜନସାଧାରଣ ପାଣି ଟୋପେ ନ ପାଇ ତହଳବିକଳ ହେଉଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ ତୁରନ୍ତ ଏକ ୧୦ରୁ ୧୨ ଅଶ୍ୱ କ୍ଷମତା ବିଶିଷ୍ଟ ମୋଟର ଲଗାଯାଇ ପାଣି ଯୋଗାଇ ଦେବାକୁ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସେ କହିଥିଲେ, ଏହି ସମସ୍ୟା ସମ୍ପର୍କରେ ସେ ପୂର୍ବରୁ ଅବଗତ ନ ଥିଲେ। ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଏହାର ସମାଧାନ ପାଇଁ ପଦକ୍ଷେପ ନିଆଯିବ।


ସନ୍ତରାସ୍ଥିତ ପମ୍ପ୍ ହାଉସ୍।

## ସଂକ୍ଷେପରେ

### ବଜ୍ରପାତରେ ୨ ବଳଦ, ଗାଈ ମୃତ

ରାୟଗଡ଼,୨୨।୫(ଡି.ଏନ୍.ଏ.)- ରାୟଗଡ଼ ବ୍ଲକ ଅଧୀନ କରଡ଼ାସିଂ ପଞ୍ଚାୟତର ପେଗଡା ଗ୍ରାମଠାରେ ରବିବାର ବଜ୍ରପାତ ହୋବରୁ ଦୁଇଟି ବଳଦ ଓ ଗୋଟିଏ ଗାଈର ମୃତ୍ୟୁ ହୋଇଛି। ଅପରାହ୍ନରେ ପ୍ରବଳ ବର୍ଷା ସହ ପବନ ବହିବା ସହ ବିଜୁଳି ମାରିଥିଲା। କୃଷ୍ଣପୁର ଗ୍ରାମର ରମାକାନ୍ତ ଗଉଡଙ୍କ ଗୋଟିଏ ଗାଈ ଓ ପ୍ରତିନ ଗମାଙ୍ଗଙ୍କ ଦୁଇଟି ବଳଦ ପେଗଡା ଗ୍ରାମ ନିକଟରେ ଚରୁଥିବା ବେଳେ ବଜ୍ରପାତ ହେବାରୁ ସେମାନଙ୍କର ମୃତ୍ୟୁ ଘଟିଥିଲା। ସୋମବାର ଉଭୟ ମାଲିକ ଜାଣିବା ପରେ ସ୍ଥାନୀୟ ସରପଞ୍ଚ ଉମା ଶଙ୍କର ଭୁମଲଙ୍କୁ ଜଣାଇଥିଲେ। ପରେ ସରପଞ୍ଚ ପଶୁ ଅଧିକାରୀଙ୍କ ଯୋଗାଯୋଗ କରି ଗାଈ ଓ ବଳଦର ଘଟଣାସ୍ଥଳରେ ମୃତଦେହ ବ୍ୟବଚ୍ଛେଦ କରାଇଥିଲେ। ତେବେ ମୃତ ଗାଈର କ୍ଷତିପୂରଣ ଦାବି କରି କୁମୁଳାସିଂ ଗ୍ରାମଠାରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିବା ଜଣାପଡିଛି।

### ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

ଟିକାବାଲି,୨୨।୫- କନ୍ଧମାଳ ଜିଲା ଟିକାବାଲି ଥାନା କଇଁଝର ଗ୍ରାମର ଜଣେ ଯୁବକ ଜାଳେଣୀ ସଂଗ୍ରହ କରିବାକୁ ଯାଇଥିବା ବେଳେ ଗଛରୁ ପଡି ମୃତ୍ୟୁ ଘଟିଛି। ସେ ହେଲେ ଲଙ୍କେଶ୍ୱର ବିଶୋଇ(୪୬)। ଲଙ୍କେଶ୍ୱର ଏକ ବରଗଛ ଉପରେ ଚଢି ଶୁଖି ଯାଇଥିବା ଡାଳକୁ ହାଣୁଥିଲେ। ଏହି ସମୟରେ ଡାଳ ସହ ତଳେ ପଡ଼ି ଯାଇଥିଲେ। ମୋଟା ଡାଳଟି ତାଙ୍କ ମୁଣ୍ଡ ଉପରେ ପଡିବାରୁ ଫାଟି ଯାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଲଙ୍କେଶ୍ୱରଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଚାନ୍ଦା ନ ଦେବାରୁ ବ୍ୟବସାୟୀଙ୍କୁ ଆକ୍ରମଣ, ୪ ଅଟକ

ଦିଗପହଣ୍ଡି,୨୨।୫(ଡି.ଏନ.ଏ.)- ଦିଗପହଣ୍ଡି ଥାନା ତୁଡୁଙ୍ଗପୁର ଗାଁରେ ଠାକୁରାଣୀଙ୍କ ଯାତ୍ରା ନାମରେ ଚାନ୍ଦା ନ ଦେବାରୁ ଜଣେ ବ୍ୟସାୟୀଙ୍କୁ ମଝି ରାସ୍ତାରେ ଆକ୍ରମଣ କରାଯିବା ସହ ଟଙ୍କା ଛଡାଇ ନିଆଯାଇଥିବା ଅଭିଯୋଗ ହୋଇଛି। ସୋମବାର ପ୍ରାୟ ସାଢେ ୧୨ ଟାରେ ସାଗର ପାତ୍ର ନାମକ ଜଣେ ବ୍ୟବସାୟୀ ନିଜ ଘରକୁ ଫେରିବା ବାଟରେ କିଛି ଯୁବକ ତାଙ୍କୁ ଚାନ୍ଦା ମାଗିଥିଲେ। ଟଙ୍କା ନ ଦେବାରୁ ତାଙ୍କୁ ଆକ୍ରମଣ କରାଯିବା ସହ ୧୫ ହଜାର ଟଙ୍କା ଛଡାଇ ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଆକ୍ରମଣରେ ଆହାତ ବ୍ୟବସାୟୀ ଜଣକ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବା ପରେ ପୋଲିସ ଘଟଣାରେ ସମ୍ପୃକ୍ତ ଥିବା ୪ ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

# ସାମାଜିକ ବାସନ୍ଦକୁ ନେଇ ସାର୍ଗୁଣାପଲ୍ଲୀ ଅଶାନ୍ତ



ଗ୍ରାମବାସୀ ଥାନା ଘେରାଉ କରିଛନ୍ତି।

ପୁରୁଷୋତ୍ତମପୁର,୨୨।୫(ଡି.ଏନ୍.ଏ.)

- ବାସନ୍ଦ ପରିବାର ଉପରେ ଆକ୍ରମଣ, ହତ୍ୟା ଉଦ୍ୟମ
- ନାଏବ ସରପଞ୍ଚଙ୍କ ସ୍ୱାମୀଙ୍କୁ ବାନ୍ଧିଲା ପୋଲିସ
- ପ୍ରତିବାଦରେ ଥାନା ଘେରାଉ

ପୁରୁଷୋତ୍ତମପୁର ଥାନା ଭାଟକୁମରଡ଼ା ପଞ୍ଚାୟତ ସାର୍ଗୁଣାପଲ୍ଲୀ ଗ୍ରାମରେ ବିଦ୍ୟୁତ୍ ପୋଲରେ ଷ୍ଟ୍ରିଟ୍ ଲାଇଟ୍ ଲଗାଇବାର ସାମାନ୍ୟ ଘଟଣାକୁ ନେଇ ଗତ ଅକ୍ଟୋବର ମାସଠାରୁ ବର୍ତ୍ତମାନ ଯାଏ ଗ୍ରାମରେ ଅଶାନ୍ତି ଲାଗି ରହିଛି। ଯୁଧିଷ୍ଠିର ନାହାକଙ୍କ ପରିବାର ଉପରେ ଦିନକୁ ଦିନ ନିର୍ଯାତନା ବଢ଼ିଚାଲିଛି। ଏପରିକି ଗତ ୨ ତାରିଖରେ ସେହି ଗ୍ରାମର ତଥା ଭାଟକୁମରଡ଼ା ପଞ୍ଚାୟତ ନାଏବ ସରପଞ୍ଚଙ୍କ ସ୍ୱାମୀ ଇନ୍ଦ୍ର ନାହାକଙ୍କ ସମେତ ୧୦ ଜଣ ବ୍ୟକ୍ତି ଖଣ୍ଡା,କାତି ଆଦି ମାରଣାସ୍ତ୍ର ଧରି ଯୁଧିଷ୍ଠିରଙ୍କ ଘରେ ପଶି ତାଙ୍କ ବାପା ପ୍ରଫୁଲ୍ଲ ନାହାକଙ୍କୁ ଗାଁଦାଣ୍ଡକୁ ଘୋଷାଡି ଆଣି ହତ୍ୟା ଉଦ୍ୟମ କରିଥିଲେ। ଏହି ସମୟରେ ତାଙ୍କ ମାଆ ପ୍ରମିଳା ଓ ଭାଇ ଚରଣ ପ୍ରତିବାଦ କରିବାରୁ ସେମାନଙ୍କୁ ମଧ୍ୟ ମାଡ଼ମାରି ଫୋନ୍‌ଟିକୁ ଛନାଇ ନେଇଯାଇଥିଲେ। ଏ ନେଇ ଗତ ୪ରେ ଯୁଧିଷ୍ଠିର ପୁରୁଷୋତ୍ତମପୁର ପୋଲିସରେ ଅଭିଯୋଗ କରିଥିଲେ। ପୋଲିସ ଥାନା ନଂ. ୩୦୬/୨୩ ପ୍ରକାରେ ମାମଲା ରୁଜୁକରି ଘଟଣାର ତଦନ୍ତ ଚଲାଇଥିବା ବେଳେ ସୋମବାର ନାଏବ ସରପଞ୍ଚଙ୍କ ସ୍ୱାମୀ ଇନ୍ଦ୍ର ନାହାକଙ୍କୁ ଗିରଫ କରିଛି। ଏହି ଘଟଣାକୁ ନେଇ ଗ୍ରାମବାସୀ ପୁରୁଷୋତ୍ତମପୁର ଥାନା ଘେରାଉକରି ଇନ୍ଦ୍ରଙ୍କୁ ତୁରନ୍ତ ଛାଡିବା ଲାଗି ଦାବି କରିଥିଲେ। ମାତ୍ର ପୋଲିସ କଡା ସୁରକ୍ଷା ବଳୟ ମଧ୍ୟରେ ଇନ୍ଦ୍ର ନାହାକଙ୍କୁ ପୁରୁଷୋତ୍ତମପୁର କୋର୍ଟକୁ ଚାଲାଣକରି ଥାନାକୁ ଜଗି ରହିଥିଲେ। ଏହାକୁ ନେଇ ଏସ୍‌ଡିପିଓ ରଜନୀକାନ୍ତ ସାମଲ ଘଟଣାସ୍ଥଳକୁ ଆସି ଏଥିରେ ହସ୍ତକ୍ଷେପକରି ଲୋକଙ୍କୁ ବୁଝାଶୁଝାକରି ଯେପରି ଗ୍ରାମରେ ଶାନ୍ତି ବଜାୟ ରହିବ ସେଥିନେଇ ପରାମର୍ଶ ଦେଇଥିଲେ। ଫଳରେ ଥାନା ଘେରାଉ ହଟିଥିଲା। ସୂଚନାଯୋଗ୍ୟ, ପୂର୍ବରୁ ଗ୍ରାମରେ ପ୍ରଜାକୋର୍ଟ କରି ଯୁଧିଷ୍ଠିରଙ୍କ ପରିବାରକୁ ସାମାଜିକ ବାସନ୍ଦ କରିବା ସହ ୩୦ ହଜାର ଟଙ୍କା ଦଣ୍ଡରେ ଦଣ୍ଡିତ କରିଥିଲେ। ଏହାକୁ ନେଇ ଯୁଧିଷ୍ଠିର ପୋଲିସରେ ଗତ ଫେବୃୟାରୀରେ ଅଭିଯୋଗ କରିଥିଲେ। ପୋଲିସ କେସ୍ ନଂ. ୧୦୬/୨୩ ପ୍ରକାରେ ମାମଲା ରୁଜୁ କରିବା ସହ ଯେପରି ଏଭଳି ସାମାଜିକ ବାସନ୍ଦ ଓ ଆର୍ଥିକ ଦଣ୍ଡ ଭଳିକୁ ସଂସ୍କାର ଘଟଣା ବନ୍ଦ ହେବ ଗ୍ରାମରେ ଶାନ୍ତି ବଜାୟ ରହିବ ସେଥିନେଇ ପରାମର୍ଶ ଦେଇଥିଲେ। ଏଥିରେ ଉଭୟ ପକ୍ଷ ମିଳାମିଶା ହୋଇ ବିଶୃଙ୍ଖଳା ନ କରିବା ଲାଗି ପୋଲିସକୁ ଚୁକ୍ତିନାମା ଲେଖିଦେଇଥିବାବେଳେ ପୁଣି ତାହାର ପୁନରାବୃତ୍ତି ଘଟିଛି।

# ଅମଲାମାନଙ୍କ କଳାବ୍ୟାଜ୍ ପରିଧାନ



ଛତ୍ରପୁରରେ କଳା ବ୍ୟାଜ ପରିଧାନ କରିଥିବା ଅମଲାମାନେ।

ଛତ୍ରପୁର/ ଜି.ଉଦୟଗିରି, ୨୨।୫(ଡି.ଏନ.ଏ.)

ଜିଲାର ଛତ୍ରପୁର ସ୍ଥିତ ଜିଲାପାଳ କାର୍ଯ୍ୟାଳୟରେ କାର୍ଯ୍ୟରତ ଶତାଧିକ ଅମଲାମାନେ ଜିଲା ସ୍ଥରୀୟ ମିଳିତ ଅମଲା ମଞ୍ଚ ଡାକରାରେ ପ୍ରତିବାଦ ସ୍ୱରୂପ କଳାବ୍ୟାଜ ପରିଧାନ କରିଛନ୍ତି। ଦୀର୍ଘ ବର୍ଷ ହେଲା ଜିଲା ସ୍ତରୀୟ ଅମଲାମାନଙ୍କର ବେତନରେ ଥିବା ଅସଙ୍ଗତିକୁ ଦୂର କରିବାରେ ରାଜ୍ୟ ସରକାରଙ୍କ ଅବହେଳା ଓ ବୈମାତୃକ ମନୋଭାବ ଉପରେ ଘୋର ଅସନ୍ତୋଷ ଲାଗି ରହିଥିଲା। ପ୍ରକାଶ ଯେ, ରାଜ୍ୟ ସରକାର ୨୦୧୭ରୁ ଜିଲା ସ୍ତରୀୟ ଅମଲା ମାନଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ କରିଥିଲେ ମଧ୍ୟ ବେତନରେ କୌଣସି ପ୍ରକାର ଅଭିବୃଦ୍ଧି କରି ନାହାଁନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ସହ ବିଭିନ୍ନ ସମୟରେ ସମଭାବାପନ୍ନ ଅମଲା ସଂଘ ମାନଙ୍କ ପକ୍ଷରୁ ପତ୍ରାଳାପ କରିବା ସହିତ ବିଭିନ୍ନ ସ୍ତରରେ ଆଲୋଚନା ହୋଇ ସାରିଛି। କିନ୍ତୁ, ଉପରୋକ୍ତ ସମସ୍ତ ଆଲୋଚନା ପର୍ଯ୍ୟାଲୋଚନା ଫଳ ଶୂନ୍ୟ ହୋଇଛି। ଏହାର ପ୍ରତିବାଦରେ ବୈଠକରେ ଆଉ ଆଲୋଚନା ନୁହେଁ, ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଜରିଆରେ ଦାବି ହାସଲ କରିବାକୁ ହେବ ବୋଲି ମତ ପ୍ରକାଶ କରିଥିଲେ। ଯେହେତୁ ମଇ ମାସ ୨୧ ତାରିଖ ସୁଦ୍ଧା ରାଜ୍ୟ ସରକାର ଜିଲା ସ୍ତରୀୟ ଅମଲା ମାନଙ୍କର ଦାବି ପୂରଣ କରି ନାହାନ୍ତି ତେଣୁ ସୋମବାରରୁ ରାଜ୍ୟର ସମସ୍ତ ଜିଲା ସ୍ତରୀୟ ଅମଲାମାନେ ମଇ ୩୧ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଜ ପରିଧାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତଥାପି ରାଜ୍ୟ ସରକାର ଜିଲା ସ୍ତରୀୟ ଅମଲା ମାନଙ୍କ ଦାବି ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରନ୍ତି, ଜୁନ ମାସ ଏକ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ସେହିପରି କନ୍ଧମାଳ ଜିଲା ଜି.ଉଦୟଗିରି ତହସିଲ ଏବଂ ବ୍ଲକ କାର୍ଯ୍ୟାଳୟରେ ମଧ୍ୟ କଳାବ୍ୟାଜ୍ ପିନ୍ଧି ଓଡ଼ିଶା ଅମଲା ସଂଘର ସଭ୍ୟ ସଭ୍ୟାଙ୍କ ଦ୍ୱାରା ପ୍ରତିବାଦ କରାଯାଇଛି। ବ୍ଲକ ଏବଂ ତହସିଲରୁ ଗୀତାଞ୍ଜଳି ଦାଶ, ଆଶିଷ ପାଣିଗ୍ରାହୀ, ଅଶୋକ ପ୍ରଧାନ, ଚିତ୍ତରଞ୍ଜନ ପ୍ରଧାନ, ପୁଷ୍ପାରାଣୀ ପଣ୍ଡା, କାଶୀନାଥ ସେଠୀ, ଶିଶିରକାନ୍ତ ଦିଗାଲ, ପ୍ରଦୀପ କୁମାର କହଁର, ହରପ୍ରସାଦ ରାଉତ ରାୟ, ସାନନ କହଁର, ବିଶ୍ୱଜିତ ନାୟକ, ବିକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଥିଲେ।

### ଭଞ୍ଜନଗର ଯାତ୍ରାରେ ବିଡେକାର ବିରାଟ ପଟୁଆର

# ସଙ୍ଗୀତରେ ଦର୍ଶକଙ୍କୁ ଝୁମାଇଲେ ଇରା

ଭଞ୍ଜନଗର,୨୨।୫(ଡି.ଏନ.ଏ)

ଭଞ୍ଜନଗର ଠାକୁରାଣୀ ଯାତ୍ରାର ସୋମବାର ଶେଷ ପଟୁଆର ବିଡ଼େକା ପକ୍ଷରୁ ବାହାରିଥିଲା। ଉକ୍ତ ବିରାଟ ପଟୁଆର ଦେଖିବା ପାଇଁ ଅସମ୍ଭାଳ ଭିଡ଼ ହୋଇଥିଲା। ଦେବୀ ଅସ୍ଥାୟୀ ମଣ୍ଡପରୁ ପୂର୍ବମୁଖା ହୋଇ ବାହାରିବା ପରେ ତହସିଲଛକ ହୋଇ ଜଳସମ୍ପଦ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଡ଼େକା ପକ୍ଷରୁ ଦୁର୍ଗା ମଣ୍ଡପରେ ଦେବୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ଏହାପରେ ଦେବୀ ଷ୍ଟେଟବ୍ୟାଙ୍କ ଛକ, ରେଡ଼କ୍ରସ ରୋଡ଼ ହୋଇ ବିଳମ୍ବିତ ରାତିରେ ଅସ୍ଥାୟୀ ମଣ୍ଡପକୁ ଆସି ବିଶ୍ରାମ ନେବେ। ମଙ୍ଗଳବାର ଦେବୀଙ୍କ ସିଂହବାହିନୀ ଯାତ୍ରା ହେବ। ଦେବୀ ସିଂହ ଉପରେ ବସି ଥାନା ଛକ ପର୍ଯ୍ୟନ୍ତ ଆସିବେ। ସେଠାରୁ ଫେରି ଯାଇ ବିଶ୍ରାମ ନେବେ। ବୁଧବାର ଦେବୀ ଅସ୍ଥାୟୀ ମଣ୍ଡପରୁ ସ୍ଥାୟୀ ମଣ୍ଡପକୁ ଫେରିଯିବେ।

ବିଡ଼େକା ପକ୍ଷରୁ ସୋମବାର କବିସମ୍ରାଟ ରଙ୍ଗମଞ୍ଚରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଡେକା ସଭାପତି ଇଂ ସୀମାଞ୍ଚଳ ସାହୁ ଉଦଘାଟନ କରିଛନ୍ତି। ବିଡେକା କର୍ମକର୍ତ୍ତା ଇଂ ସୁମା ପ୍ରଧାନ, ରଶ୍ମିରଞ୍ଜନ ରଥ, ଇଂ ବିଷ୍ଣୁ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଇରା ମହାନ୍ତି ସମେତ ରାଜ୍ୟର ପ୍ରମୁଖ କଣ୍ଠଶିଳ୍ପୀମାନେ ଯୋଗଦେଇ ସଙ୍ଗୀତ ପରିବେଷଣ କରିଥିଲେ। ଇରାଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ପଟୁଆରରେ ପୁରୀର ମା' ମଙ୍ଗଳା ନାଗ ବଳଙ୍ଗ ନୃତ୍ୟ, ନିମାପଡ଼ାର ବାବା ତ୍ରିନାଥ ଚଇତି ଘୋଡ଼ା, ପୁରୀର ମା' ବାଘେଇ ଶିଙ୍ଗ ବାଜା, ପୁରୀ ମା' ଦୁଲହା ଦେଇ, ମା' ଦୁର୍ଗା ନୃସିଂହ ମେଢ଼, ଆସିକା ଶ୍ରୀଦିଗବିଜୟ କୋଠିଶାଳ ଗାହାଣ ବା ନବରଙ୍ଗ ନୃତ୍ୟ ସାମିଲ ହୋଇଥିଲା। ଗଣ୍ଡଳା ମା' ବୁଢ଼ୀ ଠାକୁରାଣୀ ନବଦୁର୍ଗା ପାର୍ଟି, ଲୁଦୁଲୁଦି ମା' ଠାକୁରାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରହଲ୍ଲାଦ ନାଟକ ନାଟ୍ୟ ସଂଘ ପକ୍ଷରୁ ବିଭିନ୍ନ ନାଟକ ପରିବେଷଣ ହୋଇଥିଲା। ବରଗଡ଼ ମା' ମଙ୍ଗଳା ଘଟଂ ପାର୍ଟି, ମୟୂରଭଞ୍ଜ ଆଦିବାସୀ ସାନ୍ତାଳ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ମଧ୍ୟ ନୃତ୍ୟ ପରିବେଷଣ ହୋଇଥିଲା। ଯାତ୍ରା କମିଟି ସଭାପତି ରାଜେନ୍ଦ୍ର ବିଷୋୟୀ, ଉପ ସଭାପତି ବିନୟ କୁମାର ରଥ, ଡ଼ି.ଚେଲପତି ରାଓ, ମୁରଲୀ ପଣ୍ଡା,ସନ୍ତୋଷ ତିଆଡ଼ି, ଶାନ୍ତନୁ କୁମାର ଦାସ, ସମ୍ପାଦକ ସୁଶାନ୍ତ ମହାପାତ୍ର, ସୁଧିର ବେହେରା, ନଗରପାଳ ଗୋପବନ୍ଧୁ ମହାପାତ୍ର, କୋଷାଧକ୍ଷ ଟି ମହେଶ୍ୱର ପାତ୍ର, ସୁନିଲ ପଟ୍ଟନାୟକ, ରଞ୍ଜିତ ମିଶ୍ର, ନାଗେଶ୍ୱର ପାତ୍ର, ଟୁନା ଜେନା, ସିମାଚଂଳ ପଟ୍ଟନାୟକ, ଲୋକନାଥ କର, ଜଗଦିଶ୍ ପାଣିଗ୍ରାହୀ, ବିଡ଼େକା କର୍ମକର୍ତ୍ତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବିଡେକା ସଭାପତି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

### ମନ୍ଦିର ପ୍ରତିଷ୍ଠା, ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ

ବୁଗୁଡ଼ା,୨୨।୫(ଡି.ଏନ୍.ଏ.)

ବୁଗୁଡ଼ା ଏନ୍‌ଏସି ଅନ୍ତର୍ଗତ ଗୋଲାମୁଣ୍ଡୁଳା ଗ୍ରାମରେ ଶ୍ରୀ ଲୋକନାଥେଶ୍ୱରଙ୍କ ମନ୍ଦିର ପ୍ରତିଷ୍ଠା ସହ ଲଛିପୁର, ବାଦୁଆ, ଆଜ୍ଞାପ୍ରସାଦ, ମାଳ ତେନ୍ତୁଳିଆ ଓ ଗୋଲାମୁଣ୍ଡୁଳା ଆଦି ଗ୍ରାମର ନାମ ସଂକୀର୍ତ୍ତନ ଦଳକୁ ନେଇ ୨୪ ପ୍ରହର ଅଖଣ୍ଡ ନାମଯଜ୍ଞ, ଘୃତଯଜ୍ଞ ଓ ଅନ୍ନଯଜ୍ଞ ଆଦି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବ ଅବସରରେ ଦୀକ୍ଷା ଗ୍ରହଣ, ଜଳଯାତ୍ରା, ମହାଦୀପ ସ୍ଥାପନ, ମଣ୍ଡଳକରଣ, ବନଯାଗ, ଅଙ୍କୁରାରୋପଣ ଓ ଅଧିବାସ, ଶାଳାପୂଜା ଓ ଅଗ୍ନି ସ୍ଥାପନ, ଲୋକନାଥେଶ୍ୱରଙ୍କ ସ୍ନାନ ଓ ଜୀବନ୍ୟାସ ଆଦି କାର୍ଯ୍ୟକ୍ରମ ପୂର୍ବକ ଠାକୁରଙ୍କ ସିଂହାସନ ଆରୋହଣ, ଧ୍ୱଜ ଭ୍ରମଣ, ପୂର୍ଣ୍ଣାହୁତି ଆଦି କାର୍ଯ୍ୟ ସାଙ୍ଗକୁ ଦଧିଭାଣ୍ଡ ଭଞ୍ଜନ, ନଗର ଭ୍ରମଣ ଓ ଯମୁନା ସ୍ନାନ ଆଦି କାର୍ଯ୍ୟକ୍ରମ ପାରମ୍ପରିକ ବିଧିରେ ଅନୁଷ୍ଠିତ ହୋଇଯାଇଛି। ଠାକୁରଙ୍କ ବିଗ୍ରହ ସ୍ଥାପନ ଓ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ପୁରୋହିତ ପ୍ରମୋଦ କୁମାର ହୋତା, ଗୋଦାବରୀଶ ହୋତା, ନାରାୟଣ ଦାଶ, ଟୁନା ଦାଶ, ଶଶାଙ୍କ ଭୂଷଣ ହୋତା, ଗୌରୀ କୁମାର ଦାଶ ଓ ଚିତ୍ତରଞ୍ଜନ ଦାଶ ପ୍ରମୁଖଙ୍କ ଦ୍ୱାରା ଯଥା ରୀତିନୀତି ପ୍ରକାରେ ପୂଜାପାଠ ପୂର୍ବକ ସମ୍ପାଦିତ ହୋଇଥିଲା ବେଳେ ହୋମକର୍ତ୍ତା ଓ କର୍ତ୍ତ୍ରୀ ଭାବେ ଯଥାକ୍ରମେ ତୁଷାର ରଞ୍ଜନ ରାଉତ ଓ ସୁକାନ୍ତି ରାଉତ ଦାୟିତ୍ୱ ନିର୍ବାହ କରିଥିଲେ। ଗ୍ରାମରେ ପରିବେଷିତ ଜଗନ୍ନାଥ ମେଢ଼, ରାଧାକୃଷ୍ଣ ମେଢ଼ ଓ ପର୍ଶୁରାମ ମେଢ଼ ଲୋକଙ୍କ ମନ ମୋହୁଥିଲା। ଗ୍ରାମବାସୀଙ୍କ ସକ୍ରିୟ ସହଯୋଗରେ ଆୟୋଜିତ ଉକ୍ତ ଉତ୍ସବକୁ ସଭାପତି ଗୌର ଚରଣ ପ୍ରଧାନ ଓ ସମ୍ପାଦକ ଲକ୍ଷ୍ମଣ ସ୍ୱାଇଁଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ପରିଚାଳନା କରିଥିଲେ।

# ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି



ଅଭିଯୋଗ ପତ୍ର ପ୍ରଦାନ କରିବାକୁ ଆସିଥିବା ଲୋକମାନେ।

ପାରଳାଖେମୁଣ୍ଡି (ଡି.ଏନ୍.ଏ)/ରାୟଗଡ,୨୨।୫

ରାୟଗଡ଼ ବ୍ଲକ ଅନ୍ତର୍ଗତ କୁମୁଳିଶିଂ ଗ୍ରାମ ପଞ୍ଚାୟତର ସମ୍ମିଳନୀ କକ୍ଷଠାରେ ସୋମବାର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଗଜପତି ଅତିରିକ୍ତ ଜିଲାପାଳ ବୀରେନ୍ଦ୍ର କୁମାର ଦାସ (ରାଜସ୍ୱ), ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍. କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ରୋମାଞ୍ଚଳ ଖମାରୀ, ଉପଖଣ୍ଡ ପୋଲିସ ଅଧିକାରୀ ରାମକୃଷ୍ଣ ପତି ପ୍ରମୁଖ ଯୋଗଦାନକରି କୁମୁଳିଶିଂ ଗ୍ରାମ ପଞ୍ଚାୟତ ସମେତ ମାର୍ଲବା, ଜାଳଙ୍ଗ ଓ ସାନ୍ତୁଣ୍ଡି ଗ୍ରାମପଞ୍ଚାୟତର ସମୁଦାୟ ୬୧ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ବ୍ୟକ୍ତିଗତ ଅଭିଯୋଗ ୨୬, ଗ୍ରାମଭିତ୍ତିକ ସମସ୍ୟା ୩୫ ଓ ୨୧ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି। ସେଥିରୁ ମଧୁବାବୁ ପେନ୍‌ସନ ଯୋଜନାରେ ୭ ଜଣଙ୍କୁ ପ୍ରଦାନ କରାଯାଇଛି, ୧୩ ଜଣଙ୍କୁ ଜମିପଟ୍ଟା ପ୍ରଦାନ ଏବଂ ଜଣକୁ ରେଡ୍ କ୍ରସ୍ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମି ପଟ୍ଟା, ଏମ୍‌ଜିଏନ୍‌ଆର୍‌ଇଜିଏସ୍,ଗୃହ ନିର୍ମାଣ, ରାଶନ କାର୍ଡ, ଶିକ୍ଷା, ଜଳସେଚନ, ରାସ୍ତା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା।

# ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

ଗଞ୍ଜାମ,୨୨।୫(ଡି.ଏନ୍.ଏ.)

ଗଞ୍ଜାମ ବ୍ଲକ ରମ୍ଭା ଥାନା ଅନ୍ତର୍ଗତ ସନ୍ତୋଷପୁର ଗ୍ରାମକୁ ନିଜର ଜଣେ ସମ୍ପର୍କୀୟଙ୍କ ସୁଦ୍ଧି କାର୍ଯ୍ୟରେ ଯୋଗଦେବାକୁ ଯାଇଥିବା ଜୈନିକା ମହିଳା ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କ ପରିବାରକୁ ଗ୍ରାମରେ ବାସନ୍ଦ କରାଯାଇଥିବା କାରଣରୁ ସେ ସୁଦ୍ଧିରେ କାର୍ଯ୍ୟରେ ଯୋଗଦେବେ ନାହିଁ ବୋଲି ଗ୍ରାମର କେତେଜଣ ବିରୋଧ କରିଥିଲେ। ଏହି ଅପମାନ ସହ୍ୟ କରି ନପାରି ମହିଳା ଜଣକ ବିଷ ପିଇ ଦେଇଥିଲେ। ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରାଯାଇ ବ୍ରହ୍ମପୁର ମେଡିକାଲରେ ଭର୍ତ୍ତି କରାଯାଇଛି।

# ରଜପର୍ବ ପାଇଁ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଆଲୋଚନା ଚାଲିଛି।

ପୋଲସରା,୨୨।୫(ଡି.ଏନ.ଏ.)

ପୋଲସରା ବ୍ଲକ ପାଣ୍ଡିରିପଡ଼ା ପଞ୍ଚାୟତ ଅଧୀନ କସିପଡ଼ା ସ୍ଥିତ ମା ସିଂହାସନିଙ୍କ ଶକ୍ତିପୀଠ ପରିସରରେ ସୋମବାର ରଜପର୍ବ ଲାଗି ପ୍ରସ୍ତୁତି ବୈଠକ ମନ୍ଦିର ପରିଚାଳନା କମିଟିର ଉପସଭାପତି ପୀତବାସ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୧୪,୧୫ ଓ ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ରଜ ପର୍ବରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ତାହାକୁ ଦୃଷ୍ଟିରେ ରଖି ସୋମବାର ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ଓ ମନ୍ଦିର ପରିଚାଳନା କମିଟିର ସଦସ୍ୟମାନଙ୍କୁ ନେଇ ଆଲୋଚନା ହୋଇଥିଲା। ଉକ୍ତ ବୈଠକରେ ବିଡିଓ ଧର୍ମରାଜ ପରିଡ଼ା, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ତ୍ରିପଥୟ, ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ଗୌଡ଼, ପୋଲିସ ଏସ୍‌ଆଇ ଜୟପ୍ରକାଶ ପଟ୍ଟନାୟକଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ, ଅଗ୍ନିଶମ ବିଭାଗ ଆଦି ବିଭାଗର ଅଧିକାରୀ, ମନ୍ଦିର ପରିଚାଳନା କମିଟିର ଉପ ସଭାପତି ବିପିନ ପ୍ରଧାନ, ପାଣ୍ଡିରିପଡା ସରପଞ୍ଚ ତଥା ମନ୍ଦିର ପରିଚାଳନା କମିଟିର ସମ୍ପାଦକ ରଘୁନାଥ ଭୂୟାଁ, କୁଳ ପୁରୋହିତ ଅସିତ କୁମାର ନନ୍ଦ, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ବିକ୍ରମ ନାୟକ, ଝୁନୁ ଦାସ, ରଞ୍ଜନ କୁମାର ସାହୁ, ମନମୋହନ ଗୌଡ଼, ସୁକାନ୍ତ କୁମାର ଭୂୟାଁ ଉପସ୍ଥିତ ଥିଲେ।

# ଗଞ୍ଜାମ ଏନ୍‌ଏସି : ପିଛା ଛାଡୁନି ପାଣି ସମସ୍ୟା

ଗଞ୍ଜାମ,୨୨।୫(ଡି.ଏନ୍.ଏ.)

ଦିନକୁ ଦିନ ସହରରେ ତାତି ଅସହ୍ୟ ହେବାରେ ଲାଗିଛି। ସକାଳ ୮ଟାରୁ ସନ୍ଧ୍ୟା ପ୍ରାୟ ୫ଟା ଯାଏ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏଭଳି ପରିସ୍ଥିତିରେ ଗଞ୍ଜାମ ସହରରେ ପାଣି ସମସ୍ୟା ଲୋକଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି। ସହର ମଧ୍ୟରେ ଥିବା ବିଭିନ୍ନ ପୋଖରୀ ଓ ନଳକୂପ ଶୁଖିଯାଇଥିବାରୁ ଲୋକଙ୍କୁ ସୁବିଧାରେ ପାଣି ମିଳୁନାହିଁ। ଗଞ୍ଜାମ ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ. ୭ ବାଲିସାହି ବନ୍ଧ ଦୀର୍ଘ ବର୍ଷ ହେବ ଶୁଖି ଫାଟିପଡିଛି। ଏ ନେଇ ସାହି ବାସିନ୍ଦା ଉକ୍ତ ପୋଖରୀର ପୁନରୁଦ୍ଧାର ପାଇଁ ତହସିଲଦାର ଓ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ସାହି ଲୋକଙ୍କ ମଧ୍ୟରେ ଘୋର ଅସନ୍ତୋଷ ବୃଦ୍ଧି ପାଇଛି। ଏନ୍‌ଏସି ପ୍ରଶାସନ ପକ୍ଷରୁ ବର୍ଷାଦିନ ପୂର୍ବରୁ ବିଭିନ୍ନ ପୋଖରୀ ପୁନରୁଦ୍ଧାର କରାଯିବା ନିୟମ ଥିଲେ ମଧ୍ୟ ଏଠାରେ ତାହା ବ୍ୟତିକ୍ରମ ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସେହିପରି ଦାମୋଦରପୁର ନାଉଡି ବନ୍ଧ ମଧ୍ୟ ଅଧାଅଧି ଶୁଖିଗଲାଣି। ଅଳ୍ପ ଟିକେ ପାଣି ଅଛି ଯେଉଁଥିରେ ଉକ୍ତ ପାଣି ବ୍ୟବହାର ଯୋଗ୍ୟ ନୁହେଁ। ଉକ୍ତ ବନ୍ଧ ଉପରେ ଦାମୋଦରପୁର ଗ୍ରାମ ସମେତ କାଇଁଚପୁର, କଲ୍ୟାଣପୁର ଆଦି ଅଞ୍ଚଳର ଲୋକମାନେ ନିର୍ଭର କରିଥାନ୍ତି। ଗଞ୍ଜାମ ସହରକୁ ବିଭିନ୍ନ ବ୍ୟବସାୟ ପାଇଁ ଦୂରଦୂରାନ୍ତରୁ ଆସୁଥିବା ଛୋଟ ବଡ଼ ପରିବା ବ୍ୟବସାୟୀ ନିଜ ବ୍ୟବସାୟ ସାରି ଉକ୍ତ ବନ୍ଧରେ ସ୍ନାନ କରି ନିଜ ନିଜ ଗ୍ରାମକୁ ଯାଇଥାନ୍ତି। ସେହିପରି ଖଣ୍ଡେଶ୍ୱର ବନ୍ଧ ଓ ନାକି ବନ୍ଧର ଅବସ୍ଥା ନ କହିବା ଭଲ। ଅନ୍ୟପଟେ ଅଚଳ ହୋଇପଡ଼ିଥିବା ନଳକୂପଗୁଡିକ ମରାମତି କରାଯାଉନାହିଁ। ପ୍ରତିବର୍ଷ ଏନ୍‌ଏସି ପକ୍ଷରୁ କୂଅଗୁଡିକର ପୁନରୁଦ୍ଧାର କରାଯାଉଥିଲେ ବି ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ହୋଇପାରିନାହିଁ। ଏଣୁ ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେଇ ଲୋକଙ୍କ ମୌଳିକ ସମସ୍ୟା ତଥା ପାଣି ସମସ୍ୟା ସମାଧାନ କରିବାକୁ ଦାବି ହୋଇଛି।



ଶୁଖିଲା ପଡ଼ିଥିବା ପୋଖରୀ।

## ସଂକ୍ଷେପରେ

### ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତ ଫଟୋ ଭାଇରାଲ: ଯୁବକ ଗିରଫ

ଧର୍ମଶାଳା,୨୨।୫(ଡି.ଏନ.ଏ.): ଜେନାପୁର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଭାଇରାଲ କରିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଦାନଗଦି ଅଞ୍ଚଳର ମନୋଜ କୁମାର ମଲିକ। ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୧୦/୨୩ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ଯୁବତୀଙ୍କୁ ଏକତରଫା ପ୍ରେମକରି ବିଫଳ ହେବାପରେ ଯୁବକ ଏଭଳି କାର୍ଯ୍ୟ କରିଥିଲେ ବୋଲି ଜଣାପଡ଼ିଛି।

### ହରିହାଟ ମେଳା କମିଟିର କୋଷାଧ୍ୟକ୍ଷଙ୍କ ବିୟୋଗ

ପାଣିକୋଇଲି,୨୨।୫(ଡି.ଏନ.ଏ.): କରଦା ହରିହାଟ ମେଳା କମିଟି କୋଷାଧକ୍ଷ ତଥା ରଣପାଳ ୟୁଜିଏମ୍‌ଇ ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସ୍ୱର୍ଗତ ବିମ୍ବାଧର ବେହେରାଙ୍କ ବିୟୋଗ ହୋଇଯାଇଛି। ତାଙ୍କ ବିୟୋଗରେ କରଦା ଗାନ୍ଧୀ ପୀଠଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। କରଦା ପୂର୍ବତନ ସରପଞ୍ଚ ଗଣେଶ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଶୋକସଭାରେ ମେଳା କମିଟି ସଦସ୍ୟଙ୍କ ସହିତ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଓ ଛାତ୍ର ଯୋଗଦେଇ ବେହେରାଙ୍କ ସ୍ମୃତି ଉଚ୍ଚାରଣ କରିଥିଲେ। ବେହେରାଙ୍କ ଆତ୍ମାର ସଦଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ମେଳା କମିଟି ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସାହୁ, ପ୍ରସନ୍ନ ବେହେରା, ସୁଶୀଲ ବେହେରା, ପ୍ରଶାନ୍ତ ମହାପାତ୍ର, ହରିହର ସାହୁ, ରତ୍ନାକର ସାହୁ, ନବଘନ ପଣ୍ଡା, ଦୀପକ ବେହେରା, ତାରିଣୀ କୁମାର ପଟ୍ଟନାୟକ, ଲକ୍ଷ୍ମୀଧର ସାହୁ, ଶ୍ରୀଧର ସାହୁ, ଦଶରଥ ବେହେରା, ଅର୍ଜୁନ ସାହୁ, କୁଳମଣୀ ସାହୁ, ସାବିତ୍ରୀ ସାହୁ, ଅଭିରାମ ମଲ୍ଲିକ, କାର୍ତ୍ତିକ ମଲ୍ଲିକ, ସୁରେନ୍ଦ୍ର ପାଣିଗ୍ରାହୀ ଓ ପଦ୍ମାକର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ।

### ଗିରିବନ୍ଧ ପ୍ରିମିୟର ଲିଗ୍: ରୟାଲ ୱାରିୟର୍ସ ଚାମ୍ପିୟନ

ଆଳି,୨୨।୫(ଡି.ଏନ.ଏ.):ଆଳି ବ୍ଲକ ଗିରିବନ୍ଧ ଖେଳ ପଡ଼ିଆରେ ଚାଲିଥିବା ଗିରିବନ୍ଧ ପ୍ରିମିୟର ଲିଗ ଫାଇନାଲ ମ୍ୟାଚ ହୋଇଯାଇଛି। ଏହି ଲିଗରେ ରୟାଲ ୱାରିୟର୍ସ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ରୟାଲ ୱାରିୟର୍ସ ଓ ଆରଏସ୍ ଚ୍ୟାଲେଞ୍ଜର୍ସ ମଧରେ ଅନୁଷ୍ଠିତ ହୋଇଥିଲା। ରୟାଲ ୱାରିୟାର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ୧୨୭ରନ ସଂଗ୍ରହ କରିଥିଲା। ଜବାବରେ ଆରଏସ୍ ଚ୍ୟାଲେଞ୍ଜର୍ସ ୧୦ ଓଭର ଖେଳି ୯ ଉଇକେଟରେ ୧୦୩ କରି ମ୍ୟାଚ ହାରି ଯାଇଥିଲା। ଫଳରେ ରୟାଲ ୱାରିୟର ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ବ୍ଲକ ଅଧକ୍ଷ ମନୋରଞ୍ଜନ ସାମଲ, ସମ୍ମାନିତ ଅତିଥି ଭାବେ ଚିରଞ୍ଜିବି ଦାସ, ଗଣେଶ୍ୱର ସାମଲ, କୃଷ୍ଣଚନ୍ଦ୍ର ପରିଡା, ପ୍ରଫୁଲ୍ଲ ସିଂହ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଟିମ୍‌କୁ ଟ୍ରଫି ସହିତ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ସିରିଜ ଦୀପକ ସାମଲ, ମ୍ୟାନ ଅଫ ଦି ମ୍ୟାଚ ସତ୍ୟରଞ୍ଜନ ସାମଲଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା।

# ଜୈବବିବିଧତାର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ

## ଟାଟା ଷ୍ଟିଲ ମାଇନିଂ ପକ୍ଷରୁ ବିଶ୍ୱ ଜୈବବିବିଧତା ଦିବସ


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

କାଳିଆପାଣି,୨୨।୫(ଡି.ଏନ.ଏ.):

ଟାଟା ଷ୍ଟିଲ ମାଇନିଂ ପକ୍ଷରୁ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟ ସହଯୋଗରେ ସୋମବାର ସୁକିନ୍ଦା ଖଣି କଲୋନୀ ପରିସରରେ ବିଶ୍ୱ ଜୈବବିବିଧତା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜୈବବିବିଧତାର ସଂରକ୍ଷଣ ଓ ଦୀର୍ଘସ୍ଥାୟୀ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆମ ଜୀବଜଗତରେ ଜୈବବିବିଧତାର ଗୁରୁତ୍ୱକୁ ବୁଝିବା ଓ ତା'ର ଆଦର କରିବା ଲାଗି ଯୁବପିଢ଼ି, ବୟସ୍କ ଆଦି ସମସ୍ତଙ୍କୁ ଯୋଡ଼ିବାର ଏକ ମଞ୍ଚଭାବେ କାହାଣୀ କଥନ (ଷ୍ଟୋରିଟେଲିଂ) କାର୍ଯ୍ୟକ୍ରମ କରାଯାଇଥିଲା। ବିଶିଷ୍ଟ ପରିବେଶବିତ୍, ବୈଜ୍ଞାନିକ ଓ ସଂରକ୍ଷଣବିତ୍‌ମାନେ ଚିତ୍ତାକର୍ଷକ କାହାଣୀ ଓ ଉପାଖ୍ୟାନ ବର୍ଣ୍ଣନା କରିଥିଲେ, ଯାହା ଜୈବବିବିଧତା, ପରିବେଶର ଦୀର୍ଘସ୍ଥାୟିତ୍ୱ ଓ ମାନବ କଲ୍ୟାଣ ମଧ୍ୟରେ ରହିଥିବା ସୂକ୍ଷ୍ମସମ୍ପର୍କ ଉପରେ ଗୁରୁତ୍ୱାରୋପ କରିଥିଲା। ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟର ଉପମହାନିର୍ଦ୍ଦେଶକ ଡ. ଏ.ଟି. ମିଶ୍ର ଯୋଗଦେଇ ଜୈବବିବିଧତା ଉପରେ ଏହି ସ୍ୱତନ୍ତ୍ର କାହାଣୀ କଥନ କାର୍ଯ୍ୟକ୍ରମ ଆୟୋଜନ ଲାଗି ଟାଟା ଷ୍ଟିଲ୍ ଉଦ୍ୟମକୁ ପ୍ରଶଂସା କରିଥିଲେ। ସେ ଆଶା କରିଥିଲେ ଯେ, ପ୍ରାକୃତିକ ସମ୍ବଳର ସୁରକ୍ଷା ଓ ଜୈବବିବିଧତାର ସଂରକ୍ଷଣ ଆବଶ୍ୟକତା ଉପରେ ସଚେତନତା ସୃଷ୍ଟି କରିବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ। ମିଶନ ଲାଇଫ୍ ଅନୁସାରେ ପରିବେଶ ଅନୁକୂଳ ଜୀବନଶୈଳୀକୁ ଗ୍ରହଣ କରିବା ଉପରେ ଡ. ମିଶ୍ର ଗୁରୁତ୍ୱ ଦେଇଥିଲେ। ପ୍ରକୃତିର ସଂରକ୍ଷଣ ଏବଂ ପରିବେଶର ସୁରକ୍ଷାରେ ସହାୟକ ହେଉଥିବା ଦୈନନ୍ଦିନ ଜୀବନଶୈଳୀକୁ ପାଳନ କରିବା ଲାଗି ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ।

ଟାଟା ଷ୍ଟିଲ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ କୁମାର ସତିଜ ଯୋଗଦେଇ କହିଥିଲେ, ବିଶ୍ୱ ଜୈବବିବିଧତା ଦିବସରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ଆମେ ବେଶ ଆନନ୍ଦିତ। ଜୈବବିବିଧତା ସଂରକ୍ଷଣର ଗୁରୁତ୍ୱ ବିଷୟରେ ସଚେତନତାକୁ ସୁଦୃଢ଼ କରିବା ଜାରି ରଖିବୁ ଏବଂ ଆମ ପ୍ରାକୃତିକ ଐତିହ୍ୟର ସଂରକ୍ଷଣ ଲାଗି ଗୋଷ୍ଠୀର ପ୍ରତ୍ୟକ୍ଷ ସଂପୃକ୍ତିକୁ ଉତ୍ସାହିତ କରି ସ୍ୱଦେଶୀ ଗୋଷ୍ଠୀଙ୍କ ଜ୍ଞାନକୁ ସଂରକ୍ଷିତ ରଖିବୁ। ସମଭାବାପନ୍ନ ବ୍ୟକ୍ତି, ବିଶେଷଜ୍ଞ ଓ ସଂଗଠନଗୁଡ଼ିକ ପରିବେଶ ସଂରକ୍ଷଣ ପ୍ରତି ସେମାନଙ୍କ ଅଭିଳାଷକୁ ବର୍ଣ୍ଣନା କରିଥିଲେ।

ପଦ୍ମଶ୍ରୀ ଦୈତାରୀ ନାଏକ ଓ କୋଶଳୀ କବି ତଥା ଲେଖକ ପଦ୍ମଶ୍ରୀ ହଳଧର ନାଗ ଉପସ୍ଥିତ ରହି ଜୈବବିବିଧତାର ସଂରକ୍ଷଣ ଉପରେ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଥିଲେ। ରାଜସ୍ଥାନର କାଲବେଲିଆ ଲୋକକଳା ନୃତ୍ୟ ଦଳର ଶକ୍ତିଶାଳୀ ଓ ଜୀବନ୍ତ ପ୍ରଦର୍ଶନ ଦର୍ଶକଙ୍କୁ ରୋମାଞ୍ଚିତ କରିଥିଲା। ଜୈବବିବିଧତାର ଗୁରୁତ୍ୱ ଉପରେ ସଚେତନତା ବଢ଼ାଇବା ଲାଗି ସେମାନେ ପ୍ରତିଭା ପ୍ରଦର୍ଶନ କରିଥିଲେ। ଜୈବବିଜ୍ଞାନୀ ତଥା ଗ୍ରୋ ୱିଥ୍ ନେଚରର ପ୍ରତିଷ୍ଠାତା ଗାୟତ୍ରୀ ଦେବୀ, ଟାଟା ଷ୍ଟିଲ ମାଇନିଂର ବରିଷ୍ଠ ମହାପ୍ରବନ୍ଧକ ବିଭୁଦତ୍ତ ମହାନ୍ତି, ଟାଟା ଷ୍ଟିଲ ଫାଉଣ୍ଡେଶନର ୟୁନିଟ ମୁଖ୍ୟ ଦେବାଞ୍ଜନ ମୁଖାର୍ଜୀ ଓ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା।

# କୃତୀ ମାଟ୍ରିକ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଛତିଆ,୨୨।୫(ଡି.ଏନ.ଏ.):

ଚଳିତ ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ବଡ଼ଚଣା ବ୍ଲକରେ ତୃତୀୟ ସ୍ଥାନରେ ଥିବା ଛତିଆ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାମନ୍ଦିର ପରିଚାଳନା କମିଟି ପକ୍ଷରୁ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଗାନ୍ଧିବାଦୀ, ଉତ୍କଳ ସର୍ବୋଦୟ ମଣ୍ଡଳ ସଭାପତି ତଥା ସ୍ତମ୍ଭକାର ମିହିର ପ୍ରତାପ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତିତ୍ୱ ଅର୍ଜନ କରି ଛତିଆର ସମ୍ମାନ ବଞ୍ଚେଇଥିବା ସମସ୍ତ ୨୩ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଶତ୍ରୁଜିତ ଦାସ, ସରପଞ୍ଚ ରମେଶ ପୃଷ୍ଟି, ବିଦ୍ୟାମନ୍ଦିର ସମ୍ପାଦକ ଅଶୋକ ବେହେରା, ବରିଷ୍ଠ ଉପଦେଷ୍ଟା ସର୍ବେଶ୍ୱର ଷେଣ୍ଡ, କୋଷାଧ୍ୟକ୍ଷ ସରୋଜ ସାହୁ, ସହସମ୍ପାଦିକା ଚିନ୍ମୟୀ ନାୟକ ଓ ସଭ୍ୟ ସୁଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ନିରଞ୍ଜନ ନାୟକ, ବରିଷ୍ଠ ଶିକ୍ଷକ ଅକ୍ଷୟ ସାହୁ, ଲକ୍ଷ୍ମୀପ୍ରିୟା ପାତ୍ର, ସସ୍ମିତା ସାହୁ ଓ ଦୀପ୍ତିମୟୀ ବାରିକ ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ଉପସଭାପତି ଗିରିଶ ଚନ୍ଦ୍ର ପାତ୍ର କୃତୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଧନ୍ୟବାଦ ଦେଇଥିଲେ।



ସମ୍ବର୍ଦ୍ଧିତ ହୋଇଥିବା କୃତୀ ଛାତ୍ରୀଛାତ୍ର ଓ ଅନ୍ୟମାନେ।

# କଂଗ୍ରେସରେ ମିଶିଲେ ଅନ୍ୟ ଦଳର କର୍ମୀ


କଂଗ୍ରେସରେ ସାମିଲ ହୋଇଥିବା କର୍ମୀମାନେ।

ଚଣ୍ଡିଖୋଲ,୨୨।୫(ଡି.ଏନ.ଏ.):

ବଡ଼ଚଣା କଂଗ୍ରେସ ପକ୍ଷରୁ ରବିବାର ସନ୍ଧ୍ୟାରେ ଏକ ମିଶ୍ରଣ ପର୍ବ ଚଣ୍ଡିଖୋଲସ୍ଥିତ ରାଜୀବ ମେମୋରିଆଲ କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଉମେଶ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବ ସଭାରେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ତଥା ବଡ଼ଚଣା କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ ଆସନ୍ତା ଦିନରେ ଦୁର୍ନୀତି ବିରୋଧରେ ଲଢ଼େଇ ଜୋରଦାର କରାଯିବ, ସେଥିପାଇଁ ଯୁବକମାନଙ୍କୁ ସଶକ୍ତ ହେବାକୁ ଆହ୍ୱାନ କରିଥିଲେ। ଚଣ୍ଡିଖୋଲକୁ ଜିଲା ମାନ୍ୟତା ଦାବିରେ ହେବାକୁ ଥିବା ଆନ୍ଦୋଳନ ସମ୍ପର୍କରେ ବଡ଼ଚଣାବାସୀଙ୍କୁ ସଚେତନ କରିବା ସହ ସାମିଲ କରିବାକୁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଅଣକା, ଧାନମଣ୍ଡଳ ଓ ଅରଖପୁର ପଞ୍ଚାୟତର ଶତାଧିକ ବିଜେଡି ଓ ଭାଜପା କର୍ମୀ ଦଳ ଛାଡ଼ି କଂଗ୍ରେସରେ ସାମିଲ ହେଲେ ବୋଲି ଘୋଷଣା କରିଥିଲେ। ଶଶୀ ସାମଲ, ଅଶୋକ ଜେନା, ଶଙ୍କର ଜେନା, ରଞ୍ଜିତା ଖଟୁଆ, କବିତା ଦେହୁରି, ରଞ୍ଜନ ଜେନା, ତାପସ ଜେନା, ରତିକାନ୍ତ ଜେନା, ମୃତ୍ୟୁଞ୍ଜୟ ବେହେରା, ମାଧବ ଜେନା, ସାଗର ଜେନା, ଗଗନ ଜେନା, ବିଶ୍ୱରଞ୍ଜନ ଜେନା, କାଳନ୍ଦୀ ଜେନା ଓ ସନାତନ ଜେନା ପ୍ରମୁଖ ଶତାଧିକ ବ୍ୟକ୍ତିଙ୍କୁ ଦଳର ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ମହାପାତ୍ର କଂଗ୍ରେସରେ ସାମିଲ କରିଥିଲେ। ଏହି ମିଶ୍ରଣ ପର୍ବରେ ବ୍ଲକ କଂଗ୍ରେସ କମିଟି ଉପସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ଜିଲା ସାଧାରଣ ସମ୍ପାଦକ ଅଶୋକ ସାମଲ, ଜିଲା ଯୁବ କଂଗ୍ରେସ ସମ୍ପାଦକ ସତ୍ୟବ୍ରତ ସାମଲ, ଜୟପ୍ରକାଶ ବିଶ୍ୱାଳ, ଅରୁଣ ପ୍ରଧାନ, ସନ୍ତୋଷ ଜେନା, ବିଚିତ୍ର ନନ୍ଦ ନାୟକ, ସନ୍ତୋଷ ସାହୁ ଓ ଦୁଷ୍ମନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଲୋକେ ହନ୍ତସନ୍ତ

ଧର୍ମଶାଳା,୨୨।୫(ଡି.ଏନ.ଏ.):

ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀ ମୌଜାରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଲୋକେ ନାହି ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛି ଦିନ ହେଲା ତାତି ସାଙ୍ଗକୁ ଗୁଳୁଗୁଳି ବୃଦ୍ଧି ପାଇଥିବାବେଳେ ଲୋକେ ପବନ ଟିକିଏ ପାଇବା ପାଇଁ ବିଦ୍ୟୁତ୍ କରେଣ୍ଟ ଉପରେ ଭରସା କରିରହୁଛନ୍ତି। ହେଲେ ବିଦ୍ୟୁତ୍ କଟୁଥିବାରୁ ଲୋକେ ନାନା ହଇରାଣ ହେଉଛନ୍ତି। ବିଶେଷ କରି କୁମାରୀ ଗ୍ରାମର ଗଣେଶ ମଣ୍ଡପଠାରୁ ସାହାଣୀ କମ୍ପ୍ଲେକ୍ସ ଓ ଗ୍ରାମରେ ବସିଥିବା ଟ୍ରାନ୍ସ ଫରର୍ମର ପାଖରୁ ସାହୁ ଭବନ ପର୍ଯ୍ୟନ୍ତ ଯାଇଥିବା ପୁରୁଣା ବିଦ୍ୟୁତ୍ ତାର ବାରମ୍ବାର ଛିଣ୍ଡିପଡୁଛି। ବିଦ୍ୟୁତ ବିଭାଗ ପକ୍ଷରୁ ଏହାକୁ ଯୋଡ଼ି ଦିଆଯାଇ ଲାଇନ ସଂଯୋଗ କରାଯାଉଥିବାବେଳେ ପୁଣି ଛିଣ୍ଡିପଡୁଥିବା ଦେଖିବାକୁ ମିଳୁଛି। ତେଣୁ ବିଭାଗ ପକ୍ଷରୁ ଏହି ପୁରୁଣା ତାରକୁ ବଦଳାଯାଇ ନୂତନ କେବୁଲ ତାର ଲଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନୋବକୁ ଗ୍ରାମର ବୁଦ୍ଧିଜୀବୀମାନେ କହିଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ ସେ ସନ୍ତୋଷଜନକ ଉତ୍ତର ଦେଇ ନ ଥିଲେ।

# ଅଭିଯୁକ୍ତ କୋର୍ଟଚାଲାଣ

## ଖବରଦାତାଙ୍କୁ ଆକ୍ରମଣ ଘଟଣା

ବରୀ, ୨୨।୫(ଡି.ଏନ.ଏ.):

ବରୀ ବ୍ଲକ୍ ଅଞ୍ଚଳର ଖବରଦାତା ସୁରେଶ କରଙ୍କୁ ଆକ୍ରମଣ ଘଟଣାରେ ରବିବାର ରାତିରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବରୀ–ରାମଚନ୍ଦ୍ରପୁର ଥାନା ଅଧୀନ ବାଇଁଶ୍ରିଆ ପଞ୍ଚାୟତ ଇଚ୍ଛାପୁର ଗ୍ରାମର ପ୍ରଭାସ ଜ୍ୟୋତି ମହାନ୍ତି।

ଗତ ୮ ତାରିଖରେ ବାଇଁଶ୍ରିଆ ପଞ୍ଚାୟତରେ ଖବର ସଂଗ୍ରହବେଳେ ଦୁଇ ଯୁବକ ସୁରେଶଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଖବରଦାତା କରଙ୍କ ଲିଖିତ ଅଭିଯୋଗକ୍ରମେ ପୋଲିସ ନଂ.୧୫୬/୨୩ରେ ମାମଲା ରୁଜୁ କରିଥିଲା। ଅପରପକ୍ଷରେ ଅଭିଯୁକ୍ତଙ୍କ ମା' ବିଷ୍ଣୁପ୍ରିୟା ମହାନ୍ତି ଖବରଦାତା କରଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ଖବରଦାତା କର ସେମାନଙ୍କୁ ନାନା ଧମକଚମକ ଦେଉଥିବା ସେ ଅଭିଯୋରେ ଦର୍ଶାଇଥିଲେ। ତାଙ୍କ ଅଭିଯୋଗକ୍ରମେ ବରୀ ପୋଲିସ ନଂ.୧୬୧/୨୩ରେ ଏକ ମାମଲା ରୁଜୁ କରିଥିଲା।

ଏହାପରେ ବରୀ ସାମ୍ବାଦିକ ସଂଘ କର୍ମକର୍ତ୍ତା ଯାଜପୁର ଏସ୍‌ପିଙ୍କୁ ଭେଟି ଲିଖିତ ଅଭିଯୋଗ କରିବା ସହ ୨୪ ଘଣ୍ଟାମଧରେ ଖବରଦାତାଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ଏହା ନ ହେଲେ ସେମାନେ ଥାନା ସମ୍ମୁଖରେ ଧାରଣାରେ ବସିବେ ବୋଲି ଦର୍ଶାଇଥିଲେ। ହେଲେ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ସଂଘ କର୍ମକର୍ତ୍ତା ଥାନା ସମ୍ମୁଖରେ ଧାରଣାରେ ବସିଥିଲେ। ଏସ୍‌ଡିପିଓ ସରୋଜ ଉପାଧ୍ୟାୟ ପହଞ୍ଚି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଧାରଣାରତ ଖବରଦାତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏବେ ସାମ୍ବାଦିକ ସଂଘର ଦାବିପୂରଣ ହୋଇଛି। ମାତ୍ର ବିଷ୍ଣୁପ୍ରିୟାଙ୍କ ଅଭିଯୋଗ ମୁତାବକ ଖବରଦାତା କରଙ୍କ ନାମରେ ମାମଲା ରୁଜୁ ହୋଇଥିଲେ ମଧ ପୋଲିସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ତାଙ୍କ ପ୍ରତି ପୋଲିସ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଛି ବୋଲି ଅଭିଯୋଗକାରିଣୀ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ ପ୍ରକାଶ କରିଛନ୍ତି। ଏପରି କି ଅଗାମୀ ଦିନରେ ସେ ନ୍ୟାୟ ପାଇଁ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଏ ସମ୍ପର୍କରେ ବରୀ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କୁ ପଚାରିବାରେ ସେ କହିଛନ୍ତି, ୨ ଅଭିଯୋଗର ୨ଟି ମାମଲା ହୋଇଛି। ଖୁବ୍‌ଶୀଘ୍ର ବିଷ୍ଣୁପ୍ରିୟାଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ



ଶିଳାନ୍ୟାସ ଉତ୍ସବରେ ବିଧାୟକଙ୍କ ସମେତ ଅନ୍ୟମାନେ।

ଚଣ୍ଡିଖୋଲ,୨୨।୫(ଡି.ଏନ.ଏ.):

ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ପ୍ରଶାସନିକ ଗୃହ ଓ କର୍ମଚାରୀଙ୍କ ରହଣି ନିମନ୍ତେ ଆବଶ୍ୟକ ଗୃହର ଶିଳାନ୍ୟାସ କରାଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ସୋମବାର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଗୃହର ଶିଳାନ୍ୟାସ କରିଛନ୍ତି। ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ଏହି କୋଠା ନିର୍ମାଣ ୪ ମାସ ମଧ୍ୟରେ ଶେଷ ହେବ। ଏଥିରେ ପ୍ରଶାସନିକ ଭବନ ପାଇଁ ୩୫ ଲକ୍ଷ ୬୨ ହଜାର ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ୨ ଡି–ଟାଇପ କ୍ୱାର୍ଟର ନିର୍ମାଣ ପାଇଁ ୬୪ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଜାତୀୟ ରାଜପଥ ୧୬ନଂ. କଡରେ ଥିବା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ୫୦୦ ରୋଗୀ ଆସୁଛନ୍ତି। ତେଣୁ ଏହି ପ୍ରମୁଖ ଡାକ୍ତରଖାନା ପାଇଁ ଅଧିକ ଘରର ଆବଶ୍ୟକତା ରହିଛି ବୋଲି ବିଧାୟକ କହିଛନ୍ତି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ନିଗ୍ଧା ଦାସ, ସହକାରୀ ଯନ୍ତ୍ରୀ ସଚ୍ଚିଦାନନ୍ଦ ଜେନା, ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ନନ୍ଦ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର କୁମାର ନାୟକ, ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି, ମିହିର କୁମାର ସ୍ୱାଇଁ, କିଶୋର ଚନ୍ଦ୍ର ସାମଲ ଓ ସଞ୍ଜୟ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ ତାଲିମ ପ୍ରତିଷ୍ଠାନରେ ୨ୟ ବ୍ୟାଚ୍ ତାଲିମ ଆରମ୍ଭ

ଛତିଆ,୨୨।୫(ଡି.ଏନ.ଏ.):

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲରଠାରେ ଥିବା ପୋଲିସ ତାଲିମ ପ୍ରତିଷ୍ଠାନରେ ୨ୟ ପର୍ଯ୍ୟାୟ ତାଲିମ୍ ଶିବିର ସୋମବାରଠାରୁ ଆରମ୍ଭ ହୋଇଛି। ନୂତନ ଭାବେ ନିଯୁକ୍ତି ପାଇଥିବା ୫୭୨ କନଷ୍ଟେବଲଙ୍କୁ ଏଠାରେ ତାଲିମ ଦିଆଯାଉଛି। ଏହା ଆଗାମୀ ୬ ମାସ ପର୍ଯ୍ୟନ୍ତ ଚାଲିବ। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପ୍ରତିଷ୍ଠାନର ଦୁର୍ଗପତି ଅଶୋକ ଦେହୁରୀ ଯୋଗଦେଇ ତାଲିମ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ତାଲିମ ଗ୍ରହଣକାରୀଙ୍କୁ କେନ୍ଦ୍ରର ନୀତିନିୟମ ଏବଂ ଅନୁଷ୍ଠାନର ଭାବମୂର୍ତ୍ତି ସମଗ୍ର ରାଜ୍ୟରେ ଉଚ୍ଚ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଉପଦୁର୍ଗପତୀ ମନୋଜ କୁମାର ମୁର୍ମୁ କେଉଁକେଉଁ ବିଷୟରେ କେତେ ପରୀକ୍ଷା ହେବ ସେ ବିଷୟରେ ଅଧିକ ସୂଚନା ପ୍ରଦାନ କରିଥିଲେ। ଡିସି ସୁଜିତ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଡିଏସ୍‌ପି କସ୍ତୁରୀ ନାୟକ କିଏ କେଉଁ ବିଷୟ ପାଠ ପଢ଼ାଇବେ ସୂଚନା ପ୍ରଦାନ କରିଥିଲେ। ଏହି ତାଲିମ ଶିବିରରେ ନୟାଗଡ଼ରୁ ୭୫, ସମ୍ବଲପୁର ୬, ଝାରସୁଗୁଡ଼ା ୧୦, ବରଗଡ଼ ୨୧, ଅନୁଗୋଳ ୧୭, ସୁବର୍ଣ୍ଣପୁର ୧୩, କୋରାପୁଟ ୧୮, ରାୟଗଡ଼ା ୩୦, ନୂଆପଡ଼ା ୪, ବ୍ରହ୍ମପୁରରୁ ୨୨, କଟକ ୩୭, କେନ୍ଦ୍ରାପଡ଼ା ୧୦, ଯାଜପୁର ୨୩, ଜଗତ୍‌ସିଂହପୁର ୨୨, ପୁରୀ ୮୯, ଭଦ୍ରକ ୧୭, ମୟୂରଭଞ୍ଜ ୨୩, ରାଉରକେଲା ୩୩, ସୁନ୍ଦରଗଡ଼ ୭, କେନ୍ଦୁଝର ୩୧, କଟକ ଏସ୍‌ଆରପିରୁ ୪୭ ଓ ରାଉରକେଲା ଏସଆର୍‌ପିରୁ ୧୦ ଜଣ ନୂତନ ଭାବେ ନିଯୁକ୍ତି ପାଇଥିବା କନଷ୍ଟେବଲ ସିଭିଲ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମରେ ଇନ୍ସପେକ୍ଟର ମଧୁସ୍ମିତା ମହାନ୍ତି, ଅନିତା ପ୍ରଧାନ, ସବିତାରାଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବସନ୍ତ ନାୟକ ଧନ୍ୟବାଦ ଦେଇଥିଲେ।


ପ୍ରଶିକ୍ଷଣ ନେଉଥିବା ପୋଲିସ କନଷ୍ଟେବଲମାନେ।

**ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍‌ରୁ ସହାୟତା**

ରାଜନଗର, (ଡି.ଏନ.ଏ.): ରାଜନଗର ଥାନା ଓସ୍ତିଆ ପଞ୍ଚାୟତ ନଗଡ଼ ଗ୍ରାମର ବାବାଜୀ ବରାଳ(୯୦) ରବିବାର ଘରପାଖ ରାସ୍ତାକଡ଼ରେ ଛିଡ଼ାହୋଇଥିବା ବେଳେ ଏକ ଦ୍ରୁତଗାମୀ ବାଇକ୍ ଧକ୍କାଦେବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବରପାଇ କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଅପରାହ୍ନରେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ମୃତ ବାବାଜୀଙ୍କ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ୧୦ ହଜାର ଟଙ୍କାର ସହାୟତା ରାଶି ତାଙ୍କ ପୁଅ ବିଦ୍ୟାଧରଙ୍କୁ ପ୍ରଦାନ କରିଛନ୍ତି। ସ୍ୱର୍ଗତ ବରାଳ ଅଭାବ ଅସୁବିଧା ଭିତରେ ଦିନ ବିତାଉଥିଲେ।

## ସଂକ୍ଷେପରେ

### ପୂର୍ବତନ ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ

ରାଜକନିକା,୨୨।୫ (ଡି.ଏନ.ଏ.)
ରାଜକନିକା ଥାନା ନମତରା ପଞ୍ଚାୟତର ପୂର୍ବତନ ସରପଞ୍ଚ ହୃଦାନନ୍ଦ ଦାସଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ହୃଦାନନ୍ଦ ୨୦୧୬-୧୭ ମସିହାରେ ସରପଞ୍ଚ ଥିଲେ। ଶାସକ ଦଳର ଜଣେ କର୍ମୀ ତାଙ୍କୁ ପଞ୍ଚାୟତରେ କୌଣସି ବିକାଶମୂଳକ କାର୍ଯ୍ୟ କରାଇ ନ ଦେବା ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ହଇରାଣ କରିଥିଲେ। ଅଭିଯୋଗ ଅନୁଯାୟୀ, ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି ଜେଲ ପଠାଇ ଥିଲା। ବ୍ୟକ୍ତି ଜଣକ ୪ ଦିନ ହେଲା ବେଲରେ ଆସି ହୃଦାନନ୍ଦଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ରବିବାର ସକାଳେ ସ୍ତ୍ରୀ ଆଶାଲତାଙ୍କ ସହ ହୃଦାନନ୍ଦ ନମତରା ବଜାରକୁ ଜିନିଷ କଣିବାକୁ ପାଇଁ ଆସିଥିଲେ। ବ୍ୟକ୍ତି ଜଣକ ଏକ କୋଦାଳ ବେଣ୍ଟରେ ହୃଦାନନ୍ଦଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରି କି ତାଙ୍କ ସ୍ତ୍ରୀଙ୍କୁ ମଧ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଘଟଣାସ୍ଥଳରେ ହୃଦାନନ୍ଦ ପଡ଼ି ଯାଇଥିବା ବେଳେ, ତାଙ୍କ ପାଖରେ ଥିବା ୧୭ଶହ ଟଙ୍କା ସହ ଜରୁରୀ କାଗଜ ପତ୍ରକୁ ମଧ ବ୍ୟକ୍ତି ଜଣକ ନେଇ ଯାଇଛନ୍ତି। ସଂଜ୍ଞାହୀନ ଅବସ୍ଥାରେ ଥିବା ହୃଦାନନ୍ଦଙ୍କୁ ସ୍ଥାନୀୟ ଲୋକେ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆଣିଥିଲେ। ପୋଲିସ ଅଭିଯୋଗ ଗ୍ରହଣ କରି ତଦନ୍ତ ଚଳାଇଛି। ତେବେ ଆକ୍ରମଣକାରୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୂର୍ବତନ ବିଧାୟକ ତଥା ବରିଷ୍ଠ ଭାଜପା ନେତା ଦୋଳଗୋବିନ୍ଦ ନାୟକ, ଜିଲା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜସୁନ୍ଦର ଭୂୟାଁ, ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରାଧାପକ ବୈକୁଣ୍ଠନାଥ ପରିଡା, ଆଶାଲତା ପଟ୍ଟନାୟକ, ରଶ୍ମିରଞ୍ଜନ ବେହେରା ଓ ଜୀତା ଦାସ ପ୍ରମୁଖ ଦାବି କରିଛନ୍ତି।

### ଡିହାପଡା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

ପଟ୍ଟାମୁଣ୍ଡାଇ,୨୨।୫(ସ୍ୱ.ପ୍ର.):
ପଟ୍ଟାମୁଣ୍ଡାଇ ବ୍ଲକର ଡିହାପଡା ପଞ୍ଚାୟତରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ବିଡିଓ ଶୁଭ୍ରାଂଶୁ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଡିହାପଡା ସରପଞ୍ଚ ଶତ୍ରୁଘ୍ନ ମଲିକ, ସମିତିସଭ୍ୟ ରେଣୁକା ସେଠୀ, ପୂର୍ବତନ ସରପଞ୍ଚ କବିତା ପରିଡା ଓ ମଥୁରାନନ୍ଦ ଘଡାଇ ପ୍ରମୁଖ ଯୋଗଦେଇଥିଲେ। ଆବାସ, ରାଶନକାର୍ଡ ଓ ଭତ୍ତାକୁ ମିଶାଇ ୯୦ ଅଭିଯୋଗ ଉପରେ ତତ୍‌କ୍ଷଣାତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏଥିରେ ୮ ଭତ୍ତା, ୧୩ ଜଣସଙ୍ଗଠିତ ଶ୍ରମିକଙ୍କୁ ପଞ୍ଜୀକୃତ, ୪ ଜଣଙ୍କ ଆଧାର ପଞ୍ଜୀକରଣ, ଜଳ ପରୀକ୍ଷା ୩। କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ତହସିଲଦାର ଦିଲୀପ ସେଠୀ, ସବ୍‌ଡିଭିଜନ ହସ୍ପିଟାଲ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିରାକାର ପରିଡା, ଏବିଡିଓ ସନ୍ତୋଷ କୁମାର ମନ୍ତ୍ରୀ, ଏସ୍‌ଇଓ ଉଦାର ସୁନ୍ଦର ସ୍ୱାଇଁ ପ୍ରମୁଖ ବ୍ଲକସ୍ତରୀୟ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇଥିଲେ। ସେମାନେ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପରେ ଉଚିତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

# ମେଳାରୁ ମିଳିଥିବା ରାଜସ୍ୱ ଜମାଖାତାକୁ ଯାଇନି

- ଜିଲାପାଳଙ୍କୁ ଲିଖିତ ଅଭିଯୋଗ କଲେ ସେନା ସଦସ୍ୟ
- ତଦନ୍ତ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

ମହାକାଳପଡ଼ା,୨୨।୫(ଡି.ଏନ.ଏ.)


ଜିଲାପାଳଙ୍କୁ ମା' ରାମଚଣ୍ଡୀ ଆଞ୍ଚଳିକ ସେନା ପକ୍ଷରୁ ଦାବିପତ୍ର ଦିଆଯାଉଛି।

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳର ପ୍ରସିଦ୍ଧ ଶକ୍ତିପୀଠ ମା' ରାମଚଣ୍ଡୀ ମନ୍ଦିରରେ ଝାମୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଣା ସଂକ୍ରାନ୍ତି ଝାମୁଯାତ୍ରାରେ ୫ ଶହରୁ ଅଧିକ ଦୋକାନ ବଜାରରୁ ଆଦାୟ ହୋଇଥିବା ରାଜସ୍ୱ ଅର୍ଥ ଅଦ୍ୟାବଧି ଦାୟିତ୍ୱରେ ଥିବା ଟ୍ରଷ୍ଟି ମା'ଙ୍କ ଜମାଖାତାରେ ଜମା କରି ନ ଥିବା ଗୁରୁତର ଅଭିଯୋଗ ହୋଇଛି। ଏ ନେଇ ମା' ରାମଚଣ୍ଡୀ ସେନା ପକ୍ଷରୁ ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ରହି ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଚଳିତ ବର୍ଷ ଝାମୁଯାତ୍ରାରେ ମା'ଙ୍କ ନାମରେ ରସିଦ କଟାଯାଇ ବିଭିନ୍ନ ବ୍ୟବସାୟୀଙ୍କଠାରୁ ଶହେ ଟଙ୍କାଠାରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଅର୍ଥ ଆଦାୟ କରାଯାଇଛି। ମିଳିଥିବା ସୂଚନା ଅନୁସାରେ, ମନ୍ଦିର ପରିଚାଳନା କମିଟି ଦାୟିତ୍ୱରେ ଥିବା ମଥୁରି ଚରଣ ସେନାପତିଙ୍କ ନିକଟରେ ମା'ଙ୍କ ଆଦାୟ ହୋଇଥିବା ସମସ୍ତ ୧୦ ଲକ୍ଷ ଟଙ୍କାରୁ ଅଧିକ ଟ୍ରଷ୍ଟି ନିଜ ନିକଟରେ ରଖିଥିବା ନେଇ ମା' ରାମଚଣ୍ଡୀ ଆଞ୍ଚଳିକ ସେନା ଓ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଟ୍ରଷ୍ଟି ସେନାପତି ଆଦାୟ ହୋଇଥିବା ଅର୍ଥ କାହିଁକି ମା'ଙ୍କ ବ୍ୟାଙ୍କ ପାସ୍ ବୁକ୍‌ରେ ଜମା କରି ନାହାନ୍ତି ସେଥି ପାଇଁ ଜିଲାପାଳଙ୍କ ମିଳିତ ଅଭିଯୋଗ ଜନଶୁଣାଣିରେ ଲିଖିତ ଅଭିଯୋଗ କରିଛନ୍ତି। କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ସେନା ପକ୍ଷରୁ ଲିଖିତ ଅଭିଯୋଗକୁ ଗୁରୁତର ସହ ବିଚାରକୁ ନେଇ ଉପଜିଲାପାଳ ନିରଞ୍ଜନ ବେହେରା ଓ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କୁ ଅଭିଯୋଗପତ୍ରର ସମ୍ପୂର୍ଣ୍ଣ ବିବରଣୀ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅପରପକ୍ଷରେ ମା'ଙ୍କ ମନ୍ଦିର ବିଜେସ୍ଥଳୀର ଭୂସମ୍ପତ୍ତି ୫୦ ଏକର ୮୫ ଡିସିମିଲ୍ ଜମି ଜବରଦଖଲକାରୀଙ୍କଠାରୁ ଉଦ୍ଧାର କରିବାକୁ ତ୍ୱରିତ ପଦକ୍ଷେପ ନେବା ପାଇଁ ଜିଲାପାଳ ଉଭୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖାଲି ସେତିକି ନୁହେଁ, ବ୍ଲକର ଭୋପାଳ, ପେଟଛେଲା, କୋଟିଲା, ବାରଡ଼ାଙ୍ଗ, ରାମନଗର ଆଦି ମୌଜାରେ ୨ ଶହ ଏକରରୁ ଅଧିକ ମା'ଙ୍କ ଭୂସମ୍ପତ୍ତି ରହିଛି। ମାତ୍ର ଟ୍ରଷ୍ଟିଙ୍କ ଦାୟିତ୍ୱହୀନତା ପାଇଁ ଜବରଦଖଲକାରୀଙ୍କ କବ୍‌ଜାକୁ ଏହି ସବୁ ଜମି ଚାଲିଗଲାଣି। ତେବେ ସମସ୍ତ ଭୂସମ୍ପତ୍ତିର ଉଦ୍ଧାର କରିବା ପାଇଁ ସେନା ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି. କେ. ପାଣ୍ଡିଆନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି ମା' ରାମଚଣ୍ଡୀ ଆଞ୍ଚଳିକ ସେନା ଆବାହକ ସ୍ୱାଇଁ କହିଛନ୍ତି। ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣିରେ ୩୧ଟି ଅଭିଯୋଗପତ୍ର ଦାଖଲ କରାଯାଇଥିଲା। ଏଥିରେ ସାମୂହିକ ଭାବେ ୩ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ଅଭିଯୋଗପତ୍ର ଗ୍ରହଣ କରି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ନିମନ୍ତେ ଜିଲାପାଳ ଋତୁରାଜ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗ ଶୁଣାଣିରେ ଏସ୍‌ପି ମଡକର ସମ୍ପିତ ସମ୍ପଦଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ମା' ରାମଚଣ୍ଡୀ ମନ୍ଦିର ଟ୍ରଷ୍ଟି ମଥୁରି ଚରଣ ସେନାପତିଙ୍କୁ ପଚାରିବାରେ ୩ ଲକ୍ଷ ଟଙ୍କା ମା'ଙ୍କ ଜମାଖାତାରେ ଡିପୋଜିଟ୍ ହୋଇଛି। ୭ ଲକ୍ଷ ଟଙ୍କା ମେଳାରେ ଖର୍ଚ୍ଚ କରାଯାଇଛି ବୋଲି ସେ କହିଛନ୍ତି।

# କୁରୁଣ୍ଟିରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ


ଜଣେ ବ୍ୟକ୍ତିଙ୍କୁ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଜମି ପଟ୍ଟା ପ୍ରଦାନ କରୁଛନ୍ତି।

ରାଜନଗର,୨୨।୫(ଡି.ଏନ୍.ଏ.)

ରାଜନଗର ବ୍ଲକ କୁରୁଣ୍ଟି ପଞ୍ଚାୟତ ବାତ୍ୟା ଆଶ୍ରୟସ୍ଥଳଠାରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସସ୍ମିତା ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ୫-ଟି ସଚିବଙ୍କ ରାଜନଗର ଗସ୍ତ ଓ ବିଭିନ୍ନ ବିଦ୍ୟାଳୟ, କଲେଜ, ମଠ, ମନ୍ଦିରର ଉନ୍ନତୀକରଣ ପାଇଁ ଯୋଗାଇ ଦେଇଥିବା ଆର୍ଥିକ ଅନୁଦାନ ସମ୍ପର୍କରେ ସରପଞ୍ଚ ମହାନ୍ତି ସୂଚନା ଦେଇଥିଲେ। ଏଥିରେ ୧୭୯ଟି ଅଭିଯୋଗ ହୋଇଥିଲା। ଏଥିମଧ୍ୟରୁ ଗୋଟିଏ ବିଦ୍ୟାଳୟ ସମେତ ୨୪ଟି ପଟ୍ଟା ଏହି କାର୍ଯ୍ୟକ୍ରମରେ ତହସିଲଦାର ଭୂୟାଁ ବଣ୍ଟନ କରିଥିଲେ। ଏଥିରେ ବିଡିଓ ସମୀର କୁମାର ବେହେରା ଯୋଗଦେଇ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।

# ଦାବି ପୂରଣ ପାଇଁ ଅମଲା ମଞ୍ଚ ପକ୍ଷରୁ କଳାବ୍ୟାଜ୍ ପରିଧାନ

ରାଜନଗର,୨୨।୫(ଡି.ଏନ୍.ଏ.)


ବେତନ ବୃଦ୍ଧି ପାଇଁ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରୁଛନ୍ତି।

ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ କଟକର ଆହ୍ୱାନକ୍ରମେ ଜିଲାସ୍ତରୀୟ କନିଷ୍ଠ ସହାୟକଙ୍କ ବେତନ ଲେବୁଲ-୪ରୁ ଲେବୁଲ-୯ (୭ ଗ୍ରେଡ୍ ପେ) ବୃଦ୍ଧି ଦାବିରେ ସୋମବାର ସମଗ୍ର ରାଜ୍ୟରେ ଜିଲା ଅମଲା ସଂଘ, ରାଜସ୍ୱ ଅମଲା ସଂଘ ଓ ଉପନିବନ୍ଧକ ଅମଲା ସଂଘ ପକ୍ଷରୁ କାର୍ଯ୍ୟରତ କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଛନ୍ତି। ସରକାରୀ କାର୍ଯ୍ୟ ସହ କଳାବ୍ୟାଜ୍ ପରିଧାନ କରିଛନ୍ତି। ୩୧ ସୁଦ୍ଧା ଦାବି ପୂରଣ ନ ହେଲେ ସମୂହ ଭାବେ ଜୁନ୍ ୧ ଠାରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯିବ ବୋଲି ମିଳିତ ଅମଲା ମଞ୍ଚ ପକ୍ଷରୁ ସରକାରଙ୍କୁ ଚେତାବନୀ ଦିଆଯାଇଛି। ମଞ୍ଚର ଅଧକ୍ଷ ନାରାୟଣ ଦାସ, ଅମଲା ସଂଘର ରାଜ୍ୟ ସଭାପତି ଜ୍ଞାନରଞ୍ଜନ ଦାସ, ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ଓଡ଼ିଶା ରାଜସ୍ୱ ଅମଲା ସଂଘର ସଭାପତି ତ୍ରିପତୀ ବାଲାଜୀ ସାହୁ, ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର, ଓଡ଼ିଶା ଟ୍ରେଜେରି ଅମଲା ସଂଘର ସଭାପତି ସମର କାନୁନ୍‌ଗୋ, ସମ୍ପାଦକ ଶୁଭେନ୍ଦୁ ରାଉତରାୟ, ଓଡ଼ିଶା ଉପନିବନ୍ଧକ ଅମଲା ସଂଘର ସଭାପତି ବିଭୁଦତ୍ତ ବାରିକ, ସମ୍ପାଦକ ରାକେଶ ମହାନ୍ତି ପ୍ରେସ୍ ବିବୃତିରେ ଜଣାଇଛନ୍ତି। ସୋମବାର ରାଜନଗର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ବସନ୍ତ କୁମାର ସାହୁ, ବିରାମ ସୋରେନ, ବିପ୍ଳବ ସେନାପତି ପ୍ରମୁଖ କଳାବ୍ୟାଜ ପରିଧାନ କରି ପ୍ରତିବାଦ ଜଣାଇଛନ୍ତି।

# ପଟ୍ଟାମୁଣ୍ଡାଇରେ ସବ୍‌ଡିଭିଜନକୁ କେହି ରୋକିପାରିବେ ନାହିଁ

ପଟ୍ଟାମୁଣ୍ଡାଇ,୨୨।୫(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇରେ ସମସ୍ତ ଭିତ୍ତିଭୂମି ରହିଥିବାରୁ ସବ୍‌ଡିଭିଜନ ଘୋଷଣାକୁ କେହି ରୋକିପାରିବେ ନାହିଁ ବୋଲି ବ୍ଲକ ବିଜେଡି ସଭାପତି କିଶୋର ସାହୁ ଓ ନଗର ବିଜେଡି ସଭାପତି ବୁଢା ଲେଙ୍କା ପ୍ରେସ୍ ବିବୃତିରେ ସୋମବାର ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି, ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ପାଇଁ ଆବଶ୍ୟକ ଭିତ୍ତିଭୂମି ତିଆରି କରିବା ଦିଗରେ ରାଜନଗର ବିଧାୟକ ଧ୍ରୁବ ସାହୁ ଓ ବିଜେଡି ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ପଟ୍ଟାମୁଣ୍ଡାଇ ଏଡିଜେ କୋର୍ଟ, ସବ୍‌ଡିଭିଜନ ହସ୍ପିଟାଲ, ପଟ୍ଟାମୁଣ୍ଡାଇ ପୋଲିସ ସବ୍‌ଡିଭିଜନ, ବିଦ୍ୟୁତ୍ ସବ୍‌ଡିଭିଜନ, କୃଷି ଜିଲା, ଜଳ ସମ୍ପଦ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ ସବ୍‌ଡିଭିଜନ ଆଦି ଅନେକ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇଛି। ଏଣୁ ସବ୍‌ଡିଭିଜନ ଦାବିକୁ ଏହା ବଳିଷ୍ଠ କରିଛି। ଏତଦ୍‌ବ୍ୟତୀତ ରାଜନଗର ବିଧାୟକ ସାହୁ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ନେଇ ମୁଖ୍ୟମନ୍ତ୍ରୀ ଓ ରାଜସ୍ୱମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ବିଧାନସଭାରେ ଏକାଧିକ ବାର ପ୍ରଶ୍ନ ଉତ୍ଥାପନ କରି ସରକାରଙ୍କ ସ୍ପଷ୍ଟ ମତ ହାସଲ କରିଛନ୍ତି। କେବଳ ନିର୍ବାଚନ ଆସିଲେ ରାଜନୈତିକ ଫାଇଦା ପାଇବା ଓ ଜନମତ ବିଭ୍ରାନ୍ତ କରିବାକୁ ବିରୋଧୀ ଦଳମାନେ ସବ୍‌ଡିଭିଜନ ଦାବି ନେଇ କୁମ୍ଭୀର କାନ୍ଦଣା ଆରମ୍ଭ କରନ୍ତି, ଯାହାର ବାସ୍ତବରେ କୌଣସି ମୂଲ୍ୟ ନାହିଁ ବୋଲି ବ୍ଲକ ଓ ନଗର ବିଜେଡି ସଭାପତି କହିଛନ୍ତି। ଏଥିସହ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନକୁ କେହି ରୋକିପାରିବେ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# କଳସ ଶୋଭାଯାତ୍ରା, ସହସ୍ର କୁମ୍ଭାଭିଷେକ


ବିଧାୟକ ଧ୍ରୁବ ସାହୁ ଓ ସ୍ତ୍ରୀ ସ୍ମିତା ପରିଡା କର୍ତ୍ତାକର୍ତ୍ତ୍ରୀ ଭାବେ ପୂଜାରେ ବସିଛନ୍ତି।

## ଶ୍ରୀ ଶ୍ରୀଗର୍ଗେଶ୍ୱରଙ୍କ ଶୀତଳଷଷ୍ଠୀ ଉତ୍ସବ

ରାଜନଗର, ୨୨।୫(ଡି.ଏନ.ଏ.)

ରାଜନଗର ବ୍ଲକ ମୁଖଶାଳାରେ ଅବସ୍ଥିତ ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀଗର୍ଗେଶ୍ୱର ମନ୍ଦିର ପରିସରରେ ପବିତ୍ର ଶୀତଳଷଷ୍ଠୀ ଉତ୍ସବ ଆରମ୍ଭ ହୋଇଛି। ବୈଦିକ ରୀତିନୀତି ଅନୁଯାୟୀ ଦେବଦମ୍ପତିଙ୍କ ବିବାହ ମହୋତ୍ସବର ଆଦ୍ୟପର୍ବର କାର୍ଯ୍ୟକ୍ରମରେ ଅଙ୍କୁରାରୋପଣ, କଳସ ଶୋଭାଯାତ୍ରା ଏବଂ ସହସ୍ର କୁମ୍ଭାଭିଷେକ ଆରମ୍ଭ ହୋଇଯାଇଛି। ରବିବାର ଅପରାହ୍ନରେ ଗୋସିଗାଁ, ନୁରୁଗାଁ, ଗର୍ଜନପୁର, ଜଗନ୍ନାଥପୁର, ଶଙ୍ଖପୁର, ବାଲିଖାରୀ ପ୍ରଭୃତି ଆଖପାଖ ଗ୍ରାମର ଶତାଧିକ ମହିଳାପୁରୁଷ କଳସଯାତ୍ରା କରି ହଂସୁଆ ନଦୀ କୂଳରେ ପହଞ୍ଚିଥିଲେ। ହଂସୁଆ ନଦୀ କୂଳରେ ପୂଜାର୍ଚ୍ଚନା କରାଯିବା ପରେ କଳସରେ ପାଣି ଉଠାଇ ବୀଣାପାଣି ବଜାର, ତ୍ରିନାଥ ବଜାର ପରିକ୍ରମା କରି ଶ୍ରୀଗର୍ଗେଶ୍ୱରଙ୍କ ପୀଠଯଜ୍ଞ ମଣ୍ଡପରେ ପହଞ୍ଚି କଳସ ସ୍ଥାପନ କରାଯାଇଥିଲା। ବିଶ୍ୱକଲ୍ୟାଣ ପାଇଁ ଏହି ଅବସରରେ ଗୀତାଯଜ୍ଞ ଆରମ୍ଭ ହୋଇଛି। ସୋମବାର ଶ୍ରୀଗର୍ଗେଶ୍ୱରଙ୍କର ସହସ୍ର କୁମ୍ଭ ଜଳାଭିଷେକ କରାଯାଇଛି। କର୍ତ୍ତା ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଏବଂ ତାଙ୍କ ସ୍ତ୍ରୀ ସ୍ମିତା ପରିଡ଼ା ପ୍ରଥମେ ଗର୍ଗେଶ୍ୱର ମହାଦେବଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଜଳାଭିଷେକ କରିଥିଲେ। ପରେ ଶତାଧିକ ଶ୍ରଦ୍ଧାଳୁ ଜଳାଭିଷେକରେ ଅଂଶଗ୍ରହଣ କରିଥିଲେ। ଏହି ଉତ୍ସବ ସମୟରେ ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ରହିଥିଲେ। ନାମ ସଂକୀର୍ତ୍ତନ ଏବଂ ହୁଳହୁଳି ମଧ୍ୟରେ ଶୈବପୀଠ ଉତ୍ସବ ମୁଖର ହୋଇପଡ଼ିଥିଲା। ୫ ଦିନବ୍ୟାପୀ ଏହି ବୈଦିକ ଉତ୍ସବ ଅନୁଷ୍ଠିତ ହେବ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭଜନ ସନ୍ଧ୍ୟା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା କାର୍ଯ୍ୟକ୍ରମ ରହିଛି। ମନ୍ଦିରର ମୁଖ୍ୟ ପୂଜକ ଅକ୍ଷୟ କୁମାର ମିଶ୍ର, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ଅଭୟ କୁମାର ମିଶ୍ର, ହର କୁମାର ମିଶ୍ର, ନିତ୍ୟାନନ୍ଦ ମିଶ୍ର, ନିର କିଶୋର ମିଶ୍ର, ପ୍ରମୋଦ ପାଣି ପ୍ରମୁଖ ଦେବନୀତି ସମ୍ପନ୍ନ କରୁଛନ୍ତି। ଶୀତଳଷଷ୍ଠୀ ଓ ଗୀତାଯଜ୍ଞ କମିଟିର ସଦସ୍ୟ ଏବଂ ଗୋସିଗାଁ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

# ମାର୍ଶାଘାଇରେ ଶ୍ରୀରାମଲାଲା ମନ୍ଦିର, ବିଗ୍ରହ ପ୍ରତିଷ୍ଠା


ମହିଳାମାନେ ମନ୍ଦିର ପ୍ରତିଷ୍ଠା ଲାଗି ଲୁଣା ନଦୀରୁ କଳସରେ ପାଣି ନେଇ ଯଜ୍ଞ ମଣ୍ଡପକୁ ଯାଉଛନ୍ତି।

ମାର୍ଶାଘାଇ, ୨୨।୫(ଡି.ଏନ୍.ଏ.)

ମାର୍ଶାଘାଇ ବଜାର ନିକଟସ୍ଥ ଶିବ ମନ୍ଦିର ପରିସରରେ ଶ୍ରୀରାମଲାଲା ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ସହ ମହାଯଜ୍ଞ ରବିବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ଲୁଣାନଦୀ ଘାଟରୁ କଳସ ଶୋଭାଯାତ୍ରା ବାହାରି ଲକ୍ ଛକ, ଲୁଣ ଛକ, କଲେଜ ଛକ, ବନ୍ଧ ସାହି, କୁମ୍ଭାର ସାହି, ମୁଖ୍ୟ ବଜାର ଓ ବନମାଳୀ ଛକ ପରିକ୍ରମା କରି ଯଜ୍ଞ ମଣ୍ଡପରେ ପହଞ୍ଚି ଥିଲା। ପରେ ଘଟ ସ୍ଥାପନ, ଯଜ୍ଞ ମଣ୍ଡପ ପୂଜା, ସୂର୍ଯ୍ୟ ପୂଜା, ଗୋ ପୂଜା ଆଦି କରାଯାଇଥିଲା। ପରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ମାର୍ବଲ ବିଗ୍ରହ ନଗର ପରିକ୍ରମା କରାଯାଇଥିଲା। ସୋମବାର ମନ୍ଦିର ପ୍ରତିଷ୍ଠା, ବିଗ୍ରହ ପ୍ରାଣ ନ୍ୟାସ ଓ ଯଜ୍ଞ ଆହୁତି ପ୍ରଦାନ କରାଯାଇଛି। ମଙ୍ଗଳବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବ। ଡା କାହ୍ନୁ ଚରଣ ସ୍ୱାଇଁ, ସୁନାକର ସାମଲ, ଅରୁଣ ବେଉରା, ପ୍ରମୋଦ ଦାସ, କେଶବ ଦାସ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ସ୍ନେହଲତା ବେହେରା, ସରିତା ପ୍ରଧାନ, ସମିତି ସଭ୍ୟା ଭାରତୀ କାନୁନ୍‌ଗୋ, ମାନସୀ ମନ୍ତ୍ରୀଙ୍କ ସମେତ ଗ୍ରାମବାସୀ ସକ୍ରିୟ ସହଯୋଗ କରୁଛନ୍ତି।

# ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ରାଜନଗର,୨୨।୫(ଡି.ଏନ.ଏ.)

ରାଜନଗର ବ୍ଲକ କେରୁଆଁପାଳ ପଞ୍ଚାୟତ ଅନନ୍ତକେଶରୀ ଗାଁରେ ଅଗ୍ନିକାଣ୍ଡରେ ୨ ବଖରା ସହ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ସୋମବାର ପୂର୍ବାହ୍ନ ୧୧ଟାରେ ଗାଁର ହାରାଧନ ବେରାଙ୍କ ଘରେ ନିଆଁ ଲାଗିଯାଇଥିଲା। ଅତ୍ୟଧିକ ଗୁଳୁଗୁଳି ଓ ପ୍ରଚଣ୍ଡ ଖରା ଯୋଗୁ ନିଆଁକୁ ଆୟତ୍ତ କରିବା ସମ୍ଭବ ହୋଇପାରି ନ ଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କଲା ବେଳକୁ ସମସ୍ତ ଆସବାସପତ୍ର ଓ ଘର ପୋଡ଼ି ପାଉଁଶ ହୋଇଯାଇଥିଲା। ବିଦ୍ୟୁତ୍ ଶଟ ସର୍କିଟ୍‌ରୁ ଏହି ନିଆଁ ଲାଗିଥିବା କୁହାଯାଉଛି।

# ଗିରିବନ୍ଧ ପ୍ରିମିୟର ଲିଗ: ରୟାଲ ୱାରିୟର୍ସ ଚାମ୍ପିୟନ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ଆଳି,୨୨।୫(ଡି.ଏନ.ଏ.)

ଆଳି ବ୍ଲକ ଗିରିବନ୍ଧ ଖେଳ ପଡ଼ିଆରେ ମାସେ ହେବ ଚାଲିଥିବା ଗିରିବନ୍ଧ ପ୍ରିମିୟର ଲିଗ ଫାଇନାଲ ମ୍ୟାଚ ହୋଇଯାଇଛି। ଏହି ଲିଗରେ ରୟାଲ ୱାରିୟର୍ସ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ ରୟାଲ ୱାରିୟର୍ସ ଓ ଆରଏସ୍ ଚ୍ୟାଲେଞ୍ଜର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୟାଲ ୱାରିୟାର ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ୧୨୭ରନ ସଂଗ୍ରହ କରିଥିଲା। ଜବାବରେ ଆରଏସ୍ ଚ୍ୟାଲେଞ୍ଜର୍ସ ୧୦ ଓଭର ଖେଳି ୯ ଉଇକେଟରେ ୧୦୩ କରି ମ୍ୟାଚ ହାରି ଯାଇଥିଲା। ଫଳରେ ରୟାଲ ୱାରିୟର ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ବ୍ଲକ ଅଧକ୍ଷ ମନୋରଞ୍ଜନ ସାମଲ, ସମ୍ମାନିତ ଅତିଥି ଭାବେ ଚିରଞ୍ଜିବି ଦାସ, ଗଣେଶ୍ୱର ସାମଲ, କୃଷ୍ଣଚନ୍ଦ୍ର ପରିଡା, ପ୍ରଫୁଲ୍ଲ ସିଂହ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଟିମ୍‌କୁ ଟ୍ରଫି ସହିତ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ମ୍ୟାନ ଅଫ ଦି ସିରିଜ ଦୀପକ ସାମଲ, ମ୍ୟାନ ଅଫ ଦି ମ୍ୟାଚ ସତ୍ୟରଞ୍ଜନ ସାମଲଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହି ପ୍ରିମିୟର ଲିଗକୁ ଗିରିବନ୍ଧ ଗ୍ରାମର କ୍ରିକେଟ ଖେଳାଳିମାନେ ପରିଚାଳନା କରିଥିଲେ।

# ପଲ୍ଲୀରେ ପ୍ରଶାସନ: କାଉପଡ଼ାରେ ୧୭୮ ଅଭିଯୋଗ

ଡେରାବିଶ,୨୨।୫ (ସ୍ୱ.ପ୍ର.)


ପ୍ରଶାସନିକ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଡେରାବିଶ ବ୍ଲକ ଅନ୍ତର୍ଗତ କାଉପଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତୀ ମଲିକ ଶୁଭାରମ୍ଭ କରିଥିଲେ। ଏଥିରେ ପଞ୍ଚାୟତ ସମିତି ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଦାଶରଥି ଜେନା, ତହସିଲଦାର ଅକ୍ଷୟ ପରିଡ଼ା, ସିଡିପିଓ ସ୍ନେହଲତା ସାହୁ, ଏବିଡିଓ ଭଞ୍ଜକିଶୋର ନାୟକ ଉପସ୍ଥିତ ରହି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ଆସିଥିବା ୧୭୮ଟି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ମଧ୍ୟରୁ କେତେକ ଅଭିଯୋଗର ତ୍ୱରିତ ସମାଧାନ ହୋଇଥିବା ବେଳେ ଅନ୍ୟଗୁଡ଼ିକୁ ଉପସ୍ଥିତ ବିଭାଗୀୟ ସମ୍ପ୍ରସାରଣ ଅଧିକାରୀଙ୍କ ନିକଟକୁ ବିଡିଓ ଜେନା ପଠାଇଥିଲେ।

କାର୍ଯ୍ୟକ୍ରମରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ମତ୍ସ୍ୟ ବିଭାଗ ଅଧିକାରୀ ରଶ୍ମିରଞ୍ଜନ ଦାସ, କୃଷି ବିଭାଗର ପ୍ରଣତି ବେହେରା, ସାମାଜିକ ସୁରକ୍ଷା ସହକାରୀ ଅଧିକାରୀ ଚୌଧୁରୀ ଦୀପକ କୁମାର, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଦେବାଶିଷ ଧଳ ଓ ବିଭୁଦତ୍ତ ଦାସ, ଗୃହ ନିର୍ମାଣ ବିଭାଗର ଦେବେଶ ବେହେରା, ପ୍ରମୋଦ କୁମାର ଦାସ, ତାପସ କୁମାର ଜେନା ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗ ଗ୍ରହଣ କରିଥିଲେ। ଏଥିରେ ବାସଗୃହ ଯୋଜନା ଓ ରାଶନ କାର୍ଡ଼ରୁ ବଞ୍ଚିତ ହିତାଧିକାରୀ, ସ୍ୱଚ୍ଛ ଭାରତ ମିଶନରେ ନିର୍ମିତ ପାଇଖାନା ଯୋଜନାରୁ ବଞ୍ଚିତ ହିତାଧିକାରୀମାନେ ସେମାନଙ୍କ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏଥିସହ ଜମିଜମା ସଂକ୍ରାନ୍ତୀୟ ଅଭିଯୋଗ ତହସିଲଦାରଙ୍କ ନିକଟରେ କରାଯାଇଛି। ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ବିଡିଓଙ୍କ ନିକଟରେ କେତେଜଣ ଲୋକ ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ ଖୋଲାଯାଇଥିଲା। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖୋଲା ଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହାକୁ କାର୍ଯ୍ୟନିର୍ବାହୀ ଅଧିକାରୀ ଶୁଧିଶୋଭାମୟୀ ସିଂ, ଅନିଲ କୁମାର ସେଠୀ, ଶରତ ଚନ୍ଦ୍ର ମହାନ୍ତି, ଅଖତର ଅଲ୍ଲୀ ପ୍ରମୁଖ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**ଭାପୁର,୨୨।୫(ଡି.ଏନ୍.ଏ.):** ଭାପୁର ବ୍ଲକ ଗୋଲାପୋଖରୀ ପଞ୍ଚାୟତ ଅଧୀନ ଜଗଦୀଶପ୍ରସାଦ ଗ୍ରାମର ବାସୁଦେବ ପ୍ରଧାନଙ୍କ ସାନପୁଅ ବାପୁଜୀ ଗୁମାନ ସିଂ (୨୮)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି । ବାପୁଜୀ ଭୁବନେଶ୍ୱରର ଏକ ବେସରକାରୀ ଠିକାସଂସ୍ଥାରେ କାମ କରୁଥିଲେ । ୩ ତଳେ ବିଦ୍ୟୁତ୍ ଆଘାତରେ ତାଙ୍କର ଏକ ଆଖି ସଂକ୍ରମଣ ହେବାରୁ ଅପରେଶନ କରାଯାଇଥିଲା । ସାବିତ୍ରୀ ବ୍ରତ ପାଇଁ ସେ ଘରକୁ ଆସିଥିଲେ। ହେଲେ ରବିବାର ସକାଳୁ ଭୁବନେଶ୍ୱର ଯାଇଥିଲେ। ବରମୁଣ୍ଡା ନିକଟରେ ଏକ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି କାମ କରୁଥିବା ସମୟରେ ବିଦ୍ୟୁତ୍ ତାର ଲାଗି ସେ ତଳେ ପଡିଯାଇଥିଲେ। ତାଙ୍କ ପଛପଟ ମୁଣ୍ଡ ମାଡ଼ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ମେଡ଼ିକାଲକୁ ନେଇଯାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ଏକ ୩ ବର୍ଷର ଝିଅ ଅଛନ୍ତି ।

### ରୋଗୀ କଲ୍ୟାଣ ସମିତି ବୈଠକ

**ଭାପୁର,୨୨।୫(ଡି.ଏନ.ଏ.):** ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ଅପରାହ୍ନରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ବିଶ୍ୱନାଥ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଯୋଗଦେବା ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ବାବଦରେ ପଚାରି ବୁଝିଥିଲେ। ମୁଖ୍ୟତଃ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ, ଡାକ୍ତର ଅଭାବ, ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ସୁରକ୍ଷା ପ୍ରାଚୀର ନିର୍ମାଣ ଆଦି ପ୍ରସଙ୍ଗରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଭାପୁର ବିଡିଓ ରଣଜିତ୍ କୁମାର ମଲ୍ଲିକ, ଭାପୁର ପଞ୍ଚାୟତ ସମିତି ଉପାଧକ୍ଷ ବେଣୁଧର ପ୍ରଧାନ, ଡାକ୍ତର ସତ୍ୟ ପ୍ରିୟ ସାହୁ, ଡାକ୍ତର ପ୍ରଦୀପ କୁମାର ପାଇକରାୟ , ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଡା. ଅଶୋକ କୁମାର ସାହୁ, ବ୍ଲକ ପ୍ରୋଗ୍ରାମ ଅଫିସର ବିଶ୍ୱରଞ୍ଜନ ସୁବୁଦ୍ଧି, ସିଡିପିଓ ରେଣୁବାଳା ନନ୍ଦ, ଜେଇ ରଶ୍ମୀରଞ୍ଜନ ପଟ୍ଟନାୟକ ଉପସ୍ଥିତ ରହିଥିଲେ ।

### କଳା ବ୍ୟାଜ୍ ପରିଧାନ କଲେ ଅମଲା

**ନୟାଗଡ଼ ଅଫିସ,୨୨।୫:** ସ୍ନାତକ ଯୋଗ୍ୟତା ଅନୁଯାୟୀ ବରିଷ୍ଠ ସହାୟକମାନଙ୍କୁ ୪୨୦୦ ଟଙ୍କା ଗ୍ରେଡ଼ ପେ ଦେବାର ଦାବି ପୂରଣ ନ ହେବାରୁ ନୟାଗଡ଼ ଜିଲାର ଅମଲାମାନେ ସୋମବାରଠାରୁ କଳାବ୍ୟାଜ୍ ପରିଧାନ କରି ସରକାରୀ କାମ କରିଛନ୍ତି । ଅନ୍ୟପକ୍ଷେ ଜିଲା ଅମଲା ସଂଘ ପକ୍ଷରୁ ଏକ ଦାବିପତ୍ର ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କୁ ପ୍ରଦାନ କରାଯାଇଛି। ନୟାଗଡ଼ ଜିଲା ଅମଲା ସଂଘ ମିଳିତ ମଞ୍ଚ ପକ୍ଷରୁ ଉପଦେଷ୍ଟା କୈଳାସ ଚନ୍ଦ୍ର ଓଝା,ଉପସଭାପତି ରଶ୍ମିରଞ୍ଜନ ଦାଶ ଏବଂ ରାମକୃଷ୍ଣ ନାୟକ ପ୍ରମୁଖ ଉପସ୍ଥିତ ରହି ବିଧାୟକଙ୍କୁ ନୟାଗଡ଼ ବ୍ଲକ ପରିସରରେ ଦାବିପତ୍ର ପ୍ରଦାନ କରିଥିଲେ ।

# ପ୍ରତିଶ୍ରୁତି ରଖିପାରିଲେନି ଅଧିକାରୀ

**ନୂଆଗାଁ,୨୨।୫(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସୋରଡ଼ା -ଗୌଡ଼ଚାଞ୍ଚେରାପଲି ଆରଡି ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ନେଇ ଅଞ୍ଚଳବାସୀ ଅତିଷ୍ଠ ହୋଇ ପଡିଲେଣି। ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ରାସ୍ତା ନିର୍ମାଣ କାର୍ଯ୍ୟ ସାରିବା ପାଇଁ ଠିକାଦାର, ବିଭାଗୀୟ କନିଷ୍ଠ ଯନ୍ତ୍ରୀ, ବିଭାଗୀୟ ନିର୍ବାହୀ ଅଧିକାରୀ, ନୂଆଗାଁ ଅତିରିକ୍ତ ତହସିଲଦାର ଓ ଥାନାଧିକାରୀ ଲିଖିତ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଆଜି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାମରେ କୌଣସି ଅଗ୍ରଗତି ନ ହେବାରୁ ସୋମବାର ଅଭିଯୋଗ ଶୁଣାଣିରେ ଅଞ୍ଚଳବାସୀ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ସମ୍ପୃକ୍ତ ଠିକାଦାର କାମ କରିବା ପାଇଁ ଅସମର୍ଥ, ତେଣୁ ଏହାର ଟେଣ୍ଡରକୁ ବାତିଲ କରି ନୂଆ ଠିକାସଂସ୍ଥା ମାଧ୍ୟମରେ ଶୀଘ୍ର କାମ କରାଯାଉ ବୋଲି ଅଞ୍ଚଳବାସୀ ଜିଲାପାଳଙ୍କୁ କହିଛନ୍ତି।

ଖୋର୍ଦ୍ଧା- ବଲାଙ୍ଗୀର ୫୭ ନଂ.ଜାତୀୟ ରାଜପଥ ସୋରଡ଼ାଠାରୁ ଗୌଡ଼ଚାଞ୍ଚେରାପଲି ଦେଇ ଯାଇଥିବା ଆର୍.ଡି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ୩ ବର୍ଷ ବିତିଥିଲେ ମଧ୍ୟ ଅଦ୍ୟାବଧି କାମ ଶେଷ ହୋଇ ପାରୁନାହିଁ। ଠିକାଦାର ଶିଥିଳତାର ସହ କାମ କରୁଛି। ଯାହା ଫଳରେ ଜାତୀୟ ରାଜପଥରୁ ଜଗନ୍ନାଥପ୍ରସାଦ, ଗୌଡଚାଞ୍ଚେରାପଲି, କନ୍ଦଳବ ସମେତ ୩ ଗାଁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ରହିଛି । ରାସ୍ତା ନିର୍ମାଣ ଦାବି କରି ଅନେକ ଥର ଆନ୍ଦୋଳନ ହେବା ସହ ଜାତୀୟ ରାଜପଥ ଅବରୋଧ କରାଗଲାଣି। ଚଳିତ ବର୍ଷ ଜାନୁୟାରୀ ୧୭ ତାରିଖରେ ଶତାଧିକ ମହିଳା ପୁରୁଷ ୫୭ ନଂ. ଜାତୀୟ ରାଜପଥ ଅବରୋଧ କରିବା ଖବର ପାଇ ଆରଡି କାର୍ଯ୍ୟ ନିର୍ବାହୀ ଅଧିକାରୀ ସୌଭାଗ୍ୟ କୁମାର ଦାସ, କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ସାହୁ, ନୂଆଗାଁ ଥାନା ପୋଲିସ , ଠିକାଦାର ଆଦି ଘଟଣାସ୍ଥଳରେ ପହଞ୍ଚି ମାର୍ଚ୍ଚ ୩୧ ସୁଦ୍ଧା ରାସ୍ତା ଓ ପୋଲ କାମ ଶେଷ କରିବାର ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଆନ୍ଦୋଳନକାରୀ ଆନ୍ଦୋଳନରୁ ହଟିଥିଲେ । କାମ ଶେଷ ହେବା ବଦଳରେ ସେହି କାମ ଧିମେଇ ଚାଲିଛି । ତେଣୁ ଉକ୍ତ ଠିକାସଂସ୍ଥାର ଟେଣ୍ଡର ବାତିଲ କରି ନୂତନ ଠିକାଦାର ମାଧ୍ୟମରେ କାମ କରିବାକୁ ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ମହିଳାମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି।


ଜିଲାପାଳଙ୍କୁ ଅଭିଯୋଗ ପାଇଁ ଆସିଥିବା ମହିଳା ଓ ପୁରୁଷ ।

**ସୋରଡ଼ାଠାରୁ ଗୌଡ଼ଚାଞ୍ଚେରାପଲି ରାସ୍ତା ନିର୍ମାଣ ପ୍ରସଙ୍ଗ**
- ଜିଲାପାଳଙ୍କୁ ଭେଟି ଅଭିଯୋଗ କଲେ ଅଞ୍ଚଳବାସୀ
- ନୂଆ ଟେଣ୍ଡର କରି କାମ କରିବାକୁ ଦାବି

# ନକଲି ମୃଦୁ ପାନୀୟ ବିକ୍ରି ବଢ଼ୁଛି

**ଭାପୁର,୨୨।୫(ଡି.ଏନ୍.ଏ.)**

- ଜିଲା ପ୍ରଶାସନର ନଜର ନାହିଁ
- ବୋତଲ ଭିତରେ ପୋକ ସାଲୁବାଲୁ

ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରେ ଜନଜୀବନ ପ୍ରଭାବିତ ହୋଇଛି। ଏହି ସୁଯୋଗରେ ବିଭିନ୍ନ କମ୍ପାନୀର ଶସ୍ତା ଓ ନକଲି ମୃଦ ପାନୀୟ ନୟାଗଡ଼ ଜିଲା ଭାପୁର ବ୍ଲକ ଅଞ୍ଚଳରେ ବିକ୍ରି ହେଉଛି । ପାନ,ତେଜରାତି ଓ ଷ୍ଟେଶନାରୀ ଦୋକାନରେ ଏପରି ମୃଦପାନୀୟ ସହିତ ବୋତଲ ପାଣି, ଆଇସକ୍ରିମ, ଘୋଳଦହି, ସୋଡା ବିକ୍ରି ହୋଇଛି। ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ପର୍ଯ୍ୟନ୍ତ ସମସ୍ତେ ଏପରି ମୃଦୁ ପାନୀୟ କିଣି ପିଉଛନ୍ତି । କେତେଜଣ ଲାଭଖୋର ବ୍ୟବସାୟୀ ଅନାମଧେୟ କମ୍ପାନୀର ମୃଦୁ ପାନୀୟ, ଆଇସକ୍ରିମ୍, ଘୋଳଦହି, ଲସି ବିକ୍ରି କରୁଛନ୍ତି । ଏହାକୁ ନେଇ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିକ୍ରି ହେଉଥିବା ଉପରୋକ୍ତ ସାମଗ୍ରୀ ପ୍ରସ୍ତୁତ କରୁଥିବା କମ୍ପାନୀର ଟ୍ରେଡ ଲାଇସେନ୍ସ କି ଫୁଡ୍ ଲାଇସେନ୍ସ ନ ଥିବା ସୂଚନା ମିଳିଛି । ଏପରି ସାମଗ୍ରୀ ପିଉଥିବା ଓ ଖାଉଥିବା ଲୋକମାନଙ୍କ ସହିତ ଛୋଟ ପିଲାମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ନଜିର ରହିଛି ।

ଶନିବାର ଜଣେ ଗ୍ରାହକ ସ୍ଥାନୀୟ ବଜାରରୁ ଏକ ଥଣ୍ଡା ମୃଦୁ ପାନୀୟ ଓ ପାଣି ବୋତଲ କିଣିଥିଲେ। ହେଲେ ସେ ପାଣି ବୋତଲ ଓ ମୃଦପାନୀୟ ବୋତଲ ସିଲ ଥିଲେ ମଧ ଭିତରେ ପୋକ ଭାସୁ ଥିବା ଦେଖିବାକୁ ମିଳିଥିଲା। ଏହାକୁ ସେ ଅନ୍ୟମାନଙ୍କୁ ଦେଖାଇ ସେ ଦୋକାନୀଙ୍କୁ ଫେରାଇଥିଲେ । ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ଏପରି ସାମଗ୍ରୀ ବିକ୍ରି ଉପରେ କୌଣସି ରୋକ୍‌ଲଗାଉ ନ ଥିବା ଅଭିଯୋଗ ହୋଇଛି । ଏନେଇ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସତ୍ୟପ୍ରିୟ ସାହୁ ଓ ପଦ୍ମାବତୀ ଉପସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରଦୀପ କୁମାର ପାଇକରାୟଙ୍କୁ ପଚାରିଲେ ସେ କୁହନ୍ତି। ଏପରି ଶସ୍ତା ଓ ନିମ୍ନମାନର ମୃଦପାନୀୟ ପେଟ ରୋଗର କାରଣ ହୋଇଥାଏ । ଏହା ଝାଡ଼ା, ବାନ୍ତି ରୋଗ ସୃଷ୍ଟି କରିଥାଏ । କୌଣସି ରାସାୟନିକ ସାମଗ୍ରୀର ମାତ୍ର ଅଧିକ ହେଲେ କିଡନୀ ଉପରେ ତାର ପ୍ରଭାବ ପଡ଼ିଥାଏ। ଏପରି ମୃଦପାନୀୟ ନ ବ୍ୟବହାର କରିବାକୁ ଉଭୟ ପରାମର୍ଶ ଦେଇଛନ୍ତି ।

# ଅମୃତ ସରୋବର ଖନନ ପାଇଁ ଶିଳାନ୍ୟାସ


ଶିଳାନ୍ୟାସ ଉତ୍ସବରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଅନ୍ୟମାନେ ।

**ଭାପୁର,୨୨।୫(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଗୋଲାପୋଖରୀ ପଞ୍ଚାୟତ ପାଥପୁର ଗ୍ରାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ଅର୍ଥ ବ୍ୟୟ କରାଯାଇଛି। ଜଳର ସଦୁପଯୋଗ ଓ ସଂରକ୍ଷଣ କରିବାକୁ ଲକ୍ଷ୍ୟ ରଖି ଅମୃତ ଯୋଜନା ମାଧମରେ ପୁଷ୍କରିଣୀ ଖନନ ପାଇଁ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଶିଳାନ୍ୟାସ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଣଜିତ୍ ମଲ୍ଲିକ, ଭାପୁର ପଞ୍ଚାୟତ ସମିତି ଉପାଧକ୍ଷ ବେଣୁଧର ପ୍ରଧାନ, ଜିଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ, ବିଧାୟକଙ୍କ ପ୍ରତିନିଧି ଜିତେନ୍ଦ୍ର କୁମାର ରଣସିଂହ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଅନିଲ ବୈରୀ ରଞ୍ଜନ, ସମିତି ସଭ୍ୟ ହରିହର ଛୁଆଲସିଂ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେଇ ଚିତ୍ତ ରଞ୍ଜନ ପରିଡା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପଦ୍ମଚରଣ ବିଶ୍ୱାଳ, ଜିଆରଏସ୍ ପୁଷ୍ପଲତା ମହାପାତ୍ର, ଗ୍ରାମ୍ୟ କମିଟିର ମୁଖ୍ୟ ରାଧା ଚରଣ ସ୍ୱାଇଁ, ବଳଭଦ୍ର ସ୍ୱାଇଁ, ଅଜିତ୍ କୁମାର ପାଇକରାୟ ସମେତ ଗ୍ରାମର ଶତାଧିକ ବ୍ୟକ୍ତି ସାମିଲ ହୋଇଥିଲେ। ଅମୃତସର ଧଳାବନ୍ଧ ପୁଷ୍କରିଣୀ ଖନନ ପାଇଁ ୯ଲକ୍ଷ ୯୯ ହଜାର ଟଙ୍କା ମଞ୍ଜୁର ହୋଇଥିବା ବିଭାଗୀୟ ଅଧିକାରୀଙ୍କ ଠାରୁ ସୂଚନା ମିଳିଛି। ପୁଷ୍କରିଣୀ ଖନନ ହେଲେ ଗ୍ରାମବାସୀ ଉପକୃତ ହେବେ।

# ବିଜୁ ମାର୍କେଟରେ ଜିଏସ୍‌ଟି ଚଢ଼ାଉ

**ନୟାଗଡ଼ ଅଫିସ,୨୨।୫**

ନୟାଗଡ଼ ସହରର ବିଜୁ ମାର୍କେଟର ମଣ୍ଡଳ ଏଜେନ୍ସିର ଗୁଟ୍‌ଖା ଗୋଦାମ ସମେତ ୩ ଦୋକାନ ଉପରେ ଜିଏସ୍‌ଟି ଚଢ଼ାଉ କରିଛି । ଭୁବନେଶ୍ୱର ଓ ଜଟଣୀ ଜିଏସ୍‌ଟିର ଏନ୍‌ଫୋର୍ସମେଣ୍ଟର ୧୦ ଜଣିଆ ଟିମ୍ ଏହି ଚଢ଼ାଉ କରି ଟିକସ ଫାଙ୍କିର ଯାଞ୍ଚ କରିଥିଲେ । ତେବେ ଜିଏସ୍‌ଟି ଯାଞ୍ଚକୁ ଗୋଦାମର କେତେଜଣ କର୍ମଚାରୀ ବିରୋଧ କରି ପାଟିତୁଣ୍ଡ କରିଥିଲେ । ଏହାକୁ ନେଇ ସେଠାରେ କିଛି ସମୟ ଚାପା ଉତ୍ତେଜନା ଦେଖା ଦେଇଥିଲା । ତେବେ ଜିଏସ୍‌ଟିର ଏନ୍‌ଫୋର୍ସମେଣ୍ଟ ଟିମ୍ ପାଇଁ କିଛି ଫରକ ପଡି ନ ଥିଲା । ଦିନ ତମାମ ଚଢ଼ାଉ ପରେ ଟିକସ ଫାଙ୍କୁ ଥିବାର ପ୍ରମାଣ ମିଳିବା ପରେ ଜିଏସ୍‌ଟିର ଏନ୍‌ଫୋର୍ସମେଣ୍ଟ ଟିମ୍ ୩ ଗୋଦାମ ସହ ଗୁଟ୍‌ଖା ଦୋକାନକୁ ସିଲ୍ କରି ତଦନ୍ତ ଜାରି ରଖିଛି । ସୂଚନାଯୋଗ୍ୟ, ମଣ୍ଡଳ ଏଜେନ୍ସି ର ଗୁଟ୍‌ଖା ଗୋଦାମ ସମେତ ୩ ଦୋକାନକୁ ଦେବରାଜ ମଣ୍ଡଳ ପରିଚାଳନା କରୁଛନ୍ତି । ଘଟଣା ସମ୍ପର୍କରେ ଜିଏସ୍‌ଟି କର୍ତ୍ତୃପକ୍ଷ ସୂଚନା ଦେବାକୁ ମନା କରି ଦେଇଛନ୍ତି ।


ଜିଏସ୍‌ଟି କର୍ମଚାରୀମାନେ କାଗଜପତ୍ର ଯାଞ୍ଚ କରୁଛନ୍ତି।

**ଦୋକାନ ସହ ୩ ଗୁଟ୍‌ଖା ଗୋଦାମ ସିଲ୍**

### ୨ ଛାତ୍ରୀଛାତ୍ରଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ

**ନୟାଗଡ଼ ଅଫିସ,୨୨।୫**

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ଗୁଲସନ କୁମାର ଦାସ ଓ ଛାତ୍ରୀ ସୌମ୍ୟା ସ୍ୱୟପ୍ରଭାଙ୍କୁ ୨୦୨୨-୨୦୨୩ ବର୍ଷ ପାଇଁ ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନରେ ସମ୍ମାନୀତ କରାଯାଇଛି। ରବିବାର ଭୁବନେଶ୍ୱରର ସୂଚନା ଭବନରେ ଅନୁଷ୍ଠିତ ରାଜବୀ ଗାନ୍ଧୀଙ୍କ ତିରୋଧାନ ଦିବସ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟସ୍ତରୀୟ ପୁରସ୍କାର ପିସିସି ସଭାପତି ଶରତ ପଟ୍ଟନାୟକ ପ୍ରଦାନ କରିଥିଲେ। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ପଢ଼ିବା ସମୟରେ ଏନ୍‌ଏସ୍‌ଏସ୍‌ରେ ଉଭୟ ଛାତ୍ରୀଛାତ୍ର ଯୋଡ଼ି ହୋଇଥିଲେ । ସେ ସମୟରେ ଉଭୟ ଶ୍ରେଷ୍ଠ ସ୍ୱେଚ୍ଛାସେବୀ, ଜିଲାସ୍ତରୀୟ ଅଭିନୟରେ ୨ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ।

### ଆବାସିକ ସଂସ୍କୃତ ପ୍ରଶିକ୍ଷଣ ବର୍ଗ

**ନୟାଗଡ଼ ଅଫିସ,୨୨।୫**

ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଗତ ରବିବାରଠାରୁ ୧୦ ଦିବସୀୟ ଆବାସିକ ସଂସ୍କୃତ ପ୍ରଶିକ୍ଷଣ ବର୍ଗଃ ଉଦ୍‌ଘାଟିତ ହୋଇଛି। ଏହା ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏହାକୁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଉଦ୍‌ଘାଟନ କରିଥିଲେ । ଜିଲାର ବିଭିନ୍ନ କଲେଜର ୫୦ ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରି ପ୍ରଶିକ୍ଷଣ ନେଉଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ତିରୁପତି ରାଷ୍ଟ୍ରିୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର କୁଳାନୁଶାସକ ସତ୍ୟ ନାରାୟଣ ଆଚାର୍ଯ୍ୟ ଯୋଗ ଦେଇ ଦେବ ଭାଷା ସଂସ୍କୃତ ଉପରେ ବକ୍ତବ୍ୟ ରଖିଥିଲେ।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣରେ ବିଳମ୍ବ

**ନୟାଗଡ଼ ଅଫିସ,୨୨।୫**

- ପିଇଓଙ୍କୁ ତାଲା ପକାଇଲେ ଗ୍ରାମବାସୀ
- ବିଧାୟକଙ୍କ ହସ୍ତକ୍ଷେପ ପରେ ଛାଡ଼ିଲେ

ନବଘନପୁରଠାରୁ ଭାୟା ପିଆଶାଳିଆ ଦେଇ ଲେଙ୍କୁଡିପଡା ୪ କି.ମି. ୨୯୦ ମି ରାସ୍ତା ନିର୍ମାଣ ଚାଲିଛି । ତେବେ ରାସ୍ତା କାମରେ ବିଳମ୍ବକୁ ନେଇ ଅସନ୍ତୋଷ ବ୍ୟକ୍ତ କରି ଲେଙ୍କୁଡିପଡାର ଲୋକମାନେ ସ୍ଥାନୀୟ ଲେଙ୍କୁଡିପଡା ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ)ଙ୍କ କାର୍ଯ୍ୟାଳୟରେ ସୋମବାର ତାଲା ମାରି ପ୍ରତିବାଦ କରିଥିଲେ । ଖବର ପାଇ ନୟାଗଡ଼ ଟାଉନ ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ ମଧ ସୁଫଳ ପାଇ ନ ଥିଲେ । ପରେ ନୟାଗଡ଼ ବିଧାୟକ ଅରୁଣ ସାହୁ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ । ଏପରି କି ୨୦ଦିନ ଭିତରେ କାମର ତ୍ୱରାନ୍ୱିତ ହେବ ବୋଲି ବିଧାୟକ କହିଛନ୍ତି । ରାସ୍ତା କାମକୁ ନେଇ କିଛି ଦିନ ହେଲା ସନ୍ତୋଷ ସୃଷ୍ଟି ହୋଇ ଆସୁଥିଲେ ମଧ ଗ୍ରାମ୍ୟ ଉନ୍ନୟନ ବିଭାଗ-୧ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଉ ନାହିଁ । ସେପଟେ ଅଯଥାରେ ପିଇଓ ଗ୍ରାମବାସୀଙ୍କ ରୋଷର ଶିକାର ହୋଇଥିବା ଚର୍ଚ୍ଚା ହେଉଛି।

# ୩୦ ଲକ୍ଷ ଟଙ୍କା ପାରିଶ୍ରମିକ ଦେଉନି ଏଆରଏସ୍‌ଏସ୍

**ନୟାଗଡ଼ ଅଫିସ,୨୨।୫**

**୨ ଟ୍ରକ ଅଟକ ରଖିଛନ୍ତି ଶ୍ରମିକ**

ନୟାଗଡ଼ ଓଡ଼ଗାଁ ବ୍ଲକର ବଡଗୋରଡା, ବିଲିଗୋରଡା, ପାତୁଲିସାହିପରି ଅଞ୍ଚଳର ଶ୍ରମିକମାନେ ଜୁନାଗଡ଼ ଶିନରପାଲି ଅଞ୍ଚଳରେ ଜାତୀୟ ରାଜପଥ ବିଭାଗର ରାସ୍ତା କାମ କରି ୩୦ ଲକ୍ଷ ଟଙ୍କା ପାରିଶ୍ରମିକ ପାଇ ନାହାନ୍ତି । ନିଜର ପାରିଶ୍ରମିକ ପାଇବାକୁ ୬୦ ଶ୍ରମିକ ଜିଲା ଶ୍ରମ କାର୍ଯ୍ୟାଳୟ, ସ୍ଥାନୀୟ ପୋଲିସକୁ ଅବଗତ କରାଇଥିଲେ ମଧ ସୁଫଳ ପାଇଲେନି । ଏଣୁ ୨ଟି ଟ୍ରକକୁ ଅଟକ ରଖି ନ୍ୟାୟ ପାଇଁ ଅପେକ୍ଷା କରିଛନ୍ତି। ସେପଟେ ଶ୍ରମିକଙ୍କୁ କାମରେ ଲଗାଇ ପାରିଶ୍ରମିକ ଦେଉ ନ ଥିବା ଏଆରଏସ୍‌ଏସ୍ ସଂସ୍ଥା ଟ୍ରକ ନେଇଯିବାକୁ ଉଦ୍ୟମ କରିବା ପରେ ଚାପା ଉତ୍ତେଜନା ପ୍ରକାଶ ପାଇଛି ।

# ଭାରତ ବିକାଶ ସେଣ୍ଟ୍ରାଲ ଏକାଡେମୀର ବାର୍ଷିକୋତ୍ସବ



ବାର୍ଷିକୋତ୍ସବରେ ଯୋଗ ଦେଇଥିବା ଅତିଥି।

**ଦଶପଲ୍ଲା,୨୨।୫ (ଡି.ଏନ୍.ଏ.)**

ଦଶପଲ୍ଲାସ୍ଥିତ ଭାରତ ବିକାଶ ସେଣ୍ଟ୍ରାଲ ଏକାଡେମୀର ୧୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ବିରଞ୍ଚି ନାରାୟଣ ରଥଙ୍କ ଅଧକ୍ଷତାରେ ସ୍ଥାନୀୟ ଗାନ୍ଧୀ ମଇଦାନଠାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା ଯୋଗଦେଇଥିଲେ । ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, ଶିକ୍ଷାବିତ୍ ଗଦାଧର ବେଉରା, ପ୍ରଫେସର ନନ୍ଦ କିଶୋର ମିଶ୍ର ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରମାନେ ବିଫଳତାରେ ଭାଙ୍ଗି ନ ପଡ଼ି ଏକ ଲକ୍ଷ୍ୟରେ ବ୍ରତୀ ରହିଲେ ନିଶ୍ଚୟ ସଫଳତା ପାଇ ପାରିବେ ବୋଲି ମତ ବ୍ୟକ୍ତ କରିଥିଲେ । ଏହି ସଭାକୁ ପ୍ରତିଷ୍ଠାତା ରଥ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଭାତୀ ସାହୁ ବାର୍ଷିକ ବିବରଣୀ ପଠନ କରିଥିଲେ । ଏ ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଭରତ ମିଳନ ନାଟକ ମଞ୍ଚସ୍ଥ ହୋଇଥିଲା।

# ଗଞ୍ଜାମ ଜିଲାରୁ ବିକ୍ରମ ତୃତୀୟ ଅର୍ଥମନ୍ତ୍ରୀ

**ବ୍ରହ୍ମପୁର ଅଫିସ/ଭଞ୍ଜନଗର (ଡି.ଏନ୍.ଏ.), ୨୨।୫**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୫ମ ପାଳି ଶାସନର ଚତୁର୍ଥ ବର୍ଷ ପୂରିବା ପୂର୍ବରୁ କ୍ୟାବିନେଟରେ ଖାଲି ପଡ଼ିଥିବା ୩ ମନ୍ତ୍ରୀ ପଦ ସୋମବାର ପୂରଣ ହୋଇଛି। ଗତ ୧୦ ଦିନ ତଳେ ବାଚସ୍ପତିରୁ ଇସ୍ତଫା ଦେଇଥିବା ଗଞ୍ଜାମ ଜିଲାର ଟାଣୁଆ ବିଜେଡି ନେତା ବିକ୍ରମ କେଶରୀ ଆରୁଖଙ୍କୁ ପୁଣି ମନ୍ତ୍ରୀ କରାଯିବା ସହ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଅର୍ଥ ବିଭାଗ ଦିଆଯାଇଛି। ଜିଲାରୁ ଅର୍ଥ ମନ୍ତ୍ରୀ ହେବାରେ ବିକ୍ରମ ହେଉଛନ୍ତି ତୃତୀୟ। ସୋମବାର ଶପଥ ଗ୍ରହଣ ଉତ୍ସବ ପରେ ବିକ୍ରମଙ୍କ ଭୁବନେଶ୍ୱରସ୍ଥିତ ବାସଭବନକୁ ବିଭିନ୍ନ ଅଞ୍ଚଳରୁ ଶତାଧିକ ଶୁଭେଚ୍ଛୁ ଯାଇ ଅଭିନନ୍ଦନ ଜଣାଇଛନ୍ତି ।

୧୯୭୪ରେ ନନ୍ଦିନୀ ଶତପଥୀଙ୍କ ଦ୍ୱିତୀୟ ସରକାରରେ ବିନାୟକ ଆଚାର୍ଯ୍ୟ ଅର୍ଥମନ୍ତ୍ରୀ ହୋଇଥିଲେ। ୧୯୯୦ରେ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀ ପରିଷଦର ଅର୍ଥ ବିଭାଗ ପାଇଥିଲେ ରାମକୃଷ୍ଣ ପଟ୍ଟନାୟକ। ପରବର୍ତ୍ତି ସମୟରେ ନବୀନ ପଟ୍ଟନାୟକଙ୍କ ପ୍ରଥମ ବିଜେଡି ସରକାରରେ ମଧ ରାମକୃଷ୍ଣ ଦୁଇବର୍ଷ ଅର୍ଥ ବିଭାଗ ସମ୍ଭାଳିଥିଲେ ।ରାଜନୈତିକ ମତଭେଦରୁ ୨୦୦୨ରେ ସେ ଦଳରୁ ବିଦା ହୋଇଥିଲେ। ୨୦ ବର୍ଷ ପରେ ଏବେ ଗଞ୍ଜାମକୁ ପୁଣି ଅର୍ଥମନ୍ତ୍ରୀ ପଦ ମିଳିଛି ।

ନୂଆ ଅର୍ଥମନ୍ତ୍ରୀ ଜିଲାର ବିଜେଡି ସାଙ୍ଗଠନିକ ଦାୟିତ୍ୱ ମଧ ତୁଲାଇବେ ବୋଲି ଦଳୀୟ କର୍ମୀଙ୍କ ମଧ୍ୟରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ୧୯୯୫ରୁ ୨୦୧୯ ମଧ୍ୟରେ ବିକ୍ରମ ଭଞ୍ଜନଗର ବିଧାନସଭା କ୍ଷେତ୍ରରୁ ଲଗାତର ୬ଥର ନିର୍ବାଚିତ ହୋଇଛନ୍ତି। ୨୦୦୪ ନିର୍ବାଚନ ପରେ ସେ ହୋଇଥିଲେ ଶାସକ ଦଳର ମୁଖ୍ୟ ସଚେତକ। ତାହା ମଧ କ୍ୟାବିନେଟ ପାହ୍ୟା। ୨୦୦୯ ନିର୍ବାଚନ ଠାରୁ ୨୦୧୯ ମଧ୍ୟରେ ଏକାଧିକ ଥର କ୍ୟାବିନେଟ ମନ୍ତ୍ରୀ ହୋଇ ସୂଚନା ଓ ଲୋକ ସମ୍ପର୍କ, ଆଇନ, ଗ୍ରାମ୍ୟ ଉନ୍ନୟନ, ସମବାୟ, ସଂସଦୀୟ ବ୍ୟାପାଚର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ନିଷ୍ଠାର ସହ ତୁଲାଇଛନ୍ତି। ସୂର୍ଯ୍ୟ ନାରାୟଣ ପାତ୍ର ଗତବର୍ଷ ବାଚସ୍ପତିରୁ ଇସ୍ତଫା ଦେବା ପରେ ବିକ୍ରମ ସେହି ସାମ୍ବିଧାନିକ ପଦ ପାଇଥିଲେ। ୧୦ ଦିନ ତଳେ ସେ ଇସ୍ତଫା ଦେଇଥିଲେ। ଗଞ୍ଜାମରୁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ବେଳେ ଚିକିଟି ବିଧାୟିକା ଉଷା ଦେବୀ ନଗର ଉନ୍ନୟନ ଅଛନ୍ତି। ଏବେ ବିକ୍ରମ ଆରୁଖ ଅର୍ଥମନ୍ତ୍ରୀ ହେବାରୁ ଜିଲାରୁ ୩ ମନ୍ତ୍ରୀ ପ୍ରତିନିଧିତ୍ୱ କରୁଛନ୍ତି। ସୂର୍ଯ୍ୟ ପାତ୍ରଙ୍କ ଅସୁସ୍ଥତା ଯୋଗୁ ସେ ସକ୍ରିୟ ରାଜନୀତିରୁ ଦୂରେଇଛନ୍ତି। ୨୦୨୪ ନିର୍ବାଚନ ପାଖେଇ ଆସୁଥିବା ବେଳେ ଗଞ୍ଜାମର ୫ ରୁ ୬ ନିର୍ବାଚନ ମଣ୍ଡଳୀରେ ବିଜେଡିର ଗୋଷ୍ଠୀ କନ୍ଦଳ ଉଗ୍ରରୂପ ନେଇଛି। ତୃଣମୂଳ ସ୍ତରର କର୍ମୀ ମହଲରେ ଅସନ୍ତୋଷର ନିଆଁ ଜଳୁଛି। ୨୦ ମାସ ହେବ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ହୋଇନାହିଁ। ଏଭଳି ସ୍ଥିତିରେ ମନ୍ତ୍ରୀ ବିକ୍ରମଙ୍କୁ ଜିଲାର ସାଙ୍ଗଠନିକ ଦାୟିତ୍ୱ ମିଳିବା ସମ୍ଭାବନା ଥିବା ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।


ଶପଥ ନେବାପରେ ବିକ୍ରମ କେଶରୀ ଆରୁଖଙ୍କୁ ଗଞ୍ଜାମ ଜିଲା ବିଜେଡି ନେତାମାନେ ସ୍ୱାଗତ ଜଣାଉଛନ୍ତି ।

# ଅନୁଦାନ ସତ୍ତ୍ୱେ ନଦୀବନ୍ଧ ସୁଦୃଢ଼ ହେଉନି

- ପ୍ରତିବର୍ଷ ୫୫ ପଞ୍ଚାୟତରେ ବନ୍ୟାଜଳ ପଶୁଛି
- ପ୍ରାକୃତିକ ସମ୍ପଦ ସହ ଫସଲ ନଷ୍ଟ ହେଉଛି
- ଗରଦପୁର, ରାଜକନିକା, ଆଳି ଅଞ୍ଚଳ ଅଧିକ ପ୍ରଭାବିତ


କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଖରସ୍ରୋତା ନଦୀରେ ବନ୍ଧ ନାହିଁ।

କେନ୍ଦ୍ରାପଡ଼ା ଅଫିସ, ୨୨।୫

ଆଗକୁ ବର୍ଷାଋତୁ ଆସୁଛି। ଏହାର ପ୍ରଭାବରେ ହେଉଥିବା ବନ୍ୟା ମୁକାବିଲା ପାଇଁ କେନ୍ଦ୍ରାପଡ଼ାରେ ଜିଲାସ୍ତରୀୟ ବୈଠକ ନିକଟରେ ହୋଇଯାଇଛି। ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯୋଜନା ପ୍ରଣୟନ ସହ ଅନୁଦାନ ଯୋଗାଇ ଦେଉଛନ୍ତି। ମାତ୍ର ଏହି ଅନୁଦାନ କେନ୍ଦ୍ରାପଡ଼ା ଜିଲାରେ ପ୍ରଭାବ ପକାଉନାହିଁ। ପ୍ରତିବର୍ଷ ଜିଲାର ୫୫ ପଞ୍ଚାୟତରେ ବନ୍ୟା ଜଳ ପଶୁଛି। ଗରଦପୁର ବ୍ଲକ ଅଞ୍ଚଳର ସର୍ବାଧିକ କ୍ଷୟକ୍ଷତି ହେଉଥିବା ବେଳେ ଫସଲ, ପ୍ରାକୃତିକ ସମ୍ପଦ ନଷ୍ଟ ହେଉଛି। ନଦୀବନ୍ଧ ସୁଦୃଢ଼ ନ ଥିବାରୁ ଆଳି ବ୍ଲକର ୧୬ ପଞ୍ଚାୟତ, ପଟ୍ଟାମୁଣ୍ଡାଇର ୧୪, ରାଜନଗରର ୪, ମାର୍ଶାଘାଇର ୯, ଡେରାବିଶର ୨, ମହାକାଳପଡ଼ାର ୯ ଓ ଗରଦପୁର ବ୍ଲକ ଅଞ୍ଚଳରେ ବନ୍ୟାଜଳ ମାଡ଼ିଯାଉଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ବାନାମ୍ବର ସାହୁ କହିଛନ୍ତି, ବର୍ଷାଋତୁରେ କେନ୍ଦ୍ରାପଡ଼ା ଜିଲାରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ବ୍ୟବସ୍ଥା ଏକ ବଡ଼ ସମସ୍ୟା ହୋଇଛି। ଜିଲାରେ ୭ ନଦୀ ଓ ୨୭ ଶାଖା ନାଳ ରହିଛି। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ନଦୀରେ ସାମାନ୍ୟ ଅଧିକ ପାଣି ଜିଲାର ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି। ନଦୀବନ୍ଧର ସୁଦୃଢ଼ୀକରଣ ସହ ନିଷ୍କାସନ ପଥ ବର୍ଷାଋତୁ ପୂର୍ବରୁ ସଫା ରଖିବା ଆବଶ୍ୟକ। ଇତିମଧ୍ୟରେ କେନ୍ଦ୍ରାପଡ଼ା ଜିଲା ମାନ୍ୟତାକୁ ୩୦ ବର୍ଷ ବିତିଛି। ବନ୍ୟାଜଳ ନିଷ୍କାସନ ପାଇଁ ଅଦ୍ୟାବଧି କୌଣସି ଯୋଜନା କାର୍ଯ୍ୟକାରୀ ହୋଇନାହିଁ। ମହାକାଳପଡ଼ାର ସୂର୍ଯ୍ୟପ୍ରକାଶ ପାଣି କହିଛନ୍ତି, ଜିଲା ପ୍ରାକୃତିକ ବିପର୍ଯ୍ୟୟପ୍ରବଣ। ବର୍ଷା ଅଧିକ ହେଲେ ଜିଲାର ୧୬୦ ଗ୍ରାମରେ ବନ୍ୟାଜଳ ପ୍ରବେଶ କରୁଛି। ବିଶେଷଭାବେ ରାଜକନିକା ଓ ଆଳି ବ୍ଲକ ଅଞ୍ଚଳର ସର୍ବାଧିକ ୫୦ ଗାଁ ବନ୍ୟା ଯୋଗୁ ପ୍ରଭାବିତ ହେଉଛନ୍ତି। ସେହିପରି ରାଜନଗରର ୩୪ ଗାଁ, ପଟ୍ଟାମୁଣ୍ଡାଇର ୨୫ ଗାଁ ବନ୍ୟା ଘେରରେ ରହୁଥିବା ବେଳେ ମହାକାଳପଡ଼ା, ମାର୍ଶାଘାଇ, ଡେରାବିଶ, ଗରଦପୁର ବ୍ଲକ ଅଞ୍ଚଳର କେତେକ ଗ୍ରାମ ପ୍ରଭାବିତ ହେଉଛି। ଅତ୍ୟଧିକ ବନ୍ୟା ଆସିଲେ ଗରଦପୁର ବ୍ଲକ ଅଞ୍ଚଳର ୫ ଗାଁର ଜନଜୀବନକୁ ବ୍ୟତିବ୍ୟସ୍ତ କରି ପକାଉଛି। ଚାଷ ଉଜୁଡ଼ିବା ସହ ଅନେକ ପ୍ରାକୃତିକ ସମ୍ପଦ ନଷ୍ଟ ହେଉଛି। ନଦୀ ଶଯ୍ୟା ଖନନ, ବନ୍ଧବାଡ଼ର ମରାମତି ସହ ନୂତନ ବନ୍ଧର ଆବଶ୍ୟକତା ଅଛି। ସାମାଜିକ କର୍ମୀ ବିଭୂତି ଭୂଷଣ ରାଉତ କହିଛନ୍ତି, ଗୋବରୀ ନଦୀରେ ବନ୍ଧ ନାହିଁ। ଏହି ନଦୀ କୂଳରେ ଘର ଓ ଗ୍ରାମ ରହିଛି। ବର୍ଷାଋତୁରେ ନଦୀରୁ ପାଣି ଉଛୁଳି ଘରେ ପଶୁଛି। କୁମ୍ଭୀର ଭୟ ଥିବାରୁ ଗ୍ରାମବାସୀ ସର୍ବଦା ଭୟଭୀତ ଅବସ୍ଥାରେ ରହିଥାନ୍ତି। ଏ ନେଇ ସ୍ଥାନୀୟ ଅଧିବାସୀ ଜିଲା ପ୍ରଶାସନ ନିକଟରେ ବନ୍ଧ ପାଇଁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଏହି ସମସ୍ୟାର ସମାଧାନ ହେଉନାହିଁ। ପରିବେଶବିତ ଅଧ୍ୟାପକ କ୍ଷିତୀଶ କୁମାର ସିଂହ କହିଛନ୍ତି, ସମସ୍ୟାର ସମାଧାନ ପାଇଁ ନଦୀ ସଂଯୋଗୀକରଣକୁ ଜିଲାବାସୀ ଅଗ୍ରାଧିକାର ଦେଉଛନ୍ତି। ନଦୀର ସୁମଧୁର ପାଣିକୁ ସମୁଦ୍ରକୁ ନିର୍ଦ୍ଦିଷ୍ଟ ମାତ୍ରାରେ ଛାଡ଼ି ଅବଶିଷ୍ଟକୁ ପାନୀୟ ଓ କ୍ଷେତକୁ ବ୍ୟବହାର ପାଇଁ ରଖିହେବ। ଏଥିପାଇଁ ବିଭିନ୍ନ ସ୍ଥାନରେ କ୍ରିକ୍ ବନ୍ଧ ସହ ବନ୍ୟାକୁ ରୋକିବାକୁ ନଦୀବନ୍ଧ ବ୍ୟବସ୍ଥା କରିବାକୁ ପଡ଼ିବ। ଏଥିସହ କ୍ଷେତରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ଯୋଜନା ଆବଶ୍ୟକ। ଏଡିଏମ୍ ପୀତାମ୍ବର ସାମଲଙ୍କୁ ପଚାରିବାରେ ଉଦ୍‌ବୃତ୍ତ ଜଳର ନିଷ୍କାସନ ସହ ବନ୍ୟା ସମସ୍ୟାର ସମାଧାନ ହେବା ଆବଶ୍ୟକ। ଏଥିପାଇଁ ଗତ ବୈଠକରେ ପ୍ରଶାସନିକ ସ୍ତରରେ ଆଲୋଚନା ହୋଇଛି। ନଦୀବନ୍ଧ ସୁଦୃଢ଼ୀକରଣ ସହିତ ଉଦ୍‌ବୃତ୍ତ ଜଳ ନିଷ୍କାସନକୁ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଛନ୍ତି।

## ଟାଟା ଷ୍ଟିଲ କାରଖାନାରେ ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ



ଅନ୍ତର୍ଜାତୀୟ ଜୈ ବିବିଧତା ଦିବସ ଲାଗି ଟାଟା ଷ୍ଟିଲ କଳିଙ୍ଗନଗର କାରଖାନା ପରିସରରେ ଅଧିକାରୀମାନେ ବୃକ୍ଷରୋପଣ କରୁଛନ୍ତି।

କଳିଙ୍ଗନଗର,୨୨।୫(ଡି.ଏନ୍.ଏ.)

**କାରଖାନା ପରିସରରେ ୫ଶହରୁ ଊର୍ଦ୍ଧ୍ୱ ବୃକ୍ଷ ରୋପଣ**

ଅନ୍ତର୍ଜାତୀୟ ଜୈବ ବିବିଧତା ଦିବସ ପାଳନ ଉପଲକ୍ଷେ ଯାଜପୁର ଜିଲା ଡୁବୁରିସ୍ଥିତ ଟାଟା ଷ୍ଟିଲ କଳିଙ୍ଗନଗର (ଟିଏସ୍‌କେ) କାରଖାନା ପରିସରରେ ସୋମବାର ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟିଏସ୍‌କେର ପରିବେଶ ବିଭାଗର ମୁଖ୍ୟ ରାଜୁ ଅଗ୍ରୱାଲ୍ ମୁଖ୍ୟ ଅତିଥି, ଟାଟାଷ୍ଟିଲ୍ ଡାଉନ୍‌ଷ୍ଟ୍ରିମ୍ ପ୍ରଡକ୍ଟସ୍ ଲିମିଟେଡ୍ (ଟିଏସ୍‌ଡିପିଏଲ୍), କଳିଙ୍ଗନଗରର ବ୍ୟବସାୟ ୟୁନିଟ୍ ମୁଖ୍ୟ ରାଜେଶ ଚୌଧୁରୀ ଏବଂ ଟିଏସ୍‌କେ ଓ ଟିଏସ୍‌ଡିପିଏଲ୍‌ର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କାରଖାନା ପରିସରରେ ୫୦୦ରୁ ଅଧିକ ବୃକ୍ଷରୋପଣ କରାଯାଇଥିଲା। ଚଳିତବର୍ଷର ବିଷୟବସ୍ତୁ 'ରାଜିନାମାରୁ ପଦକ୍ଷେପ ପର୍ଯ୍ୟନ୍ତ ଜୈବବିବିଧତାର ପୁନର୍ଗଠନ' ଅନୁସାରେ ଏହି ଦିବସକୁ ପାଳନ କରି ଟିଏସ୍‌କେ ପରିବେଶ ବିଭାଗର ଏହି ଅଭିଯାନ ଆଗାମୀ ପିଢ଼ି ଲାଗି ଜୈବିକ ସନ୍ତୁଳନ ଓ ସୁସ୍ଥକର ଜୀବନ ପ୍ରତି ଯୋଗଦାନ ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ଏହି କାର୍ଯ୍ୟକ୍ରମରେ ଟିଏସ୍‌କେର କର୍ମଚାରୀମାନଙ୍କ ସମେତ ଭେଣ୍ଡର ପାର୍ଟନର ଓ ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କ ଅଂଶଗ୍ରହଣ ଦେଖିବାକୁ ମିଳିଛି।

## ବ୍ଲକ ଆଗରେ ୱାର୍ଡ ସଭ୍ୟାସଭ୍ୟଙ୍କ ଅନଶନ

ମାର୍ଶାଘାଇ,୨୨।୫ (ଡି.ଏନ.ଏ.)

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଶିଳିପୁର ପଞ୍ଚାୟତର ସରପଞ୍ଚଙ୍କ କାର୍ଯ୍ୟଶୈଳୀ ତଥା ଅନ୍ୟ ଦାବିଗୁଡ଼ିକକୁ ନେଇ ୮ଜଣ ୱାର୍ଡ ସଭ୍ୟାସଭ୍ୟ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ପଞ୍ଚାୟତର ଆୟବ୍ୟୟ ସମ୍ପର୍କରେ ସେମାନଙ୍କୁ ଜଣାଯାଉନାହିଁ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ସମ୍ପର୍କରେ ୱାର୍ଡ ସଭ୍ୟମାନଙ୍କୁ ନ ଜଣାଇ ଗ୍ରାମ ସାଥୀ କାର୍ଯ୍ୟ କରୁଥିବା ନେଇ ସରପଞ୍ଚଙ୍କୁ ଜଣାଇଥିଲୁ। ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ଉପସ୍ଥିତିରେ ଗ୍ରାମସାଥୀ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ଚପଲରେ ବାଡ଼େଇବାକୁ କହିଥିବାରୁ ତାଙ୍କୁ ନିଲମ୍ବନ କରାଯାଉ, ଉକ୍ତ ଗ୍ରାମ ସାଥୀଙ୍କ ସାଙ୍ଗରେ ମିଶି ଏମ୍‌ବିକେ ଓ ସିଆର୍‌ପି ସେମାନଙ୍କୁ ଗାଳିଗୁଲଜ କରିଥିବାରୁ ୱାର୍ଡ ସଭ୍ୟମାନଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ। ଏଭଳି ଅଭିଯୋଗ ୱାର୍ଡ ସଭ୍ୟ ସଂଗ୍ରାମ କେଶରୀ ସାହୁ, କଳ୍ପତରୁ ମହାପାତ୍ର, ସୌଦାମିନୀ ସାହୁ, ମିନତି ପ୍ରଧାନ, ଅଂଯୁକ୍ତା ଦାସ, ପ୍ରଣତି ସାମଲ ଆଣି କରିଛନ୍ତି। ପ୍ରବଳ ଖରା ଓ ଗୁଳୁଗୁଳିରେ ଅନଶନ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ୱାର୍ଡ ସଭ୍ୟା ପ୍ରଣତି ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ଶିଳିପୁର ସରପଞ୍ଚ ମଧୁସ୍ମିତା ପରିଡାଙ୍କୁ ପଚାରିବାରେ ସମସ୍ତ ୱାର୍ଡ ମେମ୍ବର ପଞ୍ଚାୟତ ଅଧିବେଶନକୁ ଆସନ୍ତି ଓ ଆଲୋଚନାରେ ଭାଗ ନେଇଥାନ୍ତି। ଉପସ୍ଥାପନା ଖାତାରେ ଦସ୍ତଖତ କରିଥାନ୍ତି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ପାଇଁ ଗାଁରେ ଡେଙ୍ଗୁରା ପିଟା ଯାଇଥିଲା। ଅନ୍ୟ ଯେଉଁ ଅଭିଯୋଗ ୱାର୍ଡ ସଭ୍ୟ ଆଣିଛନ୍ତି ସେଥିରେ ସତ୍ୟତା ନାହିଁ ବୋଲି ସେ କହିଛନ୍ତି। ଖବର ଲେଖାହେଲା ବେଳକୁ ଅନଶନ ଜାରି ରହିଛି।



ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୱାର୍ଡ ସଭ୍ୟାସଭ୍ୟମାନେ ଆମରଣ ଅନଶନରେ ବସିଛନ୍ତି।

## ତେଜସ୍ୱିନୀଙ୍କୁ ରଥ ପଥ ଜଗନ୍ନାଥ ସାହିତ୍ୟ ସମ୍ମାନ



ରଘୁନାଥପୁର,୨୨।୫(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ସାଦେଇପୁର ଗ୍ରାମର ସୁଲେଖିକା ତଥା କବି ତେଜସ୍ୱିନୀ ପଣ୍ଡାଙ୍କୁ କୈବଲ୍ୟ ସାହିତ୍ୟ ସଂସଦ କଟକ ପକ୍ଷରୁ ସର୍ବଶ୍ରେଷ୍ଠ ରଥ ପଥ ଜଗନ୍ନାଥ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଛି। ରବିବାର ସନ୍ଧ୍ୟାରେ କଟକ ଚହଟାସ୍ଥିତ ଚହଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ରାଜ୍ୟସ୍ତରୀୟ ରଥ ପଥ ଜଗନ୍ନାଥ ସାହିତ୍ୟ ମହାସଭାରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ପ୍ରତିଷ୍ଠାତା ଓ ସମ୍ପାଦକ ସଂଗ୍ରାମ କେଶରୀ ସାମନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସ୍ତମ୍ଭକାର କୁମରବର ଦାସ ମୁଖ୍ୟଅତିଥି, ପ୍ରାଧ୍ୟାପିକା ଡ. ବିଦ୍ୟୁତପ୍ରଭା ମିଶ୍ର ଓ ସୁରେନ୍ଦ୍ରନାଥ ତ୍ରିପାଠୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ତେଜସ୍ୱିନୀଙ୍କୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରିଥିଲେ। କବି ତେଜସ୍ୱିନୀ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନାଦର୍ଶ ଉପରେ ବହି ଲେଖି ଚର୍ଚ୍ଚିତ ହୋଇଥିଲେ। ଏହାଛଡା ବିଭିନ୍ନ ସାହିତ୍ୟ ସଭା ଓ କବି ସମ୍ମିଳନୀରେ ଯୋଗଦେଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ ବିଶିବିଲି ପାଟନାଳୀ

**୨ ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷଜମି କ୍ଷତିଗ୍ରସ୍ତ**

ଡେରାବିଶ,୨୨।୫ (ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ଅନ୍ତର୍ଗତ ଡେରାବିଶ ବ୍ଲକର ବିଶିବିଲି ପାଟନାଳୀ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ବ୍ଲକର ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତ ସମେତ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କେତୋଟି ପଞ୍ଚାୟତବାସୀ ସେମାନଙ୍କର ଚାଷ ପାଇଁ ଏହା ଉପରେ ନିର୍ଭରଶୀଳ। କେନ୍ଦ୍ରାପଡ଼ା ଡ୍ରେନେଜ କଟ୍ ବିଭାଗ ଅଧୀନରେ ଥିବା ବିଶିବିଲି ପାଟରେ ଥିବା ପାଟନାଳୀଟି ଦୀର୍ଘବର୍ଷ ହେବ ପୁନରୁଦ୍ଧାର ନ ହେବାରୁ ୨ହଜାର ହେକ୍ଟରରୁ ଊର୍ଦ୍ଧ୍ୱ ଚାଷ ଜମି କ୍ଷତିଗ୍ରସ୍ତ ହେଉଛି। ଫଳରେ ୧୦ଟି ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଖରିଫ୍ ଓ ରବି ଚାଷ ପାଇଁ କ୍ଷତିଗ୍ରସ୍ତ ହେଉଛନ୍ତି। ଦିନଥିଲା ଏହି ପାଟନାଳୀରେ ଆସୁଥିବା ପାଣିରେ ଚାଷ କରି ଗ୍ରାମର ଚାଷୀ ଆନନ୍ଦରେ ଦିନ କାଟୁଥିଲେ। ଦୀର୍ଘବର୍ଷ ହେବ ଏହି ପାଟନାଳୀଟି ପୋତି ହୋଇଯିବା ଫଳରେ ଜଳ ନିଷ୍କାସନ ନ ହେବା ଯୋଗୁ ଚାଷଜମିରେ ପାଣି ଜମି ରହି ଫସଲ ବାରମ୍ବାର ନଷ୍ଟ ହେଉଥିବା ବାରିମୂଳ ପଞ୍ଚାୟତ ଦୋହରା ଗ୍ରାମର ଗୋବିନ୍ଦ ମଲିକ କହିଛନ୍ତି।

୩୦ କିଲୋମିଟର ଲମ୍ବ ବିଶିଷ୍ଟ ଏହି ପାଟନାଳୀଟି ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତସ୍ଥିତ ଗୋବରୀ ନଦୀରୁ ବାହାରି ବ୍ଲକ ଅଧୀନ ବାରିମୂଳ ସମେତ ବିଭିନ୍ନ ପଞ୍ଚାୟତ ଅଞ୍ଚଳ ବାଟଦେଇ କେନ୍ଦ୍ରାପଡ଼ା ବ୍ଲକ ଜଖାଙ୍ଗଠାରେ ଗୋବରି ନଦୀରେ ମିଶିଛି। ପାଟନାଳୀଟି ତା'ର ଅସ୍ତିତ୍ୱ ହରାଇଥିବା ବେଳେ ସମ୍ପୂର୍ଣ୍ଣ ଶୁଖି ଖେଳପଡ଼ିଆର ଭ୍ରମ ସୃଷ୍ଟି କରିଛି। ଫଳରେ ଏହି ପାଟନାଳୀରୁ ଜଳସେଚନ ସୁବିଧାରୁ ଚାଷୀମାନେ ଚାଷକାର୍ଯ୍ୟରୁ ବଞ୍ଚିତ ହେଉଥିବା ଗଣିଆମୁହଁ ଗ୍ରାମର ଚାଷୀ ଗଙ୍ଗାଧର ପୃଷ୍ଟି କହିଛନ୍ତି। ଏ ସମ୍ପର୍କରେ ବାରିମୂଳର ପୂର୍ବତନ ସରପଞ୍ଚ ଶୁଦ୍ଧଦେବ ବେହେରା କହିଛନ୍ତି, ଦୀର୍ଘବର୍ଷ ହେବ ପାଟନାଳୀଟି ସଫା ନ ହେବାରୁ ଏକର ଏକର ଚାଷଜମି ଚାଷ ନ ହୋଇ ପଡ଼ିଆ ପଡ଼ିବା ଫଳରେ ସମ୍ପୃକ୍ତ ପଞ୍ଚାୟତର ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଏହି ପାଟନାଳୀରୁ ଜଳସେଚିତ ହୋଇ ମକା, କୋବି ସମେତ ପନିପରିବା ଫସଲ କରି ଅଞ୍ଚଳର ଚାଷୀମାନେ ବହୁ ଲାଭବାନ ହେଉଥିଲେ। ମାତ୍ର ବିଭାଗୀୟ ଅପାରଗତା ପାଇଁ ଶହଶହ ସଂଖ୍ୟାରେ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଏ ସମ୍ପର୍କରେ ୧୩ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ତଥା ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀଙ୍କୁ ପଚାରିବାରେ ଜିଲା ପରିଷଦ ବୈଠକରେ ଆଲୋଚନା କରାଯାଇ ତୁରନ୍ତ ଏହି ପାଟନାଳୀର ପୁନରୁଦ୍ଧାର ପାଇଁ ସେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ସହ ଅଞ୍ଚଳର ଚାଷୀଙ୍କ ସମସ୍ୟା କିପରି ତୁରନ୍ତ ଦୂର ହେବ ସେ ଦିଗରେ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ସମ୍ପୃକ୍ତ ପଞ୍ଚାୟତର ଶତାଧିକ ଚାଷୀ ଡ୍ରେନେଜ କଟ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ଜିଲାପାଳ ଓ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ମାତ୍ର ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ କୌଣସି ପଦକ୍ଷେପ ନେଇନାହାନ୍ତି। ଆସନ୍ତା ଖରିଫ ଧାନଚାଷ ପାଇଁ ସମୟ ନିକଟତର ହେଉଥିବା ବେଳେ ଚାଷୀମାନେ ଏବେଠୁ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଡ୍ରେନେଜ କଟ୍ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ବାଙ୍କ ବିହାରୀ ସାମଲଙ୍କୁ ପଚାରିବାରେ ବିଶିବିଲି ପାଟନାଳୀର ପୁନରୁଦ୍ଧାର ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ଏଷ୍ଟିମେଟ୍ ପଠାଯାଇଛି। ଖୁବଶୀଘ୍ର ଏ ନେଇ ଅର୍ଥ ମଞ୍ଜୁର ହେବା ସହ ଆସନ୍ତା ଜୁନ୍ ସୁଦ୍ଧା ଟେଣ୍ଡର ପ୍ରକ୍ରିୟା ଶେଷ ହେଲେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହେବ।


ଡେରାବିଶ ବ୍ଲକରେ ଥିବା ବିଶିବିଲି ପାଟନାଳୀ।

## ସେଲ୍‌ଫି କର୍ଣ୍ଣରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଦିଲ ନୱାଜ


@ ବିକାଶ


@ ବିଶ୍ୱଜିତା


@ କୁନା


@ ମହେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନଦୀରେ ବୁଡ଼ି ଯୁବକ ନିଖୋଜ

ବରୀ,୨୨।୫(ଡି.ଏନ.ଏ.):

ବରୀ ବ୍ଲକ୍ ବୋଦୁଅ ପଞ୍ଚାୟତ ଏରଡ଼ା ଗ୍ରାମର ଜଣେ ଯୁବକ ତନ୍ତିଘାଇ ଶାଖା ଚିଙ୍ଗୁଡିଆ ନଦୀରେ ବୁଡ଼ି ନିଖୋଜ ହୋଇଯାଇଥିବା ସୂଚନା ମିଳିଛି। ସେ ହେଲେ ଶୁକଦେବ ମଲିକ(୪୫)। ଶୁକଦେବ ପ୍ରତିଦିନ ଗୋରୁଙ୍କୁ ନଦୀ ଆରପଟକୁ ଚରାଇବା ପାଇ ନେଇଥାନ୍ତି। ସୋମବାର ପୂର୍ବାହ୍ନରେ ଗୋରୁଙ୍କୁ ପହଁରାଇବା ପରେ ଏକ ଗାଈ ଲାଞ୍ଜ ଧରି ନଦୀ ପାର ହେଉଥିବାବେଳେ ହଠାତ୍ ତାଙ୍କ ହାତ ଖସିଯାଇଥିଲା। ଫଳରେ ସେ ନଦୀ ଗର୍ଭରେ ବୁଡ଼ିଯାଇଥିଲେ। ଏହାଦେଖି ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଖବର ପାଇ ଗ୍ରାମବାସୀ ଓ ତାଙ୍କ ପରିବାର ଲୋକେ ଆସି ଖୋଜାଖୋଜି କରିଥିଲେ। ହେଲେ ତାଙ୍କ ପତ୍ତା ମିଳି ନ ଥିଲା। ଏହାପରେ ବରୀ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ଖୋଜାଖୋଜି କରିଥିଲେ ମଧ୍ୟ ଶୁକଦେବଙ୍କୁ ଉଦ୍ଧାର କରି ପାରିନାହାନ୍ତି। ଏହି ଖବର ପାଇ ବରୀ ତହସିଲଦାର ତିଲୋତମା ପୃଷ୍ଟି, ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ଆର୍ତ୍ତବନ୍ଧୁ ସାମଲ ଓ ମାନସ ଜେନାଙ୍କ ସମେତ ବହୁ ସାମାଜିକ କର୍ମୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ତୁରନ୍ତ କିପରି ଶୁକଦେବଙ୍କୁ ଉଦ୍ଧାର କରାଯାଇପାରିବ ସେ କ୍ଷେତ୍ରରେ ପଦକ୍ଷେପ ନେବାକୁ ତହସିଲଦାର ଅଗ୍ନିଶମ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଓଡ଼ିଆରେ ଆସିଲା ନାହିଁ ବିଦ୍ୟୁତ୍ ବିଲ୍

■ ଅଘୋଷିତ ବିଦ୍ୟୁତ୍ କାଟ୍ ବଢ଼ିଛି
■ ପୂର୍ବ ସୂଚନା ଦେଉନାହାନ୍ତି ବିଭାଗୀୟ ଅଧିକାରୀ
■ ନୋଟିସ ନ ଦେଇ ହେଉଛି ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ
■ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଲା ବିଦ୍ୟୁତ୍ ଉପଭୋକ୍ତା କମିଟି

ନୟାଗଡ଼ ଅଫିସ,୨୨।୫

ଇଂଲିଶ ବଦଳରେ ଓଡ଼ିଆରେ ବିଦ୍ୟୁତ୍ ବିଲ୍ ନ ଆସିବା, ଅଘୋଷିତ ବିଦ୍ୟୁତ୍ କାଟ୍‌ର ସମାଧାନ ନ ହେବା ଓ ନୋଟିସ୍ ଦେଇ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ପରି ଦାବି ପୂରଣ ନ ହେବାରୁ ନୟାଗଡ଼ ବିଦ୍ୟୁତ୍ ଉପଭୋକ୍ତା ସଂଘ ନିର୍ବାହୀ ଯନ୍ତ୍ରୀଙ୍କୁ ସୋମବାର ଭେଟି ଅସନ୍ତୋଷ ବ୍ୟକ୍ତ କରିଛି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସଂଘର କର୍ମକର୍ତ୍ତାମାନେ ପୁଣି ଥରେ ଦାବି କରିଛନ୍ତି।

ନୟାଗଡ଼ ଜିଲାରେ ବିଦ୍ୟୁତ୍ ବିଭାଗରେ ଅବ୍ୟବସ୍ଥା ଓ ମନମାନି ବଢ଼ି ଚାଲିଛି। ଏଥିରେ ଲଗାମ ଦେବା ପାଇଁ ଗତ ଏପ୍ରିଲରେ ବିଦ୍ୟୁତ୍ ଉପଭୋକ୍ତାମାନେ ଏକ କମିଟି ଗଠନ କରି ପରିବର୍ତ୍ତନ ଆଣିବାକୁ ଉଦ୍ୟମ ଆରମ୍ଭ କରିଥିଲେ। ଜିଲାସ୍ତରରେ ଗଢ଼ି ଉଠିଥିବା ଏହି କମିଟିର ନାମ ନୟାଗଡ଼ ଜିଲା ବିଦ୍ୟୁତ୍ ଉପଭୋକ୍ତା ସଂଘ ରଖି କମିଟିର ବାରମ୍ବାର ବୈଠକ ବସି ବିଦ୍ୟୁତ୍ ସେବା କ୍ଷେତ୍ରରେ ଦେଖା ଦେଇଥିବା ଅବ୍ୟବସ୍ଥାର ସମାଧାନ ପାଇଁ ଗୁରୁତ୍ୱ ଦେଇଥିଲେ । ଏନେଇ ଗତ ଏପ୍ରିଲ ୬ ଗୁରୁବାର ବିଦ୍ୟୁତ୍ ଉପଭୋକ୍ତା ସଂଘ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଅଘୋଷିତ ପାୱାର କଟ୍, ମାସର ଏକ ନିର୍ଦ୍ଦିଷ୍ଟ ତାରିଖରେ ମିଟର ରିଡିଂ ବ୍ୟବସ୍ଥା, ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ପୂର୍ବରୁ ଆଗୁଆ ନୋଟିସ୍, ଓଡ଼ିଆ ବିଦ୍ୟୁତ୍ ବିଲ୍ ପ୍ରଦାନ, ପାୱାର କାଟ୍ ପୂର୍ବରୁ ଡାକବାଜି ଯନ୍ତ୍ରରେ ପ୍ରଚାର କରିବା, ମଟିର ରିଡିଂ ଓ ଦେୟ ଆଦାୟ ସମୟରେ ବିଦ୍ୟୁତ୍ କର୍ମଚାରୀ ଆଇ କାର୍ଡ ପକାଇ ଯିବା ପରି ଦାବି ରଖି ସ୍ମାରକପତ୍ର ଦେଇଥିଲେ । ସେ ସମୟରେ ନିର୍ବାହୀ ଯନ୍ତ୍ରୀ ୫ ଦଫାରୁ ୪ ଦାବି ପୂରଣ କରିଥିବାବେଳେ ଆଉ ଏକ ଦାବି ପୂରଣ କରି ପାରିବେ ନାହିଁ କହିଥିଲେ । ନୟାଗଡ଼ ବିଦ୍ୟୁତ ଉପଭୋକ୍ତା ସଂଘର ସଭାପତି ଅବଦୁଲ ଆରିଫ ଖାନ, ସମ୍ପାଦକ ବିମଳ ପଟ୍ଟନାୟକ, ଧୀରେନ୍ ପଟ୍ଟନାୟକ, ଗଣମାଧ୍ୟମର ପ୍ରତିନିଧିମାନେ ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ତେବେ କମିଟି ଭେଟିବାର ଦେଢ଼ ମାସ ପରେ କୌଣସି ଦାବି ପୂରଣ ହୋଇ ନ ଥିଲା । ଏହାପରେ ସୋମବାର ବିଦ୍ୟୁତ୍ ଉପଭୋକ୍ତ କମିଟି ପୁଣି ବିଭାଗୀୟ ଅଧିକାରୀଙ୍କୁ ଭେଟି ନିଜର ଅସନ୍ତୋଷ ଜାହିର କରିଥିଲା ।

ଏ ସଂକ୍ରାନ୍ତରେ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତୀ ସନ୍ତୋଷ କୁମାର ମହାପାତ୍ର କୁହନ୍ତି, ୫ ଦଫା ଦାବିରୁ ଓଡ଼ିଆରେ ବିଦ୍ୟୁତ୍ ବିଲ୍ ଆସିବା, ବିଦ୍ୟୁତ୍ କାଟ ପୂର୍ବରୁ ନୋଟିସ୍ ଦେବା, ପାୱାର କଟ୍ ପୂର୍ବରୁ ଡାକବାଜି ଯନ୍ତ୍ରରେ ଦ୍ୱାରା ପ୍ରଚାର କରିବା, ମିଟର ରିଡିଂ ଓ ଦେୟ ଆଦାୟ ବେଳେ କର୍ମଚାରୀ ପରିଚୟ ପତ୍ର ପକାଇବା ଯିବା ପରି ୪ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ଦାବିଗୁଡିକ ପୂରଣ ହେବାକୁ ପ୍ରଚେଷ୍ଟା ଜାରି ରହିଛି । ଅନ୍ୟପକ୍ଷେ ଏମ୍ଏଫ୍‌ସି, କଷ୍ଟ ଚାର୍ଜ ଓ ଇଡି ଚାର୍ଜ ପରି ସମସ୍ୟା ଆମେ ସମାଧାନ କରି ପାରିବୁ ନାହିଁ ବୋଲି ସେ କହିଛନ୍ତି। ବିଦ୍ୟୁତ୍ ଉପଭୋକ୍ତା ସଂଘର ସମ୍ପାଦକ ବିମଳ ପଟ୍ଟନାୟକ, ସଭାପତି ଅବଦୁଲ ଆରିଫ ଖାନ ଓ ସଭ୍ୟ ଧିରେନ ପଟ୍ଟନାୟକ ପ୍ରମୁଖ କହିଛନ୍ତି, ବିଦ୍ୟୁତ୍ ବିଭାଗର ନିର୍ବାହୀଯନ୍ତ୍ରୀଙ୍କ ସହ ଆଲୋଚନା ଠିକ୍‌ରେ ହୋଇଛି । ସବୁ ଦାବି ପୂରଣ ହେବ ବୋଲି ପ୍ରତିଶ୍ରୁତି ମିଳିଛି । କମିଟି ବିଦ୍ୟୁତ୍ ବିଭାଗର କାମକୁ ଅନୁଧ୍ୟାନ କରୁଛି । ପୁଣି ଅନ୍ୟ ଦାବିଗୁଡିକ ଆଲୋଚନା କରାଯାଇ ପୂରଣ କରାଯିବାକୁ ପଦକ୍ଷେପ ନିଆଯାଉଛି।


ବିଦ୍ୟୁତ୍ ଉପଭୋକ୍ତା ସଂଘ କର୍ମକର୍ତ୍ତା ନିର୍ବାହୀ ଯନ୍ତ୍ରୀଙ୍କ ସହ ଆଲୋଚନା କରୁଛନ୍ତି।

## ସଚଳ ମିଟର ବଦଳାଇବାକୁ ବିରୋଧ

ସଚଳ ମିଟରଗୁଡିକୁ ବଦଳାଇ ଟିପିସିଓଡିଏଲ ପକ୍ଷରୁ ନୂଆ ମିଟର ବସାଇବାର ଉଦ୍ୟମ କରାଯାଇଛି । ହେଲେ ଏହାକୁ ଉପଭୋକ୍ତାମାନେ ବିରୋଧ କରିଛନ୍ତି । ନୟାଗଡ଼ ବ୍ଲକ ସିନ୍ଦୁରିଆର ବିଦ୍ୟୁତ୍‌ଗ୍ରାହକ ଏହାକୁ ବିରୋଧ କରି ନୂଆ ମିଟର ଲଗାଇ ନାହାନ୍ତି। ସିନ୍ଦୁରିଆ ବାସିନ୍ଦଙ୍କ ଦାବି ସହ ସ୍ୱର ମିଳାଇ ନୟାଗଡ଼ ମ୍ୟୁନିସିପାଲିଟିର ପୁରୁଣାସହର ବିଦ୍ୟୁତ୍ ଗ୍ରାହକମାନେ ଏକାଠି ହୋଇଛନ୍ତି। ମିଟର ଠିକ୍ ଥିବାବେଳେ କାହିଁକି ମିଟର ବଦଳାଯାଉଛି ବୋଲି ପ୍ରତିବାଦ କରିଛନ୍ତି । ଏଭଳିସ୍ଥଳେ ବିଦ୍ୟୁତ୍ ବିଭାଗ ଇଲେକ୍ଟ୍ରି ବିଲ୍ ଅସୁଲ ବନ୍ଦ କରିବା ପରେ ଅସନ୍ତୋଷ ବଢ଼ିଛି । ଗ୍ରାହକମାନେ ଏହାର ପ୍ରତିବାଦ କରିବା ପାଇଁ ବାରମ୍ବାର ସଭା କରି ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଥିବା ଚର୍ଚ୍ଚାର ବିଷୟ ହୋଇଛି ।

## ପଦ୍ମାବତୀ ମଜୁରନାଳିଆ ପୋଲ ମରାମତି ଦାବି

ଭାପୁର,୨୨।୫(ଡି.ଏନ୍.ଏ.): ଭାପୁର ବ୍ଲକ ଅନ୍ତର୍ଗତ ପଦ୍ମାବତୀ ମଜୁରନାଳିଆ ଉପରେ ଥିବା ପୋଲ ମରାମତି ନିମନ୍ତେ ତଳମାରଡା ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ମଜୁରନାଳିଆ ଉପରେ ଥିବା ପୋଲଟି ଦୁର୍ବଳ ହୋଇଯାଇଥିବାରୁ ମାଙ୍କଡଗାଡିଆ ପାହାଡ଼ ତଳେ ଥିବା ଜମିର ଫସଲ ବର୍ଷାଦିନେ ପାଣିରେ ବୁଡ଼ି ରହି ନଷ୍ଟ ହୋଇଯାଉଛି। ଚାଷୀମାନେ ଖର୍ଚ୍ଚ କରିଥିବା ଅର୍ଥ ଭରଣା କରି ପାରୁ ନାହାନ୍ତି। ଅଧିକାଂଶ ଚାଷୀ ଋଣ କରି ଚାଷବାସ କରୁଥିବାରୁ ଋଣ ମୁକ୍ତ ହୋଇ ପାରୁ ନାହାନ୍ତି। ସେହି ମଜୁରନାଳିଆ ପୋଲରୁ ପାଣି ନିଷ୍କାସନ ନ ହେବାରୁ ପଦ୍ମାବତୀ ଗ୍ରାମ ଭିତରେ ଆବର୍ଜନା ଜଳ ଜମି ରହୁଛି । ଏଥିଯୋଗୁ ସେଠାରେ ମଶାବଂଶ ବୃଦ୍ଧି ଘଟୁଛି। ପଦ୍ମାବତୀ ପଞ୍ଚାୟତ ଲୋକମାନେ ଏଥିପାଇଁ ପ୍ରତି ବର୍ଷ ମ୍ୟାଲେରିଆ ଓ ଡେଙ୍ଗୁ ରୋଗରେ ପୀଡ଼ିତ ହେଉଛନ୍ତି। ଖୁବଶୀଘ୍ର ଏହି ମଜୁରନାଳିଆ ପୋଲକୁ ମରାମତି ନିମନ୍ତେ ପଦ୍ମାବତୀ ଓ ତଳମାରଡା ଉଭୟ ଗ୍ରାମବାସୀ ଜିଲା ପ୍ରଶାସନ, ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସ୍ଥାନୀୟ ବିଧାୟକଙ୍କ ନିକଟରେ ଦାବି କରିଛନ୍ତି।

## ଘାସ ବିକି ଜୀବିକା ନିର୍ବାହ କରୁଛନ୍ତି ୨ ମୂକ,ବଧିର ଭଉଣୀ

■ ଭଙ୍ଗା ଚାଳ ଛପର ଘରେ ବିତୁଛି ଜୀବନ
■ ଆବାସ ଯୋଜନା ସେମାନଙ୍କ ପାଇଁ ସ୍ୱପ୍ନ

ଖଣ୍ଡପଡ଼ା,୨୨।୫(ସ୍ୱ.ପ୍ର.)

ରାଜ୍ୟ, କେନ୍ଦ୍ର ସରକାର ଗରିବ, ନିରୀହ, ଭିନ୍ନକ୍ଷମ ତଥା ମହିଳାମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବହୁ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି । ହେଲେ ତୃଣମୂଳସ୍ତରରେ ଏହି ଯୋଜନାରେ କିଏ ଉପକୃତ ହେଉଛନ୍ତି ସେ ସଂକ୍ରାନ୍ତରେ ସମୀକ୍ଷା କରାଯାଉନାହିଁ। ଫଳରେ ପ୍ରକୃତ ହିତାଧିକାରୀ ସେଥିରୁ ବାଦ୍ ପଡୁଥିବା ଉଦାହରଣ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ ଫକୀରଅତବୁଦ୍ଧି ପାଟଣା ସନେଇସାହିରେ ଦେଖିବାକୁ ମିଳିଛି।

ଫକୀରଅତବୁଦ୍ଧି ପାଟଣା ସନେଇସାହିର ସ୍ୱର୍ଗତ ଫଗୁଆ ନାଏକଙ୍କ ୨ ଝିଅ ହୀରା (୫୫) ଓ ଜିରା (୪୭) ଜନ୍ମରୁ ମୁକ ଓ ବଧିର । ବଡ଼ ଝିଅ ହୀରା ସ୍ୱାମୀ ପରିତ୍ୟକ୍ତା ହୋଇ ଘରେ ସାନ ଭଉଣୀଙ୍କ ସହ ରହୁଛନ୍ତି। ମା'ବାପ ଛେଉଣ୍ଡ ଦୁଇ ଭଉଣୀ ଅଭାବ ଅନାଟନରେ ଦିନ କାଟୁଛନ୍ତି। ୨ ଭଉଣୀଙ୍କୁ ମାସକୁ ୧୦୦୦ଟଙ୍କା ଭିନ୍ନକ୍ଷମ ଭତ୍ତା ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୨ଟି ରାଶନ କାର୍ଡରେ ମାସିକ ୧୦ କେଜି ଚାଉଳ ମିଳୁଛି। ଏତିକି ସେମାନଙ୍କ ପାଇଁ ସମ୍ବଳ । ଘରେ ବିଦ୍ୟୁତ୍ ସଂଯୋଗ ନାହିଁ। ଭଙ୍ଗା ଦଦରା ଚାଳ ଛପର ଘରେ ଦୁହେଁ ଚଳୁଥିଲେ ମଧ୍ୟ ଆବାସ ଯୋଜନାରେ ସେମାନଙ୍କୁ ସାମିଲ କରାଯାଇନାହିଁ। ପ୍ରତିଦିନ ସକାଳୁ ଉଠି ଉଭୟ ଘାସ କାଟିବାକୁ ଚାଲି ଯାଆନ୍ତି । ସେହି ଘାସ ବିଡ଼ାକୁ ମୁଣ୍ଡରେ ଧରି ବିକ୍ରି ପାଇଁ ବାରଦୁଆର ବୁଲନ୍ତି। ଶେଷରେ ୨୦ରୁ ୨୫ ଟଙ୍କାରେ ବିକ୍ରି କରି ଘରକୁ ଫେରନ୍ତି । ଗ୍ରୀଷ୍ମ ଋତୁରେ ନିମ୍ବ କଡି ସଂଗ୍ରହ କରି ତାକୁ ମଧ ବୁଲି ବୁଲି ବିକ୍ରି କରିଥାଆନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଶ୍ରୀୟାରାଣୀ ବେହେରାଙ୍କ ସହ ଯୋଗାଯୋଗ କରିବାରେ ସରକାରଙ୍କ ବିଧି ବ୍ୟବସ୍ଥା ଅନୁଯାୟୀ ଉଭୟଙ୍କୁ ଭତ୍ତା ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଯଦି ଭିନ୍ନକ୍ଷମ ୨ ଭଉଣୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ପାରନ୍ତା ତେବେ ସେମାନେ ଉପକୃତ ହୋଇ ପାରବେ ବୋଲି ସେ ପ୍ରକାଶ କରିଛନ୍ତି ।


ଘାସ ବିକ୍ରି କରିବାକୁ ଗ୍ରାହକଙ୍କ ଅପେକ୍ଷାରେ ହୀରା ଓ ଜିରା ।

## ୪୦ ଲିଟର ମଦ ଜବତ, ଜଣେ ଗିରଫ

ନୂଆଗାଁ,୨୨।୫(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ମହିପୁର ଅଞ୍ଚଳରୁ ରବିବାର ପୋଲିସ ୪୦ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରିବା ସହ ଜଣେ ମଦ ବେପାରୀଙ୍କୁ ଗିରଫ କରିଛି । ଗିରଫ ବ୍ୟକ୍ତି ଜଣକ ହେଲେ ମହିପୁର ଗ୍ରାମର କବିରାଜ ପ୍ରଧାନ । ସୂଚନା ମୁତାବକ ମହିପୁର ମେଡିକାଲ ଛକରେ ମଦ ବିକ୍ରୀ ହେଉଥିବା ଖବର ପାଇ ନୂଆଗାଁ ଥାନା ପୋଲିସ ରାତି ସାଢେ ୮ଟା ସମୟରେ ସେଠାରେ ଚଢ଼ାଉ କରିଥିଲା । କବିରାଜ ବିକ୍ରୀ କରିବା ଉଦ୍ଦେଶ୍ୟରେ ରଖିଥିବା ଦେଶୀମଦ ୩୦ ଲିଟର ଓ ବିଦେଶୀ ମଦ ୧୦ ଲିଟର ନେଇ ଯାଉଥିବା ସମୟରେ ପୋଲିସ ହାତରେ ଧରା ପଡିଥିଲେ । କବିରାଜଙ୍କୁ ପୋଲିସ ଗିରଫ କରି ନୂଆଗାଁ ଥାନାକୁ ଆଣିଥିଲା । ସୋମବାର ପୋଲିସ ତାଙ୍କୁ କୋର୍ଟ ଚାଲଣ କରିଛି ।

# ୭୧ରୁ ୧୯ ଅଭିଯୋଗର ତତ୍କାଳ ସମାଧାନ

ନୂଆଗାଁ,୨୨।୫(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ରାଜୀବ ଗାନ୍ଧୀ ସଭାଗୃହରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ୟକ୍ତିଗତ ୫୮, ସାମୁହିକ ୫ ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡ ସମ୍ପର୍କିତ ୬ ଓ ରେଡ଼କ୍ରସ ସହାୟତା ପାଇଁ ୨ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସର୍ବମୋଟ ୭୧ ଅଭିଯୋଗ ମଧ୍ୟରୁ ୧୯ଟିର ତତ୍କାଳ ସମାଧାନ କରାଯାଇଥିଲା ।

ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ଅଭିଯୋଗ କଲେ ସୁଫଳ ମିଳିବ ବୋଲି ଯେଉଁ ବିଶ୍ୱାସ ରହିଥିଲା ତାହା ଭୁଲ ପ୍ରମାଣିତ ହେଉଛି। ସେଥିପାଇଁ ପୂର୍ବ ଭଳି ଆଉ ଅଭିଯୋଗକାରୀ ଶିବିରକୁ ଆସୁ ନ ଥିବା ଅଭିଯୋଗ ହେଉଛି । ସିଙ୍ଗାରପଲି ପଞ୍ଚାୟତ ଯୋଡ଼ାସାହିରେ ନୂତନ ଭାବେ ନିର୍ମାଣ କରାଯାଇଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ବିଭିନ୍ନ ସମସ୍ୟା ରହିଥିବାରୁ ସେହି ଗୃହରେ ଶିଶୁମାନେ ପାଠ ନ ପଢି ନିକଟସ୍ଥ ସ୍କୁଲ ବାରଣ୍ଡାରେ ପାଠ ପଢୁଛନ୍ତି । ଏ ନେଇ ବାରମ୍ବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିରରେ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ତେଣୁ ଗ୍ରାମବାସୀ ପୂନର୍ବାର ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସେହିପରି ସୋରଡ଼ା ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କାମ ଧିମେଇ ଚାଲିଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗିଲେଣି। ସ୍ଥାନୀୟ ବାସିନ୍ଦା ଏ ସଂକ୍ରାନ୍ତରେ ୨ ଥର ଆନ୍ଦୋଳନ କରିଥିବା ବେଳେ ଅଧିକାରୀମାନେ କେବଳ ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ବନ୍ଦ କରୁଛନ୍ତି । ହେଲେ କାମ ହେଉ ନାହିଁ । ଏଥିରେ ଅତିଷ୍ଠ ହୋଇ ସୋରଡ଼ା ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ ମହିଳା ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି। କାପ୍ତାପଲି ପଞ୍ଚାୟତର ଭଣ୍ଡାରୀବାରି ଓ ଡେଙ୍ଗାବାରି ଗ୍ରାମର ଲୋକେ ନାନା ସମସ୍ୟା ଦୂର କରିବା ପାଇଁ ଗ୍ରାମବାସୀ ଜିଲାପାଳଙ୍କୁ ଗୁହାରୀ କରିଛନ୍ତି। ସେହିପରି କାପ୍ତାପଲି ପଞ୍ଚାୟତର ବୁରୁଦେଇ ଗ୍ରାମବାସୀଙ୍କ ନିମନ୍ତେ ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ଗ୍ରାମବାସୀ ନଦୀ ଚୁଆ ପାଣିକୁ ଭରସା କରି ଚଳୁଛନ୍ତି । ଗ୍ରାମବାସୀଙ୍କଠାରୁ ଅଭିଯୋଗ ପାଇ ଏହାର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆବାସ ଗୃହ ନିମନ୍ତେ ହିତାଧିକାରୀଙ୍କଠାରୁ ଲାଞ୍ଚ ନ ନେବା ପାଇଁ ବିଭାଗୀୟ ଅଧିକାରୀ, କର୍ମଚାରୀ ଓ ଜନ ପ୍ରତିନିଧିମାନଙ୍କୁ ତାଗିଦା କରାଯାଇଥିଲେ ମଧ୍ୟ ମହିପୁର ପଞ୍ଚାୟତର ଜଣେ ଲୋକ ପ୍ରତିନିଧି ଆବାସ ଗୃହ ଦେବା ପାଇଁ ପ୍ରକାଶ ନାଏକ ନାମକ ଜଣେ ହିତାଧିକାରୀଠାରୁ ୧୫ ହଜାର ଟଙ୍କା ଲାଞ୍ଚ ମାଗୁଥିବାର ଏକ ଭିଡିଓ ଜିଲାପାଳଙ୍କୁ ଦେଖାଇବା ସହ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। ମାଇଛେଳି ପଞ୍ଚାୟତ କୋଷାକଟା ଗ୍ରାମର ପଦ୍ମନାଭ ଖଣ୍ଡା ନିଜର ଜାଗା ଚିହ୍ନଟ କରିବା ପାଇଁ ନୂଆଗାଁ ତହସିଲ କାର୍ଯ୍ୟାଳୟରେ ୫।୭।୨୦୨୧ରୁ ଆବେଦନ କରିଥିଲେ ମଧ୍ୟ ଅଦ୍ୟାବଧି ଚିହ୍ନଟ କରାଯାଉନାହିଁ । ଖଣ୍ଡା ଭିନ୍ନକ୍ଷମ ବ୍ୟକ୍ତି ହୋଇ ଥିବାରୁ ଗାଡ଼ି ଭଡ଼ା କରି ତହସିଲ କାର୍ଯ୍ୟାଳୟକୁ ଧାଇଁ ନୟାନ୍ତ ହୋଇ ଶେଷରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଜନ ଶୁଣାଣୀ ଶିବିରରେ ନୟାଗଡ଼ ଜିଲାପାଳ ରବିନ୍ଦ୍ର ନାଥ ସାହୁ, ଜିଲା ଆରକ୍ଷୀ ଅଧୀକ୍ଷକ ଅଲେଖ କୁମାର ପହି, ଜିଲା ମୁଖ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କ ସମେତ ଜିଲାସ୍ତରର ଅଧିକାରୀମାନେ ଯୋଗ ଦେଇଥିଲେ ।



ଜିଲାପାଳ ଅଭିଯୋଗ ଶୁଣୁଛନ୍ତି ।

### ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ସେଲ୍ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆଦିଲ ନୱାଜ


@ ବିକାଶ


@ ବିଶ୍ୱଜିତା


@ କୁନା


@ ମହେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗାଁକୁ ପଶି ଆସିଲା ତୃଷାର୍ତ୍ତ ହରିଣ ଛୁଆ

### ସୁସ୍ଥ ପରେ ଜଙ୍ଗଲରେ ଛଡାଯିବ

ଖଣ୍ଡପଡ଼ା,୨୨।୫(ସ୍ୱ.ପ୍ର.)

ଖଣ୍ଡପଡ଼ା ସହର ନିକଟସ୍ଥ ଚଢେଇବସା ସଂରକ୍ଷିତ ଜଙ୍ଗଲରୁ ଏକ ୩ ବର୍ଷର ହରିଣ ଛୁଆ ସୋମବାର ସକାଳ ୭ଟାରେ ଜନବସତି ଅଞ୍ଚଳକୁ ଚାଲି ଆସିଥିଲା। ଗାଁର କେତେକ ବୁଲା କୁକୁର ଗୋଡାଇବାରୁ ଜୀବନ ବିକଳରେ ହରିଣଟି ଖଣ୍ଡପଡ଼ା ବ୍ରାହ୍ମଣ ସାହିର ଶିଖର ମହାପାତ୍ରଙ୍କ ବାରିରେ ପଶି ଯାଇଥିଲା। ସ୍ଥାନୀୟ ଲୋକେ ହରିଣଟିକୁ ଦେଖିବା ପରେ ଖଣ୍ଡପଡ଼ା ବନ ବିଭାଗକୁ ଖବର ଦେଇଥିଲେ । ପରେ ନୟାଗଡ଼ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ବନଖଣ୍ଡ ଅଧିକାରିଣୀ କ୍ଷମା ଷଡ଼ଙ୍ଗୀ ଏ ସମ୍ପର୍କରେ ଅବଗତ ହେବା ପରେ ହରିଣଟିକୁ ଉଦ୍ଧାର କରିବା ପାଇଁ ବନ ବିଭାଗ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଖଣ୍ଡପଡ଼ା ଡେପୁଟି ବନାଞ୍ଚଳ ଅଧିକାରୀ ଶ୍ରୀନିବାସ ଦାଶ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ହରିଣଟିକୁ ଉଦ୍ଧାର କରିବା ପରେ ପ୍ରାଣୀ ଚିକିତ୍ସାଳୟରେ ତାର ପ୍ରାଥମିକ ଚିକିତ୍ସା କରାଯାଇଛି । ସାମାନ୍ୟ କ୍ଷତାକ୍ତ ହୋଇଥିବା ହରିଣଟିର ଆଶୁ ଚିକିତ୍ସା କରାଯାଇ ସୁସ୍ଥ ହେବା ପରେ ତାକୁ ଖଣ୍ଡପଡ଼ା ନିକଟସ୍ଥ ସଂରକ୍ଷିତ ଜଙ୍ଗଲରେ ଛାଡି ଦିଆଯିବ ବୋଲି ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀଙ୍କ କହିଛନ୍ତି। ଅସହ୍ୟ ଗ୍ରୀଷ୍ମ ପ୍ରବାହ ସମୟରେ ଜଙ୍ଗଲରେ ଥିବା ଜଳଉତସମାନ ଶୁଖିଯାଇଛି । ଫଳରେ ତୃଷାର୍ତ୍ତ ବନ୍ୟଜନ୍ତୁ ଜନବସତିକୁ ଚାଲି ଆସୁଥିବା ନଜିର ରହିଛି।



**୨୦୦୦ ଟଙ୍କିଆ ନୋଟ୍ ବଦଳ ବିରୋଧରେ ଜନସ୍ୱାର୍ଥ ମାମଲା**

ବିନା ରିକ୍ୱିଜିଶନ ସ୍ଲିପ୍ ଏବଂ ପରିଚୟ ପ୍ରମାଣରେ ୨,୦୦୦ ଟଙ୍କିଆ ବ୍ୟାଙ୍କ ନୋଟ୍ ବଦଳାଇବାକୁ ଅନୁମତି ଦିଆଯାଉଥିବାରୁ ଏହା ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ସୋମବାର ଏକ ଜନସ୍ୱାର୍ଥ ମାମଲା ଦାଏର ହୋଇଛି। ଏନେଇ ଆର୍‌ବିଆଇ ଏବଂ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଜାରି ବିଜ୍ଞପ୍ତି ମନମାନି, ତର୍କହୀନ ଏବଂ ସମ୍ବିଧାନର ଅନୁଚ୍ଛେଦ ୧୪ ପ୍ରତି ଅପମାନ ବୋଲି ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ତାଙ୍କ ପିଟିଶନରେ ଦର୍ଶାଇଛନ୍ତି।



## ସଂକ୍ଷେପରେ

### ଛତିଶଗଡ଼ ମଦ ଦୁର୍ନୀତି

## ୧୨୧କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

**ନୂଆଦିଲ୍ଲୀ, ୨୨।୫(ପି.ଟି.):** ଛତିଶଗଡ଼ ମଦ ଦୁର୍ନୀତି ମାମଲାର ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ରାୟପୁର ମେୟରଙ୍କ ବଡ଼ଭାଇ ଅନଓ୍ୱର ଧେବାର ଏବଂ ଛତିଶଗଡ଼ ରାଜ୍ୟ ମାର୍କେଟିଂ କର୍ପୋରେଶନ ଲିଃର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଆଇଏଏସ୍ ଅଫିସର ଅନିଲ ଟୁଟେଜାଙ୍କର ୧୨୧.୮୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତ କରିଛି। ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍ଏଲ୍ଏ)ରେ ଜବତ ହୋଇଥିବା ସମ୍ପତ୍ତି ମଧ୍ୟରେ ଟୁଟେଜାଙ୍କର ୮.୮୩ କୋଟି ଟଙ୍କାର ୧୪ଟି ସମ୍ପତ୍ତି ଥିବାବେଳେ ଅନଓ୍ୱରଙ୍କର ୯୮.୭୮ କୋଟି ଏବଂ ଅରୁଣ ପତି ତ୍ରିପାଠୀଙ୍କର ୧.୩୫ କୋଟି ଟଙ୍କାର ସମ୍ପତ୍ତି ରହିଛି। ଏହା ବ୍ୟତୀତ ବିକାଶ ଅଗ୍ରଓ୍ୱାଲ ଓରଫ ସୁବ୍ବୁଙ୍କର ୧.୫୪ କୋଟି ଏବଂ ଅରବିନ୍ଦ ସିଂଙ୍କର ୧୧.୩୫ କୋଟି ଟଙ୍କାର ସମ୍ପତ୍ତିକୁ ବାଜ୍ୟାପ୍ତ କରାଯାଇଥିବା ଇଡି ପକ୍ଷରୁ କୁହାଯାଇଛି। ଏହି ମାମଲାରେ ଇଡି ଅନଓ୍ୱର ଧେବରଙ୍କ ସମେତ ତ୍ରିପାଠୀ ଓ ଅନ୍ୟ ଦୁଇଜଣଙ୍କୁ ଗିରଫ କରିଛି।

## ସିବିଆଇ ତଦନ୍ତ ବିରୋଧରେ ସୁପ୍ରିମକୋର୍ଟ ଗଲେ ଅଭିଷେକ



ଅଭିଷେକ ବାନାର୍ଜୀ

**ନୂଆଦିଲ୍ଲୀ, ୨୨।୫:** ଶିକ୍ଷକ ନିଯୁକ୍ତି ଦୁର୍ନୀତି ମାମଲାର ସିବିଆଇ ତଦନ୍ତ ବିରୋଧରେ ବରିଷ୍ଠ ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀ ସୋମବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଜେରା ବିରୋଧରେ ତାଙ୍କ ଆବେଦନର ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି। ଶନିବାର ସିବିଆଇ ଅଭିଷେକଙ୍କୁ ୯ ଘଣ୍ଟା ଧରି ଜେରା କରିଥିଲା। ତଦନ୍ତକାରୀ ସଂସ୍ଥା ତାଙ୍କ ବିରୋଧରେ କୌଣସି ଜବରଦସ୍ତ ପଦକ୍ଷେପ ନ ନେବା ଲାଗି ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେବାକୁ ଅଭିଷେକ ନିବେଦନ କରିଛନ୍ତି। ତାଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଅଭିଷେକ ମନୁ ସିଂଘଭି ଜଷ୍ଟିସ୍ ଅନିରୁଦ୍ଧ ବୋଷ ଏବଂ ସଞ୍ଜୟ କାରୋଲଙ୍କ ଅବକାଶକାଳୀନ ଖଣ୍ଡପୀଠରେ ପିଟିଶନ ଦାଖଲ କରିଥିଲେ।

## ଗୁଜରାଟ ଦଙ୍ଗା ଡକ୍ୟୁମେଣ୍ଟାରି: ବିବିସିକୁ ହାଇକୋର୍ଟ ସମନ

**ନୂଆଦିଲ୍ଲୀ, ୨୨।୫:** ୨୦୦୨ ଗୁଜରାଟ ଦଙ୍ଗା ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବ୍ରିଟିଶ ବ୍ରଡ୍‌କାଷ୍ଟିଂ କର୍ପୋରେଶନ (ବିବିସି)ର ଡକ୍ୟୁମେଣ୍ଟାରି ବିରୋଧରେ କରାଯାଇଥିବା ମାନହାନି ମାମଲାରେ ଦିଲ୍ଲୀ ହାଇକୋର୍ଟ ସୋମବାର ଏହାକୁ ସମନ ଜାରି କରିଛନ୍ତି। ଗୁଜରାଟର ଏନ୍‌ଜିଓ ଜଷ୍ଟିସ୍ ଫର୍ ଟ୍ରାଏଲ୍ ପକ୍ଷରୁ ମାନହାନି ମାମଲା ଦାଏର ହୋଇଥିଲା। ଉକ୍ତ ଡକ୍ୟୁମେଣ୍ଟାରି ଭାରତ ଓ ଏହାର ନ୍ୟାୟପାଳିକା ଏବଂ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବଦନାମ କରିଥିବା ଉକ୍ତ ପିଟିଶନରେ ଦର୍ଶାଯାଇଥିଲା। ବିବିସି(ବ୍ରିଟେନ୍) ସମେତ ବିବିସି(ଇଣ୍ଡିଆ)କୁ ମଧ୍ୟ ଜଷ୍ଟିସ୍ ସଚିନ ଦତ୍ତ ନୋଟିସ ଜାରି କରି ଜବାବ ମାଗିଛନ୍ତି। ବିବିସି ପକ୍ଷରୁ 'ଇଣ୍ଡିଆ: ଦି ମୋଦି କୋଶ୍ଚିନ' ନାମରେ ଡକ୍ୟୁମେଣ୍ଟାରି ଦୁଇଟି ଅଧ୍ୟାୟରେ ପ୍ରକାଶ କରାଯାଇଥିଲା।



ରାଞ୍ଚିରେ ନବନିର୍ମିତ ଝାଡ଼ଖଣ୍ଡ ହାଇକୋର୍ଟ ବିଲ୍ଡିଂର ଆକାଶମାର୍ଗରୁ ନିଆଯାଇଥିବା ଫଟୋ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ଉକ୍ତ ହାଇକୋର୍ଟ କମ୍ପ୍ଲେକ୍ସର ଉଦ୍‌ଘାଟନ କରିବେ।

# ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନକୁ ନେଇ ଭାଜପାକୁ ଖାର୍ଗେଙ୍କ ସମାଲୋଚନା

**ନୂଆଦିଲ୍ଲୀ, ୨୨।୫**

ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନକୁ ରାଷ୍ଟ୍ରପତି ଏବଂ ପୂର୍ବତନ ରାଷ୍ଟ୍ରପତିଙ୍କୁ ଆମନ୍ତ୍ରଣ ନ କରି କେନ୍ଦ୍ର ସରକାର କ୍ରମାଗତ ଭାବେ ସେମାନଙ୍କ ମର୍ଯ୍ୟାଦା ହାନି କରୁଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋମବାର ଅଭିଯୋଗ କରିଛନ୍ତି। ଭାଜପା-ଆର୍‌ଏସ୍‌ଏସ୍ ସରକାରରେ ଭାରତର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଏକ ପ୍ରତୀକବାଦକୁ ହ୍ରାସ ପାଇଥିବା ଖାର୍ଗେ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ୨୮ ତାରିଖରେ ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ କରିବେ। ଏହି ଉତ୍ସବକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କିମ୍ବା ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ଆମନ୍ତ୍ରଣ କରାଯାଇ ନାହିଁ। ପାର୍ଲାମେଣ୍ଟ ଭବନ ଶିଳାନ୍ୟାସ ଉତ୍ସବକୁ ମଧ୍ୟ ରାମନାଥଙ୍କୁ ଆମନ୍ତ୍ରଣ କରାଯାଇ ନ ଥିଲା। ପାର୍ଲାମେଣ୍ଟ ଦେଶର ସର୍ବୋଚ୍ଚ ବ୍ୟବସ୍ଥାପିକା ସଂସ୍ଥା

### ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ଗୌଣ କରାଯାଇଛି



ମଲ୍ଲିକାର୍ଜୁନ ଖାର୍ଗେ

ହୋଇଥିବାବେଳେ ରାଷ୍ଟ୍ରପତି ସର୍ବୋଚ୍ଚ ସାମ୍ବିଧାନିକ କର୍ତ୍ତୃପକ୍ଷ। ସେ ସରକାର, ବିରୋଧୀ ଏବଂ ପ୍ରତ୍ୟେକ ନାଗରିକଙ୍କର ପ୍ରତିନିଧିତ୍ୱ କରୁଛନ୍ତି। ତାଙ୍କ ଦ୍ୱାରା ନୂଆ ପାର୍ଲାମେଣ୍ଟ ଭବନ ଉଦ୍‌ଘାଟନ କରାଗଲେ ସରକାରଙ୍କ ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସାମ୍ବିଧାନିକ ଔଚିତ୍ୟ ପ୍ରତିଶ୍ରୁତି ପ୍ରତିଫଳିତ ହେବ ବୋଲି ଖାର୍ଗେ କହିଛନ୍ତି।

# ରାଜସ୍ଥାନ ଭାଜପାରେ ସବୁ କିଛି ଠିକ୍ ଚାଲିନି

**ଜୟପୁର, ୨୨।୫**

ଭାଜପା ସୂତ୍ରରୁ ମିଳୁଥିବା ଖବର ଅନୁଯାୟୀ ରାଜସ୍ଥାନରେ ଗୈରିକ ଦଳ ଭିତରେ ସବୁକିଛି ଠିକ୍ ଚାଲିଥିବା ଭଳି ବିଶ୍ୱାସ ହେଉ ନାହିଁ। ଶନିବାର ନାଗାଉର ଜିଲାର ଲାଡ୍‌ନୁନ୍‌ଠାରେ ରାଜସ୍ଥାନ ଭାଜପା କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ସେଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ ସିନ୍ଧିଆ ଅନୁପସ୍ଥିତ ରହିବା ଭାଜପା ନେତାଙ୍କ ମଧ୍ୟରେ ମନୋମାଳିନ୍ୟ ଥିବା ଜଣାପଡ଼ିଯାଇଛି। ସମ୍ପୃକ୍ତ ବୈଠକରେ ରାଜ୍ୟ ଭାଜପା ଦାୟିତ୍ୱରେ ଥିବା ନେତା, ପୂର୍ବତନ ରାଜ୍ୟ ସଭାପତି, ବିରୋଧୀ ଦଳ ନେତା ଓ ଉପନେତା, ରାଜ୍ୟରୁ ଥିବା କେନ୍ଦ୍ରମନ୍ତ୍ରୀଙ୍କ ସମେତ ବହୁ ବଡ଼ ନେତା ଉପସ୍ଥିତ ଥିବା ବେଳେ ବସୁନ୍ଧରାଙ୍କୁ ଦେଖିବାକୁ ମିଳି ନ ଥିଲା।



ବସୁନ୍ଧରା ରାଜେ



ସୁଭାଷ ମାହାରିଆ

ଏପରି କି ପୂର୍ବରୁ ଯେତେବେଳେ ପୂର୍ବତନ ରାଜ୍ୟ ସଭାପତି ସତୀଶ ପୁନିଆଙ୍କ ସହିତ ତାଙ୍କର ମତଭେଦ ରହିଥିଲା, ସେତେବେଳେ ମଧ୍ୟ ବସୁନ୍ଧରା ସବୁ କାର୍ଯ୍ୟକାରୀ କମିଟି ବୈଠକରେ ଯୋଗ ଦେଇଥିଲେ। କିନ୍ତୁ ଚଳିତ ବୈଠକରେ ତାଙ୍କ ଅନୁପସ୍ଥିତି ଦଳ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା ଆଲୋଚନା ହେଉଛି।

ରାଜ୍ୟ ଭାଜପାର କାର୍ଯ୍ୟକାରୀ କମିଟି ବୈଠକରେ ଆସନ୍ତା ୩ ମାସ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ନିଷ୍ପତ୍ତି ନିଆଯାଇଛି। ଆସନ୍ତା ନିର୍ବାଚନ ଲାଗି ପ୍ରସଙ୍ଗ କ'ଣ ରହିବ ସେହି ବିଷୟରେ ମଧ୍ୟ ଆଲୋଚନା ହୋଇଛି। ଏଭଳି ସ୍ଥଳେ ବସୁନ୍ଧରାଙ୍କ ଅନୁପସ୍ଥିତି ରାଜନୈତିକ ପରିମଣ୍ଡଳରେ ଏବେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି।

କାରଣ କିଛିଦିନ ତଳେ ସେ ନାଗାଉର ଜିଲା ଗସ୍ତ କରି ଏକ ବୈଠକରେ ଉଦ୍‌ବୋଧନ ଦେଇଥିଲେ। ତେବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଭାଷ ମାହାରିଆ ନିକଟରେ ଭାଜପାକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଦଳରେ ବିବାଦ ଦେଖାଦେଇଥିବା କୁହାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ସଂସଦୀୟ ନିର୍ବାଚନ ବେଳେ ଭାଜପା ତାଙ୍କୁ ଟିକେଟ ନ ଦେବାରୁ ସେ କଂଗ୍ରେସରେ ଯୋଗ ଦେଇଥିଲେ। ଏବେ ଭାଜପାକୁ ଫେରି ଆସିଥିବାରୁ ଦଳ ତାଙ୍କୁ ରାଜ୍ୟ କଂଗ୍ରେସ ସଭାପତି ଗୋବିନ୍ଦ ଦୋତସାରାଙ୍କ ବିପକ୍ଷରେ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦେବ ବୋଲି ଆଶା କରାଯାଉଛି। ନିକଟରେ ମାହାରିଆଙ୍କୁ ଦଳ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସିକର ଏମ୍‌ପି ସୁମେଧାନନ୍ଦ ସରସ୍ୱତୀ କହିଛନ୍ତି, ଲୋକଙ୍କ ଯିବା ଆସିବା ଲାଗି ରହିଛି। ଯଦି ୧୦୦ କୁଇଣ୍ଟାଲ ଶସ୍ୟ ଅଛି, ସେଥିରେ ମୁଠାଏ ଚଣାର ମାନେ କିଛି ନାହିଁ। ମାହାରିଆ ତାଙ୍କ ବିଶୃଙ୍ଖଳିତ ଆଚରଣ ପାଇଁ ଦୁଇ ତିନୋଟି ନିର୍ବାଚନରେ ପରାସ୍ତ ହୋଇଛନ୍ତି ବୋଲି ସେ କହିଛନ୍ତି। ମାହାରିଆଙ୍କ ଗୃହ ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମରେ ବସୁନ୍ଧରା ରାଜେ ଅନୁପସ୍ଥିତ ଥିବା ଦେଖାଯାଇଥିଲା।

ରାଜସ୍ଥାନ ବିଧାନସଭା ନିର୍ବାଚନକୁ ୬ ମାସ ଥିବା ବେଳେ ଦଳ ଭିତରେ ଫାଟ ସୃଷ୍ଟି ହେବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୁଣି କର୍ଣାଟକ ଓ ପୂର୍ବରୁ ହିମାଚଳ ପ୍ରଦେଶରେ ଦଳ ହାରି ଯାଇଥିବାରୁ ରାଜସ୍ଥାନ ଭାଜପାରେ ଦେଖାଦେଇଥିବା କନ୍ଦଳ ଆଗକୁ ସମସ୍ୟା ସୃଷ୍ଟି କରିବ। କିନ୍ତୁ ଦଳୀୟ ନେତାଙ୍କ କହିବା କଥା ଯେ, ବସୁନ୍ଧରା ବ୍ୟକ୍ତିଗତ କାରଣ ଯୋଗୁ ଉକ୍ତ ବୈଠକରେ ଯୋଗ ଦେଇପାରି ନ ଥିଲେ। ନାଗାଉରରେ ହୋଇଥିବା କାର୍ଯ୍ୟକ୍ରମ ଅତି ସଫଳ ହୋଇଥିଲା ବୋଲି ନେତାମାନେ ଦର୍ଶାଇଛନ୍ତି।

## ଇସ୍ରାଏଲ୍ ଆକ୍ରମଣରେ ୩ ପାଲେଷ୍ଟିନୀୟଙ୍କ ମୃତ୍ୟୁ

**ତେଲ୍ ଆଭିଭ, ୨୨।୫**

ଓ୍ୱେଷ୍ଟ ବ୍ୟାଙ୍କ୍‌ର ଏକ ଶରଣାର୍ଥୀ ଶିବିର ଉପରେ ସୋମବାର ଭୋର ସମୟରେ ଇସ୍ରାଏଲ୍ ସେନା ଆକ୍ରମଣ କରିବାରୁ ୩ ଜଣ ପାଲେଷ୍ଟାଇନ୍ ନାଗରିକ ନିହତ ହୋଇଛନ୍ତି। ଇସ୍ରାଏଲ୍‌ର ଏଭଳି କାର୍ଯ୍ୟକୁ ଆମେରିକା ନିନ୍ଦା କରିଛି। ନାବ୍‌ଲୁସ୍ ସହର ନିକଟରେ ଥିବା ବାଲାଟା ଶରଣାର୍ଥୀ ଶିବିର ଉପରେ ଇସ୍ରାଏଲ୍ ସେନା ଚଢ଼ାଉ ବେଳେ ୩ ଜଣଙ୍କ ମୃତ୍ୟୁ ଘଟିଥିବା ପାଲେଷ୍ଟାଇନ୍ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏଥିରେ ଅନ୍ୟ ୬ ଜଣ ଆହତ ହୋଇଥିବାବେଳେ ଜଣକ ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତକମାନେ ଅଲ୍ ଅକ୍‌ସା ମାର୍ଟାୟର୍ସ ବ୍ରିଗେଡ୍ ନାମକ ଉଗ୍ରପନ୍ଥୀ ସଂଗଠନର ସଦସ୍ୟ ବୋଲି ଚିହ୍ନଟ କରାଯାଇଛି। ଏହି ସଂଗଠନର ପାଲେଷ୍ଟାଇନ୍ ରାଷ୍ଟ୍ରପତି ମହମ୍ମଦ ଆବାସଙ୍କ ଦଳ ସହ ସମ୍ପର୍କ ରହିଛି।

# ମଧ୍ୟପ୍ରଦେଶରେ କଂଗ୍ରେସର ୫ ପ୍ରତିଶ୍ରୁତି

**ନୂଆଦିଲ୍ଲୀ, ୨୨।୫**

### ୫୦୦ ଟଙ୍କାରେ ରନ୍ଧନ ଗ୍ୟାସ, ୧୦୦ ୟୁନିଟ୍ ବିଜୁଳି ମାଗଣା

କର୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସର ସଫଳତା ପରେ ଏହି ଦଳ ଚଳିତ ବର୍ଷ ନିର୍ବାଚନ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ମଧ୍ୟପ୍ରଦେଶ ସମେତ ଅନ୍ୟ ରାଜ୍ୟଗୁଡ଼ିକ ଉପରେ ନଜର ପକାଇଛି। ମଧ୍ୟପ୍ରଦେଶର ଜନସାଧାରଣଙ୍କୁ ଆକୃଷ୍ଟ କରିବା ଲାଗି ଦଳ ପକ୍ଷରୁ ୫ଟି ପ୍ରତିଶ୍ରୁତି ଘୋଷଣା କରାଯାଇଛି। ସେହି ପ୍ରତିଶ୍ରୁତିଗୁଡ଼ିକ ହେଲା କଂଗ୍ରେସ ଆଗାମୀ ନିର୍ବାଚନରେ କ୍ଷମତାକୁ ଫେରିଲେ ୫୦୦ ଟଙ୍କାରେ ରନ୍ଧନ ଗ୍ୟାସ ଯୋଗାଇଦେବ। ପ୍ରତି ମାସରେ ମହିଳାମାନଙ୍କୁ ୧,୫୦୦ ଟଙ୍କା ଲେଖାଏ ଆର୍ଥିକ ସହାୟତା ମିଳିବ। ୧୦୦ ୟୁନିଟ ବିଜୁଳି ମାଗଣାରେ ଯୋଗାଇ ଦିଆଯିବା ସହ କୃଷିଋଣ ଛାଡ଼ କରାଯିବ। ଏହା ବ୍ୟତୀତ ପୁରୁଣା ପେନ୍‌ସନ ଯୋଜନା କାର୍ଯ୍ୟକାରୀ କରିବାକୁ କଂଗ୍ରେସ ପ୍ରତିଶ୍ରୁତି ଦେଇଛି। ଆଗାମୀ ନିର୍ବାଚନରେ ମଧ୍ୟପ୍ରଦେଶ କଂଗ୍ରେସ କମିଟି ସଭାପତି କମଳ ନାଥ ଦଳର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବେ ବୋଲି ରାଜ୍ୟ ସଭା ସଦସ୍ୟ ଦିଗ୍‌ବିଜୟ ସିଂ କହିଛନ୍ତି। ଜୁନ୍ ୧୨ରେ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ମଧ୍ୟପ୍ରଦେଶରେ ନିର୍ବାଚନ ପ୍ରଚାର ଶୁଭାରମ୍ଭ କରିବେ। ନର୍ମଦା ନଦୀରେ ପୂଜାର୍ଚ୍ଚନା କରିବା ପରେ ସେ ଜବଲପୁରରେ ରୋଡ୍‌ଶୋ' ଏବଂ ରାଲି କରିବେ ବୋଲି ଦଳର ଜଣେ କାର୍ଯ୍ୟକର୍ତ୍ତା ସୂଚନା ଦେଇଛନ୍ତି।

ଚଳିତବର୍ଷ ଶେଷ ଭାଗରେ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ୨୦୧୮ ନିର୍ବାଚନରେ କଂଗ୍ରେସ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ବିଜୟୀ ହୋଇ ସରକାର ଗଢ଼ିଥିଲେ ମଧ୍ୟ ୨୦୨୦ ମାର୍ଚ୍ଚରେ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କ ନେତୃତ୍ୱରେ ୨୦ରୁ ଊର୍ଦ୍ଧ୍ୱ ବିଧାୟକ ବିଦ୍ରୋହ କରିବାରୁ ଭାଜପା କ୍ଷମତାକୁ ଫେରିଥିଲା।

## ଅଧ୍ୟାଦେଶ ବିରୋଧରେ ରାଲି କରିବ ଏଏପି

**ନୂଆଦିଲ୍ଲୀ, ୨୨।୫**

ସେବା ଅଧିକାରୀ ନିଯୁକ୍ତି ଓ ବଦଳି ପ୍ରସଙ୍ଗରେ ସୁପ୍ରିମକୋର୍ଟ ଏଏପି ସରକାର ସପକ୍ଷରେ ରାୟ ଦେଇଥିବାବେଳେ ଏହାକୁ ଅକାମୀ କରିଦେବା ଲାଗି କେନ୍ଦ୍ର ସରକାର ଅଧ୍ୟାଦେଶ ଆଣିଛନ୍ତି। ରାଜ୍ୟ ସଭାରେ ଉକ୍ତ ଅଧ୍ୟାଦେଶକୁ ଗୃହୀତ କରାଇ ନ ଦେବା ଲାଗି ଆମ୍ ଆଦ୍‌ମୀ ପାର୍ଟି (ଏଏପି) ପକ୍ଷରୁ ଉଦ୍ୟମ କରାଯିବ। ଏଥିସହିତ ଏଏପି ଘରକୁ ଘର ଯାଇ କେନ୍ଦ୍ର ସରକାରଙ୍କ ଅଧ୍ୟାଦେଶ ବିରୋଧରେ ଲୋକଙ୍କୁ ବୁଝାଇବ। ଦିଲ୍ଲୀର ରାମଲୀଳା ମଇଦାନରେ ଜୁନ୍ ୧୧ରେ ଏକ ରାଲି କରାଯାଇ ଅଧ୍ୟାଦେଶ ବିରୋଧରେ ଜନମତ ସଂଗ୍ରହ କରାଯିବ ବୋଲି ଏଏପି ଦିଲ୍ଲୀ ଆବାହକ ଗୋପାଳ ରାୟ କହିଛନ୍ତି। ରାଜ୍ୟ ସଭାରେ ଅଧ୍ୟାଦେଶ ଯେପରି ଗୃହୀତ ହୋଇ ନ ପାରିବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିଓ୍ୱାଲ ସମସ୍ତ ବିରୋଧୀ ଦଳ ସହ ଯୋଗାଯୋଗ ଚଳାଇଛନ୍ତି। ଏହି କ୍ରମରେ ସେ ରବିବାର ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭେଟିଥିଲେ।

# ମୋଦିଙ୍କୁ ଫିଜିର ସର୍ବୋଚ୍ଚ ସମ୍ମାନ

**ପୋର୍ଟ ମୋରେସ୍‌ବି, ୨୨।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସୋମବାର ଫିଜିର ସର୍ବୋଚ୍ଚ ସମ୍ମାନରେ ସମ୍ମାନିତ କରାଯାଇଛି। ମୋଦିଙ୍କ ବିଶ୍ୱ ନେତୃତ୍ୱର ସ୍ୱୀକୃତି ସ୍ୱରୂପ ଫିଜି ପ୍ରଧାନମନ୍ତ୍ରୀ ସିଟିଭେନି ରାବୁକା ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଫିଜି ବାହାରର କୌଣସି ବ୍ୟକ୍ତିଙ୍କୁ ଏଭଳି ସମ୍ମାନ ମିଳିବା ବିରଳ ଘଟଣା। ଉକ୍ତ ସମ୍ମାନକୁ ପ୍ରଧାନମନ୍ତ୍ରୀ ଭାରତର ଜନସାଧାରଣ ଏବଂ ଫିଜି-ଭାରତୀୟ ସମ୍ପ୍ରଦାୟଙ୍କ ପାଇଁ ଉତ୍ସର୍ଗ କରିଛନ୍ତି। ଦୁଇ ଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧିରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

୧୪ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ଦେଶଗୁଡ଼ିକ ସହ ଦ୍ୱିପାକ୍ଷିକ ସମ୍ପର୍କ ବଢ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ରବିବାର ରାତିରେ ପପୁଆ ନ୍ୟୁ ଗିନିରେ ପହଞ୍ଚିଥିଲେ। ଫୋରମ୍ ଫର୍ ଇଣ୍ଡିଆ-ପାସିଫିକ ଆଇଲାଣ୍ଡ୍‌ସ କୋଅପରେଶନ (ଏଫ୍‌ଆଇପିଆଇସି) ସମିଟ ଅବସରରେ ମୋଦି ତାଙ୍କ ଫିଜି ପ୍ରତିପକ୍ଷ ରାବୁକାଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସମ୍ପର୍କକୁ ଆହୁରି ଆଗେଇନେବା ଦିଗରେ ଉଭୟ ଏକାଠି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥିବା ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫିଜିର ସର୍ବୋଚ୍ଚ ସମ୍ମାନ ପ୍ରଦାନ କରୁଛନ୍ତି ତାଙ୍କ ଫିଜି ପ୍ରତିପକ୍ଷ ସିଟିଭେନି ରାବୁକା।



ଶ୍ରୀନଗରରେ ଜି୨୦ ପର୍ଯ୍ୟଟନ କାର୍ଯ୍ୟଗୋଷ୍ଠୀ ବୈଠକରେ ଯୋଗ ଦେବାକୁ ଆସିଥିବା ବିଦେଶୀ ପ୍ରତିନିଧିଙ୍କୁ ସ୍ୱାଗତ କରାଯାଉଛି।

# ଫିଲ୍ମ ପର୍ଯ୍ୟଟନ ବୃଦ୍ଧିକୁ ଗୁରୁତ୍ୱ

**ଶ୍ରୀନଗର, ୨୨।୫**

### ଶ୍ରୀନଗରରେ ଜି୨୦ ପର୍ଯ୍ୟଟନ କାର୍ଯ୍ୟଗୋଷ୍ଠୀ ବୈଠକ

ଜମ୍ମୁ ଓ କଶ୍ମୀରର ଶ୍ରୀନଗରସ୍ଥିତ ଶେର-ଇ-କଶ୍ମୀର ଅନ୍ତର୍ଜାତୀୟ ସମ୍ମେଳନ କେନ୍ଦ୍ରରେ ସୋମବାର ଅତି କଡ଼ା ସୁରକ୍ଷା ମଧ୍ୟରେ ଜି୨୦ ପର୍ଯ୍ୟଟନ କାର୍ଯ୍ୟଗୋଷ୍ଠୀ ବୈଠକ ଆରମ୍ଭ ହୋଇଛି। ଜମ୍ମୁ ଓ କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରେ ଏହା ହେଉଛି ପ୍ରଥମ ଅନ୍ତର୍ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ। ଦୁଇଦିନିଆ ସମ୍ମିଳନୀରେ ବିଶ୍ୱର ବିଭିନ୍ନ ଭାଗରୁ ଅତିକମ୍‌ରେ ୬୦ ଜଣ ପ୍ରତିନିଧି ଯୋଗ ଦେଇଥିବା ବେଳେ ୨୦ ଜଣ ସାମ୍ବାଦିକ ଅଂଶଗ୍ରହଣ କରିଛନ୍ତି।

ଜି୨୦ର ମୁଖ୍ୟ ସମନ୍ୱୟକାରୀ ହର୍ଷବର୍ଦ୍ଧନ ଶ୍ରୀଙ୍ଗଲା କହିଛନ୍ତି ଯେ, ଜି୨୦ ପର୍ଯ୍ୟଟନ କାର୍ଯ୍ୟଗୋଷ୍ଠୀର ଅନ୍ୟତମ ମୁଖ୍ୟ କାର୍ଯ୍ୟସୂଚୀ ହେଉଛି ଫିଲ୍ମ ଟୁରିଜମ୍। ସିନେମା ପର୍ଯ୍ୟଟନରେ ଜମ୍ମୁ ଓ କଶ୍ମୀରର ସମ୍ଭାବ୍ୟ ଶକ୍ତିକୁ ପ୍ରଦର୍ଶନ ଲାଗି ଏଭଳି ପ୍ରଚେଷ୍ଟା କରାଯାଇଛି। ସେ କହିଛନ୍ତି, ଏହା ନିଃସନ୍ଦେହରେ କୁହାଯାଇପାରେ ଯେ ଏଠାରେ ଅନୁଷ୍ଠିତ ଜି ୨୦ ବୈଠକ କଶ୍ମୀର ପର୍ଯ୍ୟଟନକୁ ନୂଆ ରୂପ ଦେବ। ଏଥିସହିତ ଏହି ସମ୍ମିଳନୀ ଜମ୍ମୁ ଓ କଶ୍ମୀର ଅର୍ଥନୀତିକୁ ମଧ୍ୟ ସୁଦୃଢ଼ କରିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ଏହି ବୈଠକରେ ପୂର୍ବାପେକ୍ଷା ସର୍ବାଧିକ ପ୍ରତିନିଧି ଯୋଗ ଦେଇଛନ୍ତି ବୋଲି ଶ୍ରୀଙ୍ଗଲା କହିଛନ୍ତି। ଚାଇନା ସମେତ କେତେକ ସଦସ୍ୟ ରାଷ୍ଟ୍ର ଏହି କାର୍ଯ୍ୟକ୍ରମରୁ ଦୂରେଇ ରହିଥିବା ସେ ପ୍ରକାଶ କରିଛନ୍ତି। ଜମ୍ମୁ ଓ କଶ୍ମୀର ଏକ ବିବାଦୀୟ ଅଞ୍ଚଳ ବୋଲି ଅଭିହିତ କରି ଚାଇନା ଜି୨୦ରେ ଯୋଗ ଦେଇ ନ ଥିବା ବେଳେ ସାଉଦି ଆରବ ଏହି କାର୍ଯ୍ୟକ୍ରମ ପାଇଁ ନାମ ପଞ୍ଜୀକରଣ କରିନାହିଁ। ସେହିପରି ତୁର୍କୀ ଏହି ବୈଠକରୁ ନିଜକୁ ଦୂରେଇ ରଖିଛି। ହେଲେ ଇସ୍‌ଲାମୀୟ ରାଷ୍ଟ୍ର ସଙ୍ଗଠନ (ଓଆଇସି)ର ସଦସ୍ୟ, ନାଇଜେରିଆ ଓ ଇଣ୍ଡୋନେସିଆର ରାଷ୍ଟ୍ରଦୂତମାନେ ଏଥିରେ ଯୋଗ ଦେଇଛନ୍ତି। ପ୍ରତିନିଧିମାନେ ପରି ମହଲ, ଚେସ୍‌ମାସାହି ଓ ମୋଗଲ ଗାର୍ଡେନ ପରିଦର୍ଶନ କରିବେ। ଏଥିସହିତ ସେମାନେ ପୁନରୁଦ୍ଧାର ହୋଇଥିବା ପୋଲୋ ଭିଉ ମାର୍କେଟ ବୁଲିବା ସହ ବୁଧବାର କଶ୍ମୀର ଉପତ୍ୟକା ଯିବାର କାର୍ଯ୍ୟକ୍ରମ ରହିଛି। ବିଶ୍ୱ ସ୍ତରୀୟ ପ୍ରତିନିଧି ଏହି ସମ୍ମିଳନୀରେ ଯୋଗ ଦେଉଥିବାରୁ କଶ୍ମୀରରେ ସୁରକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ କଡ଼ାକଡ଼ି କରିଦିଆଯାଇଛି। ଏନ୍‌ଏସ୍‌ଜିର ଡ୍ରୋନ୍ ନିରୋଧୀ ଟିମ୍ ଆକାଶମାର୍ଗ ଉପରେ ନଜର ରଖିଥିବା ବେଳେ ଡାଲ୍ ହ୍ରଦ ନିକଟରେ ମରିନ୍ କମାଣ୍ଡୋମାନେ ପହଁରା ମାରୁଛନ୍ତି। ଚେନାବ ନଦୀରେ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଯବାନମାନେ ଡଙ୍ଗାରେ ରହି ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରୁଛନ୍ତି। ଜମ୍ମୁର ଅଖନୁର ସ୍ଥିତ ଭାରତ-ପାକିସ୍ତାନ ସୀମାନ୍ତ ଉପରେ ମଧ୍ୟ କଡ଼ା ନଜର ରଖାଯାଇଛି। ସେନା ସହ ଜମ୍ମୁ ଓ କଶ୍ମୀର ପୋଲିସ ମିଶି ବୈଠକ ସ୍ଥଳ ଜବାରଓ୍ୱାନ୍ ରେଞ୍ଜ ଉପରେ ଦୃଷ୍ଟି ରଖିଛନ୍ତି। ଦେଶର ବିଭିନ୍ନ ଭାଗରେ ହୋଇଥିବା ନିର୍ବାଚନ ଲାଗି ଜମ୍ମୁ ଓ କଶ୍ମୀରରୁ ଯାଇଥିବା ସିଆର୍‌ପିଏଫ୍ ଯବାନମାନଙ୍କୁ ଜି୨୦ ସମ୍ମିଳନୀ ସ୍ଥଳକୁ ଫେରାଇ ଅଣାଯାଇଛି। ପଣବନ୍ଦୀ ଭଳି ସ୍ଥିତିକୁ ଟାଳିବା ଲାଗି 'ବ୍ଲାକ୍ କ୍ୟାଟ୍' କମାଣ୍ଡୋମାନଙ୍କୁ ମଧ୍ୟ ମୁତୟନ କରାଯାଇଛି।




କଳିଙ୍ଗ ଷ୍ଟାଡିୟମରେ ସୋମବାର ଶେଷ ହୋଇଥିବା ଏକାଧିକ କ୍ରୀଡ଼ାର ସମର କ୍ୟାମ୍ପରେ ଅଂଶଗ୍ରହଣ କରିଥିବା ଜୁଡୋ ଓ ଭାରୋତ୍ତୋଳନ ପ୍ରଶିକ୍ଷାର୍ଥୀମାନେ ପ୍ରମାଣପତ୍ର ପ୍ରଦର୍ଶନ କରୁଛନ୍ତି।

# କଳିଙ୍ଗରେ ସମର କ୍ୟାମ୍ପ ଉଦ୍‌ଯାପିତ



ଭୁବନେଶ୍ୱର,୨୨।୫
(ସ୍ପୋର୍ଟ୍ସ ବ୍ୟୁରୋ)

ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏକାଧିକ କ୍ରୀଡ଼ାର ସମର କ୍ୟାମ୍ପ ସୋମବାର ଉଦ୍‌ଯାପିତ ହୋଇଛି। ମେ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି କ୍ୟାମ୍ପରେ ୫୦୦ରୁ ଅଧିକ ଶିଶୁ ଅଂଶଗ୍ରହଣ କରିଥିଲେ। ଫୁଟବଲ, ଆଥଲେଟିକ୍ସ, ଜୁଡୋ, ଭାରୋତ୍ତୋଳନ, ଭଲିବଲ୍, ବାସ୍କେଟ ବଲ୍, ଜିମ୍ନାଷ୍ଟିକ୍ସ ଓ କବାଡି ପରି ୮ଟି ବର୍ଗର ଖେଳରେ ଏହି ଶିଶୁ ମାନେ ଅଂଶଗ୍ରହଣ କରିଥିଲେ। ସ୍ପୋର୍ଟସ ହଷ୍ଟେଲର କୋଚ୍ ମାନେ ଯୁବ ଆଥଲେଟ ମାନଙ୍କ ପାଇଁ ମଜାଦାର ପ୍ରଶିକ୍ଷଣ ବ୍ୟବସ୍ଥା ଆପଣେଇ ଥିଲେ। ଶିଶୁ ମାନଙ୍କ ମଧ୍ୟରେ ଫିଟ୍‌ନେସ୍ ଓ ଜୀବନଶୈଳୀକୁ ନେଇ ସଚେତନତା ସୃଷ୍ଟି କରିବା ଏବଂ କ୍ରୀଡା ସହ ପରିଚିତ କରାଇବା ଏହି କ୍ୟାମ୍ପର ମୁଖ୍ୟ ଲକ୍ଷ୍ୟ ରହିଥିଲା। କେବଳ କଳିଙ୍ଗ ଷ୍ଟାଡିୟମ ନୁହେଁ ବରଂ ସମସ୍ତ ଜିଲାରେ ଥିବା ସ୍ପୋର୍ଟ୍ସ ହଷ୍ଟେଲରେ ଏହି କ୍ୟାମ୍ପ ଅନୁଷ୍ଠିତ ହୋଇଛି। ଏହି କ୍ୟାମ୍ପଙ୍କୁ ନେଇ କେବଳ ଶିଶୁ ନୁହନ୍ତି ବରଂ ଅଭିଭାବକ ମଧ୍ୟ ଖୁସି ଜାହିର କରିଛନ୍ତି। ୯ ବର୍ଷୀୟ ବାଳକର ମା ମମତା ପ୍ରିୟଦର୍ଶିନୀ ଏହି ସମର କ୍ୟାମ୍ପକୁ ବେଶ ପସନ୍ଦ କରିଛନ୍ତି। ଗତବର୍ଷ ତାଙ୍କ ପୁଅ ହକି ଖେଳରେ ନିଜକୁ ପଞ୍ଜୀକୃତ କରିଥିବା ବେଳେ ଚଳିତ ବର୍ଷ ବାସ୍କେଟବଲ ଖେଳ ପାଇଁ ନାମ ପଞ୍ଜୀକରଣ କରିଛି। ପ୍ରତିବର୍ଷ ଭିନ୍ନ ଭିନ୍ନ ଖେଳ ଶିଖିବାକୁ ମିଳୁଥିବାରୁ ଏହା ଶିଶୁଙ୍କ ପାଇଁ ବେଶ ଲାଭଦାୟକ ବୋଲି ସେ କହିଛନ୍ତି। ଅନ୍‌ଲାଇନରେ ପଞ୍ଜୀକରଣ ହେଉଥିବା ବେଳେ ସମସ୍ତଙ୍କ ବ୍ୟବହାର ବେଶ ସୌହାର୍ଦ୍ଦ୍ୟପୂର୍ଣ୍ଣ ରହିଥିଲା ବୋଲି ସେ କହିଛନ୍ତି। ଶିଶୁ ମାନଙ୍କ ପାଇଁ ନୂତନ ଖେଳ ସମ୍ପର୍କିତ ଜ୍ଞାନ ଆହରଣ ପାଇଁ ଏହା ପ୍ରକୃଷ୍ଟ ସୁଯୋଗ ବୋଲି କହିଛନ୍ତି ଜୁଡୋ କୋଚ୍ ଗୀତାଞ୍ଜଳି ପଣ୍ଡା। ଜଣେ ପ୍ରଶିକ୍ଷକ ଭାବରେ ଅଧିକ ଶିଶୁଙ୍କୁ ଜୁଡୋ ପ୍ରତି ଆଗ୍ରହ ପ୍ରକାଶ କରୁଥିବାର ଦେଖି ଖୁସି ଲାଗୁଛି ବୋଲି ସେ କହିଛନ୍ତି। ଏହି ଖେଳ କେବଳ ଫିଟ୍ ରଖି ନଥାଏ ବରଂ ଏହା ଆତ୍ମରକ୍ଷା କୌଶଳ ଶିଖାଇଥାଏ ବୋଲି କହିଛନ୍ତି ଗୀତାଞ୍ଜଳି। ଫୁଟବଲ ପାଇଁ ପଞ୍ଜୀକରଣ କରିଥିବା ଶ୍ରେୟାନ ମହାନ୍ତି ଏଠାକାର ବ୍ୟବସ୍ଥାକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଏଠିକାର ବ୍ୟବସ୍ଥା ଚମତ୍କାର ଥିବା ବେଳେ କୋଚ୍ ମାନେ ବେଶ ସହାୟତା କରିଥିଲେ। ଫୁଟବଲର ବେସିକ୍ ଡ୍ରିବଲିଂ, ଶୁଟିଂ ପରି ଟେକ୍‌ନିକ୍ ଶିଖିବାର ସୁଯୋଗ ମିଳିଥିବା ସେ କହିଛନ୍ତି।

# ଚେପକ୍ ପିଚ୍‌କୁ ନେଇ ଅନିଶ୍ଚିତତା

ଚେନ୍ନାଇ,୨୨।୫(ପି.ଟି.)

ଆଇପିଏଲ୍‌ର କ୍ୱାଲିଫାୟର୍-୧ରେ ମଙ୍ଗଳବାର ପରସ୍ପରକୁ ଭେଟିବେ ୪ ଥରର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ ଓ ଡିଫେଣ୍ଡିଂ ଚାମ୍ପିୟନ ଗୁଜରାଟ ଟାଇଟନ୍ସ। ଏହା ସହିତ ଆଇପିଏଲର ଶ୍ରେଷ୍ଠ ରଣନୀତିକାର ମହେନ୍ଦ୍ର ସିଂ ଧୋନୀଙ୍କ ଯୋଜନା ଓ ଭାରତୀୟ କ୍ରିକେଟ୍‌ର ଯୁବରାଜ ଶୁବମନ ଗିଲ୍‌ଙ୍କ ଜବରଦସ୍ତ ଫର୍ମ ମଧ୍ୟରେ ଲଢେଇ ଦେଖିବାକୁ ମିଳିପାରେ। ଚେନ୍ନାଇର ଚେପକ୍ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ତେବେ ଚେପକ୍‌ର ପିଚ୍‌କୁ ନେଇ ଲାଗି ରହିଛି ଅନିଶ୍ଚିତତା।ଏହି ପିଚ୍ କେଉଁଭଳି ବ୍ୟବହାର କରୁଛି ତାହାକୁ ନେଇ ଚେନ୍ନାଇ ଅନିଶ୍ଚିତତାରେ ରହିଥିବା ବେଳେ ଗୁଜରାଟ ଏଠାରେ ଚଳିତ ବର୍ଷ ଗୋଟିଏ ବି ମ୍ୟାଚ୍ ଖେଳି ନାହିଁ। ଅନ୍ୟ ପକ୍ଷରେ ଶୁବମନ ଗିଲ୍ ବର୍ତ୍ତମାନ ନିଜ କ୍ୟାରିୟରର ଶ୍ରେଷ୍ଠ ଫର୍ମରେ ରହିଛନ୍ତି। କ୍ରମାଗତ ଦୁଇଟି ଶତକ ସହିତ ସେ ପ୍ଲେ ଅଫ୍ ଖେଳିବାକୁ ଆସୁଥିବାରୁ ତାଙ୍କୁ ରୋକିବା ପାଇଁ ଧୋନୀଙ୍କ ରଣନୀତି କଣ ରହିବ ତା ଉପରେ ସଭିଙ୍କ ନଜର ରହିବ। ଏହା ସହିତ ଉଭୟ ଦଳ ମଧ୍ୟରେ ଆଉ ଏକ ସମାନତା ହେଉଛି ଏହାର

**ଆଇପିଏଲ୍ କାର୍ଯ୍ୟସୂଚୀ**
(କ୍ୱାଲିଫାୟର-୧)
**ଗୁଜରାଟ ବନାମ ଚେନ୍ନାଇ**
ସ୍ଥାନ: ଚେନ୍ନାଇ,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ମ୍ୟାନେଜମେଣ୍ଟ। ଚେନ୍ନାଇର ମ୍ୟାନେଜମେଣ୍ଟ ଯେମିତି କ୍ରିକେଟ ପଡିଆର ନିଷ୍ପତ୍ତିରେ ମୁଣ୍ଡ ଖେଳାଏ ନାହିଁ ଗୁଜରାଟରେ ମଧ୍ୟ ପରସ୍ଥିତି ସମାନ। କ୍ରିକେଟ ପଡିଆ ମଧ୍ୟର ନିଷ୍ପତ୍ତି ସର୍ବଦା ଆଶଷ ନେହେରା, ଗ୍ୟାରୀ କର୍ଷ୍ଟେନ୍ ଓ ବିକ୍ରମ ସୋଲାଙ୍କିଙ୍କ ହାତରେ ରହିଥାଏ।

ଚେପକ୍ ପିଚ୍ ଧୀମା ରହୁଥିବା ବେଳେ ଏହା ଗୁଜରାଟ ପାଇଁ ଅଧିକ ସମସ୍ୟା ସୃଷ୍ଟି କରପାରେ। ଅନ୍ୟ ପକ୍ଷରେ ପାୱାର ପ୍ଲେରେ ଦୀପକ ଚହର ଓ ଡେଥ୍ ଓଭରରେ ମଥୀଷା ପଥିରାନା ଦଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରି ପାରନ୍ତି। ମଥୀଷା ପଥିରାନା ଓ ମହୀଷ ଥିକ୍ସାନା ଶ୍ରୀଲଙ୍କା ପାଇଁ ଖେଳିଥିବାରୁ ଏହି ମ୍ୟାଚ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଶ୍ରୀଲଙ୍କା ଅଧିନାୟକ ଦାସୁନ୍ ସନକାଙ୍କ ସହାୟତା ନେଇ ପାରନ୍ତି। ସନକାଙ୍କୁ ଏହି ମ୍ୟାଚ୍‌ରେ ଅଲରାଉଣ୍ଡର ଭାବରେ ଖେଳାଇ ପାରେ ଗୁଜରାଟ। ସେହିପରି ଘରୋଇ ପରିବେଶକୁ ଭଲରେ ଜାଣିଥିବା ଆର. ସାଇ କିଶୋର ମଧ୍ୟ ଏହି ମ୍ୟାଚ୍ ଖେଳିପାରନ୍ତି। ସନକାଙ୍କ ସ୍ଥାନରେ ଜୋଶୁଆ ଲିଟଲ ଓ ୟଶ ଦୟାଲଙ୍କ ସ୍ଥାନରେ ସାଇ କିଶୋର ଖେଳି ପାରନ୍ତି। ଚେନ୍ନାଇ ଏହାର ଓପନିଙ୍ଗ ଯୋଡି ଡେଭନ୍ କନ୍‌ୱେ ଓ ଋତୁରାଜ ଗାଏକ୍ୱାଡଙ୍କ ଉପରେ ଅଧିକ ନିର୍ଭର କରିବ। ଅଜିଙ୍କ୍ୟ ରାହାନେ ଓ ଶିବମ ଦୁବେଙ୍କ ବ୍ୟାଟରୁ କିଛି ବଡ ଶଟ୍ ଓ ଇନିଂସ ଦେଖିବାକୁ ମିଳିପାରେ। ଗୁଜରାଟର ବୋଲିଂ ମହମ୍ମଦ ଶାମି ଓ ରାଶିଦ୍ ଖାନଙ୍କ ଉପରେ ନିର୍ଭର କରିବ।



ଆଇପିଏଲ୍ ଟ୍ରଫି ସହ ହାର୍ଦ୍ଦିକ ପାଣ୍ଡ୍ୟା ଓ ମହେନ୍ଦ୍ର ସିଂ ଧୋନୀ।

**କ୍ୱାଲିଫାୟର-୧**

# ନାର୍କୋ ଟେଷ୍ଟ ପାଇଁ ରେସ୍‌ଲରଙ୍କ ସହମତି

ନୂଆଦିଲ୍ଲୀ,୨୨।୫(ପି.ଟି.)

ଭାରତୀୟ ରେସ୍‌ଲିଂ ଫେଡେରେଶନ(ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜ୍‌ଭୂଷଣ ଶରଣ ସିଂଙ୍କ ଯୌନ ନିର୍ଯାତନା ମାମଲାରେ ନୂଆଦିଲ୍ଲୀର ଯନ୍ତରମନ୍ତରଠାରେ ଖେଳାଳିଙ୍କ ଆନ୍ଦୋଳନ ୨୯ ଦିନରେ ପହଞ୍ଚିଛି। ଭାରତର ଅଲିମ୍ପିକ୍ସ ପଦକ ବିଜୟୀ ରେସ୍‌ଲର ସାକ୍ଷୀ ମଲିକ୍ ଓ ବଜରଙ୍ଗ ପୁନିଆଙ୍କ ସମେତ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ଭିନେଶ ଫୋଗତ୍ ଯନ୍ତରମନ୍ତରଠାରେ ଧାରଣାରେ ବସିଛନ୍ତି। ତେବେ ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ ରହିଥିବା ବ୍ରିଜ୍‌ଭୂଷଣ ରବିବାର ଏକ ଫେସ୍‌ବୁକ୍ ପୋଷ୍ଟ ଜରିଆରେ ଲେଖିଥିଲେ, ମୁଁ ନାର୍କୋ ଟେଷ୍ଟ ପାଇଁ ପ୍ରସ୍ତୁତ ମାତ୍ର ବଜରଙ୍ଗ ଓ ଭିନେଶ୍ ମଧ୍ୟ ନାର୍କୋ ଟେଷ୍ଟ ପାଇଁ ରାଜି ହେବା ଉଚିତ। ଟୋକିଓ ଅଲିମ୍ପିକ୍ସ ପଦକ ବିଜେତା ବଜରଙ୍ଗ ପୁନିଆ ଏହା ଉପରେ ପ୍ରତିକ୍ରିୟା ରଖିଛନ୍ତି।




ଖବରଦାତା ସମ୍ମିଳନୀରେ ତାରକା ରେସଲର।

**ଡବ୍ଲ୍ୟୁଏଫ୍‌ଆଇ ଯୌନ ଶୋଷଣ ମାମଲା**

ଆମେ ମଧ୍ୟ ଏହି ଟେଷ୍ଟ ପାଇଁ ପ୍ରସ୍ତୁତ। କେବଳ ଆନ୍ଦୋଳନରେ ବସିଥିବା ଖେଳାଳି ନୁହନ୍ତି ବରଂ ଯେଉଁମାନେ ପୀଡ଼ିତା, ସେମାନେ ମଧ୍ୟ ଏହି ଟେଷ୍ଟ ପାଇଁ ପ୍ରସ୍ତୁତ। ତେବେ ଏହି ଟେଷ୍ଟ ସୁପ୍ରିମ୍‌କୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହେବା ଉଚିତ୍ ଏବଂ ଏଥିରେ କ'ଣ ପ୍ରଶ୍ନ କରାଯାଉଛି ତାହା ସମଗ୍ର ଦେଶବାସୀ ଜାଣିବା ଦରକାର ବୋଲି ସେ କହିଛନ୍ତି। ଖେଳାଳିମାନେ କେଉଁଭଳି କଷ୍ଟ ସହିଛନ୍ତି ତାହା ସମଗ୍ର ଦେଶବାସୀ ଜାଣିବା ଜରୁରୀ ବୋଲି ଭିନେଶ୍ କହିଛନ୍ତି। ଦେଶର କିଛି ଗଣମାଧ୍ୟମ ବ୍ରିଜ୍‌ଭୂଷଣଙ୍କୁ ବଢ଼ାଇ ଚଢ଼ାଇ କହୁଥିବାରୁ ଏପରି କରିବାରୁ କ୍ଷାନ୍ତ ରହିବାକୁ ବଜରଙ୍ଗ ଅନୁରୋଧ କରିଛନ୍ତି। ବ୍ରିଜ୍‌ଭୂଷଣ ଷ୍ଟାର ନୁହନ୍ତି ବରଂ ଜଣେ ଯୌନ ଶୋଷଣକାରୀ। ତେଣୁ ମିଡିଆ ତାଙ୍କର ପ୍ରଶଂସା ବନ୍ଦ କରୁ ବୋଲି ଉଭୟ ଖେଳାଳି ଅନୁରୋଧ କରିଛନ୍ତି। ମଙ୍ଗଳବାର ଦ୍ୱିତୀୟ ଚରଣ ଆନ୍ଦୋଳନକୁ ୧ ମାସ ବିତୁଥିବା ବେଳେ ଖେଳାଳିମାନେ ଯନ୍ତରମନ୍ତରଠାରୁ ଇଣ୍ଡିଆ ଗେଟ୍ ପର୍ଯ୍ୟନ୍ତ ଏକ ମହମବତି ଶୋଭାଯାତ୍ରା ଆୟୋଜନ କରିବେ। ଅପରାହ୍ନ ୫ଟାରେ ଏହି ଯାତ୍ରା ହେବ। ଏହି ଶୋଭାଯାତ୍ରାରେ ଅଧିକରୁ ଅଧିକ ସାଧାରଣ ଜନତା ଯୋଗ ଦେବା ପାଇଁ ଉଭୟ ଖେଳାଳି ଅନୁରୋଧ କରିଛନ୍ତି। ଆମର ଏହି ଆନ୍ଦୋଳନ ଏକ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ। ଏହାକୁ ଅନେକ ଲୋକ ଭଙ୍ଗ କରିବାକୁ ପ୍ରୟାସ କରୁଛନ୍ତି। ଏପରି ଲୋକଙ୍କ ପାଇଁ ଆମେ ଦାୟୀ ନୁହଁ ବୋଲି କହିଛନ୍ତି ସାକ୍ଷୀ। ଉଲ୍ଲେଖଯୋଗ୍ୟ, ଜଣେ ନାବାଳିକାଙ୍କ ସମେତ ୭ ଜଣ ରେସ୍‌ଲର ବ୍ରିଜ୍‌ଭୂଷଣଙ୍କ ନାମରେ ଯୌନ ଶୋଷଣ ଅଭିଯୋଗ ଆଣିଛନ୍ତି।

# ଆଇସିସି ନିୟମ ଉଲ୍ଲଂଘନ କରିଛନ୍ତି ଅମ୍ପାୟର ଯତୀନ

ଦୁବାଇ, ୨୨।୫(ପି.ଟି.): ଭଟିଣ୍ଡାର ଜଣେ ଅମ୍ପାୟର ଯତୀନ କାଶ୍ୟପଙ୍କ ବିରୋଧରେ ଦୁର୍ନୀତି ନିବାରଣ ନିୟମ ଉଲ୍ଲଂଘନ କରିଛନ୍ତି। ୨୦୨୨ରେ କେତୋଟି ଅନ୍ତର୍ଜାତୀୟ ମ୍ୟାଚ୍ ଉପରେ ତଦନ୍ତ ବେଳେ ଏହା ଜଣାପଡ଼ିଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ସୋମବାର ପ୍ରକାଶ କରିଛି। କାଶ୍ୟପ କି ପ୍ରକାର ଦୋଷ କରିଛନ୍ତି ଆଇସିସି ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବେ କିଛି ସ୍ପଷ୍ଟ କରିନାହିଁ। କାଶ୍ୟପ କିନ୍ତୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପ୍ୟାନେଲରେ ନାହାନ୍ତି। ପଞ୍ଜାବରେ ସେ ଜିଲାସ୍ତରୀୟ ମ୍ୟାଚ ପରିଚାଳନା କରିଥାନ୍ତି। ହେଲେ କାଶ୍ୟପ ଗତ ୪ ବର୍ଷ ହେଲା ଜିଲା ମ୍ୟାଚ୍ ପରିଚାଳନା କରିନାହାନ୍ତି।

# ସଙ୍କେତ, ବିଶାଲଙ୍କ ଶତକ, ସୋହମ, ମାଧବଙ୍କୁ ୫

ଭୁବନେଶ୍ୱର,୨୨।୫
(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ଚରଣ ଅନୁଷ୍ଠିତ ହେଉଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ବି, କେନ୍ଦୁଝର, ନୂଆପଡା, ବରଗଡ, ଖୋର୍ଦ୍ଧା ଓ ଗଜପତି ବିଜୟୀ ହୋଇଛନ୍ତି। ଭୁବନେଶ୍ୱର ବିର ସୋହମ ପଟ୍ଟନାୟକ ଓ ମାଲକାନଗିରିର କୋଟଲା ମାଧବା ୫ ଉଇକେଟ ସଫଳତା ହାସଲ କରିଥିବା ବେଳେ କେନ୍ଦୁଝରର ସଙ୍କେତ ପଣ୍ଡା ଓ ନୂଆପଡାର ବିଶାଲ କୁମ୍ଭାର ଶତକ ହାସଲ କରିଛନ୍ତି।

ରେଲୱେ ଗ୍ରାଉଣ୍ଡ: ଏଠାରେ ଅନୁଷ୍ଠିତ ମ୍ୟାଚରେ ଭୁବନେଶ୍ୱର ବି ୫୯ ରନରେ ମାଲକାନଗିରିକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ୪୬.୧ ଓଭରରେ ୨୦୩ ରନରେ ଅଲଆଉଟ ହୋଇଥିଲା। ପ୍ରୟାନ୍ ସାମଲ ସର୍ବାଧିକ ୪୭ ରନ୍ କରିଥିଲେ। ଜବାବରେ ସୋହମ ପଟ୍ଟନାୟକ ୨୫ ରନରେ ୫ ଉଇକେଟ ନେବାରୁ ମାଲକାନଗିରି ୩୨.୧ ଓଭରରେ ୧୪୪ ରନ୍‌ରେ ଅଲଆଉଟ ହୋଇଥିଲା।

**୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ**

ଟାଉନ୍ କ୍ଲବ୍(ଭୁବନେଶ୍ୱର): ଏଠାରେ ଅନୁଷ୍ଠିତ ମ୍ୟାଚରେ କେନ୍ଦୁଝର ୨୫୬ ରନ୍‌ର ବିଶାଳ ବ୍ୟବଧାନରେ ଜଗତସିଂହପୁରକୁ ହରାଇଛି। ପ୍ରଥମେ ବ୍ୟାଟିଂ କରି କେନ୍ଦୁଝର ୪୯ ଓଭରରେ ୫ ଉଇକେଟରେ ୨୯୦ ରନ୍ କରିଥିଲା। ଜବାବରେ ସନ୍ତୋଷ ରାଉତ ୪ ରନରେ ୪ ଉଇକେଟ ନେବାରୁ ଜଗତସିଂହପୁର ୩୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା।

ଅଡଶପୁର ଗ୍ରାଉଣ୍ଡ: ଏଠାରେ ଅନୁଷ୍ଠିତ ମ୍ୟାଚରେ ନୂଆପଡା ୧୯ ରନ୍‌ରେ କନ୍ଧମାଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବିଶାଲ କୁମ୍ଭାରଙ୍କ ଶତକ ବଳରେ ନୂଆପଡା ୩୨.୩ ଓଭରରେ ସମସ୍ତ ଉଇକେଟ ହରାଇ ୨୦୩ ରନ୍ କରିବାରେ ସମର୍ଥ ହୋଇଥିଲା। ଜବାବରେ କନ୍ଧମାଳ ୪୫ ଓଭରରେ ୮ ଉଇକେଟ ହରାଇ ୧୮୪ ରନ କରିଥିଲା।

ବିଜେଏଚ୍ଏସ୍ ଗ୍ରାଉଣ୍ଡ (ଖୋର୍ଦ୍ଧା): ଏଠାରେ କଟକ-ବି'କୁ ୬ ଉଇକେଟରେ ହରାଇଛି ବରଗଡ। ପ୍ରଥମେ ବ୍ୟାଟିଂ କରି କଟକ ସମସ୍ତ ଉଇକେଟ ହରାଇ ୧୪୩ ରନ୍ କରିଥିଲା। ଜବାବରେ ବରଗଡ ୩୭.୩ ଓଭରରେ ୪ ଉଇକେଟ ହରଇ ୧୪୫ ରନ୍ କରିଥିଲା।



୨୦ ବର୍ଷରୁ କମ୍ ଫୁଟବଲ ବିଶ୍ୱକପରେ ସେନେଗାଲକୁ ହରାଇବାପରେ ଉଲ୍ଲସିତ ଜାପାନ ଦଳର ଖେଳାଳି।

# ବ୍ରାଜିଲକୁ ହରାଇଲା ଇଟାଲୀ

ବୁଏନ୍‌ସ ଏୟାର୍ସ,୨୨।୫(ପି.ଟି.)

ଆର୍ଜେଣ୍ଟିନାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ଫୁଟ୍‌ବଲ ବିଶ୍ୱକପ୍‌ରେ ଦେଖିବାକୁ ମିଳିଛି ବଡ଼ ବିପର୍ଯ୍ୟୟ। ଦୁଇ ଟାଇଟଲ ଫେବରିଟ୍ ଦଳ ବ୍ରାଜିଲ ଓ ସେନେଗାଲ୍ ନିଜର ଓପ୍‌ନିଙ୍ଗ ଗେମ୍‌ରେ ପରାଜିତ ହୋଇଛନ୍ତି। ରବିବାର ଇଟାଲୀ, ଜାପାନ, ନାଇଜେରିଆ ଓ କଲମ୍ବିଆ ନିଜ ନିଜ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି। ଇଟାଲୀ ବ୍ରାଜିଲକୁ ୩-୨ରେ ହରାଇଥିବା ବେଳେ ଜାପାନ ୧-୦ ଗୋଲରେ ସେନେଗାଲକୁ ହରାଇଛି। ଅନ୍ୟ ଦୁଇ ମ୍ୟାଚ୍‌ରେ ନାଇଜେରିଆ ଓ କଲମ୍ବିଆ ଯଥାକ୍ରମେ ଡୋମିନିକାନ୍ ରିପବ୍ଲିକ୍ ଓ ଇସ୍ରାଏଲକୁ ୨-୧ଗୋଲ୍‌ରେ ପରାସ୍ତ କରିଛନ୍ତି।

ଗ୍ରୁପ୍ ଡି' ମ୍ୟାଚ୍‌ରେ ଇଟାଲୀ ଆରମ୍ଭରୁ ଅଗ୍ରଣୀ ହାସଲ କରିଥିଲା ୧୧ତମ ମିନିଟ୍‌ରେ ମାଟେଓ ପ୍ରାଟି ଇଟାଲୀ ପାଇଁ ପ୍ରଥମ ଗୋଲ ଦେଇଥିଲେ। ତେବେ ସିଜର କାସାଡେଇ(୨୭ ଓ ୩୫ ମିନିଟ) ଦୁଇଟି ଗୋଲ ସ୍କୋର କରିବା ସହିତ ପ୍ରଥମାର୍ଦ୍ଧରେ ଦଳକୁ ୩-୦ରେ ଆଗୁଆ କରିଥିଲେ। ବ୍ରାଜିଲ ପକ୍ଷରୁ ମାର୍କୋସ୍ ଲିଓନାର୍ଡୋ ଦୁଇଟି (୭୨ ଓ ୮୭ ମିନିଟ୍) ଗୋଲ ସ୍କୋର କରିଥିଲେ ହେଁ ଦଳକୁ ବିଜୟୀ କରିପାରି ନ ଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଜାପାନ ୧-୦ରେ ସେନେଗାଲକୁ ପରାସ୍ତ କରିଥିଲା। ଜାପାନ ପକ୍ଷରୁ ଷ୍ଟ୍ରାଇକର କୁରୁ୍ୟ ମାଟସୁକୀ ୧୫ତମ ମିନିଟରେ ଗୋଲ ସ୍କୋର କରିଥିଲେ। ନାଇଜେରିଆ ୨-୧ ଗୋଲରେ ଡୋମିନିକାନ୍ ଅଫ୍ ରିପବ୍ଲିକକୁ ପରାସ୍ତ କରିଥିଲା। ଏଡିସନ୍ ଆଜାକୋନା ୨୩ତମ ମିନିଟରେ ଡୋମିନିକାନ୍ ପକ୍ଷରୁ ପ୍ରଥମ ଗୋଲ ଦେଇଥିଲେ। ତେବେ ୩୧ତମ ମିନିଟରେ ଗୁଲେର୍ମୋ ଡେ ପାନା ଓ ୭୦ତମ ମିନିଟରେ ସାମସନ୍ ଆଡେନିରାନ୍ ଲାୱାଲଙ୍କ ଗୋଲ ବଳରେ ନାଇଜେରିଆ ବିଜୟୀ ହୋଇଥିଲା। ଗ୍ରୁପ୍ ସି'ର ଏକ ମ୍ୟାଚ୍‌ରେ ଇସ୍ରାଏଲ୍ ବିପକ୍ଷରେ କଲମ୍ବିଆ ବିଜୟୀ ହୋଇଥିଲା।



ଇଟାଲୀ ଓ ବ୍ରାଜିଲ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**୨୦ ବର୍ଷରୁ କମ୍ ଫୁଟ୍‌ବଲ ବିଶ୍ୱକପ୍**

**ଜନ୍ମଦିନର ଶୁଭେଚ୍ଛା**

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କଇଁଛଙ୍କ ସୁରକ୍ଷା ଦ୍ୱାରା ଜୈବ ବିବିଧତାର ବିକାଶ


ଅଲିଭ ରିଡ୍ଲେ

କଇଁଛଙ୍କୁ ସେମାନଙ୍କର ପ୍ରାକୃତିକ ପରିବେଶରେ ବଞ୍ଚିବା ଏବଂ ବଢ଼ିବାରେ ସହାୟତା ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ’ ୨୩ରେ ବିଶ୍ୱ କଇଁଛ ଦିବସ ପାଳନ କରାଯାଏ। ଏହି ଦିନ କଇଁଛ ଏବଂ କଇଁଛ ବିଷୟରେ ଜ୍ଞାନ ବଢ଼ାଇବାକୁ ଲକ୍ଷ୍ୟ ରଖାଯାଇଛି। କଇଁଛଙ୍କ ସୁରକ୍ଷା ଦ୍ୱାରା ହିଁ ଜୈବ ବିବିଧତାର ବିକାଶ ସମ୍ଭବ।

କଇଁଛମାନେ ଏକ ପ୍ରକାର ସରୀସୃପ, ଯାହା ସମଗ୍ର ବିଶ୍ୱରେ ଅନେକ ପରିବେଶରେ ବିଦ୍ୟମାନ। ସାରା ବିଶ୍ୱରେ ସାହିତ୍ୟ, କବିତା ଏବଂ ଦୃଷ୍ଟାନ୍ତରେ ସେମାନଙ୍କ ଉଦାହରଣ ଦିଆଯାଇଛି। ବିଶ୍ୱ କଇଁଛ ଦିବସ ଏହି ଶ୍ରେଷ୍ଠ ସରୀସୃପ ଏବଂ ବିଶ୍ୱରେ ସେମାନଙ୍କର ସ୍ଥାନ, ବିପଦପୂର୍ଣ୍ଣ କଇଁଛକୁ ସୁରକ୍ଷା ଦେବା ପାଇଁ ଲୋକଙ୍କୁ ପଦକ୍ଷେପ ନେବାକୁ ଉତ୍ସାହିତ କରେ। ଜୀବବିଜ୍ଞାନୀଙ୍କ ମତରେ ପ୍ରାୟ ୧୫୭ ନିୟୁତ ବର୍ଷ ତଳେ ସରୀସୃପ ପ୍ରଜାତିର ସୃଷ୍ଟି ହୋଇଥିଲା।

ପ୍ରଥମେ ଆମେରିକାନ ଟର୍ଟଏଜ୍ ରେସକ୍ୟୁ ସଂଗଠନ ୧୯୯୦ରେ ସ୍ଥାପନା ହୋଇଥିଲା। ବିଶ୍ୱ କଇଁଛ ଦିବସ ସ୍ୱୀକାର କରେ ଯେ କଇଁଛମାନେ ବିପଦପୂର୍ଣ୍ଣ ପରିବେଶ ତଥା ଅଣ୍ଡା ଶିକାର ଏବଂ ଅମଳ ସମସ୍ୟା ଯୋଗୁ ପ୍ରାୟ ବିଲୁପ୍ତ ହେବାକୁ ଯାଉଛନ୍ତି। ଆମେରିକୀୟ କଇଁଛ ଉଦ୍ଧାର କାର୍ଯ୍ୟ ସୁଜନ ଟେଲେମ ଏବଂ ମାର୍ଶଲ ଥମ୍ପସନଙ୍କ ଦ୍ୱାରା ସୃଷ୍ଟି ହୋଇଥିଲା। ସେମାନଙ୍କର କଇଁଛ ପ୍ରତି ଏକ ବିଶେଷ ଉତ୍ସାହ ଥିଲା। ସାରା ବିଶ୍ୱରେ ସମସ୍ତଙ୍କୁ ଏଥିରେ ସାମିଲ କରାଇବା ଉଦ୍ଦେଶ୍ୟରେ କଇଁଛ ଦିବସ ଆରମ୍ଭ କରିଥିଲେ ଏବଂ ଏହି ସମ୍ବେଦନଶୀଳ ଜୀବମାନଙ୍କର ସଂଖ୍ୟା ହ୍ରାସ ପାଇବା ବିଷୟରେ ସଚେତନତା ବୃଦ୍ଧି ପାଇଥିଲା।



ସମଗ୍ର ପୃଥିବୀରେ ସମୁଦାୟ ୩୦୦ ପ୍ରଜାତିର କଇଁଛ ଅଛନ୍ତି, ଯେଉଁଥିରୁ ୧୨୯ ପ୍ରଜାତି ମନୁଷ୍ୟର ବିଭିନ୍ନ କାର୍ଯ୍ୟ ଯୋଗୁଁ ବିପଦରେ ପଡ଼ିଛନ୍ତି। ସେମାନଙ୍କର ବିଭିନ୍ନ ଆକୃତି ଏବଂ ଆକାର ରହିଛି। ଛୋଟ କଇଁଛ ୪-ଇଞ୍ଚ ଛୋଟ ହୋଇପାରେ। କେତେକ କଇଁଛଙ୍କର ଓଜନ ୧୦୦୦ ପାଉଣ୍ଡରୁ ଅଧିକ ମଧ୍ୟ ହୋଇଥାଏ।

କଇଁଛମାନେ ସେମାନଙ୍କ ସରୀସୃପ ସମ୍ପର୍କୀୟଙ୍କ ଅପେକ୍ଷା ଅଧିକ ବର୍ଷ ବଞ୍ଚିପାରନ୍ତି। କେତେକ କଇଁଛ ୩୦୦ ବର୍ଷରୁ ଅଧିକ ବଞ୍ଚିଥାନ୍ତି। ଯଦିଓ ସେମାନଙ୍କର ହାରାହାରି ଆୟୁ ପ୍ରାୟ ୧୫୦ ବର୍ଷ ପର୍ଯ୍ୟନ୍ତ ହୋଇପାରେ।

ବର୍ତ୍ତମାନ ଏହି ପ୍ରାଣୀ ସଂକଟରେ ପଡିଛନ୍ତି। ଅଧିକାଂଶ ପ୍ରଜାତି ବିଲୁପ୍ତପ୍ରାୟ ହୋଇଗଲେଣି। ମାଛଧରା ଜାଲରେ ଛନ୍ଦିହୋଇ, ଟ୍ରଲର ବ୍ଲେଡରେ କଟି, ସମୁଦ୍ରରେ ଜମା ହେଉଥିବା ପ୍ଲାଷ୍ଟିକ ଖଣ୍ଡ ଖାଇ କଇଁଛଙ୍କର ଅସମୟରେ ମୃତ୍ୟୁ ଘଟୁଛି; ଯାହାକି ପରିବେଶ ପ୍ରତି ଶୁଭଙ୍କର ନୁହେଁ।

୨୦୦୦ ମସିହାରୁ ବିଶ୍ୱ କଇଁଛ ଦିବସକୁ ପ୍ରତିବର୍ଷ ମେ’ ୨୩ରେ ପାଳନ କରାଯାଇଆସୁଅଛି। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ କଇଁଛମାନଙ୍କୁ ସଂରକ୍ଷଣ କରିବା ସହିତ ବିଶ୍ୱସ୍ତରରେ ସେମାନଙ୍କୁ ଏବଂ ସେମାନଙ୍କ ବାସସ୍ଥାନକୁ ସୁରକ୍ଷା ଦେବା ପାଇଁ ପ୍ରୟାସ ଜାରି ରହିଛି। ଫଳରେ ଆଇନ ପ୍ରଣୟନ ଦ୍ୱାରା ସେମାନଙ୍କ ପ୍ରାକୃତିକ ବାସସ୍ଥାନ ରକ୍ଷା କରିବାକୁ କିଛିଟା ସକ୍ଷମ ହେଲାଣି। ଅସୁସ୍ଥ, ଅବହେଳିତ ଏବଂ ପରିତ୍ୟକ୍ତ କଇଁଛମାନଙ୍କୁ ଉଦ୍ଧାର କରାଯାଇ ସୁରକ୍ଷା ପ୍ରଦାନ କରାଯାଉଛି।

> ୨୦୦୦ ମସିହାରୁ ବିଶ୍ୱ କଇଁଛ ଦିବସ ପ୍ରତିବର୍ଷ ମେ’ ୨୩ରେ ପାଳନ କରାଯାଇଆସୁଛି। ଆମେରିକାନ୍ ଟର୍ଟଏଜ୍ ରେସକ୍ୟୁ ସଂଗଠନ ଦ୍ୱାରା କଇଁଛଙ୍କ ସୁରକ୍ଷା ଲାଗି ପ୍ରଥମେ ଏଭଳି ପ୍ରୟାସ କରାଯାଇଥିଲା। ସେମାନଙ୍କ ସ୍ଥାୟିତ୍ୱ ବଜାୟ ରଖିବା ସକାଶେ ମାନବୀୟ କାର୍ଯ୍ୟକୁ ପ୍ରୋତ୍ସାହନ ଦେବା ନିମନ୍ତେ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଛି। ଜୈବବିବିଧତା ରକ୍ଷା କ୍ଷେତ୍ରରେ କଇଁଛମାନଙ୍କର ଯଥେଷ୍ଟ ଅବଦାନ ଥିବାବେଳେ ଉପକୂଳବର୍ତ୍ତୀ ଅଞ୍ଚଳରେ ଏହି ପ୍ରାଣୀର ନିରାପତ୍ତା ପ୍ରତି ବିପଦ ଦେଖାଦେଉଥିବାରୁ ସଚେତନତା ସୃଷ୍ଟି ଲାଗି ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ।


ରେଡ୍ ଇୟରଡ୍ ସ୍ଲାଇଡର

## ବିଭିନ୍ନ କଇଁଛ ପ୍ରଜାତି


ଆଲିଗେଟର ସ୍ନାପିଙ୍ଗ


ହକ୍ସବିଲ୍


ଲେଦରବ୍ୟାକ୍


ମିସିସିପି ମ୍ୟାପ୍

CLASSIFIED DISPLAY
ALL EDITION - B/W (Everyday)
MORE SPACE * SAME PRICE
For Booking Contact 0674-2580385, 8637280816, 7894447167, 9338226625

OFFTC ENTERPRISE BHUBANESWAR
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡ ଲୋନ୍
Time : 10 AM to 6 PM
Ph: (0674) 2916695, 2916696

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ରାଜ୍ୟ ଖବର

# ଅନୁମତି ନ ନେଇ ପରିବାର ନିୟୋଜନ ଅସ୍ତ୍ରୋପଚାର

**କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ**
ଥାନାରେ ଅଭିଯୋଗ କଲେ ପୀଡ଼ିତାଙ୍କ ସ୍ୱାମୀ

କେନ୍ଦୁଝର,୨୨।୫(ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଜଣେ ମହିଳାଙ୍କ ବିନା ଅନୁମତିରେ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଛି। ଏହି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ମହିଳାଙ୍କ ସ୍ୱାମୀ ଏ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ସୂଚନା ଅନୁଯାୟୀ, ଝୁମ୍ପୁରା ବ୍ଲକ୍ ଖେଣ୍ଡରା ଅଞ୍ଚଳର ସୁଶାନ୍ତ ବାରିକଙ୍କ ସ୍ତ୍ରୀ ପବିତ୍ରାଣୀ ବେହେରାଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ରବିବାର ପୂର୍ବାହ୍ନ ୧୧ଟାରେ ଜିଲା ମୁଖ୍ୟ ଡାକ୍ତରଖାନା ସ୍ତ୍ରୀ ଓ ପ୍ରସୂତି ବିଭାଗରେ ଭର୍ତ୍ତି କରିଥିଲେ। ରାତି ପ୍ରାୟ ୭ଟା ୪୦ ବେଳେ ପବିତ୍ରାଣୀଙ୍କ ଅସ୍ତ୍ରୋପଚାର ପରେ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ପୁଅ ଜନ୍ମ ହୋଇଥିବା ଶୁଣି ସୁଶାନ୍ତ ଖୁସି ହୋଇଥିଲେ। ଏହି ସମୟରେ ତାଙ୍କ ସ୍ତ୍ରୀଙ୍କ ପରିବାର ନିୟୋଜନ ଅସ୍ତ୍ରୋପଚାର କରାଯାଇଥିବା ଓ ଏଥିରେ ତାଙ୍କ ସହମତି ଥିବା ନେଇ ତାଙ୍କୁ ଏକ ଫର୍ମରେ ଦସ୍ତଖତ କରିବାକୁ ଡାକ୍ତର କହିଥିଲେ। ଏହା ଶୁଣି ସୁଶାନ୍ତ ଆଶ୍ଚର୍ଯ୍ୟ ହେବା ସହ ପ୍ରତିବାଦ କରି ଦସ୍ତଖତ କରି ନ ଥିଲେ। ମନା କରିବାକୁ ଡାକ୍ତର ତାଙ୍କୁ ଅଶାଳୀନ ଭାଷାରେ ଗାଳି ଗୁଲଜ କରିଥିଲେ। ତାଙ୍କ ଅଜାଣତରେ ଡାକ୍ତର ମିଛ ସତ କହି ପବିତ୍ରାଣୀଙ୍କ ଦସ୍ତଖତ ନେଇଯାଇଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଫୋନ୍ କରି ବନ୍ଧୁବାନ୍ଧବଙ୍କୁ ଡାକିବାରୁ ଡାକ୍ତର ସେଠାରୁ ଚାଲିଯାଇଥିଲେ। ଆକ୍ରୋଶମୂଳକ ଭାବେ ତାଙ୍କ ସ୍ତ୍ରୀ ଓ ନବଜାତକଙ୍କୁ ବାରଣ୍ଡାରେ ବିନା ପଙ୍ଖାରେ ଗରମରେ ରଖାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ଟାଉନ ଥାନା ଅଧିକାରୀ ସୁନୀଲ କର କହିଛନ୍ତି, ଅଭିଯୋଗ ହସ୍ତଗତ ହୋଇଛି, ଘଟଣାର ତଦନ୍ତ ଚାଲିଛି। ଡାକ୍ତର ଅଭିଜିତ ମହାପାତ୍ର କହିଛନ୍ତି, ଉକ୍ତ ମହିଳାଙ୍କର ଏହା ଦ୍ୱିତୀୟ ସନ୍ତାନ। ପୂର୍ବରୁ ତାଙ୍କର ଏକ ଝିଅ ଥିଲା। ତେଣୁ ଉଭୟ ସ୍ତ୍ରୀ ଓ ସ୍ୱାମୀଙ୍କ ମତାମତ ନିଆଯାଇ ପରିବାର ନିୟୋଜନ ଅସ୍ତ୍ରୋପଚାର କରିଥିଲେ। କିନ୍ତୁ ପରିବର୍ତ୍ତୀ ସମୟରେ କାହିଁକି ଏଭଳି ଅଭିଯୋଗ କରୁଛନ୍ତି ସେ ଜାଣିପାରୁନାହାନ୍ତି ବୋଲି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, ଅସ୍ତ୍ରୋପଚାର ପୂର୍ବରୁ ଅନୁମତି ନିଆଯାଇଥାଏ। ଘଟଣା କ’ଣ ହୋଇଛି, ତଦନ୍ତ ପରେ ଜଣାପଡ଼ିବ ବୋଲି ସେ କହିଥିଲେ।

# କାର୍ଯ୍ୟରେ ଢିଲା ହେଲେ ଦରମା ବନ୍ଦ

**ଶିମିଳିପାଳରେ ପାଟ୍ରୋଲିଂ କଡ଼ାକଡ଼ି**
- ଫରେଷ୍ଟ ଗାର୍ଡ ଚାଲିବେ ୧୨୦ କି.ମି.
- କର୍ମଚାରୀଙ୍କୁ ଜଗିବ ସ୍ୱତନ୍ତ୍ର ଆପ୍

ବାରିପଦା ଅଫିସ, ୨୨।୫

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟର ସୁରକ୍ଷା ନିମନ୍ତେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଠିକ୍ ଭାବେ କାର୍ଯ୍ୟ ନ କଲେ କାରଣ ଦର୍ଶାଅ ନୋଟିସ୍ ସହ ଦରମା ବନ୍ଦ କରାଯିବ। ଏ ନେଇ ସୋମବାର ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡା. ପ୍ରକାଶ ଚାନ୍ଦ ଗୋଗିନେନୀ କଡ଼ା ନିର୍ଦ୍ଦେଶ ଜାରି କରିଛନ୍ତି।

ପ୍ରକାଶ ଯେ, ଅଭୟାରଣ୍ୟରେ ହାତୀ, ବାଘ ଭଳି ବନ୍ୟପ୍ରାଣୀଙ୍କ ଅବାଧ ଶିକାର ହେଉଛି। ଏଥିସହିତ ମୂଲ୍ୟବାନ ଗଛକୁ କାଟି ଚୋରାଚାଲାଣ କରାଯାଉଛି। ଏହାକୁ ରୋକିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସହ ବଡ଼ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ବନ ବିଭାଗ କର୍ମଚାରୀ ଜଙ୍ଗଲ ମଧ୍ୟରେ ୧୫ କି.ମି. ଚାଲି ଚାଲି ପାଟ୍ରୋଲିଂ କରୁଥିଲେ। କିଛି କର୍ମଚାରୀ ପାଟ୍ରୋଲିଂ ନ କରି ଅଫିସରେ ଦିନ କାଟୁଥିଲେ। ନୂତନ ନିର୍ଦ୍ଦେଶ ଅନୁଯାୟୀ, ଫରେଷ୍ଟ ଗାର୍ଡ଼ମାନେ ମାସକୁ ୧୦୦ରୁ ୧୨୦ କି.ମି. ଚାଲି ଚାଲି ପାଟ୍ରୋଲିଂ କରିବେ। ସେହିପରି ଫରେଷ୍ଟରମାନେ ୭୦ କି.ମି., ରେଞ୍ଜ ଅଫିସର ୫୦ କି.ମି., ଏସିଏଫମାନେ ୩୦ କି.ମି. ଚାଲି ଚାଲି ପାଟ୍ରୋଲିଂ କରିବାକୁ ନିୟମ କରାଯାଇଛି। ଯଦି କେହି ଏଥିରେ ଖିଲାପ କରନ୍ତି, ତେବେ ପ୍ରଥମ ମାସରେ କାରଣ ଦର୍ଶାଅ ନୋଟିସ୍ କରାଯିବ। ସେହିପରି ଦ୍ୱିତୀୟ ମାସରେ ସମାନ ଭୁଲ୍ କଲେ ଦରମା ବନ୍ଦ କରାଯିବା ଲାଗି କଡାକଡି ନିର୍ଦ୍ଦେଶ ରହିଛି। କିଏ ଚାଲି ଚାଲି ପାଟ୍ରୋଲିଂ କରୁଛନ୍ତି କି ନାହିଁ ତାହା ଜାଣିବା ପାଇଁ ଏକ ସ୍ୱତନ୍ତ୍ର ଆପ୍ ବ୍ୟବହାର କରାଯାଇଛି। ଯେଉଁଥିରେ ଚାଲି ଚାଲି ଯିବା, ଗାଡ଼ିରେ ଯିବା ସବୁ ଜଣାପଡ଼ିବ। ଏସବୁକୁ ଏସିଏଫ୍‌ମାନେ ତଦାରଖ କରୁଛନ୍ତି। ଚାଲି ଚାଲି ପାଟ୍ରୋଲିଂ କରୁଥିବା ବନ ବିଭାଗ କର୍ମଚାରୀଙ୍କ ପାଇଁ ଦୁଇଟି ଭିନ୍ନ ଭିନ୍ନ ଆପ୍ ରହିଛି। ଗୋଟିଏ ଶିମିଳିପାଳ ବନ ବିଭାଗ କର୍ମଚାରୀ ବ୍ୟବହାର କରୁଥିବା ବେଳେ ଅନ୍ୟଟି ବିଭିନ୍ନ ବନଖଣ୍ଡର ବନ ବିଭାଗ କର୍ମଚାରୀ ବ୍ୟବହାର କରୁଛନ୍ତି।

Classified Everyday
0674-2580101, 2549949


REAL ESTATE
SALE

Gharabari plots with boundary wall at Balianta ready to construction for sale. Contact: 9438620034. D-0414

କେଶୁରାରେ immediate ଘରକରି ରହିବା ପାଇଁ ଘରବାରି ପଟ୍ଟା ଥିବା ପ୍ଲଟ୍ ମିଳୁଛି। 9692213354. D-74686

4BHK Luxurious flat for sale at Unit-3 Kharavelanagar, behind Ram Mandir Construction work going on contact-9438362399. D-0410

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛଡାବର-1200sqft. 3,00,000/-, ନଖରା-300/- 6371569855. D-74863

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ। ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ। ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ପିତାପଲ୍ଲୀରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 8867080780. D-74858

Residential plot for sale just 3.5km from KIIT Square, Bhubaneswar, immediate registration/possession. 8917362239. D-74859

Duplex sale at Bhubaneswar @ 55 lakhs only. Contact: 9777433701. D-74864


FOR RENT

Commercial space on NH-16, Bhubaneswar area- 2100sqft. suitable for Bank, Showroom, Office. Mob: 9437027289, 9937650390. D-0400

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


Healthcare

Full body massage in homely atmosphere in all therapy. Mob: 8114881641. D-73431

Spa full Body Massage only best therapist Gents & ladies@799/- Bhubaneswar. Kajal-9337672475. D-0397

Full Body Massage by Experience Therapist @999 Only- 9078484455. (Bhubaneswar). D-0339

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open health benefits SPA special offer @799, Master Canteen. 9124527173. D-75107

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74685

**AFFIDAVIT**

I, Sarika Jena, W/o- Banesh Kumar Jena, resident of Block G, Flat No.-301, Utkal Vatika, Jharapada, Laxmisagar, Bhubaneswar-751006, Dist.- Khordha, Odisha declare by this affidavit No.-631 dated 22.05.2023 that now onwards I shall be known as Sarika Jena for all future purposes. D-63234

I Babula Rath, S/o. Purusottam Rath, At-Karadamada, PO-Kalikaprasad, Via-Bhapur, PS-Sadar, Dist-Dhenkanal sworn by affidavit before Executive Magistrate, Dhenkanal, my name has changed from Kuma Rath to Babula Rath. Heneceforth I shall be known as Babula Rath for all purposes. D-74069

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସୁମତୀ ପେଢ଼ା**
ମାର୍କୋଣା, ବାଲେଶ୍ୱର
ଆବିର୍ଭାବ: ୨୦।୦୩।୧୯୪୭
ତିରୋଧାନ: ୧୩।୦୫।୨୦୨୩
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
ସ୍ୱାମୀ: କୈଳାସ ଚନ୍ଦ୍ର ପେଢ଼ା, ପୁତ୍ର, ପୁତ୍ର-ବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ଶୋକସନ୍ତପ୍ତ ପରିବାରବର୍ଗ।
ଧ-୦୪୦୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ବେଙ୍ଗଲତା ମହାନ୍ତି**
ଜଗନ୍ନାଥପଡ଼ା, କୋଣାର୍କ, ପୁରୀ
ଆବିର୍ଭାବ : ୧୯୩୪
ତିରୋଧାନ : ୦୩.୦୬.୨୦୨୨
ତୁମ ଚାଲିଯିବାର ଏକ ବର୍ଷ ବିତିଗଲା ସତ; ମାତ୍ର ତୁମର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ସରଳତା ଆମପାଇଁ ଚିରସ୍ମରଣୀୟ। ତୁମର ଅମର ଆତ୍ମାର ଶାନ୍ତି, ମୁକ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ପୁତ୍ର-ପୁତ୍ରବଧୂ : ପୂର୍ଣ୍ଣଚନ୍ଦ୍ର-ଉର୍ମିଳା, ଗୁଣନିଧି-ନମିତା, ଗଙ୍ଗାଧର-ଶ୍ରୀକାନ୍ତି, ସାରଙ୍ଗ-ମାମି, ମନୋଜ-ବିଷ୍ଣୁପ୍ରିୟା, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ବନ୍ଧୁ ଓ ଆତ୍ମୀୟସ୍ୱଜନ
ଧ-୦୪୧୧

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହିଲ୍ସ କିଣିବା ପୂର୍ବରୁ...

ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ମହିଳାମାନେ ନିଜ ଆଉଟ୍‌ଫିଟ୍‌ରେ ହିଲ୍ସକୁ ବାଛିଥାନ୍ତି। ହେଲେ ଠିକ୍‌ଭାବେ ହିଲ୍ସ ପିନ୍ଧି ନ ପାରିଲେ ସୌନ୍ଦର୍ଯ୍ୟ ବୃଦ୍ଧି ହେବା ବଦଳରେ ବିପରୀତ ପ୍ରଭାବ ପଡ଼ିବ। ତେଣୁ ହିଲ୍ସ ପିନ୍ଧିବାପୂର୍ବରୁ ଜାଣିରଖନ୍ତୁ।



➤ହିଲ୍ସ କିଣିବା ସମୟରେ ନିଜ ପାଦର ସାଇଜ୍ ପୂରା ଠିକ୍ ହେଉଛି କି ନାହିଁ ଭଲଭାବେ ପରୀକ୍ଷା କରନ୍ତୁ। ନଚେତ୍ ହିଲ୍ସ ଟିକେ ବଡ଼ ଥିଲେ ବି ପିନ୍ଧିବାରେ ଅସୁବିଧା ହେବ। ବାରମ୍ବାର ଗୋଡ଼ ମୋଡ଼ି ହୋଇଯିବ କିମ୍ବା ଚାଲିପାରିବେ ନାହିଁ। ତେଣୁ ନିଜ ପାଦ ଅନୁସାରେ ଠିକ୍ ମାପର ହାଇ ହିଲ୍ସ କିଣନ୍ତୁ।

➤ହିଲ୍ସ ପିନ୍ଧି କୌଣସି ସ୍ଥାନକୁ ଯିବା ପୂର୍ବରୁ ଥରେ ପିନ୍ଧି ଅଭ୍ୟାସ କରନ୍ତୁ। ହିଲ୍ସ ପିନ୍ଧି କିଛି ସମୟ ବ୍ୟବହାର କରିବା ପରେ ଆପଣ ସେଥିରେ ସହଜ ଅନୁଭବ କରିପାରିବେ କି ନାହିଁ ଜାଣିପାରିବେ। ହିଲ୍ସ ପିନ୍ଧିବାରେ ଯଦି ପାଦରେ ଦରଜ ହେଉଥାଏ ତେବେ କୌଣସି କ୍ରିମ୍ ଲଗାଇ ଦିଅନ୍ତୁ।

➤ଯଦି ପ୍ରଥମ ଥର ପାଇଁ ହିଲ୍ସ ପିନ୍ଧିବାକୁ ଯାଉଥାନ୍ତି ତେବେ ବ୍ଲାକ୍ କଲରର ହିଲ୍ସ କିଣନ୍ତୁ। ଏହି ରଙ୍ଗର ହିଲ୍ସ ପ୍ରାୟତଃ ଆରାମଦାୟକ ହୋଇଥାଏ। ଆଉ ପ୍ରଥମ ଥର ପାଇଁ ହିଲ୍ସ ପିନ୍ଧୁଥିଲେ ଆଦୌ ପେନ୍‌ସିଲ୍ ହିଲ୍ସ ପିନ୍ଧନ୍ତୁ ନାହିଁ।

➤ହିଲ୍ସ ପିନ୍ଧିବା ଆରମ୍ଭ କରିବାବେଳେ ପ୍ରଥମେ ଛୋଟ ଉଚ୍ଚା ଥିବା ହିଲ୍ସ ପିନ୍ଧନ୍ତୁ। ଧୀରେ ଧୀରେ ଅଭ୍ୟାସ ହେବା ପରେ ହିଁ ଅଧିକ ହିଲ୍ସ କିମ୍ବା ପେନ୍‌ସିଲ୍ ହିଲ୍ସ ପିନ୍ଧନ୍ତୁ।

# ଫ୍ରିଜ୍‌ରେ ଏମିତି ରଖନ୍ତୁ



ଠିକ୍ ଭାବରେ ଜିନିଷ ସାଇତି ରଖିଲେ ଫ୍ରିଜ୍ ଶୀଘ୍ର ଅପରିଷ୍କାର ହେବ ନାହିଁ। ତେଣୁ କେଉଁ ଜିନିଷ କେଉଁଠି ରଖିବେ ସେସମ୍ପର୍କରେ ଜାଣିରଖନ୍ତୁ।

– ପ୍ରତିଦିନ ବ୍ୟବହାର କରୁଥିବା ଜିନିଷକୁ ଫ୍ରିଜ୍‌ର ଉପର ଥାକରେ ରଖନ୍ତୁ। ବଳକା ଖାଦ୍ୟକୁ ବି ଫ୍ରିଜ୍‌ର ଉପର ଥାକରେ ରଖନ୍ତୁ। ଫଳରେ ରଖିଥିବା ଜିନିଷ ଭୁଲିବେ ନାହିଁ ଏବଂ ଖାଦ୍ୟ ନଷ୍ଟ ହେବନାହିଁ।

– ଜିନିଷର ପ୍ରକାର ଦେଖି ସେହି ଅନୁସାରେ ନିର୍ଦ୍ଦିଷ୍ଟ ସ୍ଥାନରେ ରଖନ୍ତୁ। ଅର୍ଥାତ୍ ସବୁ ପ୍ରକାର ଚକୋଲେଟ୍‌କୁ ଗୋଟିଏ ସ୍ଥାନରେ ରଖନ୍ତୁ। ସେହିପରି ଫଳ କିମ୍ବା ପରିବାକୁ ବି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖନ୍ତୁ। ଏପରି କରିବା ଫଳରେ ଆପଣଙ୍କର ସମୟ ବଞ୍ଚିବା ସହିତ ଅଧିକ ଜିନିଷ ରଖିପାରିବେ।

– ଫ୍ରିଜ୍‌ରେ କେଉଁଠି ବୋତଲ ରଖିବେ, କେଉଁଠି ଟିଫିନ୍ ରଖିବେ ସେନେଇ ଠିକ୍ ଭାବେ ଚିନ୍ତାକରି ରଖନ୍ତୁ। ନଚେତ୍ ବେଳେବେଳେ ଫ୍ରିଜ୍ ଖୋଲିବା ମାତ୍ରେ ଅନେକ ଜିନିଷ ପଡ଼ି ନଷ୍ଟ ହୋଇଯାଏ।

– ଫ୍ରିଜ୍‌ରେ ଆପଣ ବଜାରରୁ ଅନ୍ୟ ଥାକ ଆଣି ଭିତରେ ଜିନିଷ ରଖିପାରିବେ। ଫ୍ରିଜ୍ ଭିତରେ ଛୋଟ ଛୋଟ ଢାଙ୍କୁଣୀ ଥିବା ବକ୍ସ ଭିତରେ ବିଭିନ୍ନ ପ୍ରକାର ଜିନିଷ ଆରାମରେ ରଖିପାରିବେ। ଏପରି କରିବା ଫଳରେ ଅଧିକ ସ୍ଥାନ ମିଳିପାରିବ।

– ଫ୍ରିଜ୍‌କୁ ଅଳ୍ପ ମଇଳା ହେବା ମାତ୍ରେ ସଫା କରିଦିଅନ୍ତୁ। ଟିସୁ ପେପର ସାହାଯ୍ୟରେ ଫ୍ରିଜର ଟ୍ରେ କିମ୍ବା ଅନ୍ୟ ଥାକ ସବୁ ପୋଛି ଦିଅନ୍ତୁ। ଫ୍ରିଜ୍‌ରେ କୌଣସି ପ୍ରକାର ଫଳ କିମ୍ବା ପରିବା ପଚିଯାଇଥିଲେ ତୁରନ୍ତ ସଫାକରି ଦିଅନ୍ତୁ। ଫ୍ରିଜ୍‌କୁ ଗନ୍ଧହେବାକୁ ଦିଅନ୍ତୁ ନାହିଁ।



# ସ୍ୱପ୍ନ ପାଇଁ...



ଆଗ କ୍ୟାରିୟର ତା'ପରେ ବାହାଘର। ଏମିତି ଏକ ଲକ୍ଷ୍ୟ ନେଇ ନିଜକୁ ପ୍ରସ୍ତୁତ କରୁଛନ୍ତି ଆଜିର ଉଚ୍ଚଶିକ୍ଷିତା ଯୁବତୀ। କିନ୍ତୁ ବେଳେବେଳେ ଚାକିରି କରିବା ପୂର୍ବରୁ ବିବାହ ହୋଇଯାଉଛି। ସେମିତି କ୍ଷେତ୍ରରେ ଏବେ ଦେଖିବାକୁ ମିଳୁଛି ଶାଶୁଘର ଲୋକ ବି ଝିଅଟିର ସ୍ୱପ୍ନ ପୂରା କରିବାକୁ ସହଯୋଗର ହାତ ବଢ଼ାଉଛନ୍ତି।

ଭଲ କ୍ୟାରିୟର ଗଢ଼ି ଭବିଷ୍ୟତ ସଜାଡ଼ିବାକୁ ସବୁ ଆଧୁନିକ ମହିଳା ଇଚ୍ଛା କରିଥାନ୍ତି। ଏମିତିକି କ୍ୟାରିୟରକୁ ସଜାଡ଼ିବା ପାଇଁ କେତେକେ ବିବାହକୁ ବନ୍ଧନ ଭାବି ଏଡ଼ାଇ ଯାଆନ୍ତି। ହେଲେ ଏମିତି ବି ଅନେକ ଅଛନ୍ତି ଯେଉଁମାନେ ବିବାହ ପରେ ହିଁ କ୍ୟାରିୟର ଗଢି ନିଜ ସ୍ୱପ୍ନ ପୂରା କରିପାରିଛନ୍ତି।

**କ୍ୟାରିୟର ପ୍ରାଥମିକତା:** ଆଜିକାଲିର ଉଚ୍ଚଶିକ୍ଷିତା ଝିଅମାନେ ପ୍ରଥମେ ଚାକିରି କରି ନିଜ ଗୋଡ଼ରେ ନିଜେ ଛିଡ଼ା ହେବା ପାଇଁ ଚେଷ୍ଟା କରୁଛନ୍ତି। ଏଥିପାଇଁ ଚାକିରି ଲକ୍ଷ୍ୟରେ ହିଁ ବିଭିନ୍ନ ପ୍ରକାର ପାଠ ପଢୁଛନ୍ତି। ବିବାହ ହେଉ କି ନ ହେଉ କିନ୍ତୁ କ୍ୟାରିୟର କରି ଚାକିରି କରିବା ସବୁ ଝିଅଙ୍କ ପ୍ରାଥମିକତା ହେଉଛି। ଅବଶ୍ୟ କେତେଜଣ ବିଭିନ୍ନ କାରଣରୁ ବିବାହ ପୂର୍ବରୁ ଚାକିରି କରି ପାରି ନ ଥାନ୍ତି, କିନ୍ତୁ ଚାକିରି କରିବା ନିମନ୍ତେ ନିଜକୁ ଯୋଗ୍ୟ କରିଥାନ୍ତି। ତେଣୁ ବିବାହ ପରେ ଶାଶୁଘରେ ସମସ୍ତଙ୍କ ଅନୁମତି ନେଇ ସେମାନେ ନିଜ କ୍ୟାରିୟର ବାଛି ସ୍ୱପ୍ନ ପୂରା କରିଥାନ୍ତି।

**ସମ୍ମାନରେ ଆଞ୍ଚ ନ ଆସୁ:** ବେଳେବେଳେ ଝିଅକୁ ପାଠ ପଢ଼ାଇ ସମ୍ପୂର୍ଣ୍ଣ ଯୋଗ୍ୟ କରିବାକୁ ସବୁ ପ୍ରକାର ସହଯୋଗ କରିଥାନ୍ତି ପରିବାର ଲୋକେ। କିନ୍ତୁ ଚାକିରି କରିବା ସମୟ ଆସିଲେ ସେମାନେ ପ୍ରତିବନ୍ଧକ ସାଜିଥାନ୍ତି। ଝିଅମାନେ ଚାକିରିକରି ରୋଜଗାର କରିବାକୁ ଅନେକେ ନିଜ ସମ୍ମାନରେ ଆଞ୍ଚ ଆସିବା ଭଳି ମନେକରିଥାନ୍ତି। ଏହି କାରଣରୁ ବି ବିବାହ ପୂର୍ବରୁ କେତେଜଣ ଯୁବତୀ ଚାକିରି କରିବାର ସୁଯୋଗ ପାଇ ନ ଥାନ୍ତି। ଆଉ ଯଦି ବିବାହ ପରେ ସେମାନଙ୍କୁ ଶାଶୁଘରେ କ୍ୟାରିୟର ଗଢ଼ିବାର ଅନୁମତି ମିଳେ ତା'ହେଲେ ସେମାନେ ନିଜର ଏକ ପରିଚୟ ସୃଷ୍ଟି କରିବାର ସୁଯୋଗ ପାଇଥାନ୍ତି।

**ସବୁବେଳେ ସମ୍ମତି ମିଳେନି:** ଝିଅମାନେ ଏବେ ସବୁକ୍ଷେତ୍ରରେ ନିଜ ପାରଦର୍ଶିତା ଦେଖାଇ ପାରୁଛନ୍ତି। କେତେଜଣ ଏମିତି କିଛି କ୍ୟାରିୟର ବାଛୁଛନ୍ତି ଯେଉଁଥିପାଇଁ ସେମାନଙ୍କୁ ଘର ଛାଡ଼ି ଦୂରକୁ ଯିବାକୁ ପଡୁଛି। ତେଣୁ ଅନେକ ସମୟରେ ପରିବାର ଲୋକେ ଝିଅମାନଙ୍କୁ ଘରଠାରୁ ଦୂରକୁ ଛାଡ଼ିବା ପାଇଁ ରାଜି ହୁଅନ୍ତି ନାହିଁ। ସେହି କାରଣରୁ କେତେଜଣ ଯୁବତୀ ବିବାହ ପୂର୍ବରୁ ଚାକିରି ବି କରିପାରି ନ ଥାନ୍ତି। ତେଣୁ ବିବାହ ପରେ ଜୀବନସାଥୀଙ୍କ ସହଯୋଗ ମିଳିଲେ ସେମାନେ ଚାକିରି କରି ନିଜ ସାମର୍ଥ୍ୟ ପ୍ରତିପାଦନ କରିପାରିଥାନ୍ତି।

**ଦ୍ୱନ୍ଦ୍ୱରେ:** ବିବାହ ପରେ ଝିଅ ଶାଶୁଘର କେଉଁଠି ହେବ ସେକଥା ଅନେକଙ୍କୁ ଜଣା ନ ଥାଏ। ତେଣୁ ବିବାହ ପରେ ଶାଶୁଘର ଲୋକଙ୍କ ସହ ରହିବାକୁ ହେଲେ ଅନେକ ସମୟରେ ଝିଅମାନଙ୍କୁ ହିଁ ଚାକିରି ଛାଡ଼ିବାକୁ ପଡ଼ିଥାଏ। କିନ୍ତୁ ବେଳେବେଳେ ଭଲ ଚାକିରି ଛାଡ଼ି ହୁଏନାହିଁ କି ଭଲ ବିବାହ ପ୍ରସ୍ତାବକୁ ବି ଛାଡିହୁଏ ନାହିଁ। ତେଣୁ ଏଭଳି ଦ୍ୱନ୍ଦ୍ୱରୁ ମୁକୁଳିବା ପାଇଁ କେତେକ ପରିବାରରେ ଝିଅମାନଙ୍କୁ ବିବାହ ପୂର୍ବରୁ ଚାକିରି କରିବା ପାଇଁ ପ୍ରାୟତଃ ମନା କରିଥାନ୍ତି। ବରଂ ଶାଶୁଘର କେଉଁଠି ଜଣାପଡ଼ିବା ପରେ ସେମାନେ ନିଜ କ୍ୟାରିୟର ସେହି ଅନୁସାରେ ଗଢ଼ିବେ ବୋଲି ସମସ୍ତେ ଚିନ୍ତା କରିଥାନ୍ତି। ଏହି ଦୃଷ୍ଟିରୁ ବିବାହ ପରେ ହିଁ ସେହି ମହିଳା କ୍ୟାରିୟର ଲାଗି ଶାଶୁଘର ଲୋକଙ୍କ ଅନୁମତିକୁ ଅପେକ୍ଷା କରନ୍ତି।







## ଏମାନେ କ'ଣ କରନ୍ତି



### କ୍ୟାରିୟର ଗଢ଼ିପାରିଛି

ଚାକିରି କରିବା ଉଦ୍ଦେଶ୍ୟରେ ମତେ ଘରେ ପାଠ ପଢ଼ିବା ପାଇଁ ସବୁ ପ୍ରକାର ସୁଯୋଗ ଦେଇଥିଲେ। ଗ୍ରାଜୁଏଶନ ପରେ ମୁଁ କମ୍ପ୍ୟୁଟର କୋର୍ସ କରି ଚାକିରି କରିବା ପାଇଁ ବିଭିନ୍ନ ସ୍ଥାନରୁ ଅଫର ବି ପାଇଥିଲି। କିନ୍ତୁ ଶାଶୁଘର ଲୋକେ ଅନୁମତି ଦେଲେ ଚାକିରି କରିବୁ କହି ବିବାହ ଆଗରୁ ଆମ ଘରେ ଚାକିରି କରିବାକୁ ଦେଇ ନ ଥିଲେ। ଅବଶ୍ୟ ମୋର ଭାଗ୍ୟ ବହୁତ ଭଲ ଯେ ଶାଶୁଘରେ ମତେ ଚାକିରି କରିବାକୁ କେହି ବି ବାରଣ କରିନାହାନ୍ତି। ସ୍ୱାମୀ ତଥା ଶାଶୁଶ୍ୱଶୁରଙ୍କ ସମର୍ଥନରେ ମୁଁ ଏବେ ମୋ କ୍ୟାରିୟର ଗଢ଼ିବାର ସ୍ୱପ୍ନ ପୂରଣ କରିପାରିଛି। ତା'ଛଡ଼ା ଏବେ ମୁଁ ଭଲ ରୋଜଗାର କରି ନିଜ ଆତ୍ମବିଶ୍ୱାସ ବଢ଼ାଇ ପାରିଛି।

*– ରଶ୍ମିରେଖା ପ୍ରକାଶ*
*କର୍ମଜୀବୀ, ଶ୍ରୀସାଇ ବିହାର, ଜଗନ୍ନାଥନଗର, ଭୁବନେଶ୍ୱର*



### ଘରେ ମନା କରିଥିଲେ

ଶିକ୍ଷୟିତ୍ରୀଟିଏ ହେବା ଲକ୍ଷ୍ୟରେ ଆରମ୍ଭରୁ ମୁଁ ନିଜକୁ ପ୍ରସ୍ତୁତ କରୁଥିଲି। ଏହା ଭିତରେ କିଛି ପ୍ରାଇଭେଟ୍ କମ୍ପାନୀରେ ମତେ କାମ କରିବା ପାଇଁ ସୁଯୋଗ ବି ମିଳିଥିଲା। କିନ୍ତୁ ଶାଶୁଘର କେଉଁଠି ହେବ ଭାବି ଘରଲୋକେ ମତେ ଚାକିରି କରିବା ପାଇଁ ଦେଇ ନ ଥିଲେ। ସେମାନଙ୍କ କଥାରେ ଚାକିରି କରିବା ପୂର୍ବରୁ ମତେ ପ୍ରଥମେ ବିବାହ କରିବାକୁ ପଡ଼ିଲା। କିନ୍ତୁ ବିବାହ ପରେ ବି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଉଦ୍ୟମ ଜାରି ରଖିଥିଲି। ଏହି କାରଣରୁ ମତେ ଶାଶୁଘରେ ସମସ୍ତେ ସହଯୋଗ କରିବା ପାଇଁ ଆଗେଇ ଆସିଲେ। ଆଉ ଚାକିରି କରିବା ପାଇଁ ମୋ ସ୍ୱାମୀ ମଧ୍ୟ ଯଥାସାଧ୍ୟ ସାହାଯ୍ୟ କରିଛନ୍ତି। ସେମାନଙ୍କ ଇଚ୍ଛା ଓ ସହଯୋଗ ଫଳରେ ଶେଷରେ ମତେ ପ୍ରାଇମେରି ସ୍କୁଲରେ ଶିକ୍ଷୟିତ୍ରୀଭାବେ ନିଯୁକ୍ତି ମିଳିଛି। ଏଇ କ୍ୟାରିୟରକୁ ନେଇ ଏବେ ମୁଁ ଯେତିକି ଖୁସି ତା'ଠାରୁ ବେଶି ଖୁସି ମୋ ପରିବାର ଲୋକେ।

*– ସୁଭଦ୍ରା ଦାସ*
*ଶିକ୍ଷୟିତ୍ରୀ, ପୋଲସରା, ଗଞ୍ଜାମ*

ସୌନ୍ଦର୍ଯ୍ୟ

# ଖରାଦିନେ ତ୍ୱଚାର ଯତ୍ନ



ଖରାଦିନେ ତ୍ୱଚାରେ ବିଭିନ୍ନ ପ୍ରକାର ସମସ୍ୟା ଦେଖା ଦେଇଥାଏ। ତେବେ ତ୍ୱଚାର ସମସ୍ୟା ଦୂରକରିବା ପାଇଁ ଠିକ୍ ସମୟରେ ତା'ର ଉପଚାର କରିବାକୁ ଭୁଲନ୍ତୁ ନାହିଁ।



■ଖରାଦିନେ ମୁହଁର ତ୍ୱଚାକୁ ଧୂଳି ଏବଂ ଝାଳହେବାରୁ ଦୂରେଇ ରଖନ୍ତୁ। ଝାଳ ସହ ଅତ୍ୟଧିକ ଧୂଳି ରହିଲେ ଖୁବ୍‌ଶୀଘ୍ର ମୁହଁରେ ବ୍ରଣ ହୋଇଥାଏ। ତେଣୁ ଦିନକୁ ଅତି କମ୍‌ରେ ୩/୪ ଥର ମୁହଁ ଧୁଅନ୍ତୁ। କିନ୍ତୁ ସବୁଥର ଫେସ୍ ୱାଶ୍ ଲଗାନ୍ତୁ ନାହିଁ। ମୁହଁ ସଫା କରିବା ପାଇଁ ମୁଲତାନୀ ମାଟି, ଚନ୍ଦନ କିମ୍ବା ରୋଜ୍ ୱାଟର ବ୍ୟବହାର କରନ୍ତୁ।

■ଖରାଦିନେ ଶୀତଦିନର କ୍ରିମ୍ ଲଗାନ୍ତୁ ନାହିଁ। ଲାଇଟ୍ ଲୋସନ କିମ୍ବା ସେରମ ଲଗାନ୍ତୁ। ୱାଟର ଏବଂ ଜେଲ୍ ଥିବା ମଶ୍ଚରାଇଜର ଲଗାନ୍ତୁ। ଅତ୍ୟଧିକ ତୈଳୀୟ ତ୍ୱଚା ନିମନ୍ତେ ମିନେରାଲ ଫେସିଆଲ ସ୍ପ୍ରେ ବ୍ୟବହାର କରନ୍ତୁ। ସ୍ନାନ କରୁଥିବା ପାଣିରେ ଗ୍ଲିସେରିନ୍ ଏବଂ ରୋଜ ୱାଟର ପକାନ୍ତୁ।

■ଖରାଦିନେ ବି ତ୍ୱଚା ଶୁଷ୍କ ହୋଇଥାଏ। ତେଣୁ ଶୋଇବା ପୂର୍ବରୁ ସଫାକରି ତ୍ୱଚାରେ ମଶ୍ଚରାଇଜର ଲଗାନ୍ତୁ। ଅତ୍ୟଧିକ ଝାଳ ବାହାରୁଥିଲେ ଟୋନର ଲଗାନ୍ତୁ।

■ଟାଣଖରାରେ ବାହାରକୁ ବାହାରୁଥିଲେ ସନ୍ ଗ୍ଲାସ୍ ଏବଂ ଲିପ୍ ବାମ୍ ନିଶ୍ଚୟ ଲଗାନ୍ତୁ। ଏହା ସହିତ ସନ୍‌ସ୍କ୍ରିନ୍ ଲୋଶନ ମଧ୍ୟ ଲଗାନ୍ତୁ।

■ଖରାଦିନେ ଦୁଇଥର ସ୍ନାନକଲେ ତ୍ୱଚା ଫ୍ରେଶ୍ ରହିଥାଏ। ଯଦି ଘିମିରି ହେଉଥାଏ ତେବେ ପାଣିରେ ନିମ୍ବପତ୍ର ପକାଇ ସ୍ନାନ କରନ୍ତୁ।

■ଭିଟାମିନ୍ ସି ଥିବା କ୍ରିମ୍ ବ୍ୟବହାର କରନ୍ତୁ। ହାତ ଏବଂ ପାଦକୁ କିଛି ସମୟ ଲୁଣ ପାଣିରେ ଭିଜାଇଲେ ରକ୍ତ ସଞ୍ଚାଳନ ବୃଦ୍ଧି ପାଇଥାଏ।

ଖାଦ୍ୟରୁଚି

# ଚୁଡ଼ା ଉତପମ୍

**ଆବଶ୍ୟକ ସାମଗ୍ରୀ**

ଚୁଡ଼ା– ଅଧା କପ୍
ସୁଜି– ଅଧା କପ୍
ଦହି– ଅଧା କପ୍
ଆବଶ୍ୟକ ଅନୁସାରେ ଲୁଣ, ପାଣି ଓ ତେଲ

**ଷ୍ଟଫିଂ ନିମନ୍ତେ–**

ପିଆଜ– ଅଧାକପ୍ ଛୋଟ କଟାହୋଇଥିବା
ବିନ୍ସ, ଗାଜର ଓ କ୍ୟାପ୍ସିକମ୍– ଛୋଟ ଛୋଟ କଟା

**ପ୍ରଣାଳୀ–** ପ୍ରଥମେ ଏକ ପାତ୍ରରେ ଚୁଡ଼ାକୁ ୨–୩ ମିନିଟ୍ ପର୍ଯ୍ୟନ୍ତ ପାଣିରେ ଭିଜାଇ ଦିଅନ୍ତୁ। ଏହାପରେ ପାଣିରୁ ଛାଣି ଚୁଡ଼ା ସହ ସୁଜି, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରିଦିଅନ୍ତୁ। ମିଶ୍ରଣକୁ ଅଧଘଣ୍ଟା ରଖି ଦିଅନ୍ତୁ। ଷ୍ଟଫିଂ ତିଆରି କରିବା ପାଇଁ ପିଆଜ, ବିନ୍ସ, ଗାଜର, କ୍ୟାପ୍ସିକମ୍‌କୁ ଛୋଟ ଛୋଟ କାଟି ରଖନ୍ତୁ। କଟା ପରିବାରୁ ଅଧା ନେଇ ବଟା ହୋଇଥିବା ମିଶ୍ରଣରେ ମିଶାଇ ଦିଅନ୍ତୁ। ଏହାପରେ ତାୱା ଗରମକରି ସେଥିରେ ଅଳ୍ପ ତେଲ ପକାନ୍ତୁ। ତିଆରି କରିଥିବା ମିଶ୍ରଣକୁ ସେଥିରେ ଛୋଟ କରି ଢାଳନ୍ତୁ ଓ ଉପରେ କଟାହୋଇଥିବା ପରିବା ଅଳ୍ପ ପକାଇ ଚାପି ଦିଅନ୍ତୁ। ଏହାପରେ ଦୁଇପଟ ଓଲଟାଇ ବାହାର କରିଦିଅନ୍ତୁ। ଏହାକୁ ଚଟଣି କିମ୍ବା ସସ୍ ସହିତ ଖାଆନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ମେ ୨୩/୨୦୨୩ Bhubaneswar, Tuesday, May 23/ 2023

# ଏସିଆନ ଗେମ୍ସ ଉପରେ ଫୋକସ



ଏଫ୍ଆଇଏଚ୍ ପ୍ରୋ ଲିଗ୍ ଖେଳିବାକୁ ୟୁରୋପ ଗସ୍ତ କରିଥିବା ଭାରତୀୟ ହକି ଦଳ।

**ବେଙ୍ଗାଲୁରୁ, ୨୨।୫**

## ୟୁରୋପ ଗସ୍ତରେ ଭାରତୀୟ ହକି ଦଳ

ୟୁରୋପରେ ଏଫ୍ଆଇଏଚ୍ ପ୍ରୋ ଲିଗ୍ ଖେଳିବାପାଇଁ ଭାରତୀୟ ହକି ଦଳ ସୋମବାର ଲଣ୍ଡନ ଯାତ୍ରା କରିଛି। ମେ ୨୬ରୁ ଆରମ୍ଭ ହେଉଥିବା ଏହି ଗସ୍ତରେ ଭାରତୀୟ ଦଳ ପ୍ରଥମ ପର୍ଯ୍ୟାୟରେ ଅଲିମ୍ପିକ୍ସ ଚାମ୍ପିୟନ ବେଲ୍ଜିୟମ ଏବଂ ଆୟୋଜକ ଗ୍ରେଟ୍ ବ୍ରିଟେନକୁ ଭେଟିବ। ବେଲଜିୟମ ବିପକ୍ଷରେ ୨୬ ଓ ଜୁନ୍ ୨ରେ ଏବଂ ବ୍ରିଟେନ ବିପକ୍ଷରେ ମେ ୨୭ ଓ ଜୁନ୍ ୩ରେ ମ୍ୟାଚ ଅନୁଷ୍ଠିତ ହେବ। ଏହାପରେ ଭାରତୀୟ ଦଳ ଇନ୍ଧୋଭେନ ଯାଇ ଆୟୋଜକ ନେଦରଲାଣ୍ଡ୍ସ (ଜୁନ୍ ୭ ଓ ୧୦) ଏବଂ ଆର୍ଜେଣ୍ଟିନା (ଜୁନ୍ ୮ ଓ ୧୧) ବିପକ୍ଷରେ ଖେଳିବ। ‘‘ଆମେ ଆଗାମୀ ଦିନରେ ୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରୋ ଲିଗ୍ ମ୍ୟାଚ ଖେଳିବାକୁ ଯାଉଛୁ। ବର୍ତ୍ତମାନ ଆମେ ଟେବୁଲରେ ଦୃଢ଼ ସ୍ଥିତିରେ ରହିଛୁ। ଆସନ୍ତା ମ୍ୟାଚ ଗୁଡ଼ିକରୁ ଯଥା ସମ୍ଭବ ଅଧିକ ପଏଣ୍ଟ ସଂଗ୍ରହ ପାଇଁ ଚେଷ୍ଟା କରିବୁ। କ୍ୱାଲିଟି ଟିମ୍ ଗୁଡ଼ିକ ବିପକ୍ଷରେ ଖେଳିବାର ସୁଯୋଗ ମିଳିଥିବାରୁ ଆମେ ଏହି ଟୁର୍‌କୁ ନେଇ ଉତ୍ସାହିତ ଅଛୁ। ଚଳିତ ବର୍ଷ ଶେଷ ଭାଗରେ ଏସିଆନ ଗେମ୍ସ ଅନୁଷ୍ଠିତ ହେବ। ଆମେ ଏଥିପାଇଁ ପ୍ରସ୍ତୁତି ପଥରେ ରହିଥିବାରୁ ଆଗାମୀ ମ୍ୟାଚ ଗୁଡ଼ିକ ବହୁ ଗୁରୁତ୍ୱପୂର୍ଣ୍ଣ’’ ବୋଲି ଅଧିନାୟକ ହରମନପ୍ରୀତ ସିଂ ପ୍ରକାଶ କରିଛନ୍ତି।

ଏହା ପୂର୍ବରୁ ଭାରତ ଘରୋଇ ପରିବେଶରେ ବିଶ୍ୱ ଚାମ୍ପିୟନ ଜର୍ମାନୀ ଓ ଅଷ୍ଟ୍ରେଲିଆ ବିପକ୍ଷରେ ଅପରାଜେୟ ରହିଥିଲା। ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ଭାରତୀୟ ଦଳର ମନୋବଳ ବଢ଼ାଇଥିଲା। ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ଜାତୀୟ କୋଚିଂ କ୍ୟାମ୍ପରେ ମଧ୍ୟ ଜାତୀୟ ଦଳର ଖେଳାଳିମାନେ ଉତ୍ତମ ଟ୍ରେନିଂ କରିଛନ୍ତି। ତେଣୁ ମୋମେଣ୍ଟମ ବଜାୟ ରଖିବା ସପକ୍ଷରେ ମତବ୍ୟକ୍ତ କରିଛନ୍ତି ହରମନପ୍ରୀତ। ନବନିଯୁକ୍ତ ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନଙ୍କ ତତ୍ତ୍ୱାବଧାନରେ ଭାରତ ପ୍ରଥମଥର ପାଇଁ ୟୁରୋପରେ ମ୍ୟାଚ ଖେଳିବ।

# ସାଇକ୍ଲିଂରୁ ଅବସର ନେବେ କାଭେଣ୍ଡିସ୍

**କୋକାଗ୍ଲିଓ (ଇଟାଲୀ), ୨୨।୫ (ଏପି):** ଚଳିତ ବର୍ଷ ସିଜନ ଶେଷରେ ସାଇକ୍ଲିଂରୁ ଅବସର ନେବେ ଭେଟେରାନ ସ୍ପ୍ରିଣ୍ଟ ସ୍ପେସାଲିଷ୍ଟ ମାର୍କ କାଭେଣ୍ଡିସ। ଟୁର୍ ଡି’ ଫ୍ରାନ୍ସରେ ସର୍ବାଧିକ ଷ୍ଟେଜ୍ ବିଜୟ ହାସଲ କରିବାରେ ଦୀର୍ଘଦିନ ଧରି ରହିଥିବା ରେକର୍ଡକୁ ହୁଏତ ଏଥର ସେ ଭାଙ୍ଗିବାକୁ ଚେଷ୍ଟ କରିବେ। ଅଷ୍ଟାନା କାଜାକସ୍ତାନ ଟିମ୍‌ରୁ ପ୍ରତିନିଧିତ୍ୱ କରୁଥିବା ଏହି ବ୍ରିଟିଶ ଡ୍ରାଇଭର



ରବିବାର ୩୮ ବର୍ଷ ବୟସରେ ପଦାର୍ପଣ କରିଛନ୍ତି। ୨୫ ବର୍ଷରୁ ଅଧିକ ସମୟ ଧରି ସାଇକ୍ଲିଂ ତାଙ୍କ ଜୀବନ ହୋଇ ରହିଆସିଛି। ଚଳିତବର୍ଷ ଗିରୋ ଡି’ ଇଟାଲିଆର ଅନ୍ତିମ ବିଶ୍ରାମ ଦିବସରେ କାଭେଣ୍ଡିସ ତାଙ୍କ ଇସ୍ତଫା ଘୋଷଣା କରିଛନ୍ତି, ଯେଉଁଠାରେ ସେ ତାଙ୍କର ୫୩ତମ ଗ୍ରାଣ୍ଡ ଟୁର୍ ଷ୍ଟେଜ ବିଜୟ ଲକ୍ଷ୍ୟ ରଖିଛନ୍ତି।

# ସିଙ୍ଗଲ୍ସ, ଡବଲ୍ସ ଫାଇନାଲରେ ପ୍ରମୋଦ

**ଭୁବନେଶ୍ୱର, ୨୨।୫ (କ୍ରୀଡ଼ା ପ୍ରତିନିଧି)**

ବାହାରିନ୍‌ର ମାନାମାଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଦୀପ୍ ରଞ୍ଜନ ବିଷୋୟର

## ବାହାରିନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ

ସିଙ୍ଗଲ୍ସ ସେମିଫାଇନାଲରେ ହାରି ଯାଇଥିବାରୁ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ସେହିପରି ମିକ୍ସଡ ଡବଲ୍ସ ସେମିଫାଇନାଲରେ ପରାଜିତ ହୋଇଥିବାରୁ ପ୍ରମୋଦ ଓ ମନୀଷା ରାମଦାସ ଯୋଡ଼ି ବ୍ରୋଞ୍ଜ ପଦକ ପାଇଛନ୍ତି। ସୋମବାର ଅନୁଷ୍ଠିତ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରମୋଦ ନିଜ ଦେଶର ମନୋଜ ସରକାରଙ୍କୁ ୨୧-୧୦, ୨୧-୧୭ରେ ପରାସ୍ତ କରିଛନ୍ତି। ଫାଇନାଲରେ ସେ ନିଜ ଦେଶର ନୀତେଶ କୁମାରଙ୍କୁ



ପ୍ରମୋଦ ଭଗତ ଓ ଦୀପ୍ ରଞ୍ଜନ ବିଷୋୟୀ।

ଭେଟିବେ। ସେହିପରି ପ୍ରମୋଦ ଓ ସୁକାନ୍ତ କଦମ ଯୋଡ଼ି ଡବଲ୍ସ ସେମିରେ ଦୀପ୍ ରଞ୍ଜନ ବିଷୋୟୀ ଓ ମନୋଜ ସରକାରଙ୍କୁ ୨୧-୧୫, ୨୧-୧୬ରେ ହରାଇ ଦେଇଛନ୍ତି। ଫାଇନାଲରେ ଏହି ଯୋଡ଼ି ନିଜ ଦେଶର ତରୁଣ ଓ ନିତେଶ କୁମାରଙ୍କୁ ଭେଟିବେ।

# ସମୀର ବର୍ମା ଜିତିଲେ ସ୍ୱର୍ଣ୍ଣ



**ନୂଆଦିଲ୍ଲୀ, ୨୨।୫(ପି.ଟି.)**

## ସ୍ଲୋଭେନିଆ ଓପନ୍ ବ୍ୟାଡ୍‌ମିଣ୍ଟନ

ସ୍ଲୋଭେନିଆର ମାରିବୋର୍‌ଠାରେ ଅନୁଷ୍ଠିତ ସ୍ଲୋଭେନିଆ ଓପନ୍ ପୁରୁଷ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ସମୀର ବର୍ମା ଚାମ୍ପିୟନ ହୋଇଛନ୍ତି। ଫାଇନାଲରେ ସେ ତାଇୱାନ୍‌ର ସୁ ଲି ୟାଙ୍ଗଙ୍କୁ ୨୧-୧୮, ୨୧-୧୪ ହରାଇ ଦେଇଛନ୍ତି। ମିକ୍ସଡ ଡବଲ୍ସ ଇଭେଣ୍ଟରେ ରୋହନ କାପୁର ଓ ସିକ୍କି ରେଡ୍ଡୀ ରନରଅପ୍ ସହ ରୌପ୍ୟ ଜିତିଛନ୍ତି। କାପୁର ଓ ରେଡ୍ଡୀ ସେମିଫାଇନାଲରେ ଡେନ୍‌ମାର୍କର ମ୍ୟାଡ୍ସ ଭେଷ୍ଟରଗାର୍ଡ ଓ ଖ୍ରୀଷ୍ଟିନି ବସ୍କଙ୍କୁ ପରାଜିତ କରିଥିଲେ। ଫାଇନାଲରେ କିନ୍ତୁ ସେମାନେ ଡେନ୍‌ମାର୍କର ଅନ୍ୟ ଏକ ଯୋଡ଼ି ସେପର ଟଫ୍ଟ ଓ କ୍ଲାରା ଗ୍ରାଭେସେନ୍‌ଙ୍କଠାରୁ ୧୨-୨୧, ୧୩-୨୧ରେ ହାରିଯାଇଥିଲେ।

# ଡବ୍ଲ୍ୟୁଟିସି ଫାଇନାଲ ପାଇଁ ହାଜେଲଉଡ୍ ଫିଟ୍

**ମେଲବୋର୍ନ, ୨୨।୫ (ପି.ଟି.):** କ୍ରିକେଟ ଅଷ୍ଟ୍ରେଲିଆ ଦେଶର ପୁରୁଖା ସ୍ୱିଙ୍ଗ୍‌ଷ୍ଟର ଜୋଶ୍ ହାଜେଲ୍‌ଉଡ୍‌ଙ୍କୁ ଫିଟ୍ ଘୋଷଣା କରିବା ସହ ଏହି ଖେଳାଳି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଏବଂ ଇଂଲଣ୍ଡ ବିପକ୍ଷ ଆସେସ୍ ସିରିଜ ପାଇଁ ଉପଲବ୍ଧ ହେବେ ବୋଲି କହିଛି। ଭାରତ ବିପକ୍ଷ ଡବ୍ଲ୍ୟୁଟିସି ଫାଇନାଲ ଜୁନ୍ ୭ରୁ ୧୧ ପର୍ଯ୍ୟନ୍ତ ଲଣ୍ଡନର ଓଭାଲଠାରେ ହେବ। ୫ ମ୍ୟାଚ୍‌ବିଶିଷ୍ଟ ଆସେସ୍ ସିରିଜ ଜୁନ୍ ୧୬ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ହେବ। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ରୟାଲ ଚ୍ୟାଲେଞ୍ଜର୍ସ ତରଫରୁ ଖେଳୁଥିବା ୩୨ ବର୍ଷୀୟ ହାଜେଲ୍‌ଉଡ ଆଘାତପ୍ରାପ୍ତ ହୋଇ ଦୁଇ ସପ୍ତାହ ପୂର୍ବରୁ ନିଜ ଦେଶକୁ ଫେରିଯାଇଥିଲେ। ଫଳରେ ଆଗାମୀ ଅନ୍ତର୍ଜାତୀୟ ମ୍ୟାଚ୍‌ଗୁଡ଼ିକରେ ସେ ଖେଳିପାରିବେ କି ନା ସେନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ତେବେ ୟୁନାଇଟେଡ୍ କିଙ୍ଗ୍‌ଡମ୍(ୟୁକେ) ଗସ୍ତ ପାଇଁ ହାଜେଲଉଡ୍ ଫିଟ୍ ବୋଲି ସୋମବାର କ୍ରିକେଟ ଅଷ୍ଟ୍ରେଲିଆ ପ୍ରକାଶ କରିଛି।

# ଦର୍ଶନାଙ୍କୁ ତୃତୀୟ ସ୍ଥାନ

**ଅଲ୍‌ମାଟି, ୨୨।୫(ପି.ଟି.)**

ଆଇଏସ୍‌ଏସ୍‌ଏଫ୍ ଶଟ୍‌ଗନ୍ ବିଶ୍ୱକପ୍‌ର ପ୍ରଥମ ଦିବସରେ ଅନୁଷ୍ଠିତ ମହିଳା ସ୍କିଟ୍ କ୍ୱାଲିଫିକେଶନରେ ପୂର୍ବତନ ଜାତୀୟ ଚାମ୍ପିୟନ ଓ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ବିଜେତା ଦର୍ଶନା ରାଠୋର ୭୧ ଶଟ୍ ସହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗ୍ରୀସ୍‌ର ଏମାନୋଏଲା କାଟ୍‌ଜୋରାକି ୭୨ ଶଟ୍ ସହ ପ୍ରଥମ ସ୍ଥାନରେ ରହିଥିଲେ। ମଙ୍ଗଳବାର ଦୁଇଟି ଫାଇନାଲ କ୍ୱାଲିଫିକେଶନ ରାଉଣ୍ଡ ହେବ। ଶ୍ରେଷ୍ଠ ୮ ସେହି ଦିନ ହେବାକୁଥିବା ଫାଇନାଲକୁ ଉନ୍ନୀତ ହେବେ। ଭାରତୀୟ ପ୍ରତିଯୋଗୀଙ୍କ ମଧ୍ୟରେ ଦର୍ଶନା ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସାଥୀ ଶୁଟର ଗାନେମତ ସେଖନ ୬୯ ଶଟ୍ ସହ ପ୍ରତିଯୋଗୀମାନଙ୍କ ମଧ୍ୟରେ ୯ମ ସ୍ଥାନରେ ରହିଥିବା ବେଳେ ମାହେଶ୍ୱରୀ ଚୌହାନ ୬୭ ଶଟ୍ ସହ ଆହୁରି ପଛରେ ରହିଥିଲେ। ପୁରୁଷ ସ୍କିଟ୍‌ରେ ଶୁଟରମାନେ ସମସ୍ତ ୩ ରାଉଣ୍ଡ ଶେଷ କରିବାରେ ବିଫଳ ହୋଇଥିଲେ। ସେମାନଙ୍କ

## ଶଟ୍‌ଗନ୍ ବିଶ୍ୱକପ୍

ମଧ୍ୟରୁ ମିରାଜ ଅହମ୍ମଦ ଖାଁ ପ୍ରତିଯୋଗୀମାନଙ୍କ ମଧ୍ୟରେ ୧୨ତମ ସ୍ଥାନରେ ରହିଥିବା ବେଳେ ତାଙ୍କର ଆହୁରି ୧୯ ଶଟ୍ ବାକି ରହିଥିଲା। ଗୁର୍‌ଜୋତ ଖାଙ୍ଗୁରା ୭୨ ସହ ୧୭ତମ ସ୍ଥାନରେ ରହିଥିବା ବେଳେ ଅନନ୍ତଜିତ୍ ସିଂ ନାରୁକା ୭୦ ଶଟ୍ ସହ ୩୧ତମ ସ୍ଥାନରେ ରହିଛନ୍ତି। ପୁରୁଷ ସ୍କିଟ୍ ଫାଇନାଲ୍ସ ମଙ୍ଗଳବାର ହେବ।

# ଭିନ୍ନ ଅଭିଜ୍ଞତା ସହ ଶ୍ରଦ୍ଧାଞ୍ଜଳିଙ୍କ ପ୍ରତ୍ୟାବର୍ତ୍ତନ

**ଭୁବନେଶ୍ୱର, ୨୨।୫ (କ୍ରୀଡ଼ା ପ୍ରତିନିଧି)**

‘‘୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳର ସହକାରୀ କୋଚ୍ ଏବଂ ଇଣ୍ଡିଆନ ଓମେନ୍ସ ଲିଗ୍‌ର ଚୟନକର୍ତ୍ତାଭାବେ ଦାୟିତ୍ୱ ତୁଲାଇବାରେ ଭିନ୍ନ ଅଭିଜ୍ଞତା ରହିଲା। ଏହା ମୋତେ ଆତ୍ମସନ୍ତୋଷ ଦେବାସହ ଭବିଷ୍ୟତରେ ଆହୁରି ଦାୟିତ୍ୱର ସହ କାର୍ଯ୍ୟ କରିବାପାଇଁ ଉତ୍ସାହିତ କରିଛି’’ ବୋଲି ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିବା କିମ୍ବଦନ୍ତୀ ମହିଳା ଫୁଟବଲର ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଶ୍ରଦ୍ଧାଞ୍ଜଳି ଜାତୀୟ ଓ ଅନ୍ତର୍ଜାତୀୟ ଫୁଟବଲର ବିଭିନ୍ନ କାର୍ଯ୍ୟପାଇଁ ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଦଳର ସହକାରୀ କୋଚ୍‌ଭାବେ ଏବଂ ହିରୋ କପ୍ ଇଣ୍ଡିଆନ୍ସ



ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

ଓମେନ୍ସ ଲିଗ୍‌ର ଚୟନକର୍ତ୍ତାଭାବେ ଦାୟିତ୍ୱ ସମ୍ପାଦନ କରି ପାଖାପାଖି ୫ ମାସପରେ ଶ୍ରଦ୍ଧାଞ୍ଜଳି ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ଅବସରରେ ଶ୍ରଦ୍ଧାଞ୍ଜଳି ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳକୁ ୨୦୨୪ ପ୍ୟାରିସ ଅଲିମ୍ପିକ୍ସ ପାଇଁ କ୍ୱାଲିଫାୟର ରାଉଣ୍ଡର ୨ୟ ପର୍ଯ୍ୟାୟକୁ ଯୋଗ୍ୟତା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଏହି ସମୟ ମଧ୍ୟରେ ତାଙ୍କଦ୍ୱାରା ପ୍ରଶିକ୍ଷିତ ଭାରତୀୟ ଦଳ ବାଂଲାଦେଶ ଓ କିର୍ଗିଜସ୍ତାନରେ ଏଏଫ୍‌ସି ପକ୍ଷରୁ ଆୟୋଜିତ ମ୍ୟାଚ ଗୁଡ଼ିକରେ ଭଲ ପ୍ରଦର୍ଶନ କରିଥିଲା। ଏପରି ସଫଳତା ପାଇଁ ସେ ସର୍ବଭାରତୀୟ ଫୁଟବଲ ଫେଡେରେଶନ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା, ନିଯୁକ୍ତିଦାତା ନାଲ୍‌କୋ ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ନିକଟରେ କୃତଜ୍ଞ ବୋଲି ପ୍ରକାଶ କରିଛନ୍ତି। ଶ୍ରଦ୍ଧାଞ୍ଜଳିଙ୍କୁ ସ୍ୱାଗତ ଜଣାଇବା ପାଇଁ ବିମାନବନ୍ଦରରେ ରାଜ୍ୟ କ୍ରୀଡ଼ା ବିଭାଗର କର୍ମକର୍ତ୍ତା ଓ ଅନେକ ଶୁଭେଚ୍ଛୁ ଉପସ୍ଥିତ ଥିଲେ।

# ଭିନିସିୟସ୍ ଜୁନିୟରଙ୍କୁ ଜାତିଆଣ ଆକ୍ଷେପ

**ମାଡ୍ରିଡ୍, ୨୨।୫(ପି.ଟି.)**

ସ୍ପାନିସ୍ ଲିଗ୍ ଫୁଟବଲରେ ବ୍ରାଜିଲର ଭିନିସିଅସ୍ ଜୁନିଅରଙ୍କୁ ଜାତିଆଣ ଆକ୍ଷେପର ଶିକାର ହେବାକୁ ପଡିଛି। ଭାଲେନ୍ସିଆ ବିପକ୍ଷରେ ରିୟଲ ମାଡ୍ରିଡ୍‌ର ୧-୦ ପରାଜୟରେ ଏମିତି ଘଟଣା ଘଟିଥିଲା। ମେଷ୍ଟାଲ୍ଲା ଷ୍ଟାଡିୟମରେ ଏଭଳି ଘଟଣା ଘଟିଥିବା ବେଳେ ଖେଳକୁ କିଛି ମିନିଟ୍ ପାଇଁ ବନ୍ଦ ରଖାଯାଇଥିଲା। ସ୍ପାନିଶ୍ ଲିଗ୍‌ରେ ଏଭଳି ଘଟଣା ପ୍ରଥମ ନୁହେଁ ବୋଲି ମଧ୍ୟ ସେ କହିଛନ୍ତି। ସେ ନିଜ ଇନଷ୍ଟାଗ୍ରାମ ଓ ଟୁଇଟରରେ ସେ ଏହାକୁ ନେଇ ଏକ ଭିଡିଓ ମଧ୍ୟ ପୋଷ୍ଟ କରିଛନ୍ତି। ଏକଦା ସ୍ପାନିଶ ଲିଗ୍ ରୋନାଲ୍ଡିନୋ, ରୋନାଲ୍ଡୋ, କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଲିଓନେଲ ମେସିଙ୍କ ଲିଗ୍ ଭାବରେ ପ୍ରସିଦ୍ଧି ଅର୍ଜନ କରିଥିଲା ତାହା ବର୍ତ୍ତମାନ ଜାତିଆଣ ବାଦୀଙ୍କ ଲିଗ୍ ପାଲଟିଛି ବୋଲି ସେ ଅଭିଯୋଗ କରିଥିଲେ। ୨ ବର୍ଷୀୟ ଭିନିସିଅସ୍ ୫ ବର୍ଷ ତଳେ ସ୍ପାନିଶ ଲିଗ୍ ଖେଳିବା ପାଇଁ ସ୍ପେନକୁ ସ୍ଥାନାନ୍ତରିତ ହୋଇଥିଲେ। ଦର୍ଶକମାନେ ଭିନିସିଅସଙ୍କୁ ମାଙ୍କଡ ବୋଲି ସମ୍ବୋଧନ କରିଥିବା ବେଳେ ଏହାକୁ ନେଇ ରିୟଲ ମାଡ୍ରିଡ୍ କୋଚ୍ କାର୍ଲୋ ଆନ୍ସେଲୋଟ୍ଟି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଘଟଣା ପରେ କୋଚ୍ ଭିନିସିଅସଙ୍କୁ ପଡିଆରୁ ବାହାରକୁ ନେଇଥିଲେ। ପଡିଆରୁ ବାହାରକୁ ଯିବା ସମୟରେ ଭିନିସିଅସ୍ ଭାଲେନ୍ସିଆ ଦର୍ଶକଙ୍କ ଆଡକୁ ମଝି ଆଙ୍ଗୁଳି ଦେଖାଇଥିଲେ, ଯାହାକୁ ଅନେକ ଖେଳାଳି ବିରୋଧ କରିଛନ୍ତି। ଭିନିସିଅସ ଭାଲେନ୍ସିଆ ସମର୍ଥକଙ୍କୁ କ୍ଷମା ମାଗିବା ଉଚିତ୍ ବୋଲି କହିଛନ୍ତି ଭାଲେନ୍ସିଆ କୋଚ୍। ତେବେ ଏହି ମାମଲାରେ ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାଇକୋ ଲୁଲା ଡି ସିଲ୍‌ଭା ଓ ଫିଫା ବିଶ୍ୱକପର ଗୋଲ୍ଡେନ୍ ବୁଟ୍ ବିଜେତା ତଥା ପ୍ୟାରିସ୍ ସେଣ୍ଟ ଜର୍ମେନ୍ ଷ୍ଟ୍ରାଇକର କିଲିଆନ୍ ଏମ୍‌ବାପେ ଭିନିସିଅସଙ୍କୁ ସମର୍ଥନ କରିଛନ୍ତି। ଏମ୍‌ବାପେ ଏକ ଚିଠି ଲେଖିବା ସହିତ ଏହି ଲଢେଇରେ ତୁମେ ଏକୁଟିଆ ନାହଁ ଆମେ ତୁମ ସହିତ ଅଛୁ ବୋଲି ଲେଖାଯାଇଛି।



କୋଚ୍ କାର୍ଲୋ ଆନ୍ସେଲୋଟ୍ଟିଙ୍କ ସହ ଭିନିସିୟସ୍ ଜୁନିୟର।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ